# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, November 6/2023 | Page 16 | ₹ 7.00

୪୯ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 341 | ମୂଲ୍ୟ ₹୭/-



DSPL-347




କନ୍ଧମାଳ ଜିଲ୍ଲା

୮୫ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୨ ହଜାର ୦୯୯ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଅନୁଗୋଳ ଜିଲ୍ଲା

୧୧୨ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୨ ହଜାର ୭୯୬ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଗଜପତି ଜିଲ୍ଲା

୭୪ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୧ ହଜାର ୬୬୨ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

OIPR-19001/13/0059/2324

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ

୬ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

Govt. of Uttarakhand | G20 | Azadi Ka Amrit Mahotsav



**Pushkar Singh Dhami**
Chief Minister, Uttarakhand

Unveiling Uttarakhand's Opportunities

# YOUR GATEWAY FROM
# Peace to Prosperity



The construction of developed India for the 21st century rests on two primary pillars - pride in heritage and, second every possible effort for the development. Today, both these pillars are being strengthened by Uttarakhand. This decade will be the decade of Uttarakhand.

**Narendra Modi**
Prime Minister

## DESTINATION UTTARAKHAND
GLOBAL INVESTORS SUMMIT 2023

December, 2023 Dehradun (Uttarakhand) | Peace To Prosperity

## MUMBAI ROAD SHOW

Monday, 6th November, 2023 | 11:30 Onwards | Venue : Hotel Taj Mahal Palace, Apollo Bunder, Colaba, Mumbai




## FOCUS SECTORS

- Automobile and Auto components
- Pharmaceuticals
- IT/ ITeS
- Electronics
- Renewable Energy
- AYUSH & Wellness
- Herbs & Aromatics
- Food Processing
- Agriculture & allied
- Tourism & Hospitality
- Education
- Film Shooting
- Bio Technology
- Horticulture and Floriculture
- Natural Fibers

## KEY POLICIES

• Service Sector Policy 2023 • Solar Energy Policy 2023 • MSME Policy 2023 • Start-Up Policy 2023 • Customized Package • Logistics Policy 2023 • Film Policy 2015 (as amended in 2019) • Private Industrial Park Policy 2023 • Mega Industrial Policy 2015 • Export Policy 2021 • Tourism Policy 2023-30 • Drone Policy 2023 • IT Policy 2019 • Wellness & Ayush Policy • Biotechnology Policy 2018-23 • Food Processing Policy • Pump Storage Projects Policy 2023

## Be Our Growth Partner

- Transparent tax policies and swift approvals for the projects.
- Large number of engineering and management Institutes including IIT & IIM.
- Fractional cost of setting up of Industrial units as compared to NCR or other cities.
- Good Governance and image as a peaceful state.
- Good quality of life for employees due to healthy environment.
- Attractive investment policy of State Govt.
- Availability of suitable industrial land to start business at a cheap rate.
- Good connectivity by Rail, Road and Air with NCR.
- So far, MoUs worth Rs. 94000 crore have been signed with various industrial groups in various road shows organized in the country and abroad for investment in Uttarakhand. Work is in progress on priority basis for their grounding.
- Along with Ease of Doing Business, Achievers category in the LEADS Ranking of the Department for Promotion of Industry and Internal Trade and Leader category in the Startup Ranking.
- The size of GSDP increased to Rs 3.03 lakh crore in the year 2022-23 which was Rs. 2.65 lakh crore in the last year 2021-22.
- Per capita income of the state more than the national per capita income.
- Unprecedented progress in Road, Rail, Ropeway (RRR) as well as air connectivity in the state.
- According to NITI Aayog, Uttarakhand is at 4th place in SDG Ranking.
- UPCL ranked 1st among Himalayan States in Consumer Service Rating by Ministry of Power, Government of India.
- First position among Himalayan states, 9th position in the entire country in the ranking of NITI Aayog's Export Preparedness Index for the year 2021.
- Uttarakhand Tourism awarded as the Best Adventure Tourism Destination by the Ministry of Tourism, Government of India.
- Award of Best Tourism Village to Sarmoli village of Pithoragarh district by the Ministry of Tourism, Government of India.
- The Char Dham Road Project strengthened the road connectivity of Char Dham as well as Tanakpur-Pithoragarh.
- After the construction of Delhi-Dehradun elevated road, one can go from Delhi to Dehradun in just two and a half hours.
- Work on Rishikesh-Karnprayag rail project is progressing fastly.
- International Convention Center and Wellness City proposed in Rishikesh.

For more detail please log on **investuttarakhand.uk.gov.in**
Or Scan QR Code
/ukgis2023

**Issued in Public Interest by Department of Information and Public Relations, Uttarakhand** | www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୬/୨୦୨୩ | Bhubaneswar, Monday, November 6/2023


# ଭାରତର ବିରାଟ ବିଜୟ


ବିରାଟ କୋହଲି

## ଜନ୍ମଦିନରେ କୋହଲିଙ୍କ ଶତକ ଭେଟି | ଜାଡେଜାଙ୍କୁ ୫ ଉଇକେଟ

**କୋଲକାତା, ୫।୧୧**

ଜନ୍ମଦିନରେ ବିରାଟ କୋହଲିଙ୍କ ଶତକ ଏବଂ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ସହାୟତାରେ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୪୩ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୨୬ ରନ କରିଥିଲା। ମ୍ୟାଚ ଆଗେଇବା ସହ ଇଡେନ ଗାର୍ଡେନ୍ସ ପିଚ୍ କ୍ରମେ ସ୍ଲୋ ହୋଇଯାଇଥିବା ବେଳେ ଦକ୍ଷିଣ ଆଫ୍ରିକା ୨୭.୧ ଓଭରରେ ମାତ୍ର ୮୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ଏହା ସର୍ବନିମ୍ନ ସ୍କୋର। ୨୦୦୭ରେ ଗ୍ରସ୍ ଆଇଲେଟ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ କରିଥିବା ୧୪୯ ରନ ସର୍ବନିମ୍ନ ଥିଲା। ଶତକୀୟ ଇନିଂସ ପାଇଁ ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ଏକମାତ୍ର ଦଳଭାବେ ଭାରତ ୮ ମ୍ୟାଚରୁ ୮ ବିଜୟ ସହ ୧୬ ପଏଣ୍ଟ ପାଇ ଅପରାଜେୟ ରହିଛି। କେବଳ ସେତିକି ନୁହେଁ, ଦଳ ରନ୍ ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇ ପଏଣ୍ଟ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ମଧ୍ୟ ଦୃଢ଼ କରିଛି।

ଇଡେନର ପିଚ୍‌କୁ ଠିକ୍‌ଭାବେ ପଢ଼ିପାରିଥିଲେ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ। ତେଣୁ ଟସ୍ ଜିତିବା ପରେ ସ୍ୱାଭାବିକଭାବେ ଫିଲ୍ଡିଂ ପସନ୍ଦ କରୁଥିବା ରୋହିତ ଏଠାରେ କିନ୍ତୁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ☞ପୃଷ୍ଠା-୨

# ଓଡ଼ିଶାରେ କମୁଛି ଦୁଗ୍ଧ ଉତ୍ପାଦନ

ରାଜ୍ୟରେ ଦୁଗ୍ଧ ଉତ୍ପାଦନ କମୁଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। ଗୋପାଳନ ଉପରେ ନିର୍ଭର କରୁଥିବା ଗରିବ ଏବଂ ନାମମାତ୍ର ଚାଷୀଙ୍କ ଆୟ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଉଚିତ ପ୍ରାପ୍ୟ ଓ ପ୍ରୋତ୍ସାହନ ମିଳୁ ନ ଥିବାରୁ ଚାଷୀମାନେ ଗୋପାଳନରୁ ମୁହଁ ଫେରାଉଛନ୍ତି। ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଆଣ୍ଡ୍ ରୁରାଲ ଡେଭେଲପମେଣ୍ଟ(ନାବାର୍ଡ) ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ଯଦିଓ ଓଡ଼ିଶା ଗାଈ ସଂଖ୍ୟାରେ ଦେଶର ୧୦ ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ରହିଛି। ଏହା ସତ୍ତ୍ୱେ ୨୦୨୧-୨୨ରେ ଦୁଗ୍ଧ ଉତ୍ପାଦନରେ ୧୮ତମ ସ୍ଥାନରେ ରହିଛି ଓଡ଼ିଶା।



**ଭୁବନେଶ୍ୱର,୫।୧୧(ଅନିଲ ଦାସ)**

ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ସୁପାରିସ ଅନୁଯାୟୀ ଦୈନିକ ଜଣେ ବ୍ୟକ୍ତିର ପୁଷ୍ଟି ସାଧନ ପାଇଁ ଅତି କମ୍‌ରେ ୩୦୦ ଗ୍ରାମ୍ ଦୁଗ୍ଧର ଆବଶ୍ୟକତା ରହିଛି। ଜାତୀୟ ହାର ତୁଳନାରେ ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ କମ୍ ରହିଛି। ଜାତୀୟ ସ୍ତରରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ ୪୪୪ ଗ୍ରାମ୍ ରହିଥିବା ବେଳେ ଓଡ଼ିଶାରେ ଏହା ୧୪୪ ଗ୍ରାମ୍ ରହିଛି। ୨୦୨୩ ସୁଦ୍ଧା ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୭୯ କୋଟି। ଆଇସିଏମ୍‌ଆର୍ ସୁପାରିଶ ଅନୁଯାୟୀ ରାଜ୍ୟ ପାଇଁ ୫.୨୫ ନିୟୁତ ଟନ(ଏମ୍‌ଟି)ଦୁଗ୍ଧର ଆବଶ୍ୟକତା ଥିବାବେଳେ ୨୦୨୨-୨୩ରେ ଉତ୍ପାଦନ ହୋଇଛି ମାତ୍ର ୨.୪୮ ଏମ୍‌ଟି। ଏହା ରାଜ୍ୟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ।

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ହ୍ରାସ ହେବା ପଛରେ ଅନେକ କାରଣକୁ ଦାୟୀ କରାଯାଇଛି। ରାଜ୍ୟରେ ଯେଉଁ ଗାଈ ଅଛନ୍ତି, ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହ୍ରାସ ପାଇବା ସହ ଗୋଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା, କୃତ୍ରିମ ପ୍ରଜନନର ଅଭାବ ରହିଛି। ଏଥିସହିତ ଅଚଳ କିମ୍ବା ସ୍ୱଳ୍ପ ସମୟ ପାଇଁ ଚାଲୁଥିବା ଦୁଗ୍ଧ ସମବାୟ ସମିତିଗୁଡ଼ିକ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ରିପୋର୍ଟରେ କୁହାଯାଇଛି।

ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଚାଷ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ☞ପୃଷ୍ଠା-୨

# ଫସଲହାନିରୁ ଭାଗଚାଷୀଙ୍କ ଆତ୍ମହତ୍ୟା

**ନୟାଗଡ଼/ରଣପୁର,୫।୧୧**
**(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନା ଜଙ୍କିଆ ପଞ୍ଚାୟତ ଓସ୍ତପଡ଼ା ଗାଁର ଗୋବିନ୍ଦ ସାହୁ(୬୫) ନାମକ ଜଣେ ଭାଗଚାଷୀ ରବିବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଛନ୍ତି । ଧାନ ଫସଲ ହାନି ଯୋଗୁ ଗୋବିନ୍ଦ ପ୍ରାଣ ହରାଇଥିବା ତାଙ୍କ ସ୍ତ୍ରୀ ଗେଲି ସାହୁ ଓ ସମ୍ପର୍କୀୟ ବିକ୍ରମ ସାହୁ ଅଭିଯୋଗ କରିଛନ୍ତି । ଖବର ପାଇ କୃଷି ବିଭାଗର ଏକ ଟିମ୍ ତଦନ୍ତ କରି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସଣ୍ଢଆଁଶି ଆକ୍ରମଣ**

Muthoot Finance
ଗୋଲଡ୍ ଲୋନ୍
ଭରସା ଭାରତର

2.5 ଲକ୍ଷ ରୁ ଅଧିକ
ଗ୍ରାହକ ପ୍ରତିଦିନ ସେବା ପାଇଥାନ୍ତି
ଭାରତର #1 ସର୍ବାଧିକ ବିଶ୍ୱସନୀୟ୍ ଫାଇନାନ୍‌ସିଆଲ ସର୍ଭିସେସ୍ ବ୍ରାଣ୍ଡ 2023#
5890+
ଶାଖା* ସମଗ୍ର ଭାରତ ବର୍ଷରେ
ତୁରନ୍ତ ଲୋନ୍ | ସର୍ବନିମ୍ନ କାଗଜପତ୍ର କାମ | କୌଣସି ଗୋପନୀୟ୍ ଚାର୍ଜ ନାହିଁ
Gold Loan@Home ଗୋଲଡ୍ ଲୋନ୍ ପାଆନ୍ତୁ ଘରେ ବସି ବସି | ଆପଣଙ୍କ ସୁନା ପାଇଁ 7 ସ୍ତରୀୟ୍ ସୁରକ୍ଷା ବ୍ୟବସ୍ଥା | ଅନ୍‌ଲାଇନ୍ ପେମେଣ୍ଟ ସୁବିଧା
'ଭରୋସା ଇଣ୍ଡିଆ କା' ଗୀତ ଦେଖିବାକୁ ସ୍କାନ୍ କରନ୍ତୁ
1800 313 1212
muthootfinance.com
Muthoot Family - 800 years of Business Legacy
#TRA's Brand Trust Report





625L ପର୍ଯ୍ୟନ୍ତର ବୁଟ୍ ସ୍ପେସ୍


20.32 cm ଟଚ୍‌ସ୍କ୍ରିନ mediaNAV ଇଭୋଲ୍ୟୁସନ୍


ସାମନା ଏବଂ ସାଇଡ୍ ଏୟାରବ୍ୟାଗ୍-ଡ୍ରାଇଭର ଏବଂ ପାସେଞ୍ଜର


ହିଲ୍ ଷ୍ଟାର୍ଟ ଆସିଷ୍ଟ (HSA)

for a test drive, call on 1800 315 4444. select variants available in CSD. special offers for defence personnel, government, PSU and corporate employees. for bulk enquiries, contact corpsales@renault.com
for further details, connect on renault.co.in

terms and conditions apply. *₹7 999 EMI based on a loan amount of ₹4.74 lakh for a tenure of 84 months. EMI may vary based on actual loan amount and tenure. not valid for any added loan amount and tenure. finance at the sole discretion of Renault Finance. #advantages up to ₹50 000/- for Triber includes cash benefits up to ₹20 000/- on select variants, exchange benefits up to ₹20 000/- on select variants & loyalty cash benefits up to ₹10 000/- on select versions. *Triber has scored 4-star safety rating for adult occupant safety and 3-star child occupant safety in crash test conducted by Global NCAP. the same has been published by NCAP on their website. the evaluation of the tests by Global NCAP has resulted in Triber being the safest in the 7-seater mass segment in India.corporate/PSU/defense personnel/government employee/professionals benefits applicable on each model is basis eligibility of the customer and based on submission of required proof by the customer. price valid on the date of purchase. for detailed offers, visit www.renault.co.in/offers. Renault India Pvt. Ltd. reserves the right at its absolute discretion to terminate this scheme or vary, delete or add to any of these terms and conditions from time to time without notice including without limitation. offers may vary across variants and cities. model/accessories shown may not be a part of the standard fitment. the color in the image may vary slightly from the actual color of the product. the above mentioned offers & benefits are valid till 15th November 2023 and are through Renault dealership. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. in the event of any dispute, all matters shall be governed by all applicable laws of India and court at Gurugram shall have the exclusive jurisdiction. for detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR**: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. **BHAWANIPATNA:** RENAULT Bhawanipatna Mob: +91 9438395880. **CUTTACK**: RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **ROURKELA:** RENAULT Rourkela Mob: + 91 8860875802. **SUNDERGARH:** RENAULT Sundergarh Mob: +91 9311529949.



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାକୁର ନ ସ୍ୱପ୍ନେଇଲେ ଭୋଗ ପାଆନ୍ତି ନାହିଁ,**
**ଛୁଆ ନ କାନ୍ଦିଲେ ମା' କ୍ଷୀର ଦିଏ ନାହିଁ।**

ନିଜର ମନୋଭାବ ପ୍ରକାଶ ନ କଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ତେଣୁ ନିଜର ସାବ୍ୟସ୍ତ ବା ଅଧିକାର ପାଇବା ପାଇଁ ସ୍ୱର ଉତ୍ତୋଳନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡିମ୍ବ ତିଅଣ କି**
**ଆଇଁଷେ ଲେଖା?**

ସାଧାରଣତଃ ଅଳ୍ପ ବୟସ୍କ ଶିଶୁଙ୍କଠାରେ ପରିପକ୍ୱତା ଆସି ନ ଥାଏ ଓ ସେମାନଙ୍କ ଅଭିଜ୍ଞତା କମ୍ ରହିଥାଏ। ତେଣୁ ଏପରି ଶିଶୁ ସଂସାରରେ ଜଣେ ବୋଲି ପରିଚିତ ବା ବିବେଚିତ ହେବା ଆଶା କ୍ଷୀଣ ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଏଭଳି ପ୍ରଶ୍ନବାଚୀ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଟେରାକୋଟା ମୃତ୍ତିକା ପ୍ରଦର୍ଶନୀରେ ରବିବାର ଜଣେ ମହିଳା କାରିଗର କଳାକୃତିରେ ଶେଷ ସ୍ପର୍ଶ ଦେଉଛନ୍ତି। **(ଫଟୋ: ବିକାଶ ନାୟକ)**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଚତୁର୍ଥଚନ୍ଦ୍ର ପ୍ରଭାବରେ ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧରେ ଯାତ୍ରା କରିବାକୁ ବାଧ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହୁଥିବାରୁ ଟେନସନ୍ କମିବା ସକାଶେ ଚେଷ୍ଟା କରିବେ।

**ବୃଷ** — କର୍ମସ୍ଥ ଶନି ହେତୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ମିଥୁନ** — ଧନାଧିପତି ସ୍ୱଗୃହରେ ରହିଥିବାରୁ ଆର୍ଥିକ ଅନଟନ କ୍ରମଶଃ ଦୂରେଇଯିବ। ସାମାଜିକ ସ୍ତରରେ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଆରଦ୍ରା ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର ମନଗଢା କଥା ଶୁଣି ବ୍ୟସ୍ତତା ଅନୁଭବ କରିବେ।

**କର୍କଟ** — ଚନ୍ଦ୍ର ପ୍ରଭାବରେ ମନ ଖୁସି ହେଲା ଭଳି କୌଣସି ଖବର ଅସମର୍ଥିତ ସୂତ୍ରରୁ ପାଇବେ। ରବିଙ୍କ ଦୁର୍ବଳତା କାରଣରୁ ଆର୍ଥିକ ସ୍ଥିତିରେ ଅବନତି ଘଟିପାରେ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** — ତୃତୀୟସ୍ଥ ବୁଧ ହେତୁ ଆକସ୍ମିକ ଭାବରେ ଖୋଜୁଥିବା ଜିନିଷ କିମ୍ବା ଧନ ଓ ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବାକୁ ମନ ବଳାଇବେ। ମଘା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** — ଚତୁଃଗ୍ରହ ଯୋଗରୁ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିଜ ପରିସରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କଠୋର ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** — କର୍ମାଧିପତି ସ୍ୱଗୃହରେ ଥିବାରୁ ଦୀର୍ଘ ଦିନର ଆଶା ପୂରଣ ହେବା ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସୁବିଧା ଥାଇ ମଧ୍ୟ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବିଛା** — ପାପଯୁକ୍ତ କର୍ମାଧିପତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସଂଘର୍ଷମୟ ସ୍ଥିତିରେ ମଧ୍ୟ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଅନୁରାଧା ନକ୍ଷତ୍ର ଉଚ୍ଚବର୍ଗଙ୍କ ସହାୟତା ପ୍ରାପ୍ତିରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ଧନୁ** — ବୁଧ ପ୍ରଭାବରେ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅଭାବ ନ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ଲାଭ କରି କାମ ହାସଲ କରିବେ।

**ମକର** — ରାଜଯୋଗ କାରଣରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା ଫଳପ୍ରସୂ ହୋଇପାରେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** — ବୃହସ୍ପତିଙ୍କ ସୁପ୍ରଭାବରୁ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିବ।

**ମୀନ** — ଶନିଙ୍କ ଦୃଷ୍ଟିଜନିତ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବ। ଅବଶ୍ୟ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ମାତ୍ର ରେବତୀ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି କାର୍ତ୍ତିକ କୃଷ୍ଣ ନବମୀ ସୋମବାର, ନଭେମ୍ବର ୬ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର ଦିବା ଘ.୦୧।୨୨ ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୫୩ ଗତେ, ଘ.୦୭।୧୭ ମଧ୍ୟେ, ଘ.୦୮।୫୩ ଗତେ, ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୭ ଗତେ, ଘ.୦୮।୪୧ ମଧ୍ୟେ ରାହୁକାଳ।

# କୀଟନାଶକ ପରିବର୍ତ୍ତେ ଏବେ ଆଲୋକ ଯନ୍ତା

**ଫସଲକୁ କୀଟ ଦାଉରୁ ରକ୍ଷା କରିବ**

**■ ଏନ୍‌ଆର୍‌ଆର୍‌ଆଇ ବୈଜ୍ଞାନିକଙ୍କ ଉଦ୍ଭାବନ**

**କଟକ,୫।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଏଣିକି ଫସଲ ନଷ୍ଟ କରୁଥିବା ପୋକ ବା କୀଟମାନଙ୍କୁ ମାରିବା ପାଇଁ ଚାଷୀଙ୍କୁ ଆଉ କ୍ଷତିକାରକ ରସାୟନ ପ୍ରୟୋଗ କରିବାକୁ ପଡ଼ିବ ନାହିଁ। ଫସଲକୁ କୀଟ ଦାଉରୁ ରକ୍ଷା କରିବା ପାଇଁ ଉଦ୍ଭାବନ ହୋଇଛି ଏକ ଯନ୍ତା, ଯାହାକି ପରିବେଶ ଅନୁକୂଳ। ଯାହାର ନାମ ହେଉଛି ସୌରଶକ୍ତି ୨୪/୭ ଇନ୍‌ସେକ୍ଟ ଟ୍ରାପ୍ ବା ଆଲୋକ ଯନ୍ତା। ଏହି ଯନ୍ତା ଉଦ୍ଭାବନ କରିଛନ୍ତି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ର ଓଡ଼ିଆ ବୈଜ୍ଞାନିକ ଶ୍ୟାମରଞ୍ଜନ ଦାସ ମହାପାତ୍ର। ଏହି ଯନ୍ତା ବ୍ୟବହାର କଲେ ଚାଷଜମିରେ ଆଉ କେମିକାଲ ବା କୀଟନାଶକ ପ୍ରୟୋଗ କରିବାକୁ ପଡ଼ିବ ନାହିଁ ବୋଲି ବୈଜ୍ଞାନିକ ମହାପାତ୍ର କହିଛନ୍ତି।

ସାଧାରଣତଃ ସନ୍ଧ୍ୟା ହେଲେ ଚାଷଜମିକୁ ବହୁସଂଖ୍ୟାରେ କୀଟପତଙ୍ଗ ଆସି କ୍ଷତି କରିଥାଆନ୍ତି। ସେମାନଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଏହି ମେଶିନ ବେଶ୍ ଲାଭଦାୟକ ହେବ। ପୋକଗୁଡିକ ଆଲୋକ ପ୍ରତି ଆକର୍ଷିତ ହୋଇଥାନ୍ତି। ସେମାନଙ୍କ ଏହି ପ୍ରବୃତ୍ତିକୁ ଆଧାର କରି ଆଲୋକ ଯନ୍ତା ଉଦ୍ଭାବନ ହୋଇଛି। ସେହିଭଳି ବହୁସଂଖ୍ୟାରେ କୀଟ




ସୌରଶକ୍ତି ୨୪/୭ ଇନସେକ୍ଟ ଟ୍ରାପ ବା ଆଲୋକ ଯନ୍ତା।

ଆସିବାର ଅଛି କିମ୍ବା କେଉଁ କେଉଁ ପ୍ରଜାତିର କୀଟପତଙ୍ଗ ଆସୁଛନ୍ତି ସେ ସବୁ ମଧ୍ୟ ଏହି ଯନ୍ତା ସାହାଯ୍ୟରେ ଜାଣିହେବ। ଏହି ଯନ୍ତା ସମ୍ପୂର୍ଣ୍ଣ ଭାବେ ସୌରଚାଳିତ ଓ ସହଜରେ ଯେକୌଣସି ସ୍ଥାନରେ ରଖାଯାଇ ପାରିବ। ୩ଟି ଭାଗରେ ବିଭକ୍ତ ଏହି ଯନ୍ତାରେ ଏଲ୍‌ଇଡି ବଲ୍‌ବ ଲଗାଯାଇଛି। ଏହି ବଲ୍‌ବକୁ ଏକ ବ୍ୟାଟେରି ଓ ବ୍ୟାଟେରିକୁ ସୋଲାର



ଓଡ଼ିଆ ବୈଜ୍ଞାନିକ ଶ୍ୟାମରଞ୍ଜନ ଦାସ ମହାପାତ୍ର

ପ୍ୟାନେଲ ସହିତ ସଂଯୋଗ କରାଯାଇଛି। ଏହି ଯନ୍ତାରେ ଏକ ଟାଇମର୍ ଲଗାଯାଇଛି। ସ୍ୱୟଂଚାଳିତ ଯନ୍ତାରେ ପୋକଗୁଡିକ ପାଇଁ ଦୁଇଟି ଚାମ୍ବର ଅଛି, ଯାହାଦ୍ୱାରା ଉପକାରୀ ଓ ଅପକାରୀ ପୋକଙ୍କୁ ଅଲଗା କରାଯାଇପାରିବ। ପୋକଗୁଡ଼ିକ ଯନ୍ତାରେ ପଶିବା ପରେ କ୍ଷତିକାରକ ପୋକଗୁଡ଼ିକୁ ନଷ୍ଟ କରିହେବ ଓ ଉପକାରୀ ପୋକକୁ ପୁଣି ଫସଲରେ ଛଡ଼ାଯାଇ ପାରିବ।

ଏହାକୁ ଫସଲ କିଆରି ନିକଟରେ ରଖିଦେଲେ କାମ ଆରମ୍ଭ କରିଦିଏ। ସୂର୍ଯ୍ୟାସ୍ତ ପରେ ଟାଇମରଟି ବଲ୍‌ବକୁ ୩/୪ ଘଣ୍ଟା ପର୍ଯ୍ୟନ୍ତ ଜଳାଇ ରଖିଥାଏ। ୪ ଘଣ୍ଟା ପରେ ଏହି ଯନ୍ତା ସ୍ୱୟଂ ବନ୍ଦ ହୋଇଯାଏ। ଆଲୋକ ପ୍ରତି ଆକର୍ଷିତ ହୋଇ ପୋକଗୁଡ଼ିକ ଏହି ଯନ୍ତାରେ ପଶିବା ପରେ ଆଉ ବାହାରକୁ ବାହାରି ପାରନ୍ତି ନାହିଁ। କେବଳ ରାତି ନୁହଁ ଦିନରେ ମଧ୍ୟ ଏହା କାର୍ଯ୍ୟ କରିଥାଏ। ଏପରି କି ପୋକଗୁଡିକ କେତେକ ରଙ୍ଗ ପ୍ରତି ମଧ୍ୟ ଆକର୍ଷିତ ହୋଇଥାନ୍ତି। ଏହାକୁ ଆଧାର କରି ହଳଦିଆ ଓ ନୀଳ ରଙ୍ଗର ଯନ୍ତା ମଧ୍ୟ ରହିଛି, ଯାହା ଦିନରେ ମଧ୍ୟ ପୋକଙ୍କୁ ଆକର୍ଷିତ କରିପାରେ। ଏହି ଯନ୍ତା ମେଘୁଆ ପାଗରେ ବି ୪ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ ବୋଲି ଶ୍ୟାମରଞ୍ଜନ କହିଛନ୍ତି।

ଏହି ଯନ୍ତାକୁ ବୈଜ୍ଞାନିକ ୨ ଭାଗରେ ବିଭକ୍ତ କରିଛନ୍ତି। ଗୋଟିଏ ହେଉଛି ପର୍ଯ୍ୟବେକ୍ଷଣ ଓ ଅନ୍ୟଟି ହେଉଛି ମାସ୍ ଟ୍ରାପିଂ (ସମୂହ ପୋକଧରା)। ପର୍ଯ୍ୟବେକ୍ଷଣ ପାଇଁ ୧ ହେକ୍ଟର ଜମିରେ ଗୋଟିଏ ଆଲୋକ ଯନ୍ତା ବ୍ୟବହାର କରାଯିବ। ସେହିପରି ମାସ୍ ଟ୍ରାପିଂ ପାଇଁ ୧ ହେକ୍ଟର ଜମିରେ ୩ଟି ଯନ୍ତା ବ୍ୟବହାର ହେବ। ଏଥିପାଇଁ ୨ ପ୍ରକାର ଯନ୍ତା ମଧ୍ୟ ରହିଛି। ଗୋଟିଏ ହେଉଛି ଡେ ନାଇଟ ଟ୍ରାପ୍-୩, ଯାହାର ମୂଲ୍ୟ ୯୫୦ ଟଙ୍କା ଓ ଅନ୍ୟଟି ଡେ ନାଇଟ ଟ୍ରାପ୍-୬, ଯାହାର ମୂଲ୍ୟ ୧୦୫୦ ରହିଛି। ମହାରାଷ୍ଟ୍ରର ଏକ କମ୍ପାନୀ ଏହାକୁ ପ୍ରସ୍ତୁତ କରି ବିକ୍ରି କରୁଛି। ଏପରି କି ଫ୍ଲିପ୍‌କାର୍ଟ, ଆମାଜନରେ ମଧ୍ୟ ଏହା ଉପଲବ୍ଧ ରହିଛି। ଗୁଜରାଟ, ବିହାର, ଛତିଶଗଡ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡରେ ଏହାର ବେଶ୍ ଚାହିଦା ରହିଛି।

ସାଧାରଣତଃ ଫସଲ ନଷ୍ଟ କରୁଥିବା କୀଟମାନଙ୍କୁ ମାରିବା ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର ଔଷଧ ପ୍ରୟୋଗ କରିଥାନ୍ତି। ଏହିସବୁ ଔଷଧ ପରିବେଶ ପାଇଁ କ୍ଷତିକାରକ ହେବା ସହ ଚାଷୀଙ୍କ ଉପରେ ଆର୍ଥିକ ବୋଝ ବଢ଼ାଇଥାଏ। ଏହା ବ୍ୟତୀତ ଔଷଧ ପ୍ରୟୋଗ ଦ୍ୱାରା ଅନେକ ଉପକାରୀ ପୋକ ମଧ୍ୟ ମରିଯାଇଥାନ୍ତି। ତେଣୁ ଆମେ ଏମିତି ଏକ ପଦ୍ଧତି ବାହାର କରିବା ପାଇଁ ଚାହିଁଲୁ, ଯେଉଁଥିରେ କେବଳ କ୍ଷତିକାରକ ପୋକଙ୍କୁ ଧରାଯାଇପାରିବ ଓ ଯନ୍ତାଟି ଶସ୍ତା ହେବା ସହ ସବୁ ସମୟରେ ବ୍ୟବହାର କରାଯାଇପାରୁଥିବ। ୨୦୧୩ରୁ ସୌରଶକ୍ତି ଆଲୋକ ଯନ୍ତା ନିର୍ମାଣ ଆରମ୍ଭ ହୋଇଥିଲା। କେବଳ ଭାରତ ନୁହେଁ, ଭାରତ ବାହାରେ ମଧ୍ୟ ଏହାର ଚାହିଦା ରହିବ ବୋଲି ଶ୍ୟାମରଞ୍ଜନ କହିଛନ୍ତି।

# ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ପରିବାର ସଦସ୍ୟଙ୍କୁ କିଟ୍‌ରେ ମିଳିଲା ନିଯୁକ୍ତି

**ଭୁବନେଶ୍ୱର, ୫।୧୧(ଅସମାପିକା ସାହୁ)**

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ଓଡ଼ିଶାର ମୃତ ଯାତ୍ରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଓ ପିଲାଙ୍କୁ କିଟ୍‌ରେ ମାଗଣା ପାଠ ପଢ଼ାଇବାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କରିଥିବା ଘୋଷଣାକୁ ଏବେ କାର୍ଯ୍ୟକାରୀ କରିଛନ୍ତି। ରବିବାର ୨୦ଜଣଙ୍କୁ କିଟ୍ ଓ କିସ୍‌ରେ ନିଯୁକ୍ତି ଦିଆଯାଇଛି। ଏଥିସହ ୨ ମୃତକଙ୍କ ପିଲାଙ୍କୁ କିଟ୍‌ରେ ଉଚ୍ଚତର ଶିକ୍ଷା ପାଇଁ ନାମ ଲେଖାଯାଇଛି। ନିଯୁକ୍ତି ପାଇଁ ପୂର୍ବରୁ କିଟ୍ ପକ୍ଷରୁ ଇଚ୍ଛା ପ୍ରକାଶ କରିଥିବା ମୃତକଙ୍କ ପରିବାର ସଦସ୍ୟଙ୍କୁ ବିଧିବଦ୍ଧ ପ୍ରକ୍ରିୟା ମାଧ୍ୟମରେ ସାକ୍ଷାତ୍କାର ନିଆଯାଇଥିଲା।



କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ରବିବାର କିଟ୍‌ରେ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଡ. ସାମନ୍ତ ଭେଟିଥିଲେ। ଏଭଳି ସହାୟତା ପାଇଁ ମୃତକଙ୍କ ପରିବାର ସଦସ୍ୟମାନେ ଆନନ୍ଦ ପ୍ରକାଶ କରିବା ସହ ଅସମୟରେ ସହାୟତାର ହାତ ବଢ଼ାଇବା ଓ କର୍ମସଂସ୍ଥାନ ଯୋଗାଇ ଦେଇଥିବାରୁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେମାନେ କୃତଜ୍ଞତା ଜଣାଇଥିଲେ।

# ଗୋଟିଏ ବାଘ ଯନ୍ତାରେ ପଡ଼ିଲା, ଅନ୍ୟଟି ଗାଁ ପାଖରେ ଘୂରି ବୁଲୁଛି

**ନୂଆପଡ଼ା,୫।୧୧(ମକାରୁ ବେମାଲ)**

ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରା ପଡିଛି। ଟ୍ରାଙ୍କୁଲାଇଜର ସ୍କ୍ୱାଡ୍ ଭବାନୀପାଟଣା ଓ ନୂଆପଡା ବନ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ କଲରାପତରିଆ ବାଘକୁ କାବୁ କରିଛନ୍ତି। ଗୋଟିଏ ବାଘ ଯନ୍ତାରେ ପଡ଼ିଲା ପରେ ଅନ୍ୟ ଏକ ବାଘ ଜଙ୍ଗଲରେ ଘୂରି ବୁଲୁଛି। ମାଇ ଅଣ୍ଡିରା ଦୁଇଟି ବାଘ ସାଙ୍ଗ ହୋଇ ଶିକାର କରି ଖାଉଥିଲେ। ଗୋଟିଏ ବାଘ ଯନ୍ତାରେ ପଡିଲା ପରେ ଅନ୍ୟଟି ସାଥୀ ବାଘକୁ ଖୋଜିବା ପାଇଁ ଗାଁ ପାଖ ଜଙ୍ଗଲରେ ଘୂରି ବୁଲୁଛି। ବାଘ ଉକ୍ତ ଅଞ୍ଚଳରେ ଏବେ ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇ ରହିଛନ୍ତି। ଏ ସଂକ୍ରାନ୍ତରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ପ୍ରାଣୀସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ଡ.କେ. ପାର୍ଥ ସାରଥି ଦୋରା ବାଘର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବାଘ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ନିୟମାନୁଯାୟୀ ୬ ଲକ୍ଷ ଟଙ୍କା ପାଇବା କଥା। ନଗଦ ୬୦ ହଜାର ଟଙ୍କା ଦିଆଯାଇଛି। ବାକି ଟଙ୍କା କାଗଜାତ ହେବା ପରେ ଚେକ୍ ଆକରେ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାରତର ବିରାଟ ...

ଉଭୟ ରୋହିତ ଓ ଶୁବମନ ଗିଲ୍ ବଢ଼ିଆ ଆରମ୍ଭ ମଧ୍ୟ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୩୫ ବଲ୍‌ରୁ ୬୨ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ବିସ୍ଫୋରକ ଆରମ୍ଭ କରିଥିବା ରୋହିତଙ୍କୁ ୬ଷ୍ଠ ଓଭରର ୫ମ ବଲ୍‌ରେ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ କାଗିଶୋ ରାବାଡ଼ା। ୨୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୬ ଚୌକା ଓ ୨ ଛକା ସହାୟତାରେ ୪୦ ରନ୍ କରିଥିଲେ। ଗିଲ୍ ୨୪ ବଲ୍‌ରୁ ୨୩ ରନ୍‌କରି ପ୍ୟାଭିଲିୟନ ଫେରିଥିଲେ। ମ୍ୟାଚ୍ ଆଗେଇବା ସହ ପିଚ୍ କ୍ରମେ ସ୍ଲୋ ହେବାରେ ଲାଗିଥିଲା। ଫଳରେ ବିରାଟ କୋହଲି ସତର୍କତାର ସହ ବ୍ୟାଟିଂ କରି ଭାରତୀୟ ଇନିଂସକୁ ଆଗେଇ ନେବାକୁ ନିଷ୍ପତ୍ତି ନେଇଥିଲେ। କାରଣ ସେତେବେଳେ ଆଉ ଏକ ଉଇକେଟର ପତନ ଦଳପାଇଁ ବଡ଼ କ୍ଷତି ପହଞ୍ଚାଇଥାନ୍ତା। କୋହଲିଙ୍କୁ ଉପଯୁକ୍ତ ସାଥି ଦେଇଥିଲେ ଶ୍ରେୟସ ଆୟର। ଦୁହେଁ ତୃତୀୟ ଉଇକେଟରେ ୧୫୮ ବଲ୍‌ରୁ ୧୩୪ ରନର ଭାଗୀଦାରି ଗଢ଼ି ଭାରତ ଇନିଂସକୁ ଦୃଢ଼ କରିଥିଲେ। ୩୭ତମ ଓଭରର ୫ମ ବଲ୍‌ରେ ଆୟରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଲୁନ୍‌ଗି ଏନ୍‌ଗିଡି। ଆୟର ୮୭ ବଲ୍‌ରୁ ୭୭ (୭ ଚୌକା, ୨ ଛକା) ରନ କରିଥିଲେ। ମିଡିଲ ଅର୍ଡରରେ ଲୋକେଶ ରାହୁଲ (୮) ଓ ସୂର୍ଯ୍ୟକୁମାର ଯାଦବ (୨୨) ଅଧିକ ସମୟ ତିଷ୍ଠି ପାରି ନ ଥିଲେ ମଧ୍ୟ ବିରାଟ ଓ ରବୀନ୍ଦ୍ର ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ମାତ୍ର ୨୪ ବଲ୍‌ରୁ ୪୧ ରନ୍ ଯୋଗକରି ଭାରତ ସ୍କୋରକୁ ୩୨୬ରେ ପହଞ୍ଚାଇ ଦେଇଥିଲେ। ଏହି ଅବସରରେ ବିରାଟ ହାସଲ କରିଥିଲେ କ୍ୟାରିୟରର ୪୯ତମ ଦିନିକିଆ ଶତକ। ଜନ୍ମ ଦିନରେ ନିଜ ପ୍ରଶଂସକଙ୍କୁ ଦେଇଥିଲେ ଶତକୀୟ ଭେଟି। ଏଥିସହ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସଚିନ ୪୫୨ ଇନିଂସରେ ଏହି ସଫଳତା ପାଇଥିବାବେଳେ କୋହଲି ୨୭୭ ଇନିଂସରୁ ଏହା ହାସଲ କରି ନେଇଥିଲେ। ୧୨୧ ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୧୦ ଚୌକା ସହାୟତାରେ ୧୦୧ ରନକରି ଅପରାଜିତ ରହିଥିଲେ। ଜାଡେଜା ୧୫ ବଲ୍‌ରୁ ୨୯ (୩ ଚୌକା, ୧ ଛକା) ରନ୍‌ରେ ଅପରାଜିତ ଥିଲେ। ଏହି ସଫଳତା ପାଇଁ ବିରାଟଙ୍କ ନିକଟକୁ ମାଷ୍ଟର ବ୍ୟାଟର ସଚିନଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି, ମାର୍କୋ ଜାନସେନ, କାଗିଶୋ ରାବାଡ଼ା, କେଶବ ମହାରାଜ ଓ ସାମ୍‌ସି ଟାବ୍ରାଇଜ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

କେବଳ ନେଦରଲାଣ୍ଡ ବିପକ୍ଷ ମ୍ୟାଚକୁ ଛାଡ଼ିଦେଲେ ଚଳିତ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଦକ୍ଷିଣ ଆଫ୍ରିକା ଏଠାରେ ଆଶ୍ଚର୍ଯ୍ୟଜନକଭାବେ ଲଢ଼େଇ କରିବା ପରିବର୍ତ୍ତେ ଆତ୍ମସମର୍ପଣ କରିବାଭଳି ପ୍ରଦର୍ଶନ କରିଥିଲା। ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଫର୍ମରେ ଥିବା କ୍ୱିଣ୍ଟନ ଡି'କକ୍ ହୁଅନ୍ତୁ କିମ୍ବା ରସି ଭାନ୍ ଡର୍ ଡୁସେନ କେହି ଭାରତୀୟ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ୨୭.୧ ଓଭରରେ ମାତ୍ର ୮୩ ରନରେ ଦକ୍ଷିଣ ଆଫ୍ରିକା ଇନିଂସ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଥିଲା। ମାର୍କୋ ଜାନସେନ ସର୍ବାଧିକ ୧୪ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ନିଜ ୯ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ୩୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ଦ୍ୱିତୀୟ ୫ ଉଇକେଟ ସଫଳତା। କୁଲଦୀପ ଯାଦବ ୭ରନରେ ୨ଟି, ମହମ୍ମଦ ଶାମି ୧୮ ରନରେ ୨ଟି ଓ ମହମ୍ମଦ ସିରାଜ ୧୧ ରନରେ ଗୋଟିଏ ଉଇକେଟ ପାଇଥିଲେ। ଯଶପ୍ରୀତ୍ ବୁମ୍‌ରା ଉଇକେଟ ପାଇ ନ ଥିଲେ ହେଁ ନିଜ ୫ ଓଭର ସ୍ପେଲ୍‌ରେ ମାତ୍ର ୧୪ ରନ ବ୍ୟୟ କରିଥିଲେ।

## ଫସଲହାନିରୁ ...

ଫେରିଛନ୍ତି । ଗୋବିନ୍ଦ ସାହୁ ଜଣେ ଭାଗଚାଷୀ । ସେ ୨ ମାଣ ଜମି ଭାଗ ଚାଷ କରିଥିଲେ । ଧାନ ଚାଷ ପାଇଁ ଧାର କରଜ କରିଥିବା ଟଙ୍କା କିପରି ପରିଶୋଧ କରିବେ ସେ ନେଇ ଚିନ୍ତା ଘାରିଥିଲା । ରବିବାର ପୂର୍ବାହ୍ନରେ ବିଲ ପାଖରେ ଥିବା ଏକ ଗଛରେ ରଶି ବାନ୍ଧି ସେ ଆତ୍ମହତ୍ୟା କରିଥିଲେ । ଖବର ପାଇ ପରିବାର ଓ ଗାଁ ଲୋକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କୁହନ୍ତି, ଭାଗଚାଷୀ ଆତ୍ମହତ୍ୟା କରିବା ଖବର ପାଇବା ପରେ ଏକ ଟିମ୍ ତଦନ୍ତ କରି ଫେରିଛି । ପାରିବାରିକ କଳହରୁ ଗୋବିନ୍ଦ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତେବେ କୃଷି ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଓଡ଼ିଶାରେ କମୁଛି ...

ଅଧିକାଂଶ ଗୋ ସମ୍ପଦଙ୍କ କ୍ଷୀର ଉତ୍ପାଦନ କ୍ଷମତା କମ୍ ରହିଛି। ରାଜ୍ୟରେ ଥିବା ଜର୍ସି ଗାଇଗୁଡ଼ିକ ଦୈନିକ ୬.୭୬ ଲିଟର କ୍ଷୀର ଦେଉଥିବାବେଳେ ଦେଶୀ ଗାଇଗୁଡ଼ିକ ଦୈନିକ ୨.୬୬ ଲିଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଗାଇଗୁଡ଼ିକ ମାତ୍ର ୧.୪୨ ଲିଟର କ୍ଷୀର ଦେଉଛନ୍ତି। ଅନ୍ୟପକ୍ଷରେ ଜାତୀୟ ସ୍ତରରେ ଜର୍ସି ଗାଇ ଦୈନିକ ୮.୩୨ ଲିଟର, ଦେଶୀ ୪.୦୭ ଏବଂ ଅନ୍ୟାନ୍ୟ ପ୍ରଜାତିର ଗାଇ ୨.୮୩ ଲିଟର କ୍ଷୀର ଦେଉଛନ୍ତି। ରିପୋର୍ଟରେ ଏକଥା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦନ ମହାସଂଘ(ଓମ୍‌ଫେଡ୍) ଏବଂ ରାଜ୍ୟ ସରକାରଙ୍କ ଦୁଗ୍ଧ ସମବାୟ ସମିତିଗୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ମିଳି ପାରୁ ନାହିଁ। ରାଜ୍ୟ ଓ ଜିଲାସ୍ତରରେ ଥିବା ଦୁଗ୍ଧ ମହାସଂଘ ଏବଂ ତୃଣମୂଳ ସ୍ତରରେ ଥିବା ଦୁଗ୍ଧ ଉତ୍ପାଦନ ସମବାୟ ସମିତିଗୁଡ଼ିକ ସହଯୋଗରେ ଓମ୍‌ଫେଡ ରାଜ୍ୟରେ କ୍ଷୀର ଉତ୍ପାଦନ, ଚିଲିଂ, ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଏବଂ ବଜାର ଆଦି ପରିଚାଳନା କରୁଛି। ତେବେ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ମିଳୁ ନ ଥିବାବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଦୁଗ୍ଧ ସମବାୟ ସମିତିଗୁଡ଼ିକ ଅଚଳ ହୋଇପଡୁଛି। ଚାଷୀ ଓ ଦୁଗ୍ଧ ମହାସଂଘଗୁଡ଼ିକୁ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଯୋଗୁ ଗ୍ରାମାଞ୍ଚଳରେ ଗୋ ଚାଷ ସମ୍ପ୍ରସାରଣ ହେବା ପରିବର୍ତ୍ତେ ଧୀରେ ଧୀରେ କମିବାରେ ଲାଗିଛି ବୋଲି ରିପୋର୍ଟରେ କୁହାଯାଇଛି। ଏଭଳି ଅବସ୍ଥା ଦୂର କରିବାକୁ ଓମ୍‌ଫେଡ୍‌କୁ ଅଧିକ କ୍ରିୟାଶୀଳ କରିବା ସହିତ ଘରୋଇ ଦୁଗ୍ଧ ଯୋଗାଣକାରୀ ସଂସ୍ଥା ସହ ପ୍ରତିଯୋଗିତା କରିବାକୁ ଓମ୍‌ଫେଡକୁ ପ୍ରସ୍ତୁତ କରିବାକୁ ନାବାର୍ଡ ପରାମର୍ଶ ଦେଇଛି। ଏହାଛଡ଼ା ଗୋଖାଦ୍ୟ ଅଭାବ ମଧ୍ୟ ଦେଶୀ ଗାଇମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତାକୁ ହ୍ରାସ କରିଛି। ପୂର୍ବବର୍ଷଗୁଡ଼ିକ ତୁଳନାରେ ଗାଇଙ୍କ ଖାଦ୍ୟ ଯଥା ଘାସ ଓ ନଡ଼ାକୁଟା ମଧ୍ୟ ଯଥାକ୍ରମେ ୪୮.୪ ପ୍ରତିଶତ ଓ ୨୩.୫ ପ୍ରତିଶତକୁ ହ୍ରାସ ପାଇଛି। ପଛୁଆ ଅଞ୍ଚଳ ଓ ଅନୁନ୍ନତ ଜିଲାଗୁଡ଼ିକରେ କ୍ଷୀର ସଂଗ୍ରହ ବ୍ୟବସ୍ଥା ସୁଦୃଢ଼ ହୋଇପାରୁ ନାହିଁ। ଏଥିଯୋଗୁ ଗୋପାଳନ ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସି ପାରୁ ନ ଥିବା ରିପୋର୍ଟରେ କୁହାଯାଇଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନାବାର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲା ଗରଦପୁରର ନାମମାତ୍ର ଚାଷୀ ବିଜୟ ସାହୁ କହିଛନ୍ତି, ପରିବାର ଚଳାଇବା ପାଇଁ ଆମ ବାପା ଅଜା ଅମଳରୁ ଘରେ ଗାଇ ରଖି ଆସୁଛୁ। ୮ରୁ ୧୦ ଗାଇ ବାଛୁରି ଥିଲେ। କ୍ଷୀର ବିକ୍ରି ନ ହେବା, ଘାସ ଚରିବାକୁ ପଡ଼ିଆ ଅଭାବ ଓ ଗୋଖାଦ୍ୟ ଦର ବଢ଼ିବା ଯୋଗୁ ଏବେ ୨ଟି ଗାଇ ରଖିଛୁ। ଯଦି ୫ ଟଙ୍କା ଲାଭ ନ ମିଳିବ ତେବେ ଗାଇ ରଖି ଲାଭ କ'ଣ। କେବଳ ଘରେ କ୍ଷୀର ଖାଇବା ପାଇଁ ଗାଇ ଅଛନ୍ତି। ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ଗୋ ପାଳନ ଉପରେ ମୁଖ୍ୟତଃ ଗ୍ରାମାଞ୍ଚଳର ମହିଳା, ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀ ନିର୍ଭର କରି ଥାଆନ୍ତି। ଗୋଚର ଜମି ଲୋପ ପାଇବା ସହ ଗୋଖାଦ୍ୟ ଦର ବଢ଼ି ଚାଲିଛି। ଗାଇମାନଙ୍କ ପିଛା ଯେତିକି ଖର୍ଚ୍ଚ ହେଉଛି ଦୁଗ୍ଧ ଦର ସେହି ଅନୁପାତରେ ବଢୁ ନାହିଁ। ଏଥିସହିତ ଗୋପାଳନ ପାଇଁ ଋଣ ମଧ୍ୟ କମ୍ ସୁଧରେ ମିଳୁନାହିଁ। ଫଳରେ ଗୋପାଳନ ପ୍ରତି ଚାଷୀମାନଙ୍କର ଆଗ୍ରହ କମିବାରେ ଲାଗୁଛି। ମହାସଂଘ ପକ୍ଷରୁ ୨୦୧୪-୧୫ରେ ଓମ୍‌ଫେଡ୍‌ର ତତ୍କାଳୀନ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ ଏବଂ କୃଷି ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସହ ଦୁଗ୍ଧଚାଷୀଙ୍କ ସମସ୍ୟା ନେଇ ଆଲୋଚନ କରାଯାଇଥିଲା। ମଧ୍ୟାହ୍ନଭୋଜନ ଓ ଅଙ୍ଗନୱାଡିରେ ସପ୍ତାହକୁ ଥରେ ପିଲାମାନଙ୍କୁ ପନିର ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସରକାର ତୁରନ୍ତ ଦୁଗ୍ଧଚାଷୀ ମହାସଂଘ, ବ୍ୟାଙ୍କ, ନାବାର୍ଡ ସହ ବୈଠକ ଡାକି ସମସ୍ୟା ସମାଧାନ କରିବା ଦରକାର ବୋଲି ସେ କହିଛନ୍ତି।

# ଥାନାରେ ଭଙ୍ଗାରୁଜା, ପୋଲିସ ନିରୁପାୟ

**ବରଗଡ଼, ୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ଥାନାରେ ରବିବାର ତୁମୂଳକାଣ୍ଡ ଘଟିଛି। ଶତାଧିକ ଲୋକ ଅତର୍କିତ ଭାବେ ଥାନା ଭିତରକୁ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଫଳରେ ଥାନାରେ ରହିଥିବା କମ୍ପ୍ୟୁଟର, ଚୌକି, ଟେବୁଲ ଆଦି ନଷ୍ଟ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଥାନା ଭିତରେ ଭଙ୍ଗାରୁଜା ଚାଲିଥିବାବେଳେ ସେଠାରେ ଉପସ୍ଥିତ ପୋଲିସ ନିୟନ୍ତ୍ରଣ କରି ନ ପାରି ନିରୁପାୟ ରହିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ଘଟଣାର କାରଣ ସ୍ପଷ୍ଟ


ଭଙ୍ଗାରୁଜାରେ କ୍ଷତିଗ୍ରସ୍ତ କମ୍ପ୍ୟୁଟର ଏବଂ ଆସବାବପତ୍ର।

ହୋଇ ନ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ଏଭଳି କାଣ୍ଡ ଘଟାଇଥିବା ଚର୍ଚ୍ଚା ଚାଲିଛି। ଅମ୍ବାଭୋନା ଅଞ୍ଚଳର ଏକ ପର୍ଯ୍ୟଟନସ୍ଥଳୀକୁ ଭୋଜିରେ ଯାଇଥିବାବେଳେ ନିଶାଦ୍ରବ୍ୟ ରଖିଥିବା ସନ୍ଦେହରେ ପୋଲିସ କିଛି ଲୋକଙ୍କୁ ଯାଞ୍ଚ କରିଥିଲା। ଏହାକୁ ନେଇ ଭୋଜିରୁ ଫେରିବା ବାଟରେ ସେମାନେ ଥାନା ଭିତରେ ଭଙ୍ଗାରୁଜା କରିଥିବା କୁହାଯାଉଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓଙ୍କ ମତାମତ ମିଳିପାରିନାହିଁ।

# ପଲିଥିନରେ ଗୁଡ଼ାଇ ନବଜାତ ଶିଶୁକନ୍ୟାକୁ ଫିଙ୍ଗିଦେଲେ

**ନୀଳଗିରି, ୫।୧୧ (ପ୍ରଶାନ୍ତ ବିଶ୍ୱାଳ)**

■ ଉଦ୍ଧାର କଲେ ଗାଁ ଲୋକେ, ଚିକିତ୍ସା ଜାରି
■ ମା' ଓ ବାପା ଫେରାର

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୬ନଂ. ୱାର୍ଡ଼ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶର ଏକ ପରିତ୍ୟକ୍ତ ସ୍ଥାନରୁ ନବଜାତ ଶିଶୁକନ୍ୟା ମିଳିଛି। ପଲିଥିନରେ ଗୁଡ଼ାହୋଇ ପଡ଼ିଥିବା ଅବସ୍ଥାରେ ଗାଁ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଭଲ ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ଭୋର୍ ସମୟରେ ଶିଶୁକନ୍ୟାଟି କାନ୍ଦୁଥିବା ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ଏନେଇ ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ନୀଳଗିରି ପୋଲିସକୁ ଜଣାଇଥିଲେ। ଶିଶୁ କନ୍ୟାଟିର ଓଜନ ୨କିଲୋ ୬୪୦ ଗ୍ରାମ୍ ବୋଲି ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଏକ ଦମ୍ପତି ଏହି ଶିଶୁକନ୍ୟାକୁ ଫିଙ୍ଗି ଦେଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ମହିଳାମାନେ ଉକ୍ତ ଦମ୍ପତିଙ୍କୁ ପଚରାଉଚରା କରିବାରୁ ଭୁଲ ନିଷ୍ପତ୍ତି ଯୋଗୁ ସେମାନେ ଶିଶୁକନ୍ୟାକୁ ପରିତ୍ୟକ୍ତ ସ୍ଥାନରେ ଫିଙ୍ଗି ଦେଇ ଆସିଥିବା ସ୍ୱୀକାର କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ତେବେ ଘଟଣା ପ୍ରଘଟ ହେବା ପରେ ଉକ୍ତ ଦମ୍ପତି ଭଡ଼ାଘରେ ତାଲା ପକାଇ କେଉଁଆଡ଼େ ପଳାଇ ଯାଇଥିବା ଜଣାପଡ଼ିଛି।

# ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ଶିକ୍ଷକ ନିଲମ୍ବିତ

**ବାସୁଦେବପୁର, ୫।୧୧ (ନାରାୟଣ ପ୍ରସାଦ ବାରିକ୍)**

ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପରିବର୍ତ୍ତେ ଖରାପ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଉଥିଲେ। ଛାତ୍ରମାନଙ୍କୁ ସିଗାରେଟ୍ ଟାଣିବା ଲାଗି ଶିଖାଉଥିଲେ। ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ମୋବାଇଲରେ ମେସେଜ ପଠାଉଥିଲେ। ଏନେଇ ଅଭିଭାବକଙ୍କ ଅଭିଯୋଗ ପରେ ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୫-ଟି ଅନ୍ତର୍ଭୁକ୍ତ କରଞ୍ଜଆଡ଼ିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି।

ଶନିବାର ଅଭିଭାବକମାନେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଉକ୍ତ ସ୍କୁଲର ଗଣିତ ଶିକ୍ଷକ କଳ୍ପତରୁ ମଳିକ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏପରିକି ମୋବାଇଲରେ ସେମାନଙ୍କ ପାଖକୁ ଅଶ୍ଳୀଳ ମେସେଜ ପଠାଉଛନ୍ତି। ଶିକ୍ଷକଙ୍କ ଏପରି ଆଚରଣ ଓ କାର୍ଯ୍ୟକୁ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏବିଇଓ ତପନ କୁମାର ଦ୍ୱିବେଦୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଥିବା ବିଇଓଙ୍କୁ ରିପୋର୍ଟ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଚିଠି ନଂ. ୫୪୩୩ ତା ୪।୧୧।୨୩ ଲିଖି ବଳରେ ବିଇଓ ଜଗବନ୍ଧୁ ସାହୁ ଶିକ୍ଷକ ମଳିକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏନେଇ କଳ୍ପତରୁଙ୍କ ମତାମତ ମିଳିପାରି ନାହିଁ। ଶିକ୍ଷକ କଳ୍ପତରୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପରେ ତାଙ୍କୁ ନିଲମ୍ବନ କରାଯାଇଥିବା ବିଇଓ ସାହୁ କହିଛନ୍ତି। ପ୍ରକାଶଥାଉ କି, କଳ୍ପତରୁ ପୂର୍ବରୁ ଗତବର୍ଷ ବ୍ଲକର ଅନ୍ୟ ଏକ ସ୍କୁଲରେ ଥିବାବେଳେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଥିଲେ।

# ବିନା ଜିବିରେ ଚାଲିଛି ବେସରକାରୀ ଅନୁଦାନପ୍ରାପ୍ତ କଲେଜ

## ୧୬୫ କଲେଜର ଗଭର୍ନିଂ ବଡି ଗଠନ କରିବାକୁ ନିର୍ଦ୍ଦେଶ

**ଯାଜପୁର, ୫।୧୧ (ହର୍ଷବର୍ଦ୍ଧନ ବେହେରା)**

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (ନନ୍ ଗଭର୍ନମେଣ୍ଟ ଆଡେଡ୍ କଲେଜ) ଗୁଡ଼ିକରେ ଏକାଡେମିକ ଓ ପ୍ରଶାସନିକ ବ୍ୟାପାରରେ ପରିଚାଳନା ପରିଷଦ(ଗଭର୍ନିଂବଡି) ସଭାପତିଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଶିକ୍ଷା (ବେସରକାରୀ କଲେଜଗୁଡ଼ିକର ପ୍ରତିଷ୍ଠା, ସ୍ୱୀକୃତି ଏବଂ ପରିଚାଳନା) ସଂଶୋଧନ ନିୟମ-୨୦୨୦ର ଧାରା ୨୫(୧) ଅନୁଯାୟୀ ଜିଲାପାଳ ସରକାରଙ୍କୁ ତିନି ନାମ ସୁପାରିସ କରିଥାନ୍ତି। ସେଥିରୁ ଜଣେ ଗଭର୍ନିଂ ବଡି(ଜିବି) ସଭାପତି ଭାବେ ମନୋନୀତ ହୋଇଥାନ୍ତି। ଜିବି ସଭାପତି ଜଣକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ସ୍ନାତକଧାରୀ, ଜଣେ ବିଶିଷ୍ଟ ଶିକ୍ଷାବିତ୍ କିମ୍ବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଏବଂ ବୟସ ୪୫ରୁ ୬୭ ବର୍ଷ ହୋଇଥିବା ନିୟମ ରହିଛି। ହେଲେ ବିଡ଼ମ୍ବନା ଯେ, ରାଜ୍ୟର ୧୬୫ କଲେଜ ଏଯାଏ ବିନା ନିୟମିତ ଜିବିରେ ପରିଚାଳିତ ହେଉଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଜିବି ସଭାପତିମାନଙ୍କ ନାମାଙ୍କନ ପାଇଁ ୩ଟି ଯୋଗ୍ୟ ନାମର ପ୍ରସ୍ତାବ ଦାଖଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍ଫ ଫାଇନାନ୍ସିଂ ସ୍କିମ୍ ନାମରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାର ବ୍ୟବସାୟୀକରଣ ଯୋଗୁ ରାଜ୍ୟରେ ବହୁ ପ୍ରତିଷ୍ଠିତ ଘରୋଇ କଲେଜ ଖୋଲିଛି। ଆବଶ୍ୟକ ଭିତ୍ତିଭୂମି ଅଭାବ ସତ୍ତ୍ୱେ କେତେକ କଲେଜକୁ ସ୍ୱୀକୃତି ମିଳିଛି ବୋଲି ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ଏହାସହ ନିୟମିତ ଜିବି ସଭାପତି ନଥିବାରୁ ସଂପୃକ୍ତ କଲେଜଗୁଡ଼ିକରେ ମନମାନି ଓ ଦୁର୍ନୀତି ଚାଲିଥିବା ମତପ୍ରକାଶ ପାଉଛି। ଏହିକ୍ରମରେ ଯାଜପୁର ଜିଲାରେ ୭ କଲେଜ ବିନା ଜିବି ସଭାପତିରେ ଚାଲିଛି। ରିପୋର୍ଟ ଅନୁସାରେ କୃଷ୍ଣପୁର କାଶୀନାଥ ସଂସ୍କୃତ ଡିଗ୍ରୀ କଲେଜ, ମହାବୀରପାଲି ମହାବୀର ସଂସ୍କୃତ ଡିଗ୍ରୀ କଲେଜ, ସାହସପୁର ମୁକ୍ତାଦେବୀ ସଂସ୍କୃତ କଲେଜ, ଚନ୍ଦ୍ରଶେଖରପୁର ପ୍ରଭାକର ସଂସ୍କୃତ ଡିଗ୍ରୀ କଲେଜ, ମୁକୁନ୍ଦପୁର ସପ୍ତରତ୍ନ ସଂସ୍କୃତ ଡିଗ୍ରୀ କଲେଜ, ସୁକିନ୍ଦା ଡିଗ୍ରୀ କଲେଜ ଓ ମୁଗପାଳ ଉପେନ୍ଦ୍ରନାଥ ସାରଦା ଡିଗ୍ରୀ କଲେଜ ରହିଛି। ଏହାବାଦ ଅନୁଗୁଳ ଜିଲାର ୧୩, ବାଲେଶ୍ୱରର ୩, ବରଗଡର ୩, ଭଦ୍ରକର ୨, ବୌଦ୍ଧର ୩, କଟକର ୨୫, ଦେବଗଡର ୯, ଢେଙ୍କାନାଳର ୨୦, ଗଞ୍ଜାମର ୪, କଳାହାଣ୍ଡିର ୨, କେନ୍ଦ୍ରାପଡ଼ାର ୨୮, କେନ୍ଦୁଝରର ୬, ଖୋର୍ଦ୍ଧାର ୧୪, ମାଲକାନଗିରିର ୧, ମୟୂରଭଞ୍ଜର ୬, ନବରଙ୍ଗପୁରର ୩, ନୟାଗଡ଼ର ୩, ପୁରୀର ୫, ସମ୍ବଲପୁରର ୨, ସୋନପୁରର ୪ ଓ ସୁନ୍ଦରଗଡ ଜିଲାର ଗୋଟିଏ କଲେଜରେ ଜିବି ସଭାପତି ନାହାନ୍ତି।

ନିୟମ ଅନୁସାରେ ଜିବି ସଭାପତି ମନୋନୀତ ନ କରି ଏକ ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ଅନିୟମିତତା କରି ୫ଟି ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିବା ୨୦୨୦ରେ ଅଭିଯୋଗ ହୋଇଥିଲା। ଏହିସବୁ କଲେଜରେ ନିୟମିତ ଛାତ୍ରୀଛାତ୍ର ଆସୁ ନ ଥିଲେ ହେଁ କେବଳ ପ୍ରମାଣପତ୍ର ବିକ୍ରି ହେଉଥିବା ନେଇ ଅଭିଯୋଗ ହେବା ପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ(ଆରଡିଇ) ତଥ୍ୟମୂଳକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଓପନିଂ ପରମିଶନ ଲେଟର, ସୋସାଇଟି ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ଜମି ସଂକ୍ରାନ୍ତୀୟ କାଗଜପତ୍ର, ସ୍ଥାୟୀ ମାନ୍ୟତା ପତ୍ର, ସ୍ଥାପନ ପାଇଁ ପରିଚାଳନା କମିଟିର ରେଜ୍ୟୁଲେଶନ, କର୍ମଚାରୀ ନିଯୁକ୍ତି ସିଲେକ୍ସନ ପ୍ରୋସିଡ୍ୟୁୟର, କର୍ମଚାରୀ ଓ ଶିକ୍ଷକ ନିଯୁକ୍ତି ତଥ୍ୟ, ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଟେବୁଲେଶନ ରେଜିଷ୍ଟର କପି, ଉପସ୍ଥାନ ରେଜିଷ୍ଟର, କ୍ୟାଶବୁକ୍, ବ୍ୟାଙ୍କ ବିବରଣୀ, ନିରୀକ୍ଷଣ ରିପୋର୍ଟ, ଅଧ୍ୟକ୍ଷଙ୍କ ନାମ ଏବଂ ସର୍ଭିସ ପର୍ଟିକୁଲାର ଇତ୍ୟାଦି ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କଳେବଳେ କୌଶଳେ ଉକ୍ତ ଅଭିଯୋଗକୁ ଚାପି ଦିଆଯାଇଥିବା ଚର୍ଚ୍ଚା ହେଉଛି। ଏଭଳିସ୍ଥିତିରେ ଅଣ ସରକାରୀ କଲେଜଗୁଡ଼ିକରେ ନିରପେକ୍ଷ ଜିବି ସଭାପତି ମନୋନୟନ ନିହାତି ଆବଶ୍ୟକ ବୋଲି ଶିକ୍ଷାବିତ୍ ମହଲରେ ମତପ୍ରକାଶ ପାଇଛି।







72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୁତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Nimapada 9437030368, Charichak 8018881850, Kakatpur 9776125534, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 7978336450, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159

> ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। **–ଶ୍ରୀମା**

# ସଣ୍ଢୁଆଶି ଆକ୍ରମଣ

ଏକବିଂଶ ଶତାବ୍ଦୀରେ ମଣିଷକୁ ବାଘ ଖାଇଯିବା କଥା ଆଶ୍ଚର୍ଯ୍ୟଜନକ ମନେହୁଏ। ପୃଥିବୀଟା କେତେ ବଡ଼ ଏବଂ ଆମେ ନିଜର ଗୁରୁତ୍ୱକୁ ଅତ୍ୟଧିକ ମାତ୍ରାରେ ବଡ଼ ଭାବି ଚାଲିଛୁ ବୋଲି ବାସ୍ତବତା ଜାଣିପାରୁ ନାହୁଁ। ଆମ ରାଜ୍ୟ ଓଡ଼ିଶାରେ ନଈକୂଳ ବସତିରୁ କେତେବେଳେ କୁମ୍ଭୀର ଆକ୍ରମଣ କରି ମଣିଷକୁ ପାଣି ଭିତରକୁ ଟାଣିନେଇ ମାରିଦେଉଛି ଓ ଅନ୍ୟ କେତେବେଳେ ନୂଆପଡ଼ା ଭଳି ସ୍ଥାନରେ ବାଘର ଶିକାର ହେଉଛି ମଣିଷ। ନୂଆପଡ଼ା ଜିଲାର ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ଗତ ୬ ଦିନ ମଧ୍ୟରେ କଲରାପତରିଆ ବାଘ ଦୁଇଜଣଙ୍କୁ ମାରି ଖାଇଦେଇଛି। ୩୦ ଅକ୍ଟୋବରରେ ଭରୁଆମୁଣ୍ଡି ପଞ୍ଚାୟତ କଟିଙ୍ଗପାଣି ଗାଁର ୭ ବର୍ଷର ବାଳକକୁ ମାରିଥିବା ବାଘ ୪ ନଭେମ୍ବରରେ ସିଲିଆରିବାହାରା ଗାଁରେ ୫୦ ବର୍ଷୀୟା ଜଣେ ମହିଳାଙ୍କୁ ମଧ୍ୟ ମାରି ଖାଇଦେଇଛି। ବନ ବିଭାଗ ଏହାକୁ ସ୍ୱୀକାର କରିଛି। ଗତ ମାର୍ଚ୍ଚରେ ୭୦ ବର୍ଷୀୟା ଜଣେ ମହିଳାଙ୍କୁ ମଧ୍ୟ ବାଘ ଖାଇଦେଇଥିବା ସେତେବେଳେ ହୁରି ପଡ଼ିଥିଲା। ଇତିମଧ୍ୟରେ ସେହି ମଣିଷଖିଆ ବାଘକୁ ଧରାଯାଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଉ ଗୋଟେ କଲରାପତରିଆ ବାଘ ଉକ୍ତ ଅଞ୍ଚଳରେ ୫ ନଭେମ୍ବରରେ ବୁଲୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜନବସତି ଆଡ଼କୁ ବାଘ ମାଡ଼ିଆସିବା ଯୋଗୁ ସମ୍ପୃକ୍ତ ଅଞ୍ଚଳବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି।

ବିଶେଷଜ୍ଞଙ୍କ ମତରେ ବାଘଗୁଡ଼ିକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରିଥାଆନ୍ତି। ଗୋଟେ ଅଣ୍ଡିରା ବାଘ ୩୦ରୁ ୩୫ ବର୍ଗ କିଲୋମିଟର ଅଞ୍ଚଳରେ ବୁଲିଥାଏ। କେବଳ ସଙ୍ଗମ ସମୟରେ ଏହା ମାଈ ବାଘକୁ ତା' ଅଞ୍ଚଳକୁ ପ୍ରବେଶ କରିବା ଲାଗି ଅନୁମତି ଦେଇଥାଏ। ହେଲେ ଦୁଇଟି ଅଣ୍ଡିରା ବାଘ ଗୋଟେ ଅଞ୍ଚଳରେ ଥିବା ଦେଖାଯାଇ ନ ଥାନ୍ତି। କୁହାଯାଏ ବାଘ ଛୁଆ ଅଢ଼େଇ ମାସର ହୋଇଗଲେ ନିଜ ମା'ଠାରୁ ଅଲଗା ହୋଇ ନିଜର ନୂଆ ଅଞ୍ଚଳ ବାଛିଥାଏ। ଦେଖିବାକୁ ଗଲେ ବାଘ ତା' ଇଲାକାରେ ଘୂରି ବୁଲୁଥାଏ ଓ ଜଙ୍ଗଲ ଜନ୍ତୁ ଶିକାର କରେ। ସେମାନଙ୍କ ମଧ୍ୟରୁ କିଛି ହିଂସ୍ର ହୋଇ ମଣିଷକୁ ହାବୁଡ଼ରେ ପାଇଲେ ମାରିଥାଆନ୍ତି। ସାଧାରଣରେ ଅନେକ ବାଘ ଜନବସତିଠାରୁ ଦୂରେଇ ରହିଥାଆନ୍ତି। ବାଘ ମଣିଷକୁ ଖାଇବା ନେଇ ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟରେ ତାମିଲନାଡୁର ଏରିଗ୍‌ନାର ପ୍ରାଣୀଉଦ୍ୟାନ ଭେଟେରିନାରି ସର୍ଜନ ଡକ୍ଟର ଶ୍ରୀଧର କେ. କହିଥିଲେ ଯେ, ବାଘଗୁଡ଼ିକର ଚରିତ୍ର ହେଉଛି ଲୁଚି ପଳାଇବା। କିନ୍ତୁ ଯଦି ସେଗୁଡ଼ିକ ମଧ୍ୟରୁ କିଛି ମଣିଷ ମାରିବା ଆରମ୍ଭ କରିଥାଆନ୍ତି କିମ୍ବା ଜନବସତି ଆଡ଼କୁ ଯାଇଥାଆନ୍ତି, ତାହାର କାରଣ ଅଲଗା ଥାଇପାରେ। ତେବେ ଏହି ପରିପ୍ରେକ୍ଷୀରେ ନୂଆପଡ଼ାର ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ବାଘ ହିଂସ୍ର ହେବା ପଛରେ ସମ୍ଭବତଃ ମଣିଷ ସେମାନଙ୍କ ଇଲାକା ଭିତରକୁ ପ୍ରବେଶ କରିଯାଉଥିବ। ସେହିଭଳି ବାଘର ନିର୍ଦ୍ଦିଷ୍ଟ ଅଞ୍ଚଳ ସଙ୍କୁଚିତ ହୋଇଯାଉଥିବାରୁ ସେ ଜନବସତି ମୁହାଁ ହୋଇ ମଣିଷକୁ ଆକ୍ରମଣ କରୁଛି। ବିଗତ କିଛିବର୍ଷ ହେବ ହାତୀ–ମଣିଷ ଲଢ଼େଇ ସର୍ବୋଚ୍ଚରେ ପହଞ୍ଚିଯାଇଛି। କେଉଁଠାରେ ଶିକାରୀ ହାତୀକୁ ମାରି ତା'ର ଦାନ୍ତ ବିକି ଦେଉଥିବା ବେଳେ ଅନ୍ୟ କେଉଁଠାରେ ହାତୀ ମଣିଷକୁ ଦଳିଦେଉଥିବାର ଖବର ନିୟମିତ ପ୍ରକାଶ ପାଉଛି। ଏହାର ମୁଖ୍ୟ କାରଣ ମଧ୍ୟ ମଣିଷର ଲୋଭ। ଜଙ୍ଗଲ ଅଞ୍ଚଳକୁ ପଦା କରି ସେଠାରେ ମଣିଷ କାରଖାନା କିମ୍ବା ଅନ୍ୟାନ୍ୟ ପ୍ରକଳ୍ପ ଗଢୁଥିବାରୁ ହାତୀ ଇତସ୍ତତଃ ହୋଇ ବିଚରଣ କରୁଛନ୍ତି। ଏହି ବିଷୟକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ ମଧ୍ୟ ମଣିଷ ଲୋଭକୁ ଛାଡ଼ି ନ ପାରି ହାତୀକୁ ବେଘର କରିଚାଲିଛି। ସେହିଭଳି ଭାଲୁ ଭଳି ଜନ୍ତୁ ମଧ୍ୟ ଲୋକଙ୍କ ଘର ଭିତରକୁ ପଶିଆସୁଥିବା ଖବର ଜଙ୍ଗଲ ପାଖ ଅଞ୍ଚଳରୁ ବାରମ୍ବାର ଶୁଣିବାକୁ ମିଳୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ସବୁ ଜଙ୍ଗଲୀ ଜନ୍ତୁ ମଣିଷକୁ ଭୟ କରନ୍ତି ଓ ତା'ଠାରୁ ଦୂରେଇ ରହନ୍ତି। ତେବେ ହାତୀ, ବାଘ, ଭାଲୁ କାହିଁକି ଏବେ ଗାଁ ପାଖକୁ ଆସୁଛନ୍ତି ତାହା ଚିନ୍ତାର ବିଷୟ। ବନ୍ୟଜନ୍ତୁଙ୍କ ଅଞ୍ଚଳ କିଭଳି ସଙ୍କୁଚିତ ନ ହେବ ସେହି ଦିଗରେ ସରକାର କାର୍ଯ୍ୟ କରିବା ଦରକାର। କେବଳ ବନ ବିଭାଗ ଉପରେ ଦାୟିତ୍ୱ ପକାଇଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଖଣି, ଶିଳ୍ପ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ମିଳିତ ଟାସ୍କଫୋର୍ସ ଗଠନ କରାଯାଇ ଏ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଦରକାର। ଏହାର ଅର୍ଥ ନୁହେଁ, କେବଳ ମଣିଷଙ୍କୁ ସୁରକ୍ଷିତ ରଖାଯାଇ ବନ୍ୟଜନ୍ତୁଙ୍କୁ ଲୋପ କରିଦିଆଯିବ। ସନ୍ତୁଳନତା ଧ୍ୱଂସ ପାଇଲେ ମଣିଷ ମଧ୍ୟ ବଞ୍ଚିବ ନାହିଁ। ଏହି ସାଧାରଣ ବିଷୟ ଜାଣିବା ପାଇଁ ବାବା ଭାଙ୍ଗାଙ୍କ ବାଣୀକୁ ଶୁଣିବା ଦରକାର ନାହିଁ। ମଣିଷ ସୁରକ୍ଷିତ ରହିବା ସହିତ ସବୁପ୍ରକାର ପଶୁପକ୍ଷୀଙ୍କ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ଭୁବନେଶ୍ୱର ନିକଟ ଭରତପୁର ଏବଂ ବାଙ୍କୀ–ଡମପଡ଼ା ଅଭୟାରଣ୍ୟକୁ ଯେଉଁଭଳି ଚାରିଆଡୁ ସଣ୍ଢୁଆଶି ଆକ୍ରମଣ କରାଯାଉଛି ତାହା ସମସ୍ତେ ଦେଖୁଛନ୍ତି। ଏହାର ପ୍ରତିକାର ଆଜି ଏବଂ ଏବେ ହେବା ଦରକାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | 9 | | | 5 | |
| | 1 | | | | | | | |
| | | | | | | | | |
| | | | | | | | 2 | 4 |
| 1 | | | 3 | | 6 | 7 | | |
| 7 | | | | 4 | | 9 | | |
| | | 8 | | | 7 | | | |
| | | | 1 | | 9 | | 3 | |
| | 3 | | 8 | | | 2 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 4 | 7 | 9 | 6 | 1 | 3 |
| 7 | 4 | 3 | 6 | 1 | 2 | 5 | 9 | 8 |
| 6 | 1 | 9 | 8 | 3 | 5 | 2 | 7 | 4 |
| 2 | 6 | 8 | 1 | 4 | 7 | 3 | 5 | 9 |
| 4 | 9 | 1 | 5 | 8 | 3 | 7 | 6 | 2 |
| 5 | 3 | 7 | 9 | 2 | 6 | 8 | 4 | 1 |
| 3 | 7 | 4 | 2 | 5 | 1 | 9 | 8 | 6 |
| 1 | 2 | 6 | 7 | 9 | 8 | 4 | 3 | 5 |
| 9 | 8 | 5 | 3 | 6 | 4 | 1 | 2 | 7 |

ଗତକାଲିର ଉତ୍ତର

# ସରକାରକା ମାଲ୍



ନିରଞ୍ଜନ ସାହୁ

ବ୍ୟକ୍ତିଗତ ସମ୍ପତ୍ତିକୁ ବଢ଼େଇବା ପାଇଁ ଆମେ ସମସ୍ତେ ଲାଗିଛନ୍ତି। ତାକୁ ସୁରକ୍ଷା ଦେବା ପାଇଁ କୌଣସି ଟିକିଏ ସମ୍ଭାବନା ବା ସୁଯୋଗକୁ ହାତଛଡ଼ା କରୁନାହାନ୍ତି। ଆଗ କାଳରେ କୁହାଯାଉଥିଲା ଗୋରୁ, ଭୂମି ଓ କନ୍ୟା, ଏସବୁ ଭାଗ୍ୟରେ ଥିଲେ ପ୍ରାପ୍ତହୁଏ। ଏବେ ସେସବୁ କଥା ପୁରୁଣା ହୋଇଗଲାଣି। ଉଦ୍‌ଯୋଗ କଲେ ଲକ୍ଷ୍ମୀଙ୍କର ଆଗମନ ହୁଏ। ଏହା ବେଶ୍ ଭଲ କଥା। ଗୋଟିଏ ଦେଶର ସମ୍ପଦ କହିଲେ ସବୁ ଲୋକଙ୍କ ସାମୂହିକ ସମ୍ପଦ ନୁହେଁ ତ ଆଉ କ'ଣ! ହେଲେ ଆପଣମାନେ ଲକ୍ଷ୍ୟ କରୁଥିବେ ବ୍ୟକ୍ତିଗତ ସମ୍ପତ୍ତି ପାଇଁ ଆମେ ଯେତିକି ଯତ୍ନଶୀଳ, ସର୍ବସାଧାରଣ ସମ୍ପତ୍ତି ପ୍ରତି ସେତିକି ନିସ୍ପୃହ ବା ବୀତସ୍ପୃହ। କଥାରେ ଅଛି Everybody's responsibility is nobody's responsibility। ଅର୍ଥାତ୍ ଆମର ସର୍ବସାଧାରଣ ସମ୍ପତ୍ତି ପରି ଆମର ସାଧାରଣ ଦୃଷ୍ଟିଭଙ୍ଗୀ ଏହିପରି ଉଦାସୀନ।

ବାସ୍ତବରେ ସର୍ବସାଧାରଣ ସମ୍ପତ୍ତି ଲୋକଙ୍କ ସମ୍ପତ୍ତି ବୋଲି ଆପଣ ଯାଉଣୁଆସୁଣୁ ଅନେକ ବୋର୍ଡ ଝୁଲୁଥିବା ଦେଖିଥିବେ, ମାତ୍ର ସେ ସବୁକୁ ଆମେ ଯେତେ ପଢ଼ିଲେ ବି ସେଥିରେ କାହିଁକି ନିଜକୁ ସାମିଲ କରିପାରନ୍ତି ନାହିଁ ଏକଥା କେବେ ଆମେ ନିଜକୁ ପଚାରିଛେ କି? ଆମେସବୁ ଧରିନେଉ ଯେ ସରକାର ହିଁ ସରକାରୀ ଜମି, ରାସ୍ତା, କୋଠାବାଡ଼ି, ପାର୍କ ଆଉ ଯାହାସବୁ ସର୍ବସାଧାରଣ ବ୍ୟବସ୍ଥା ଅଛି ତା'ର ରକ୍ଷଣାବେକ୍ଷଣ କରିବେ। ଆପଣ କେବେ ନିଜକୁ ପଚାରିଛନ୍ତି କି ଆଜି ଯେଉଁଟିକୁ ଆପଣଙ୍କର ବ୍ୟକ୍ତିଗତ ସମ୍ପତ୍ତି ବୋଲି ଆପଣଙ୍କ ପାଖରେ କାଗଜପତ୍ର ଅଛି, କାଲି କୌଣସି ବିଶେଷ ସର୍ବସାଧାରଣ କାମ ପାଇଁ ସରକାର ମଧ୍ୟ ଜମି ଅଧିଗ୍ରହଣ କରି ନେଇଯାଇପାରିବେ। ଆମ ସମ୍ବିଧାନ ନିଜସ୍ୱ ସମ୍ପତ୍ତି ଉପରେ ଆମକୁ ନାଗରିକ ଅଧିକାର ପ୍ରଦାନ କରିନାହିଁ। ଏହା କେବଳ ଏକ ଆଇନଗତ ଅଧିକାର। ଆଉ ଗୋଟିଏ କଥା ହେଲା, ଆମେ ସରକାରଙ୍କୁ ଖୁବ୍ ବେଶି ଗୁରୁତ୍ୱ ଦେଉଛୁ। ସେ ସବୁ କ୍ଷମତାର ଅଧୀଶ୍ୱର ବୋଲି ଗୋଟାଏ ଧାରଣା ସୃଷ୍ଟି ହୋଇଛି। ସଂସ୍କୃତରେ ତ ସରକାରଙ୍କୁ କୁହାଯାଏ– ସର୍ବକାର। ବାସ୍ତବରେ ଆମ ପାଇଁ ଆମର ଦେଶ ବା ରାଷ୍ଟ୍ର ହେଉଛି ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ। ଦେଶ ପରିଚାଳନା କରିବାକୁ ଆମେ ସରକାର ଗଠନ କରିଛେ। ତେଣୁ ସରକାର କଥା ଉଠିଲେ ସିନା ଆମେ ସରକାରଙ୍କ ସପକ୍ଷବାଦୀ କିମ୍ବା ନୁହେଁ, ସେ କଥା ଉଠୁଛି; ମାତ୍ର ଯଦି ଆମେ ଅନୁଭବ କରିବା ଯେ ଯେ ସବୁ ସମ୍ପତ୍ତି ଆମ ଦେଶର ଏପରି କି ଆମେ ସବୁ ମଧ୍ୟ ଦେଶର ସମ୍ପତ୍ତି, ତା'ହେଲେ ହୁଏତ ଆମର ଅବବୋଧରେ ସାମାନ୍ୟ ପରିବର୍ତ୍ତନ ହୋଇପାରନ୍ତା।

ସରକାର କହିଲେ ଆମର ଅନେକ ଲୋକ ନାକ ଟେକନ୍ତି; ମାତ୍ର ସରକାରୀ ଚାକିରି ତାଙ୍କ ପିଲା କିମ୍ବା ବନ୍ଧୁବାନ୍ଧବ ପାଇଲେ ଖୁସି ହୁଅନ୍ତି। ତା'ର କାରଣ ହେଲା ସରକାର ଯେହେତୁ ରାଷ୍ଟ୍ରର ଅନେକ କ୍ଷମତାକୁ ପ୍ରୟୋଗ କରନ୍ତି, କ୍ଷମତାପ୍ରାପ୍ତ ଅଧିକାରୀମାନେ ସେଇ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେହୁଅନ୍ତି। ସରକାରୀ



କର୍ମଚାରୀମାନେ ଲୋକଙ୍କୁ ସାଙ୍ଗରେ ନେଇ କାମ କରିବାକୁ ଇଚ୍ଛୁକ ହୁଅନ୍ତି ନାହିଁ। କ୍ଷମତା ଭାଗଭାଗ କରିବାକୁ କିଏ ବା ଚାହେଁ? ମାତ୍ର ଯେଉଁଦିନ ସରକାରୀ ବାବୁମାନେ ଅନୁଭବ କରନ୍ତେ ରାଜନୈତିକ ହସ୍ତକ୍ଷେପ ବୋଲି କହି ସେମାନେ ଯାହାକୁ ଡରୁଛନ୍ତି ଥରେ ଯଦି ମନ ଭିତରେ ଗ୍ରହଣ କରିଦେବେ ଯେ ରାଜନୈତିକ ସହଯୋଗ ମିଳିଲେ ସେମାନେ ଅଧିକ କାମ କରିପାରିବେ, ସେଦିନ ପରିସ୍ଥିତିର ପରିବର୍ତ୍ତନ ହୋଇପାରନ୍ତା। ସରକାରୀ ସମ୍ପତ୍ତି ଯତ୍ନ ନେବା ତ ଦୂରର କଥା ସେଗୁଡ଼ିକୁ କିପରି ହଡ଼ପ କରାଯାଇପାରିବ, କିପରି ଅଚଳ କରାଯାଇପାରିବ, କିପରି ସେଥିରୁ ବ୍ୟକ୍ତିଗତ ମୁନାଫା କମାଯାଇପାରିବ, ସେ ବିଷୟରେ ଅନେକେ ଆପଣଙ୍କୁ ଜ୍ଞାନ ଦେଇପାରିବେ। କେଉଁଠି ସରକାରୀ କଥା ନିରବଧି ଗୋଦାମର ସିମେଣ୍ଟ ବାବୁଙ୍କ ଅପାରଗତାରୁ ମୁଣ୍ଡା ହୋଇ ବ୍ୟବହାର ଅନୁପଯୋଗୀ ପାଲଟିଯାଏ, କେଉଁଠି ସରକାରୀ ନିର୍ମାଣ ପାଇଁ ରଖାଯାଇଥିବା ଦ୍ରବ୍ୟ ରାତିରେ ଉଭାନ ହୋଇଯାଏ ତା'ର କେତେ ନା କେତେ ଉଦାହରଣ ଆମ ପାଖରେ ଅଛି। ସେଇଥିପାଇଁ କାହିଁ କେତେ ଯୁଗରୁ ଲୋକେ କୁହାକୁହି ହୁଅନ୍ତି 'ସରକାରକା ମାଲ ଦରିଆ ମେ ଡାଲ'। ହିନ୍ଦୀ ଭାଷାରେ କୁହାଯାଇଥିବା ଏଇ କଥାଟି ଆମର ସରକାରୀ ସମ୍ପତ୍ତି ପ୍ରତି ଅନାଗ୍ରହର ଅନେକ କାହାଣୀ ଅବତାରଣା କରେ। ସମୁଦ୍ରରେ ଯେମିତି କିଛି ଜିନିଷ ଫିଙ୍ଗିଦେଲେ କିଛି ଫରକ ପଡ଼େନି, କେତେ ନଦନଦୀ ସମୁଦ୍ରରେ ମିଶି ନିଜର ଅସ୍ତିତ୍ୱ ହରେଇ ଦିଅନ୍ତି। କେତେ ବିଶାଳ ଅନନ୍ତ ଏଇ ସାଗର, ତା' ଭିତରେ କିଏ ବା ଲକ୍ଷ୍ୟ କରୁଛି କ'ଣ ହେଉଛି। ଏଠାରେ କିଛି ଭଲ ଜିନିଷର ଆଦର ନାହିଁ, ଖରାପ କଥା କିଏ ବା ପଚାରୁଛି?

ପ୍ରତି ଗ୍ରାମରେ ଅନେକ ସରକାରୀ ଜମି ରହିଛି। କେଉଁଠି ରାସ୍ତା ପାଇଁ ତ କେଉଁଠି ଚାରଣ ଭୂମି ପାଇଁ ଉଦ୍ଦିଷ୍ଟ, କେଉଁ ଜାଗାରେ ଭବିଷ୍ୟତ ଉନ୍ନୟନ ପାଇଁ ଜମି ସଂରକ୍ଷିତ ହୋଇଛି, କେଉଁଠି ପୁଣି ଗ୍ରାମ୍ୟ ଜଙ୍ଗଲ; ମାତ୍ର ଆଜି ଦିନରେ ସେଗୁଡ଼ିକର ଅବସ୍ଥା କେତେ ଶୋଚନୀୟ ଓ ଦୟନୀୟ ତାହା ଆପଣଙ୍କୁ ଜଣାଅଛି କି? ଜବରଦଖଲ ଏକ ସାଧାରଣ ପ୍ରକ୍ରିୟା ପାଲଟିଯାଇଛି। ଉଚ୍ଛେଦ ପ୍ରକ୍ରିୟା ଏତେ ବିଭ୍ରାନ୍ତିକାରୀ ଓ ସେ ଦାୟିତ୍ୱରେ ଥିବା ଅଫିସରମାନେ ଏତେ ବେଫିକର ନ କହିଲେ ଚଳେ। ଯଦିଓ ରାଜସ୍ୱ ବିଭାଗର ଯେତେ ଦାୟିତ୍ୱ ଅଛି ତା'ର ସର୍ବାଗ୍ରେ ହେଲା ସରକାରୀ ଜମିର ସଂରକ୍ଷଣ। ସର୍ବସାଧାରଣ ଜମି ବହୁ ବର୍ଷ ଜବରଦଖଲ ହେଲା ପରେ ନ୍ୟାୟାଳୟମାନେ ମଧ୍ୟ ବେଳେବେଳେ ୩୦ ବର୍ଷରୁ ଅଧିକ ସମୟ ଧରି ଜବରଦଖଲ ହୋଇଥିଲେ ସେଥିରେ ସ୍ଥାୟୀ ପଟ୍ଟା ଦେବାକୁ ନିର୍ଦ୍ଦେଶ ଦିଅନ୍ତି। ଏହିପରି ଏକ ପ୍ରାଚୀନ ନିୟମ ପାଇଁ ବହୁ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇ ନ ପାରି କୋର୍ଟ କଚେରିରେ ଝୁଲୁଛି।

କିଛିବର୍ଷ ତଳେ ମୁଁ ଗୋଟିଏ ଜାତୀୟ ରାଜପଥରେ ଯାତ୍ରା କରୁଥିଲା ବେଳେ ଏକ ଅଦ୍ଭୁତ ମାଇଲ୍‌ଷ୍ଟୋନ୍ ମୋ ନଜରକୁ ଆସିଲା। ଯେଉଁଥିରେ ଲେଖାଥିଲା ଏଇଠୁ ଅମୁକ ଜିଲାଧୀଶଙ୍କ କ୍ଷମତା ପରିସର ଆରମ୍ଭ ହେଲା। ବଡ଼ ବିଚଳିତ ଲାଗିଲା ସେଇଟିକୁ ଦେଖି। ଯଦି ଆଧୁନିକ ଯୁଗର ସରକାରୀ ବାବୁମାନେ ନିଜକୁ ମଧ୍ୟଯୁଗୀୟ ଜମିଦାର ବୋଲି ଭାବିବେ ସେମାନଙ୍କୁ ସହଯୋଗ କରିବା ପାଇଁ ସାଧାରଣ ଲୋକ ବା ଗୋଷ୍ଠୀ ଆଗେଇ ଆସିବେ ବା କାହିଁକି? କେବଳ ଅଭିମାନ କଲେ ତ ଆମେ ଚଳିବ ନାହିଁ, ଲୋକମାନେ ବୁଝିବା ଦରକାର ଏଇ ସମ୍ପତ୍ତି ସରକାରୀ ସମ୍ପତ୍ତି କହିଲେ ଯଦି ତାହା ଆମ ଭିତରେ ନିଜସ୍ୱ ଭାବ ସୃଷ୍ଟି କରୁନାହିଁ ଏହାକୁ ସର୍ବସାଧାରଣ ସମ୍ପତ୍ତି ବା ଆମ ରାଜ୍ୟ କିମ୍ବା ରାଷ୍ଟ୍ରର ସମ୍ପତ୍ତି ବୋଲି ଭାବିବା। ଆଜିକାଲି କେଉଁଠି ପାଣି ପାଇପ୍‌ଟାଏ ଖୋଲାହୋଇ ପାଣି ବହିଯାଉଛି, ଆମେ ନିର୍କର୍ତ୍ତବ୍ୟ ଭାବରେ ସେଇ ବାଟେ ଚାଲିଯାଉଛୁ, କେଉଁଠି ରାସ୍ତା ଉପରେ ଆବର୍ଜନା କୁଢ଼େଇ ଦେଉଛୁ ଅନାୟାସେ, ରାସ୍ତା କଡ଼ରେ ଆମେ ଘର କରିଛୁ ବୋଲି ସାହି ପିଲାଙ୍କୁ ମତେଇ ସେଇଠି ଦୁଇ ଦୁଇଟା ହିଡ଼ ଭଳି ରମ୍ବଲର ଗଢ଼ି ଦେଉଛୁ ରାତାରାତି। ଯେ ସବୁ ଯଦି ଚାଲୁ ରହେ ଆମେ ହିଁ ତା'ର ପରିଣତି ଭୋଗିବା। ଆଜି ନ ହେଲେ କାଲି। ସହରାଞ୍ଚଳରେ ଜମିର ଦର ଆକାଶଛୁଆଁ ହୋଇ ବଢୁଛି। କିଛି ଲୋକ କୌଶଳରେ ସରକାରୀ ଜମିକୁ କବ୍‌ଜା କରି ସେଥିରେ ଘର ତିଆରି କରି ଭଡ଼ା ଦେଇଛନ୍ତି ବସ୍ତିବାସିନ୍ଦାଙ୍କୁ। ଅନେକେ ନିଜ ଜମିର ଯେତିକି ଅଞ୍ଚଳ ଘର ତିଆରି ପାଇଁ ପ୍ରାଧିକୃତ ତା'ଠାରୁ ବେଶି ଜମି ଆବୋରି ପକାନ୍ତି, ଆଉ ସମୟକ୍ରମେ ଆମର ଉନ୍ନୟନ କର୍ତ୍ତୃପକ୍ଷ ତାକୁ ବୈଧ କରିଦିଅନ୍ତି କିଛି ଜରିମାନାର ଲୋକଦେଖାଣିଆ ବେଭାରରେ। ବେଆଇନ ନିର୍ମାଣକୁ ପରବର୍ତ୍ତୀ ସମୟରେ ବୈଧୀକରଣ ଏକ ଅତ୍ୟନ୍ତ ବିପଜ୍ଜନକ ପ୍ରକ୍ରିୟା। ଏହା ବେଆଇନ ନିର୍ମାଣ କରୁଥିବା ଲୋକଙ୍କୁ ଦୁଃସାହସୀ କରେ। ସେମାନେ ଆଇନକୁ ପରବାୟ ନ କରି ପରବର୍ତ୍ତୀ 'ସର୍ବକ୍ଷମା' ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ସଫଳ ବି ହୁଅନ୍ତି। ଏହା କେତେ ନିନ୍ଦନୀୟ ଭାବନ୍ତୁ। ଆମର ଅନେକ ପ୍ରାକୃତିକ ସମ୍ପଦ ଯେପରି ବନ ସମ୍ପଦ, ଖଣିଜ ସମ୍ପଦ, ଜଳ ସମ୍ପଦ ଠିକ୍ ଭାବରେ ପରିଚାଳନା କରାଯାଉନାହିଁ। ଏଗୁଡ଼ିକ ସବୁଦିନ ଆମ ପାଇଁ ଉପଲବ୍ଧ ହେବ ତା'ର କିଛି ଗ୍ୟାରେଣ୍ଟି ନାହିଁ। ଆଜିଠୁ ସାଧୁ ସାବଧାନ। ନ ହେଲେ ନେଡ଼ିଗୁଡ଼ କହୁଣିକୁ ବହିଗଲେ ଆଉ କିଛି କରିବା ସମ୍ଭବ ହେବନି।

ମୋ: ୯୪୩୮୪୮୨୯୧୧

# ଫସଲ ବିବିଧୀକରଣ



ଡି ଶୁଭମ୍

ସତୁରି ଅଶୀ ଦଶକରେ ଯେପରି ଚାଷ ହେଉଥିଲା, ଏବେ ସେସବୁରେ ପରିବର୍ତ୍ତନ ଆସିଲାଣି। ଆପଣ ଲକ୍ଷ୍ୟକରନ୍ତୁ ଏବେ ଯୁବକମାନେ ବି ଚାଷ ପାଇଁ ଆଗ୍ରହ ପ୍ରକାଶ କଲେଣି। ଷ୍ଟାର୍ଟ ଅପ୍ ନାଁରେ ବିଭିନ୍ନ କୃଷି ଉଦ୍ୟୋଗ ଯୁବକମାନେ ପ୍ରତିଷ୍ଠାକରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ମଧ୍ୟ ଦେଉଛନ୍ତି। ତେବେ କଥା ହେଉଛି ଆଗରୁ ଯେଉଁ ଧାରଣା ଥିଲା ଚାଷ ଏକ ନିମ୍ନମାନର କାର୍ଯ୍ୟ ଏହାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ମୂଳପୋଛ କରିଦେବା ପାଇଁ ମୋ ତରଫରୁ ଅନ୍ତତଃ ଆପଣମାନଙ୍କୁ ଅନୁରୋଧ ରହିବ। ଦ୍ୱିତୀୟରେ ପିଲା ଯଦି ଛୋଟବେଳେ ପାଠ ନ ପଢ଼ି ଦୁଷ୍ଟ ହେଉଛି ତାକୁ ଆକଟ କରନ୍ତୁ, ଏହା ଠିକ୍ ଅଛି କିନ୍ତୁ କଥା ଛଳରେ କୁହନ୍ତୁନି ଯେ– ଆରେ ପାଠ ନ ପଢ଼ିଲେ ଜମିରେ ଚାଷ କରିବୁ, ନ ହେଲେ ଛେଳି ଚରେଇବୁ। କେବଳ ପାଠ ପଢ଼ିଲେ ଯେ ଚାକିରି କରି ସ୍ୱାବଲମ୍ବୀ ହୋଇଯିବ, ଆଉ ସବୁ ଅପାଠୁଆମାନେ ଚାଷ କରନ୍ତି, ଏ କଥାକୁ ବି ମନରୁ ପୋଛିବାକୁ ଅନୁରୋଧ। ଦିନ ଥିଲା, ଯେଉଁଠି ଯୁବକମାନେ ଚାଷ କରିବାକୁ ମଙ୍ଗୁ ନ ଥିଲେ ଆଜି ସେମାନଙ୍କ ଜମିରେ ସବୁଜିମା ଲହଡ଼ି ଭାଙ୍ଗୁଛି। ଉନ୍ନତ କୃଷି ହିଁ ଜୈବବିବିଧତାକୁ ରକ୍ଷାକରେ। ତେବେ ଚାଷକ୍ଷେତ୍ରରେ ଏବେ ବିଭିନ୍ନ ନୂଆ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ ହେଲାଣି। ଏପରିକି ଆଉ ସେ ଅଶୀ ଦଶକର ପ୍ରଣାଳୀ ନ ଆପଣେଇ ସହଜ ଓ କମ୍ ସମୟରେ କିପରି ଚାଷ କରିହେବ ସେ ଦିଗରେ ପ୍ରାଧାନ୍ୟ ଦିଆଯାଉଛି। ଏହା ଭିତରୁ ଏକ ପ୍ରମୁଖ ମାଧ୍ୟମ ହେଉଛି ଫସଲ ବିବିଧୀକରଣ।

ପ୍ରଥମ କଥା ଫସଲ ବିବିଧୀକରଣ କ'ଣ, ଏ କଥାକୁ ଟିକେ ଭଲଭାବେ ବୁଝିବା ଓ ଜାଣିବା ଦରକାର। କାରଣ ଚାଷୀ ଏହାର ଉପକାରିତା ବିଷୟରେ ନ ଜାଣିଲେ ଏ ଦିଗରେ ଆଗକୁ ଯାଇପାରିବେ ନାହିଁ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରାରେ ଅନିଶ୍ଚିତତା ନିହାତି ଭାବେ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ତେଣୁ ଏହାସହ ତାଳ ଦେଇ ଆମକୁ ଉତ୍ପାଦନରେ ବୃଦ୍ଧି ଆଣିବା ଆହ୍ୱାନ। ଫସଲ ବିବିଧୀକରଣ ଏହି ଆହ୍ୱାନ ଭିତରୁ ଅନ୍ୟତମ। ଫସଲ ବିବିଧୀକରଣ ହେଉଛି ଇଣ୍ଟରକ୍ରପ ଆକାରରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାରର ଫସଲ ଚାଷ କରିବାର ଅଭ୍ୟାସ। ଗୋଟିଏ ଫସଲ ଉପରେ ନିର୍ଭର ନ କରି, ଏହାକୁ ପ୍ରମୁଖ ପ୍ରାଧାନ୍ୟ ନ ଦେଇ ଏକାଧିକ ଫସଲ ଚାଷ କରିବାର ମାଧ୍ୟମ ହିଁ ଫସଲ ବିବିଧୀକରଣ। ଏହାଦ୍ୱାରା ସ୍ୱଳ୍ପ ଅର୍ଥକରୀ ଫସଲକୁ ପରିବର୍ତ୍ତନ କରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରେ। ଧାନ ପରେ ଧାନ ନ କରି ଅନ୍ୟ ଫସଲ ଚାଷ କରିବା ଫସଲ ବିବିଧୀକରଣର ଆହ୍ୱାନ। ଏହା କୃଷିକ୍ଷେତ୍ରରେ ଅନିଶ୍ଚିତତା ହ୍ରାସ କରିବା ସହ ପରିବେଶର ବିବିଧତା ଆଣିବାରେ ସାହାଯ୍ୟ କରେ। ଏହାସହ ଫସଲର ବିବିଧତା ମୃତ୍ତିକାର ଉର୍ବରତାକୁ ଉନ୍ନତ କରିଥାଏ, କୀଟନାଶକ ଏବଂ ରୋଗପୋକ ନିୟନ୍ତ୍ରଣ କରିଥାଏ। ଏତଦ୍‌ଭିନ୍ନ ଏହା ଅମଳର ସ୍ଥିରତା, ପୁଷ୍ଟିକର ବିବିଧତା ମଧ୍ୟ ଆଣିଥାଏ। କୃଷିକ୍ଷେତ୍ରରେ ମୃତ୍ତିକାର ଉର୍ବରତା ରକ୍ଷଣାବେକ୍ଷଣ ପାଇଁ ଏକ ପରିବେଶଗତ ବିକଳ୍ପ ଭାବରେ ଏହାକୁ ବିବେଚନା କରାଯାଇପାରେ। ତେଣୁ ଏହା ସୂଚିତ କରେ ଯେ ଫସଲର ବିବିଧୀକରଣ ଗୋଟିଏ ଉପାୟରେ ଉନ୍ନତି କରି ତିନୋଟି ମୁଖ୍ୟ ଦିଗରେ ଉନ୍ନତି ଆଣିଥାଏ; ଉତ୍ପାଦକତା, ଜୀବିକାରେ ସ୍ଥିରତା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ।



ଗ୍ରାମ୍ୟ ଜୀବନ ଆମ ଦେଶର ମୁଖ୍ୟ ପରିମାପକ। ଏହି ଗ୍ରାମ୍ୟ ପରିପାଟୀ ଭିତରେ ମୁଖ୍ୟ ଜୀବନଜୀବିକା ଭାବେ ଲୋକେ କୃଷିକୁ ହିଁ ଗ୍ରହଣ କରିଥାନ୍ତି। ପାଖାପାଖି ୯୩ ପ୍ରତିଶତ କୃଷକଙ୍କ ପାଖରେ ୪ ହେକ୍ଟରରୁ କମ୍ ଜମି ଅଛି ଏବଂ ସେମାନେ ପ୍ରାୟ ୫୫ ପ୍ରତିଶତ ଚାଷଜମିରେ ଚାଷ କରନ୍ତି। ଆମ ଦେଶରେ ବହୁସଂଖ୍ୟକ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରାଯାଏ। ଏହାକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ– ଖାଦ୍ୟଶସ୍ୟ ଫସଲ ଏବଂ ବ୍ୟବସାୟିକ ଫସଲ। ବର୍ଦ୍ଧିତ ଜନସଂଖ୍ୟାକୁ ଯଦି ନଜର ପକାଇବା ତେବେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ଏକ ପ୍ରଥମ ପ୍ରାଥମିକତା ବୋଲି ଗ୍ରହଣ କରିବାକୁ ହେବ। ତେବେ ଏହି ଅଭାବର ଅନୁଭୂତି ହେତୁ ଗତ ୫୦ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳତା ଆମ ନୀତିର ମୂଳଦୁଆ ପାଲଟିଛି।

ଫସଲର ବିବିଧକରଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଭିନ୍ନ ଫସଲ ଉତ୍ପାଦନ କରିବାର ଏକ ନିଆରା ମାଧ୍ୟମ, ଯାହାଦ୍ୱାରା ବିଭିନ୍ନ ଫସଲ ଉପରେ ଉତ୍ପାଦନ ସମ୍ବନ୍ଧୀୟ କାର୍ଯ୍ୟକଳାପ ବିସ୍ତାର ହୋଇପାରିବ ଏବଂ ଫସଲ ଉତ୍ପାଦନ ଓ ଅମଳ କମ୍‌ର ବିପଦ ମଧ୍ୟ ହ୍ରାସ ପାଇବ। ଆମଦାନି ହ୍ରାସ କରିବା ଏକ ପ୍ରମୁଖ ଲକ୍ଷ୍ୟ ହେବା ସହ ଏହାଦ୍ୱାରା ଜମିର ଗୁଣାତ୍ମକ ମାନ ବୃଦ୍ଧି ପାଇଥାଏ। ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟାର ଆଗମନ ସହିତ, ବିଶେଷକରି ଷାଠିଏ ଦଶକର ଶେଷ ତଥା ସତୁରି ଦଶକର ସବୁଜ ବିପ୍ଳବ ସମୟରେ ଫସଲ ଦୃଷ୍ଟିରୁ ବିବିଧ କୃଷି ପାଇଁ କ୍ରମାଗତ ବୃଦ୍ଧି ଘଟିଛି।

ଭାରତୀୟ କୃଷି ବିଭିନ୍ନ କାରଣରୁ ଅଧିକରୁ ଅଧିକ ପ୍ରଭାବିତ ହେଉଛି, ଯେପରିକି ଜଳସେଚନ ସମ୍ପ୍ରସାରଣ, ଗ୍ରାମୀଣ ବଜାରର ଅନୁପ୍ରବେଶ, ସ୍ୱଳ୍ପ ସମୟର ବିକାଶ ଏବଂ ବିସ୍ତାର ଓ ମରୁଡ଼ି ପ୍ରତିରୋଧକ ଫସଲ ପ୍ରଯୁକ୍ତିବିଦ୍ୟା ପ୍ରମୁଖ। କୃଷି ଉଦାରୀକରଣ ଏବଂ ଜଗତୀକରଣ ନୀତି ପରିପ୍ରେକ୍ଷୀରେ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ମଧ୍ୟ ମାଇକ୍ରୋ ଏବଂ ମାକ୍ରୋସ୍ତରରେ ଫସଲ ରଚନା ନିର୍ଣ୍ଣୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ଅବସ୍ଥାରେ ଯେଉଁଠାରେ କୃଷି ଅଭିବୃଦ୍ଧି କ୍ଷେତ୍ର ବିସ୍ତାର ଅପେକ୍ଷା ଉତ୍ପାଦକତାରୁ ଅଧିକ ଫଳାଫଳ ପାଇଥାଏ, ସେଠାରେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ବାଟ ଖୋଲିପାରେ।

ଫସଲ ବିବିଧୀକରଣ ପ୍ରକ୍ରିୟାରେ ଅନୁଭୂତ ବିଭିନ୍ନ ସମସ୍ୟା ଯୋଗୁ ଏହା ଅଧିକରୁ ଅଧିକ ବିନିଯୋଗ ହୋଇପାରୁନାହିଁ। ଯେପରିକି ଦେଶ ସ୍ୱାଧୀନତା ପରଠାରୁ ପନିପରିବା ସମେତ ବ୍ୟବସାୟିକ ଫସଲ ଅଧୀନରେ ଦେଶରେ ଫସଲର ବିବିଧତା ବୃଦ୍ଧିପାଉଛି। ଅବଶ୍ୟ ଗତ ଦଶନ୍ଧିରେ ଏହା ପନିପରିବା ଏବଂ ଫସଲ ଅଧୀନରେ ବୃଦ୍ଧି ହୋଇଥିବା କ୍ଷେତ୍ରକୁ ସୁଦୃଢ଼ କରିପାରିଛି। ଏହାକୁ ବାଦ୍ ଦେଲେ ଚିନି, କପା ଏବଂ ତୈଳବୀଜ ଫସଲ ଭଳି ବ୍ୟବସାୟିକ ଫସଲ ଉପରେ ମଧ୍ୟ କିଛିମାତ୍ରାରେ ବୃଦ୍ଧିପାଇଛି। ତେବେ ଏଥିରେ ଦେଖାଯାଉଥିବା ସମସ୍ୟାକୁ ଯଦି ଲକ୍ଷ୍ୟ କରିବା ତା'ହେଲେ ଉଠିବା ଅଞ୍ଚଳର ୧୧୭ ମିଟର/ହେକ୍ଟର ପ୍ରତି ୬୩–୬୫ ପ୍ରତିଶତ ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏହା ବ୍ୟତୀତ ଜଳଉତ୍ସ ପରି ସମ୍ବଳର ଅତ୍ୟଧିକ ବ୍ୟବହାର, ପରିବେଶ ତଥା କୃଷିର ସ୍ଥାୟିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଉନ୍ନତଧରଣର କ୍ଷମତାଯୁକ୍ତ ମଞ୍ଜିର ଅଭାବ, କୃଷିରେ ଆଧୁନିକୀକରଣ ସହ ଠିକ୍‌ଭାବେ ଭିତ୍ତିଭୂମିର ଅଭାବ, ଅମଳ ପରବର୍ତ୍ତୀ କୃଷି ଉତ୍ପାଦ ପ୍ରସ୍ତୁତ ତଥା ସଠିକ୍ ଜ୍ଞାନ ଏବଂ କୃଷକମାନଙ୍କ ଭିତରେ ସଚେତନତାର ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର,**
**ମୋ–୯୪୩୮୪୬୭୦୭୯**

## ଏଇ ଭାରତରେ

ଫିଲ୍ମରେ ଦେଖିବାକୁ ମିଳିଥାଏ କୁକୁର କିପରି ତା'ର ମାଲିକକୁ ଅପେକ୍ଷା କରି ବସିଥାଏ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେରଳର କୋଝିକୋଡେରେ। ଯେଉଁଠାରେ କୁକୁର ମାଲିକଙ୍କ ମୃତ୍ୟୁ ପରେ ବି ଶବାଗାର ବାହାରେ ଅପେକ୍ଷା କରି ବସିଛି। ବୋଧହୁଏ ସେ ଜାଣିନି ତା' ମାଲିକ ଆଉ ଏହି ଦୁନିଆରେ ନାହାନ୍ତି। କିନ୍ତୁ କାଳେ ମାଲିକ ଶବାଗାରରୁ ଆସିବେ ସେଥିପାଇଁ କୁକୁର ଅପେକ୍ଷା କରି ବସି ରହିଛି। ଏହି କୁକୁର ବିଷୟରେ ସୋସିଆଲ ମିଡିଆରେ ୟୁଜରମାନେ ଅନେକ ପ୍ରତିକ୍ରିୟା ଦେଇଛନ୍ତି। କେହି କେହି ଏହାକୁ ମଣିଷର ସାଥୀ ବୋଲି କହୁଥିବା ବେଳେ ଅନ୍ୟମାନେ ଏହାକୁ ପ୍ରକୃତ ବିଶ୍ୱସ୍ତତା ବୋଲି କହୁଛନ୍ତି । ଚାରିମାସ ଧରି କେରଳର କନ୍ନୁର ଜିଲା ଡାକ୍ତରଖାନାର ଶବାଗାର ବାହାରେ ଏକ କୁକୁର ଅପେକ୍ଷା କରିଛି। ଡାକ୍ତରଖାନା ଅଧିକାରୀମାନେ କୁକୁରର ମାଲିକଙ୍କୁ ଚିହ୍ନଟ କରିବାରେ ଅସମର୍ଥ ହୋଇଛନ୍ତି। ହସ୍ପିଟାଲ କର୍ମଚାରୀ ରାଜେଶ କୁମାର କହିଛନ୍ତି, ପ୍ରଥମ ଦିନରେ ଆମେ କୁକୁର ପ୍ରତି ଧ୍ୟାନ ଦେଇ ନ ଥିଲୁ। କିନ୍ତୁ ପରଦିନ ସେ ସେଠାରେ ଜଗି ବସିଥିଲା। ଯେତେବେଳେ ଆମେ ସ୍ଥାନୀୟ ଲୋକଙ୍କୁ ଏ ବିଷୟରେ ପଚାରିଲୁ, ସେମାନେ କହିଥିଲେ, ଏହି କୁକୁରଟି ଜଣେ ରୋଗୀଙ୍କ ସହିତ ଡାକ୍ତରଖାନାକୁ ଆସିଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିଛି। କୁକୁରଟିକୁ ମୃତଦେହ ନିଆଯାଉଥିବା ରାମ୍ପରେ ବସିଥିବାର ଦେଖିବାକୁ ମିଳୁଛି। କୁକୁରଟି ନିକଟସ୍ଥ ଫିଜିଓଥେରାପି ବିଭାଗ ବିଲ୍ଡିଂକୁ ଯାଉଛି ରାତିରେ ଶବାଗାରକୁ ଫେରିଆସୁଛି। କୁକୁରକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ କନ୍ନୁରରୁ ଜଣେ ମହିଳା ଇଚ୍ଛା ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୬ ନଭେମ୍ବର ୧୯୯୮**

- ରାଜ୍ୟର ବରିଷ୍ଠ ଇଞ୍ଜିନିୟର ଅଖିଳ ଚନ୍ଦ୍ର ମହାନ୍ତ 'ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ' ସମ୍ମାନରେ ସମ୍ମାନିତ।
- କଟକର ମହାନଦୀ ପୋଲ ଉପରୁ ଏକ ଘରୋଇ ବସ୍ ପୋଲ ଭାଙ୍ଗି ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୫୦ରୁ ଊର୍ଦ୍ଧ୍ୱ ମୃତ।

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ତିଆରିଲେ ଲାଜ ଗୋ ଗୋପ ତରୁଣୀ।
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏତେ ଭୂତ ବସ୍ ଚାଲୁଥିଲା କିପରି

ମହାଶୟ,

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରିବହନ ବିଭାଗକୁ ଘରୋଇ ବସ୍ ଚଳାଚଳର ତଥ୍ୟ ହସ୍ତାନ୍ତର ହେବା ଏବଂ ପଞ୍ଜୀକୃତ ଘରୋଇ ବସ୍‌ରେ ଗଡ଼ବଡ଼ ଘଟଣା ସାମ୍ନାକୁ ଆସିବା ପରେ ପରିବହନ ବିଭାଗ ତତ୍ପର ହୋଇଉଠିବା ଘଟଣା ଜନସାଧାରଣଙ୍କୁ ଚକିତ କରିଛି। ବିଶେଷକରି ଚାଲୁଥିବା ଭୂତ ବସ୍‌କୁ ଖୋଜିବା ପାଇଁ ପରିବହନ ବିଭାଗର ଫତୁଆ ଜାରି ପରେ ପ୍ରଶ୍ନ ଉଠେ ଏତେ ପରିମାଣର ଘରୋଇ ବସ୍ ଭୂତ ଆକାରରେ ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ଜାଣିପାରି ନ ଥିଲା କିପରି? ସେହି ବସ୍ ମାଲିକମାନେ ଦୀର୍ଘ ସମୟ ଧରି ଟିକସ ଫାଙ୍କୁଥିଲେ ମଧ୍ୟ ପରିବହନ ବିଭାଗ ଜାଣିପାରିଲା ନାହିଁ କେମିତି? ଏପରିକି ପୁରୁଣା ବସ୍‌ଗୁଡ଼ିକର ପର୍ମିଟ ବାତିଲ କରା ନ ଯିବା ଘଟଣା ଅଧିକ ଚକିତ କରିଛି। ଆଞ୍ଚଳିକ ପରିବହନ ବିଭାଗ ଏବଂ ଏଭଳି ବସ୍ ମାଲିକଙ୍କ ମଧ୍ୟରେ ସଲାସୁତରା କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଚର୍ଚ୍ଚା ହେଉଛି।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନେପାଳକୁ ଜରୁରୀ ସହାୟତା ପଠାଇଲା ଭାରତ**

ନେପାଳର ଭୂକମ୍ପ ବିପନ୍ନଙ୍କ ପାଇଁ ଭାରତ ପ୍ରଥମ ପର୍ଯ୍ୟାୟରେ ରବିବାର ଜରୁରୀ ସହାୟତା ପଠାଇଛି। ଭାରତୀୟ ବାୟୁସେନାର ସି-୧୩୦ ସ୍ୱତନ୍ତ୍ର ବିମାନ ୧୦ କୋଟି ଟଙ୍କାର ରିଲିଫ ସାମଗ୍ରୀ ନେଇ ନେପାଳଗଞ୍ଜରେ ପହଞ୍ଚିଛି। ଏହି ସାମଗ୍ରୀ ମଧ୍ୟରେ ରହିଛି ଟେଣ୍ଟ, କମ୍ବଳ, ତାରପୋଲିନ୍, ଜରୁରୀ ଔଷଧ ଓ ଡାକ୍ତରୀ ଉପକରଣ। ଗତ ଶୁକ୍ରବାର ନେପାଳରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ୧୫୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।



# ବିଶ୍ୱର ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ

## ରାଜଧାନୀ ବାୟୁ ପ୍ରଦୂଷଣ ଡବ୍ଲ୍ୟୁଏଚ୍ଓ ଧାର୍ଯ୍ୟ ସୀମାର ୯୬ ଗୁଣ

ନୂଆଦିଲ୍ଲୀ,୫।୧୧

ଦିଲ୍ଲୀର ବାୟୁ ମାନ ରବିବାର ପୁଣିଥରେ ଅତି ଉତ୍କଟ ସ୍ତରରେ ପହଞ୍ଚିଛି। ଫଳରେ ଜାତୀୟ ରାଜଧାନୀ ଦେଶର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ରାଜଧାନୀର ବିଭିନ୍ନ ଭାଗରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୫୦ରୁ ଅଧିକ ରହିଛି। ୱାଜିରପୁର ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ରବିବାର ମଧ୍ୟାହ୍ନରେ ଏକ୍ୟୁଆଇ ସର୍ବାଧିକ ୮୫୯ ରେକର୍ଡ କରାଯାଇଛି। ଦିଲ୍ଲୀ ଆକାଶକୁ ଧୂଳିକଣା ଓ ଧୂଆଁ ଆଚ୍ଛାଦିତ କରି ରଖିଥିବାରୁ ଖୁବ୍ କମ୍ ଦୂରତା ପର୍ଯ୍ୟନ୍ତ ଦୃଶ୍ୟ ହେଉଛି। ବିଶ୍ୱର ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ ସମେତ କୋଲକାତା ଓ ମୁମ୍ବାଇ ରହିଛି। ଶୀତଦିନ ଆରମ୍ଭ ହୋଇଥିବାରୁ ତାପମାତ୍ରା କମ୍ ସାଙ୍ଗକୁ ବାୟୁ ପ୍ରବାହ ହ୍ରାସ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ଏଭଳି ସ୍ଥିତିରେ ପହଞ୍ଚିଥିବା ଅଧିକାରୀମାନେ କହିଛନ୍ତି। ଏଠାରେ ରହୁଥିବା ୨ କୋଟି ଲୋକଙ୍କ ମଧ୍ୟରୁ ଅଧିକାଂଶ ଆଖି ପୋଡ଼ିବା ଓ ଗଳା କୁଣ୍ଡେଇହେବା ଅଭିଯୋଗ କରିଛନ୍ତି। ଦିଲ୍ଲୀ ବାୟୁ ଘଞ୍ଚ ଧୂସର ହୋଇଯାଇଛି। ଶିଶୁମାନେ କ୍ରମାଗତ କାଶୁଥିବାବେଳେ ପିଲାଙ୍କ ଶ୍ୱାସକ୍ରିୟା




ପ୍ରଖର ହେଉଛି ବୋଲି ଜଣେ ଡାକ୍ତର ସୋସିଆଲ ମିଡିଆରେ ଲେଖିଛନ୍ତି।

ଦିଲ୍ଲୀର ପିଏମ୍୨.୫ ସାନ୍ଦ୍ରତା ସ୍ତର ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ) ଧାର୍ଯ୍ୟ କରିଥିବା ବାୟୁମାନ ଗାଇଡ୍‌ଲାଇନ୍ସ ସୀମାର ୯୬.୨ ଗୁଣ ରହିଛି। ବାୟୁରେ ରହିଥିବା କଣିକା ତତ୍ତ୍ୱ୨.୫(ପିଏମ୍୨.୫) ଅତି ସୂକ୍ଷ୍ମ ଓ ପ୍ରଶ୍ୱାସରେ ନେଇହେବ। ଏହାର ବ୍ୟାସ ହେଉଛି ୨.୫ ମାଇକ୍ରୋମିଟର ବା ତା'ଠୁ କମ୍। ପ୍ରଶ୍ୱାସରେ ଯାଇ ଏହା ରକ୍ତସ୍ରୋତରେ ମିଶିବା ସହ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଦିଲ୍ଲୀ ବାୟୁରେ ଏହି ସ୍ତର ଘନମିଟର ପ୍ରତି ୪୮୧ ମାଇକ୍ରୋଗ୍ରାମ ରହୁଛି। ଏଥିସହିତ ଦିଲ୍ଲୀ ଓ ଏହାର ଆଖପାଖ ସହରରେ ଥିବା ବାୟୁରେ ପିଏମ୍୧୦ ମୁଖ୍ୟ ଦୂଷିତ ପଦାର୍ଥ ଭାବେ ରହିଛି।

ପ୍ରଦୂଷଣ ହ୍ରାସ କରିବା ପାଇଁ ଦିଲ୍ଲୀ କର୍ତ୍ତୃପକ୍ଷ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜଧାନୀରେ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯିବା ସହ ଡିଜେଲ ଟ୍ରକ୍ ଓ ଭାରି ଯାନ ଚଳାଚଳ ସାମୟିକ ଭାବେ ବନ୍ଦ ରହିଛି। ଜନସାଧାରଣଙ୍କୁ ବ୍ୟକ୍ତିଗତ ଗାଡ଼ି ବ୍ୟବହାର ନ କରି ସର୍ବସାଧାରଣ ପରିବହନ ବ୍ୟବସ୍ଥାର ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି। କ୍ରିକେଟ ମ୍ୟାଚ୍ ବେଳେ ବାଣ ଫୁଟାଇବାକୁ ଦିଲ୍ଲୀ, ମୁମ୍ବାଇରେ ଆୟୋଜକମାନେ ବନ୍ଦ ରଖିଛନ୍ତି।

### ୧୦ ଯାଏ ଦିଲ୍ଲୀର ପ୍ରାଥମିକ ସ୍କୁଲ୍ ଛୁଟି

ବାୟୁ ପ୍ରଦୂଷଣର ଉତ୍କଟ ସ୍ଥିତିକୁ ଦେଖି ଦିଲ୍ଲୀ ସରକାର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ପିଲାଙ୍କ ପାଇଁ ଅନ୍‌ଲାଇନ କ୍ଲାସ୍ ବ୍ୟବସ୍ଥା କରାଯାଇଥିବା ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଅତିଶି ଏକ୍ସରେ ପୋଷ୍ଟ କରିଛନ୍ତି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରାଥମିକ ସ୍କୁଲ୍‌କୁ ଶନିବାର ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମହିଳା ଅଫିସରଙ୍କୁ ଘରେ ପଶି ହତ୍ୟା

ବେଙ୍ଗାଲୁରୁ,୫।୧୧: କର୍ଣ୍ଣାଟକ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ମହିଳା ଅଫିସରଙ୍କୁ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ହତ୍ୟା କରିଛନ୍ତି। ଶନିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ପ୍ରତିଭା ନାମ୍ନୀ ଏହି ଅଫିସର ଜଣକ କର୍ଣ୍ଣାଟକର ଖଣି ଓ ଭୂତତ୍ତ୍ୱ ବିଭାଗରେ ଉପନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ। ସୁବ୍ରମନ୍ୟପୋରାସ୍ଥିତ ବାସଭବନରେ ତାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ବେଳେ ସ୍ୱାମୀ ଓ ପୁଅ ଘରେ ନ ଥିଲେ। ପ୍ରତିଭାଙ୍କ ଭାଇ ଶନିବାର ରାତି ଓ ରବିବାର ସକାଳେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ନ ମିଳିବାରୁ କ'ଣ ହୋଇଛି ଜାଣିବା ପାଇଁ ସେ ଭଉଣୀ ଘରେ ପହଞ୍ଚି ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।



### ମହାଦେବ ଆପ୍‌କୁ ବନ୍ଦ କଲା କେନ୍ଦ୍ର

ନୂଆଦିଲ୍ଲୀ, ୫।୧୧: ମହାଦେବ ବୁକ୍ ଅନ୍‌ଲାଇନ ସମେତ ୨୨ଟି ବେଆଇନ ବେଟିଂ ଆପ୍‌କୁ ବ୍ଲକ୍ କରିବା ପାଇଁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି। ଭୂପେଶ ବଘେଲ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ନିକଟରେ ୫.୩୯ କୋଟି ଟଙ୍କା ସହ ଧରାପଡ଼ିଥିବା କ୍ୟାସ୍ କୋରିୟର ଅସିମ ଦାସ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଦେବାକୁ ଉକ୍ତ ଅର୍ଥ ଆଣିଥିବା କହିଥିଲେ। ୟୁଏଇରେ ଥିବା ମହାଦେବ ଆପ୍‌ର ପ୍ରମୋଟର ନିର୍ବାଚନ ଖର୍ଚ୍ଚ ପାଇଁ ବଘେଲଙ୍କୁ ୫୦୮ କୋଟି ଟଙ୍କା ଦେଇଥିବା ସେ ଇ-ମେଲ୍‌ରେ ବୟାନ ଦେଇଥିବା ଇଡି କହିଥିଲା।

### ସୀମାନ୍ତ ଅପରାଧ ରୋକିବାକୁ ଭାରତ-ବାଂଲା ତାରବାଡ଼ରେ ମହୁଫେଣା ଲଗାଉଛି ବିଏସ୍‌ଏଫ୍

**କୋଲକାତା,୫।୧୧:** ବାଂଲାଦେଶ ପାର୍ଶ୍ୱରେ ସୀମାପାର ଅପରାଧ ରୋକିବା ପାଇଁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏକ ଅଭିନବ ପଦକ୍ଷେପ ଆପଣାଇଛି। ଗୋରୁ ଚୋରାଚାଲାଣ ଓ ଅନ୍ୟାନ୍ୟ ଅପରାଧ ଘଟାଇବା ପାଇଁ ଦୁର୍ବୃତ୍ତମାନେ ତାରବାଡ଼ କାଟୁଥିବାରୁ ଏହାକୁ ରୋକିବା ପାଇଁ ସେଠାରେ ଯବାନମାନେ ମହୁଫେଣା ଲଗାଉଛନ୍ତି। ଏହି ମହୁଫେଣାଗୁଡ଼ିକ ସ୍ଥାନୀୟ ଲୋକଙ୍କୁ ଜୀବିକା ମଧ୍ୟ ଯୋଗାଇଦେଇପାରିବ। ବିଏସ୍‌ଏଫ୍‌ର ୩୨ତମ ବାଟାଲିୟନ ପକ୍ଷରୁ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ନଦିଆ ଜିଲାର ସୀମାନ୍ତ ଅଞ୍ଚଳରେ ମହୁଫେଣା ଲଗାଯାଉଛି। ଏହା ସୀମା ସୁରକ୍ଷାରେ ସହାୟକ ହେବା ସହ ଲୋକେ ମହୁଚାଷ କରି ରୋଜଗାର କରିପାରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ୪,୦୯୬ କିଲୋମିଟର ସୀମା ଥିବାବେଳେ ସେଥିରୁ ପଶ୍ଚିମବଙ୍ଗରେ ରହିଛି ୨,୨୧୬ କିଲୋମିଟର।

### ପାଲେଷ୍ଟାଇନ୍ ନେତାଙ୍କୁ ଭେଟିଲେ ବ୍ଲିଙ୍କେନ୍


ଆଣ୍ଟୋନି ବ୍ଲିଙ୍କେନ୍

ରାମାଲ୍ଲା,୫।୧୧

ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ୱେଷ୍ଟବ୍ୟାଙ୍କକୁ ଅଚାନକ ଗସ୍ତ କରି ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବ୍ବାସଙ୍କୁ ଭେଟିଛନ୍ତି। ଯୁଦ୍ଧବେଳେ ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କରେ ହିଂସା ବଢ଼ୁଥିବାରୁ ଏହାକୁ ନେଇ ବିଶ୍ୱବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ବ୍ଲିଙ୍କେନ୍ ଜୋର୍ଡାନ ଓ ଇସ୍ରାଏଲ୍ ଗସ୍ତ କରିଥିବାବେଳେ ସୁରକ୍ଷାଗତ କାରଣରୁ ୱେଷ୍ଟବ୍ୟାଙ୍କ ଗସ୍ତ ସମ୍ପର୍କରେ ଆଗରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଜୋର୍ଡାନର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କୁ ଭେଟିବା ବେଳେ ବ୍ଲିଙ୍କେନ୍ ୱେଷ୍ଟବ୍ୟାଙ୍କରେ ହିଂସା ବୃଦ୍ଧିକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ଓ ଉକ୍ତ ଅଞ୍ଚଳରେ ଶାନ୍ତି ସ୍ଥାପନ ଲାଗି ଆମେରିକା ସମସ୍ତ ସହଯୋଗ କରିବ ବୋଲି କହିଥିଲେ।


ନେପାଳ ଯାଜରକୋଟ୍ ଜିଲାରେ ଭୂକମ୍ପରେ ପୁଅ, ବୋହୂ ଓ ନାତିକୁ ହରାଇଥିବା ଜଣେ ମହିଳା ଭଙ୍ଗା ଘର ନିକଟରେ କାନ୍ଦୁଛନ୍ତି।

### ୭ରେ ମହୁଆଙ୍କ ବିରୋଧରେ ଏଥିକ୍ସ କମିଟି ରିପୋର୍ଟ

ନୂଆଦିଲ୍ଲୀ,୫।୧୧(ପି.ଟି.)

ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ଲୋକ ସଭା ଏଥିକ୍ସ କମିଟି ବୈଠକ ଆସନ୍ତା ୭ ତାରିଖରେ ବସି ଡ୍ରାଫ୍ଟ ରିପୋର୍ଟ ଗୃହୀତ ହେବ। ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତଦନ୍ତ ଶେଷ କରିଛି। ଗତ ୨ ତାରିଖରେ ଏଥିକ୍ସ କମିଟି ବୈଠକ ବସିଥିଲେ ମଧ୍ୟ ସଦସ୍ୟମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ମଙ୍ଗଳବାର ବୈଠକରେ ରିପୋର୍ଟ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

### ମହିଳା ଯବାନଙ୍କୁ ମିଳିବ ମାତୃତ୍ୱ ଛୁଟି

ନୂଆଦିଲ୍ଲୀ,୫।୧୧(ପି.ଟି.)

ମହିଳା ସେନା ଅଫିସରଙ୍କ ଭଳି ତିନି ବାହିନୀର ମହିଳା ଯବାନମାନଙ୍କୁ ମାତୃତ୍ୱ, ଶିଶୁର ଯତ୍ନ ଓ ଶିଶୁ ପୋଷ୍ୟଗ୍ରହଣ ପାଇଁ ଛୁଟି ମିଳିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏଭଳି ଏକ ପ୍ରସ୍ତାବକୁ ରବିବାର ଅନୁମୋଦନ କରିଛନ୍ତି। ସଶସ୍ତ୍ର ବଳରେ ଥିବା ସମସ୍ତ ମହିଳାଙ୍କ ସମାବେଶୀ ଭାଗୀଦାରି ପ୍ରତିରକ୍ଷା ମନ୍ତ୍ରୀ ଚାହାନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ସୈନ୍ୟବାହିନୀରେ ମହିଳାଙ୍କ ପାଇଁ କାର୍ଯ୍ୟ ସ୍ଥିତିରେ ଉନ୍ନତି ହେବାକୁ ଯାଉଛି। ଏହା ସେମାନଙ୍କ ପେସାଦାର ଜୀବନ ଏବଂ ପାରିବାରିକ ଜୀବନ ମଧ୍ୟରେ ଉତ୍ତମ ସମନ୍ୱୟ ଆଣିପାରିବ। ସେନାରେ ସମସ୍ତଙ୍କୁ ସମାନ ସୁବିଧା ମିଳିବ। ପୂର୍ବ ବ୍ୟବସ୍ଥା ଅନୁଯାୟୀ କେବଳ ମହିଳା ସେନା ଅଫିସରମାନଙ୍କୁ ଦୁଇଟି ଶିଶୁ ଜନ୍ମ ପର୍ଯ୍ୟନ୍ତ ପ୍ରତିଥର ୧୮୦ ଦିନ ସବୈତନିକ ମାତୃତ୍ୱ ଛୁଟି ମିଳିଆସୁଛି। ଏଥିସହିତ ମୋଟ ସେବା କ୍ୟାରିୟର ମଧ୍ୟରେ ସେମାନଙ୍କୁ ପିଲାର ଯତ୍ନ ନେବା ପାଇଁ ୩୬୦ ଦିନ ଛୁଟି ମିଳୁଛି। ସେହିପରି କୌଣସି ମହିଳା ଅଫିସର ଶିଶୁ ପୋଷ୍ୟଗ୍ରହଣ କରୁଥିଲେ, ତାଙ୍କୁ ୧୮୦ ଦିନ ଛୁଟି ପ୍ରଦାନର ବ୍ୟବସ୍ଥା ରହିଛି।

#### ପ୍ରସ୍ତାବକୁ ରାଜନାଥଙ୍କ ଅନୁମୋଦନ

### କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହତ୍ୟା: ପ୍ରମାଣ ମାଗିଲା ଭାରତ

ନୂଆଦିଲ୍ଲୀ,୫।୧୧

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାକାଣ୍ଡରେ ନୂଆଦିଲ୍ଲୀର ସମ୍ପୃକ୍ତି ଥିବା ପ୍ରମାଣ ଦେବାକୁ କାନାଡାରେ ଭାରତର ଉଚ୍ଚାୟୁକ୍ତ ସଞ୍ଜୟ କୁମାର ବର୍ମା ଓଟ୍ଟାୱାକୁ କହିଛନ୍ତି। କାନାଡାସ୍ ଗ୍ଲୋବ୍ ଆଣ୍ଡ ମେଲ୍ ଖବରକାଗଜକୁ ଏକ ସାକ୍ଷାତକାର ଦେଇ ବର୍ମା କହିଛନ୍ତି, କାନାଡା ହତ୍ୟା ମାମଲାର ତଦନ୍ତରେ ଜାଲିଆତି କରିଥିବା ସେଠାର ଉଚ୍ଚସ୍ତରୀୟ ଅଧିକାରୀ ସର୍ବସାଧାରଣରେ ବିବୃତି ଦେଉଛନ୍ତି। ଯଦି ହତ୍ୟାରେ ଭାରତ ସମ୍ପୃକ୍ତ ତେବେ ପ୍ରମାଣ କାହିଁ? ତଦନ୍ତର ନିଷ୍କର୍ଷ କେଉଁଠି ବୋଲି ବର୍ମା ପ୍ରଶ୍ନ କରିଛନ୍ତି। ଗତ ଜୁଲାଇରେ କାନାଡାର ସୁରି ସହରରେ ଆତଙ୍କବାଦୀ ନିଜ୍ଜରଙ୍କୁ ହତ୍ୟା ଘଟଣାରେ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ


ହରଦୀପ୍ ସିଂ ନିଜ୍ଜର

ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସେପ୍ଟେମ୍ବରରେ ଅଭିଯୋଗ ଆଣିବା ପରେ ଭାରତ-କାନାଡା ସମ୍ପର୍କ ଖରାପ ହୋଇଥିଲା। ଅଭିଯୋଗକୁ ଭିତ୍ତିହୀନ ଓ ମନଗଢ଼ା କହି ନୂଆଦିଲ୍ଲୀ ଏହାକୁ ଖଣ୍ଡନ କରିଆସିଛି। ଦୃଢ଼ ପ୍ରତିବାଦ ସତ୍ତ୍ୱେ କାନାଡା ଏପର୍ଯ୍ୟନ୍ତ ହତ୍ୟାରେ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ଥିବା ନେଇ କୌଣସି ନିର୍ଦ୍ଦିଷ୍ଟ କିମ୍ବା ଆନୁଷଙ୍ଗିକ ତଥ୍ୟ ଦେଇପାରିନାହିଁ।

### ବଢ଼ିବ ଆତଙ୍କବାଦୀ ଆକ୍ରମଣ, ଭୟଙ୍କର ହେବ ପାଗ

ନୂଆଦିଲ୍ଲୀ,୫।୧୧

ପ୍ରଖ୍ୟାତ ଭବିଷ୍ୟବକ୍ତା ବୁଲ୍‌ଗେରିଆର ସନ୍ଥ ବାବା ଭାଙ୍ଗା ୨୦୨୪ ବର୍ଷ ପାଇଁ ଭବିଷ୍ୟବାଣୀ କରିଯାଇଛନ୍ତି। ଆସନ୍ତାବର୍ଷ ଆତଙ୍କବାଦୀ ଆକ୍ରମଣ ବଢ଼ିବା ସହ ପାଗ ଭୟଙ୍କର ହେବ ବୋଲି ସେ କହିଛନ୍ତି। ୧୯୯୬ରେ ପ୍ରାଣ ହରାଇଥିବା ଏହି ରହସ୍ୟମୟ ବାବା ତାଙ୍କ ମୃତ୍ୟୁର ପରବର୍ତ୍ତୀ ବହୁବର୍ଷ ପର୍ଯ୍ୟନ୍ତ କ'ଣ ଘଟିବ ତା'ର ପୂର୍ବାନୁମାନ କରିଯାଇଛନ୍ତି। ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଛି। ଭବିଷ୍ୟତରେ କ'ଣ ସବୁ ଘଟିବ, ତାହା ସେ ବହୁ ପୂର୍ବରୁ କହିଥିଲେ। ବାଲକାନ୍ସର ନୋଷ୍ଟ୍ରାଡମସ୍ ଭାବେ ପରିଚିତ ବାବା ଭାଙ୍ଗା ୯/୧୧



ଆତଙ୍କବାଦୀ ଆକ୍ରମଣ, ପ୍ରିନ୍ସ ଡାଏନାଙ୍କ ମୃତ୍ୟୁ, ଚେନୋବିଲ୍ ବିପର୍ଯ୍ୟୟ ଏବଂ ବ୍ରେକ୍‌ଜିଟ୍ ସମ୍ପର୍କରେ ପୂର୍ବରୁ ସୂଚନା ଦେଇଥିଲେ ବୋଲି କୁହାଯାଏ।

ବାବା ଭାଙ୍ଗା ୨୦୨୪ ବର୍ଷ ପାଇଁ ୭ଟି ଭବିଷ୍ୟବାଣୀ କରିଛନ୍ତି। ଆସନ୍ତାବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ତାଙ୍କ ନିଜ ଦେଶର ଜଣେ ବ୍ୟକ୍ତି ହତ୍ୟା କରିବ ବୋଲି ଏଥିରେ ଉଲ୍ଲେଖ ରହିଛି। ୟୁରୋପରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇବ ଏବଂ ଏକ ବଡ଼ ଦେଶ ଜୈବିକ ଅସ୍ତ୍ର ପରୀକ୍ଷା କରିବ କିମ୍ବା ଏଥିରେ ଆକ୍ରମଣ କରିବ। ତୃତୀୟରେ ଆସନ୍ତାବର୍ଷ ଗୁରୁତର ଆର୍ଥିକ ସଙ୍କଟ ଦେଖାଦେବ ଏବଂ ଏହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ। ଋଣ ସ୍ତର ବୃଦ୍ଧି ଏବଂ ଭୂରାଜନୈତିକ ଉତ୍ତେଜନା ଯୋଗୁ ଏଭଳି ସ୍ଥିତି ଉପୁଜିବ ବୋଲି ବାବା ଭବିଷ୍ୟବାଣୀ କରିଯାଇଛନ୍ତି। ଆସନ୍ତାବର୍ଷ ଭୟଙ୍କର ପାଗ ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ ହେବ। ସାଇବର ଆକ୍ରମଣ ବୃଦ୍ଧି ପାଇବ। ହ୍ୟାକରମାନେ ବିଦ୍ୟୁତ୍ ଗ୍ରୀଡ୍, ଜଳ ପରିଚାଳନା ପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଟାର୍ଗେଟ କରିବେ ଓ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବେ। ୨୦୨୪ରେ ଆଲଜିମର ଏବଂ କ୍ୟାନ୍ସର ଚିକିତ୍ସାର ନୂଆ ପଦ୍ଧତି ବାହାରିବ। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ବଡ଼ ପରିବର୍ତ୍ତନ ଆସିବ ବୋଲି ଭବିଷ୍ୟବାଣୀରେ କୁହାଯାଇଛି। ସୂଚନାଯୋଗ୍ୟ, ୧୯୧୧ରେ ବାବା ଭାଙ୍ଗାଙ୍କ ଜନ୍ମ। ୧୨ ବର୍ଷ ବୟସରେ ଏକ ଝଡ଼ ଯୋଗୁ ରହସ୍ୟଜନକ ଭାବେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯାଇଥିଲା। କିଛିଦିନ ପରେ ପରିବାର ଲୋକେ ତାଙ୍କୁ ଖୋଜି ପାଇଥିଲେ।

#### ୨୦୨୪ ପାଇଁ ବାବା ଭାଙ୍ଗାଙ୍କ ଭବିଷ୍ୟବାଣୀ

## ଫୁର୍‌ସତ୍



### ବାନ୍ଧବୀଙ୍କୁ ବିବାହ କରିବେ ରଣଦୀପ ହୁଡା

**ମୁମ୍ବାଇ:** ବଲିଉଡ ଅଭିନେତା ରଣଦୀପ ହୁଡା ତାଙ୍କ ଦୀର୍ଘଦିନର ବାନ୍ଧବୀ ଲିନ ଲୈଶ୍ରାମଙ୍କୁ ଖୁବଶୀଘ୍ର ବିବାହ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଖବର ଅନୁଯାୟୀ ଚଳିତ ମାସ ଶେଷରେ ରଣଦୀପ ବିବାହ କରିବେ। ବିବାହ ପରେ ହିଁ ସେ ଏହାର ଅଫିସିଆଲ ଘୋଷଣା କରିବେ ବୋଲି ଅଭିନେତା କହିଛନ୍ତି। କିଛି ଦିନ ପୂର୍ବରୁ ରଣଦୀପ ପ୍ରେମିକାଙ୍କ ସହ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଥିଲେ। ସେ ଲିନଙ୍କ ଜନ୍ମଦିନରେ ଏକ ପ୍ରେମ ଭରା ପୋଷ୍ଟ ଶେୟାର କରି ସମ୍ପର୍କକୁ ନିଶ୍ଚିତ କରିଥିଲେ। ଗର୍ଲଫ୍ରେଣ୍ଡଙ୍କ ଘର ମଣିପୁର। ସେ ମଡେଲିଂ ସହିତ ଅଭିନୟ ମଧ୍ୟ କରନ୍ତି। ରଣଦୀପଙ୍କଠାରୁ ସେ ପ୍ରାୟ ୧୦ ବର୍ଷ ସାନ।

### ନିର୍ମାଣର ଘଣ୍ଟାଏ ପରେ ରାସ୍ତା ଉଭାନ୍



ପାଟନା

ସାଧାରଣତଃ ଚୋରମାନେ ଟଙ୍କା, ସୁନା ରୁପା କିମ୍ବା ଦାବି ଜିନିଷ ଚୋରି କରିଥାନ୍ତି। ଧରା ନ ପଡ଼ିବା ପାଇଁ ଚୋର ବେଶ୍ ଚତୁରତାର ସହ ଚୋରି କରିଥାଏ। ହେଲେ ନିର୍ମାଣ ସରିବାର ଘଣ୍ଟାଏ ନ ପୂରୁଣୁ ଏକ ଢଳେଇ ରାସ୍ତା ସମ୍ପୂର୍ଣ୍ଣ ଚୋରି ହୋଇଯିବା କଥା ଶୁଣିଲେ ଯେକେହି ବିସ୍ମିତ ହେବେ। ଏବେ ଗ୍ରାମବାସୀ ପୂରା ରାସ୍ତାକୁ ଚୋରି କରି ନେଇଯାଇଥିବା ଘଟଣା ସାମ୍ନାକୁ ଆସିଛି। କାରଣ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ମୁଣ୍ଡରେ ହାତ ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ବିହାରର ଜହାନାବାଦର ମଖଦୁମପୁରର ଔଦାନ ବିଘା ଗାଁରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୁଯାୟୀ ଏକ ରାସ୍ତା ନିର୍ମାଣ ହେବାର ଥିଲା। ଅନୁମତି ମିଳିବା ପରେ ଗ୍ରାମରେ କଂକ୍ରିଟ ସଡ଼କ କାମ ଆରମ୍ଭ ହୋଇଥିଲା। ଠିକାଦାର ମଧ୍ୟ ଉପସ୍ଥିତ ରହି ରାସ୍ତାକାମ ତଦାରଖ କରିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଠିକାଦାର ଏବଂ ମଜୁରିଆ ଚାଲିଯାଇଥିଲେ। ଏହା ପରେ ଆରମ୍ଭ ହୋଇଯାଇଥିଲା ଚୋରି। ଭାଇରାଲ ଭିଡିଓରୁ ଜଣାପଡୁଛି ଯେ, ଗ୍ରାମବାସୀମାନେ ପ୍ରଥମେ ପାଣି ପକାଇ କଂକ୍ରିଟକୁ ଓଦା କରିଥିଲେ। ପରେ ଘରୁ କୁଣ୍ଡ, ବାସନ ଆଣି ବୁହାଇ ନେଇଯାଇଥିଲେ। କିଛି ସମୟ ପରେ ରାସ୍ତା ଉପରୁ ସବୁତକ କଂକ୍ରିଟ ଉଠିଯାଇଥିଲା। ଦୁଇଘଣ୍ଟା ପରେ ଠିକାଦାର ସେଠାକୁ ଫେରିବା ପରେ ଯାହା ଦେଖିଲେ ତାଙ୍କ ହୋସ୍ ଉଡ଼ିଯାଇଥିଲା। ଯେଉଁ ରାସ୍ତାକୁ ନିର୍ମାଣ କରି ଯାଇଥିଲେ ତାହା ନ ଥିବା ଦେଖି ସେ ବିଶ୍ୱାସ କରିପାରୁ ନ ଥିଲେ। ରାସ୍ତାକୁ ଚୋରି କରିବାର ଏହି ଭିଡିଓ ସୋସିଆଲ ମିଡିଆର ଭିନ୍ନ ଭିନ୍ନ ପ୍ଲାଟଫର୍ମରେ ଶେୟାର କରାଯାଇଛି। ଏଥିରେ ଲୋକେ ମଜାଦାର ପ୍ରତିକ୍ରିୟା ଦେଉଛନ୍ତି।

### ଅନ୍‌ଲାଇନରେ ମିଲ୍କଶେକ୍ ବଦଳରେ ଆସିଲା ପରିସ୍ରା

**ଆ**ଜିକାଲି ମାର୍କେଟ ଯିବା ପରିବର୍ତ୍ତେ ଲୋକେ ଘରେ ବସି ଅନଲାଇନ୍‌ରେ ଜିନିଷ ଅର୍ଡର କରିବାକୁ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ବେଳେବେଳେ ଅନ୍‌ଲାଇନ୍‌ରେ ଜିନିଷ ଭଲ ପଡୁଥିବାବେଳେ ଆଉ କେତେକ ସମୟରେ ଖରାପ ପଡିଥାଏ। ନିକଟରେ ଅନ୍‌ଲାଇନ ଅର୍ଡର କରି ଫସିଯାଇଛନ୍ତି ଜଣେ ଯୁବକ। କାଲେବ ଉଡ୍ସ ନାମକ ଏହି ଯୁବକ ଜଣଙ୍କ ଫୁଡ୍ ଆପ୍ ଜରିଆରେ ମିଲ୍କଶେକ୍ ଅର୍ଡର କରିଥିଲେ, କିନ୍ତୁ ତାଙ୍କୁ ଏକ ପରିସ୍ରା ଡବା ମିଳିଥିବା ସେ ଅଭିଯୋଗ କରିଛନ୍ତି। ସେ ବହୁତ ଉତ୍ସୁକତାର ସହ ପାର୍ଶଲ ଖୋଲିଥିଲେ। ପାର୍ଶଲ ଖୋଲିବା ମାତ୍ରେ ସେ ଷ୍ଟ୍ର ଲଗାଇ ପିଇବାକୁ ଲାଗିଥିଲେ। ପରେ ଜାଣିବାକୁ ପାଇଥିଲେ, ସେ ଯାହା ପିଉଛନ୍ତି ତାହା ମିଲ୍କଶେକ୍ ନୁହେଁ, ପରିସ୍ରା ଥିଲା। ଏହାପରେ ସେ ତୁରନ୍ତ ଡେଲିଭରି ସଂସ୍ଥାକୁ ଫୋନ କରିଥିଲେ। ପରେ ଡେଲିଭରି ବୟ ନିଜ ଦୋଷ ମାନି କହିଥିଲେ, ବ୍ୟବସ୍ତବହୁଳ ସମୟରେ ସେ ଯେଉଁ ଡବାରେ ପରିସ୍ରା କରି ରଖିଥିଲେ ତାହା ଭୁଲ୍‌ରେ ସେ ଡେଲିଭରି କରି ଦେଇଛନ୍ତି। କାଲେବ ତୁରନ୍ତ ଏନେଇ କମ୍ପାନୀକୁ ସୂଚନା ଦେଇଥିଲେ। ଏହି ଘଟଣାରେ କମ୍ପାନୀ ସମ୍ପୃକ୍ତ ଡେଲିଭରି ବୟଙ୍କୁ କାର୍ଯ୍ୟରୁ ହଟାଇଛି।

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, BHAWANIPATNA
E-mail Id:liftirrigation_bpt@yahoo.in
**"E" Procurement Notice**
BID IDENTIFICATION NO. OLIC-BPT-03/2023-24, Dt.04.11.2023

**No.CAD-2712:** The Executive Engineer, Lift Irrigation Division, Bhawanipatna on behalf of OLIC invites percentage rate bids in single cover system to be received in Online Mode only for the work Installation and Energisation of New & Revival LIPs under different Blocks in Kalahandi District as detailed in the table below. The bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/ M.E.S./ Railways/ C.P.W.D. for execution of Civil Works with valid Electrical (H.T.) License issued by ELBO Odisha through Online in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this online tender process after necessary portal enrolment but shall have to subsequently undergo registration with appropriate authority of the State.
1. Name of the Works: Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos. of Package:-86. 3. Approximate Estimated Cost:- Rs.11.16 Lakhs to Rs.110.65 Lakhs. 4. Class of Contractor:- As mentioned against each package. 5. Period of Completion:- 90 days for all projects from the date of issue of work order. 6. Other details as follows:

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Bhawanipatna | OLIC-BPT-03/2023-24 | 10.11.2023 at 11.00 Hrs. | 23.11.2023 at 17.00 Hrs. | 20.11.2023 at 17.00 Hrs. | 24.11.2023 at 11.00 Hrs. |

(5% GST (CGST 2.5% & SGST 2.5%) on the paper cost should be deposited in the GSTIN No.21AAACO5986G1ZF in Legal Name/ Trade Name: Odisha Lift Irrigation Corporation Ltd. through e-challan).
• Details can be seen from the Website www.tendersodisha.gov.in.• Any Corrigendum/ Addendum will be displayed in the above website only.
OIPR-32148/11/0006/2324
Sd./-EXECUTIVE ENGINEER, L.I.DIVISION, BHAWANIPATNA

## ସଂକ୍ଷେପରେ

### ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି, ଟେକ୍ନିସିଆନ ଗିରଫ

ଭୁବନେଶ୍ୱର,୫।୧୧(ସୂର୍ଯ୍ୟକାନ୍ତ ବେହେରା): ଏକ ଟେଲିକମ କମ୍ପାନୀର ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଟିକ୍ନିସିଆନଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ବିଜୟ ଚନ୍ଦ୍ର ପାତ୍ରୀ। ତାଙ୍କଠାରୁ ୫ଟି ବ୍ୟାଟେରି ଜବତ ହୋଇଛି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ଭିଆଇପି କଲୋନୀସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନରେ ଉକ୍ତ କମ୍ପାନୀର ଏକ ଟାୱାର ବସିଛି। ଅଭିଯୁକ୍ତ ବିଜୟ ଉକ୍ତ ଟେଲିକମ୍ କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରନ୍ତି। ହେଲେ କୌଣସି କାମରେ ଟାୱାର ଯାଞ୍ଚ କରିବାକୁ ଯାଇ ବିଜୟ ସେଥିରୁ ୨୪ଟି ବ୍ୟାଟେରି ଚୋରି କରି ନେଇଥିଲେ। କୌଣସି ତ୍ରୁଟି ଦେଖାଇବାରୁ ଉକ୍ତ କମ୍ପାନୀର ଆଉଜଣେ କର୍ମଚାରୀ ଯାଞ୍ଚ ବେଳେ ବ୍ୟାଟେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

### ପୁରୀ ସହରରେ ଯୁବକଙ୍କୁ ଛୁରାମାଡ଼

ପୁରୀ, ୫।୧୧(ଅଜିତ୍ ମହାନ୍ତି): ସମୁଦ୍ରକୂଳ ଥାନା ଅର୍ନ୍ତଗତ ସରକାରୀ ଆଇଟିଆଇ ନିକଟରେ ରବିବାର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛୁରାମାଡ଼ରେ ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ପୁରୀ ପିକେଆର୍‌ଟି କଲୋନୀର ଶିବ ପ୍ରସାଦ ଶତପଥୀ(୪୬)। କମେଣ୍ଟମରାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଆହତଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ଘଟାଇଥିବା ଯୁବକ ଜଣଙ୍କୁ ପୋଲିସ ସମୁଦ୍ରକୂଳ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବଢୁଛି ମାଙ୍କଡ଼ା, ବଉଳମାଳା ପଥର ଚୋରାଚାଲାଣ

ଖୋର୍ଦ୍ଧା,୫।୧୧ (ପ୍ରଭାତ ପାଣିଗ୍ରାହୀ) ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ପାହାଡ଼ ଖନନ ସହ ମାଙ୍କଡ଼ା ଓ ବଉଳମାଳା ପଥର ଚୋରାଚାଲାଣ ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ହେବା ସହ ଜରିମାନା ଆଦାୟ କରାଯାଉଛି। ତଥାପି ଦୈନିକ ବିଳମ୍ବିତ ରାତିରେ ଟ୍ରକ୍, ହାଇୱାରେ ପଥର ଚୋରାଚାଲାଣ ହେଉଛି। ତେବେ ପ୍ରଶାସନ ଓ ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ପଥରଚାଲାଣ ହେଉଥିବା ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଉର୍ଦ୍ଧ୍ୱ ପଥର ଖଣି ରହିଛି। ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ ଅଞ୍ଚଳରେ ୧୩ଟି ପଥର ଖଣିକୁ ନିଲାମ ସହ ବ୍ଲାଷ୍ଟିଂ ପାଇଁ ଅନୁମିତି ମିଳିଥିବା ବେଳେ ୮୦ରୁ ଉର୍ଦ୍ଧ୍ୱ କ୍ରସର ୟୁନିଟକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଅନ୍ୟପଟେ ଏନ୍‌ଜିଟିର ଛାଟ ସତ୍ତ୍ୱେ କାଇପଦର, ନିଜିଗଡ ତାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ସହର ତଳି ଅଞ୍ଚଳ ଏବଂ ବୋଲଗଡ ଓ ବେଗୁନିଆ ଆଦି ଅଞ୍ଚଳରୁ ମାଙ୍କଡା ପଥର ଚାଲାଣ ହେଉଛି। ଚୋରାଚାଲାଣ ରୋକିବା ଲାଗି ପ୍ରଶାସନିକ ସ୍ତରରେ ପୋଲିସ ଏବଂ ରାଜସ୍ୱ ଅଧିକାରୀଙ୍କୁ ନେଇ ମିଳିତ ଟ୍ରାକ୍ସ ଫୋର୍ସ ଗଠନ କରାଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ସ୍ଥାନୀୟ ପ୍ରତିନିଧି, ଉପଜିଲାପାଳ, ସମସ୍ତ ତହସିଲଦାର, ପୋଲିସ ସହ ବୈଠକ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ, ରାଜସ୍ୱ ଏବଂ ପୋଲିସକୁ ନେଇ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳଙ୍କ ଅଧୀନରେ ଟାକ୍ସ ଫୋର୍ସ ଗଠନ ହୋଇଛି। ଏହି ଟିମ୍ ଅଚାନକଭାବେ ଖଣିରେ ଚଢ଼ାଉ କରି ଏନ୍‌ଜିଟି ଓ ପରିବେଶ, ପ୍ରଦୂଷଣ ବୋର୍ଡ ଗାଇଡଲାଇନ ପାଳନ କରାଯାଉଛି କି ନାହିଁ, କେତେ ପରିମାଣ ଖନନ କରାଯାଉଛି, ତାହାର ତଦାରଖ କରିବେ। ତେବେ ଜରିମାନା ଆଦାୟରେ ଏହା ସୀମିତ ରହିଛି। ଫଳରେ ମାଫିଆମାନେ ଅନୁମତି ଠାରୁ ବହୁ ପଥର ଖନନ, ବ୍ଲାଷ୍ଟିଂ ଜାରି ରଖିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଚୋରାଚାଲାଣ ରୋକିବା ଲାଗି ଚଢ଼ାଉ ଜାରି ରହିଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆବର୍ଜନା ଗଦାରୁ ଅଜଣା ରୋଗର ଭୟ





ସୈନିକ ସ୍କୁଲ୍ ଟିଟିଏସ୍‌ରେ ଆବର୍ଜନା ଗଦା (ଉପର)। ଆକାଶମାର୍ଗରୁ ଟିଟିଏସ୍‌ର ଦୃଶ୍ୟ।

ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟ ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ)ରେ ଅଳିଆର ପାହାଡ଼ ଜମା ହୋଇଛି। ଦିନେ ଅସ୍ଥାୟୀ ଭାବେ ଆବର୍ଜନା ପଡିବା ପାଇଁ ଆରମ୍ଭ ହୋଇଥିବା ଏହି ସ୍ଥାନ ଏବେ ସ୍ଥାୟୀ ଡମ୍ପିୟାର୍ଡରେ ପରିଣତ ହୋଇଛି। ପୂର୍ବରୁ ସହରରୁ ବାହାରୁଥିବା ଅଳିଆ ଏଠାକୁ ଆସିବା ପରେ ଏହାର ବୃହତ୍ ଅଂଶ ଦାରୁଠେଙ୍ଗ ଡମ୍ପିଂୟାର୍ଡକୁ ଯାଉଥିଲା। ମାତ୍ର ଦାରୁଠେଙ୍ଗରେ ଆବର୍ଜନା ପକାଇବା ବନ୍ଦ ହେବା ପରଠାରୁ ଦୈନିକ ସହରରୁ ବାହାରୁଥିବା ଶହଶହ ଟନ୍ ଆବର୍ଜନା ଆସି ଏହିଠାରେ ଗଦା ହେଉଛି। ୬୭ଟି ୱାର୍ଡ ପାଇଁ ଏବେମାତ୍ର ୩୭ଟି ଏମ୍‌ସିସି କାର୍ଯ୍ୟକ୍ଷମ ହୋଇଥିବାରୁ ସହରର ସିଂହଭାଗ ଆବର୍ଜନା ଟିଟିଏସ୍‌କୁ ଆସୁଛି। ଫଳରେ ଟିଟିଏସ୍ ଉଛୁଳି ଏବେ ରାସ୍ତା କଡ଼କୁ ଅଳିଆ ମାଡି ଆସିଥିବାବେଳେ ସେଥିରୁ ନିର୍ଗତ ପଚାପାଣି ଚାରିଆଡକୁ ବୋହି ଚାଲିଛି। ଫଳରେ ପଚା ଦୁର୍ଗନ୍ଧରେ ଆଖପାଖ ଅଞ୍ଚଳ ଫାଟି ପଡୁଥିବାବେଳେ ଭିଏସ୍‌ଏସ୍ ନଗର, ଗାଡ଼କଣ, ରଙ୍ଗମାଟିଆ, ଭୋଟପଡ଼ା, ରେଲୱେ କଲୋନି, ଆଦିମାତା କଲୋନି, ଗଜପତିନଗର, ସୁବାସ ଏନ୍‌କ୍ଲେଭ, ଶକ୍ତିବିହାର, ଗଜପତିନଗର, ଲକ୍ଷ୍ମୀବିହାର, ପ୍ରଗତିବିହାର, ବାଣୀବିହାର, ରସୁଲଗଡ଼, ମଞ୍ଚେଶ୍ୱରରେ ରହୁଥିବା ଲୋକଙ୍କ ମନରେ ରୋଗ ଭୟ ଘାରିଲାଣି। ଅନେକେ ଚର୍ମ ଓ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ଆସୁଛି। ପୂର୍ବରୁ ଏ ସଂକ୍ରାନ୍ତରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ଓ ଭିଏସ୍‌ଏସ୍ ଉନ୍ନୟନ ପରିଷଦ ମେୟର, କମିଶନର, ଖୋର୍ଦ୍ଧା ଜିଲାପାଳ ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ସେମାନେ କେବଳ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ପ୍ରଦୂଷିତ ବାୟୁମଣ୍ଡଳ ପାଇଁ ବିଭିନ୍ନ ପ୍ରକାର ଚର୍ମରୋଗ ଓ ଅଜଣା ରୋଗରେ ମଧ ଲୋକେ ଆକ୍ରାନ୍ତ ହେଉଥିବା ଅଭିଯୋଗ ଆସୁଛି।ଏଥିରେ ଛାତ୍ରୀଛାତ୍ର ବେଶି ପ୍ରଭାବିତ ହେଉଛନ୍ତି। ସୈନିକ ସ୍କୁଲ, ରେଳବିହାର ପ୍ରାଥମିକ ସ୍କୁଲ, ଶିଶୁ ନିକେତନ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଦୁର୍ଗନ୍ଧ ଭିତରେ ବସି ପାଠପଢ଼ିପାରୁ ନାହାନ୍ତି। ମାତ୍ର ଏତେସବୁ ପରେ ବି ବିଏମ୍‌ସି ଅଳିଆ ପରିଚାଳନା ପାଇଁ ପ୍ରୟାସ କରୁଥିବା କହି କର୍ତ୍ତୃପକ୍ଷ ଦୋଷ ଛଡାଇବାକୁ ବସିଛନ୍ତି।

### ୬ମାସରେ ସମାଧାନ ହେବ, କେବଳ ସହଯୋଗ ଲୋଡ଼ା



୬ମାସ ଭିତରେ ଆମେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ କରିବୁ। ଲୋକମାନେ ବିଏମ୍‌ସିକୁ ଅଳିଆ ପ୍ରୋସେସ୍ କରିବାକୁ ଓ ଡମ୍ପିଂ କରିବାକୁ ଅନୁମତି ଦେଉ ନାହାନ୍ତି। କିନ୍ତୁ ସେମାନଙ୍କୁ ସହର ସମ୍ପୂର୍ଣ୍ଣ ସ୍ୱଚ୍ଛ ଦରକାର। ସହରରୁ ଅଳିଆ କାଢ଼ି ଗୋଟେ ସ୍ଥାନରେ ପକାଇବା ପରେ ହିଁ ତାହାକୁ ପ୍ରୋସେସ୍ କରିବୁ। ଷ୍ଟେଟ୍ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର ଗାଇଡ୍‌ଲାଇନ୍ ଅନୁଯାୟୀ, ଟିଟିଏସ୍‌ରେ ସାଇଣ୍ଟିଫିକ୍ ପ୍ରୋସେସ୍‌ରେ ୱିଣ୍ଡ୍ରୋସ୍ ମେଶିନ୍ ଦ୍ୱାରା କାମ କରାଯାଉଛି। ଟ୍ରାଏଲ ରନ୍ ସଫଳ ହୋଇଛି। ଏବେ ପୂର୍ବାପେକ୍ଷା ଗନ୍ଧ କମିଛି। ତେବେ ଯଦି ଲୋକମାନେ ଓଦା ଶୁଖିଲା ଅଳିଆ ଅଲଗା ଅଲଗା କରି ଦେବେ ତେବେ ଏହି ସମସ୍ୟା ରହିବ ନାହିଁ। ଅପରପକ୍ଷେ ମେଗା ଏମ୍‌ସିସି ନେଇ ମଧ କାମ ଚାଲିଛି। ୬ମାସ ଭିତରେ ନିର୍ମାଣ କାମ ସରିଯିବ। ଲୋକେ କେବଳ ବିଏମ୍‌ସିକୁ ଦୋଷ ନ ଦେଇ ସହଯୋଗ କରିବା ଆବଶ୍ୟକ।

-ବିଜୟ ଅମୃତା କୁଲାଙ୍ଗେ, କମିଶନର

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନି



ଏ ବିଷୟରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସଙ୍କ ଉପସ୍ଥିତିରେ କମିଶନରଙ୍କ ସହିତ ଦୁଇଥର ଆଲୋଚନା ହୋଇଛି। ଦୁର୍ଗନ୍ଧ ନ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲେ ବି କିଛି ଲାଭ ହୋଇନାହିଁ। ତେବେ ଖୁବ୍‌ଶୀଘ୍ର ମେୟରଙ୍କ ସହ ପୁନର୍ବାର ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

-ଦିଲୀପ ଦାଶଶର୍ମା, ସାଧାରଣ ସମ୍ପାଦକ, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ

### ଜୀବନ ଅଭିଶପ୍ତ ପରି ଲାଗୁଛି



ଏହି ଅଞ୍ଚଳରେ ବାସ କରିବା ଏକ ଅଭିଶପ୍ତ ଜୀବନ ନେଇ ବଞ୍ଚିବା ସହିତ ସମାନ। କବାଟ ଝରକା ଖୋଲି ଦେଲେ ଘରେ ରହି ହେଉନାହିଁ। ପାହାଡ ଭଳି ଅଳିଆ ଗଦା ହୋଇ ଗଲାଣି। ବହୁବାର ଅଭିଯୋଗ ମଧ କଲୁଣି, ମାତ୍ର ମହାନଗର ନିଗମ ଆମମାନଙ୍କ କଥା କର୍ଣ୍ଣପାତ କରୁ ନାହିଁ।

-ଡ. ସୁରେନ୍ଦ୍ର ମିଶ୍ର, ସିଟିଜନ ଫୋରମ ଗ୍ରେଟର ସଭାପତି, ଗାଡକଣ

### ରୋଗୀ, ଅସୁସ୍ଥ ବୟସ୍କ ବ୍ୟକ୍ତି ଅଧିକ କଷ୍ଟ ପାଉଛନ୍ତି



ଆଖପାଖ ପରିବେଶ ପୂରା ଦୂଷିତ ହୋଇଗଲାଣି। ଏଠାରେ ରହୁଥିବା ଲୋକ ସ୍ୱଚ୍ଛ ପବନ ପାଇବାରୁ ବଞ୍ଚିତ ହେଉଛନ୍ତି। ଚାରି ପାଞ୍ଚ ମାସ ହେଲା ବାଲକୋନୀକୁ ଯାଇ ହେଉନି। କାର୍ତ୍ତିକ ମାସ ରାତିରୁ ଗାଧୋଇ ପବିତ୍ର ମନରେ ମନ୍ଦିର ଯିବାକୁ ବାହାରିଲେ ପ୍ରଥମେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରୋଗୀ ଓ ଅସୁସ୍ଥ ବୟସ୍କ ବ୍ୟକ୍ତିମାନେ ଅଧିକ କଷ୍ଟ ପାଉଛନ୍ତି।

-ପ୍ରତାପ କୁମାର ନନ୍ଦ, ଡି ଏଲ୍ କଲୋନୀ

### ବିଏମ୍‌ସି ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରୁଛି



ଏଠାରେ ଦିନକୁ ପ୍ରାୟ ୩୦୦ ଟନ୍‌ରୁ ଉର୍ଦ୍ଧ୍ୱ ଅଳିଆ ପଡୁଛି। ବୈଜ୍ଞାନିକ ପ୍ରଣାଳୀରେ ପୃଥକୀକରଣ ହେଉ ନାହିଁ। ମୃତ ପଶୁପକ୍ଷୀ, ବଳକା ଖାଦ୍ୟ ପଦାର୍ଥ ବିଘଟନ ପରେ ଦୁର୍ଗନ୍ଧ ପ୍ରାୟ ୩-୪ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୁଛି। ସ୍କୁଲ ପିଲା, ଶିକ୍ଷକ ମାସ୍କ ପିନ୍ଧି ସ୍କୁଲ ଆସୁଛନ୍ତି। ବିଷାକ୍ତ ବାୟୁ ସେବନ କରି ଲୋକ ରୋଗରେ ପଡୁଛନ୍ତି। ଏପରିକି ସ୍ଲୋ ପଏଜନ୍ ନ ଦେଇ ସେମାନଙ୍କୁ ସିଧା ମାରି ଦିଅନ୍ତୁ ବୋଲି ଲୋକେ କହିଲେଣି। ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ,ନିର୍ମଳ ବାୟୁ, ବିଶୁଦ୍ଧ ଜଳ ସବୁ ନାଗରିକଙ୍କର ମୌଳିକ ଅଧିକାର। ମାତ୍ର ବିଏମ୍‌ସି ଏହି ଧାରାକୁ ଉଲ୍ଲଂଘନ କରୁଛି।

-ରମେଶ ସାହୁ, ନେତାଜୀ ସୁଭାଷ ଏନ୍‌କ୍ଲେଭ୍, ମଞ୍ଚେଶ୍ୱର

## ପେନ୍ ଇନ୍ ବୁକ୍ସ ଯୁବ ଲେଖକ ପୁରସ୍କାର ଘୋଷଣା



ମମତାରାଣୀ ଦାଶ, ସନ୍ତୋଷ କୁମାର ସାହୁ, ପ୍ରିୟଦର୍ଶିନୀ ପୂରବୀ ମହାନ୍ତି, ଅଭୀପ୍ସା ମହାନ୍ତି, ସୋମି ଧର, ପ୍ରଜ୍ଞା ପାରମିତା ମହାନ୍ତି, ପ୍ରତୀଚୀ ନନ୍ଦ, ରଶ୍ମିରେଖା ଦାସ, ପ୍ରୀତିକ୍ରିଷ୍ଟା ସାହୁ, ସାଗରିକା ନାୟକ

ଭୁବନେଶ୍ୱର,୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି। ୪୦ ବର୍ଷରୁ କମ୍ ବୟସର ୧୦ଜଣ ଯୁବ ଲେଖକ ସେମାନଙ୍କ ପାଣ୍ଡୁଲିପି ପାଇଁ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗଳ୍ପ 'ମୁଖା ମଣିଷ' ପାଣ୍ଡୁଲିପି ପାଇଁ ମମତାରାଣୀ ଦାଶ, ଉପନ୍ୟାସ 'ପ୍ରଣୟିନୀ' ପାଇଁ ସନ୍ତୋଷ କୁମାର ସାହୁ, ଉପନ୍ୟାସ 'ଶେଷହୀନ ଜିଜ୍ଞାସା' ପାଇଁ ପ୍ରିୟଦର୍ଶିନୀ ପୂରବୀ ମହାନ୍ତି, ଗଳ୍ପ 'ମୋମେଣ୍ଟସ' ପାଇଁ ଅଭୀପ୍ସା ମହାନ୍ତି, କବିତା 'ସାଉଁଟା ଫୁଲ' ପାଇଁ ସୋମି ଧର, କବିତା 'ଈଶ୍ୱରଙ୍କ ସହ ଦିନେ' ପାଇଁ ପ୍ରଜ୍ଞା ପାରମିତା ମହାନ୍ତି, କବିତା 'ଉଚ୍ଛୁର ବିଜନେ' ପାଇଁ ପ୍ରତୀଚୀ ନନ୍ଦ, କବିତା 'ଚିତ୍ରଲେଖା ଓ ଅନ୍ୟାନ୍ୟ କବିତା' ପାଇଁ ରଶ୍ମିରେଖା ଦାସ, କବିତା 'ସଳିତା' ପାଇଁ ପ୍ରୀତିକ୍ରିଷ୍ଟା ସାହୁ ଓ କାବ୍ୟ ଉପନ୍ୟାସ 'ହ୍ୟାସ୍‌ଟାଗ ଜୀବନ' ପାଣ୍ଡୁଲିପି ପାଇଁ ସାଗରିକା ନାୟକ ଏହି ପୁରସ୍କାର ପାଇବେ। ପେନ୍ ଇନ୍ ବୁକ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ୨୦୧୭ ମସିହାଠାରୁ ପ୍ରତିବର୍ଷ ୪୦ ବର୍ଷରୁ କମ୍ ବୟସର ୧୦ଜଣ ଲେଖକଙ୍କୁ ଏହି ପୁରସ୍କାର ଦିଆଯାଉଛି। ଚଳିତ ବର୍ଷ ୭ମ ସଂସ୍କରଣ ନିମନ୍ତେ ମୋଟ ୬୮ଟି ପାଣ୍ଡୁଲିପି ପ୍ରାପ୍ତ ହୋଇଥିବାବେଳେ ଅଭିଜ୍ଞ ବିଚାରକଙ୍କ ଦ୍ୱାରା ୧୦ଟି ପାଣ୍ଡୁଲିପିକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଚଳିତ ମାସରେ ଭୁବନେଶ୍ୱରରେ ହେବାକୁ ଥିବା ପୁରସ୍କାର ସମାରୋହରେ ଏହି ୧୦ ଜଣଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ୨୦୨୨ର ୬ଷ୍ଠ ସଂସ୍କରଣରେ ପୁରସ୍କୃତ ହୋଇଥିବା ୧୦ ଲେଖକଙ୍କ ପାଣ୍ଡୁଲିପି ପୁସ୍ତକ ଆକାରରେ ପ୍ରକାଶ ପାଇବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।




ଦ ଆଣ୍ଟି କରପ୍ସନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନ ସମ୍ମୁଖ ରାସ୍ତା ପାର୍ଶ୍ୱରେ ରବିବାର ଅନୁଷ୍ଠିତ 'ଦୁର୍ନୀତିକୁ ନା' ଦସ୍ତଖତ ଅଭିଯାନରେ ଅତିଥି ଓ ସାଧାରଣ ଲୋକ ଦସ୍ତଖତ କରି ସମର୍ଥନ ଜଣାଉଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ବାରଙ୍ଗ, ୫।୧୧ (ଲିଙ୍ଗରାଜ ରାଉତ)

ସୁବାସ ସେତୁ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଢେଙ୍କାନାଳ ଜିଲା ଗୋବିନ୍ଦପୁର ମାନିପୁର ଗ୍ରାମର ଯୁଗଳ କିଶୋର ରାଉତ (୫୮)। ଯୁଗଳ କଟକ କନିକା ଛକଠାରେ ଭଡ଼ାରେ ରହୁଥିବାବେଳେ ବାରଙ୍ଗ ପଦ୍ମଲାଭନଗରସ୍ଥିତ ଏକ ବ୍ୟାଟେରି ଗାଡ଼ି ଶୋ'ରୁମରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ଭଳି ଶନିବାର ରାତିରେ କାର୍ଯ୍ୟ ସାରି ସାଇକେଲ ଯୋଗେ ଭଡ଼ାଘର କନିକା ଛକକୁ ଫେରୁଥିବା ସମୟରେ ରାତି ପ୍ରାୟ ୧୦.୩୦ ସମୟରେ ସୁବାସ ସେତୁ ଉପରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଡାକ୍ତର ସେଠାରେ ଯୁଗଳଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

## ଅନ୍ତର୍ଜାତୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)

ନୃତ୍ୟାଞ୍ଜଳୀ ପକ୍ଷରୁ ନୂଆଦିଲ୍ଲୀର ଲଜପତ ଭବନ ମଞ୍ଚରେ ସପ୍ତମ ଅନ୍ତର୍ଜାତୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଓ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ବହୁ ନୃତ୍ୟଶିଳ୍ପୀ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ, କଥକ, ଭାରତ ନାଟ୍ୟମ୍, କୁଚିପୁଡ଼ି, ମଣିପୁରୀ ଓ ମୋହିନୀ ଆଟମ୍ ଶାସ୍ତ୍ରୀୟ ନୃତ୍ୟ ପରିବେଷଣରେ ଝୁମି ଉଠିଥିଲା ଦିଲ୍ଲୀର ନୃତ୍ୟ ମଣ୍ଡପ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଗୀତା ମହାଲିକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୁଚିପୁଡ଼ି ନୃତ୍ୟଗୁରୁ ଡ. ଭାରଥି ଭିଥଲ, ଆୟକର ମୁଖ୍ୟ କମିଶନର ଗୋପାଳ ଧଳ, ଆମ୍ବେଦକର ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ମାଝୀ ଏବଂ ୱାଲର୍ଡ଼ ଫୋକସ୍‌ର ପ୍ରତିଷ୍ଠାତା ଡ. ଭବାନୀ ଦୀକ୍ଷିତ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନୃତ୍ୟଗୁରୁ ସମାରୁ ମେହେର ଏହାକୁ ପରିଚାଳନା କରିଥିଲେ।

## ୨୫ ଟଙ୍କାରେ ପିଆଜ, ୬୦ରେ ବୁଟଡାଲି ଦେଲା ନାଫେଡ୍

ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)



କସ୍ତୁରବା ଖେଳ ପଡିଆରେ ଲୋକଙ୍କୁ ପିଆଜ ଓ ଡାଲି ସୁଲଭ ମୂଲ୍ୟରେ ଦିଆଯାଉଛି।

ଅତ୍ୟାବଶ୍ୟକ ଜିନିଷ ସହିତ ଖାଦ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ି ଚାଲିଥିବାରୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗରିବ ଶ୍ରେଣୀର ଲୋକମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଗାଁ ହେଉ ଅବା ସହର ସବୁଠି ସମାନ ଅବସ୍ଥା। ଏହାକୁ ଦୃଷ୍ଟିରେ ରଖି ରବିବାର ନୂଆପଲ୍ଲୀର ୱାର୍ଡ ନଂ. ୩୭ରେ ନାଫେଡ଼ ପକ୍ଷରୁ ସରକାରୀ ଦରରେ ଲୋକଙ୍କୁ ପିଆଜ ଓ ବୁଟଡାଲି ଯୋଗାଇ ଦିଆଯାଇଛି। ପିଆଜ କିଲୋ ପିଛା ୨୫ଟଙ୍କା ଏବଂ ବୁଟ ଡାଲି କିଲୋପିଛା ୬୦ଟଙ୍କା ଦରରେ ଜଣକା ୨କେଜି ଲେଖାଏ ବଣ୍ଟା ଯାଇଥିଲା। ନାଫେଡ ଫେଡେରେଶନ ତରଫରୁ ଭୁବନେଶ୍ୱର ଗୋଦାମ ବ୍ୟବସାୟୀଙ୍କ ସହାୟତାରେ ଏହାକୁ ପ୍ୟାକିଂ କରି ଯୋଗାଇ ଦିଆଯାଉଛି। ସବୁବର୍ଗର ଜନତାଙ୍କ ପାଖରେ ଏହି ସୁବିଧାକୁ ପହଞ୍ଚାଇବା ଲକ୍ଷ୍ୟ ରଖି କସ୍ତୁରବା ଖେଳ ପଡିଆରେ ଏହା ବଣ୍ଟନ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍, ସାମାଜିକ କର୍ମୀ ଅର୍ଜୁନ ବେହେରା, କେନ୍ଦ୍ରୀୟ ଭଣ୍ଡାରର ରାଜ୍ୟ ଇନ୍‌ଚାର୍ଜ ଅନନ୍ତ କୁମାର ସାମଲ ଏବଂ କଳିଙ୍ଗ ସ୍ପୋର୍ଟସର ଯୁବକଙ୍କ ଉପସ୍ଥିତିରେ ପ୍ରାୟ ୪ଶହ ଲୋକଙ୍କୁ ପିଆଜ ଓ ବୁଟ ଡାଲି ଯୋଗାଇ ଦିଆଯାଇଥିଲା।

## ସଂକ୍ଷେପରେ

### ୨୫ ଟଙ୍କାରେ ପିଆଜ, ୬୦ରେ ବୁଟଡାଲି ଦେଲା ନାଫେଡ୍

**ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)**

ଅତ୍ୟାବଶ୍ୟକ ଜିନିଷ ସହିତ ଖାଦ୍ୟ ସାମଗ୍ରୀର ଦର ହୁହୁହୋଇ ବଢିଚାଲିଥିବାରୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗରିବ ଶ୍ରେଣୀର ଲୋକମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଗାଁ ହେଉ ଅବା ସହର ସବୁଠି ସମାନ ଅବସ୍ଥା। ଏହାକୁ ଦୃଷ୍ଟିରେ ରଖି ରବିବାର ନୂଆପଲ୍ଲୀର ୱାର୍ଡ ନଂ. ୩୭ରେ ନାଫେଡ଼ ପକ୍ଷରୁ ସରକାରୀ ଦରରେ ଲୋକଙ୍କୁ ପିଆଜ ଓ ବୁଟଡାଲି ଯୋଗାଇ ଦିଆଯାଇଛି। ପିଆଜ କିଲୋ ପିଛା ୨୫ଟଙ୍କା ଏବଂ ବୁଟ ଡାଲି କିଲୋପିଛା ୬୦ଟଙ୍କା ଦରରେ ଜଣକା ୨କେଜି ଲେଖାଏ ବଣ୍ଟା ଯାଇଥିଲା। ନାଫେଡ ଫେଡେରେଶନ ପକ୍ଷରୁ ଭୁବନେଶ୍ୱର ଗୋଦାମ ବ୍ୟବସାୟୀଙ୍କ ସହାୟତାରେ ଯୋଗାଇ ଦିଆଯାଉଛି। ସବୁବର୍ଗର ଜନତାଙ୍କ ପାଖରେ ଏହି ସୁବିଧାକୁ ପହଞ୍ଚାଇବା ଲକ୍ଷ୍ୟ ରଖି କସ୍ତୁରବା ଖେଳ ପଡିଆରେ ବଣ୍ଟନ କରାଯାଇଥିଲା।

### ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

**ବାରଙ୍ଗ, ୫।୧୧ (ଲିଙ୍ଗରାଜ ରାଉତ)**

ସୁବାସ ସେତୁ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଢେଙ୍କାନାଳ ଜିଲା ଗୋବିନ୍ଦପୁର ମାନିପୁର ଗ୍ରାମର ଯୁଗଳ କିଶୋର ରାଉତ (୫୮)। ଯୁଗଳ କଟକ କନିକା ଛକଠାରେ ଭଡ଼ାରେ ରହୁଥିବାବେଳେ ବାରଙ୍ଗ ପଦ୍ମଲାଭନଗରସ୍ଥିତ ଏକ ବ୍ୟାଟେରି ଗାଡ଼ି ଶୋ'ରୁମରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ଶନିବାର ରାତିରେ କାର୍ଯ୍ୟ ସାରି ସାଇକେଲରେ କନିକା ଛକକୁ ଫେରୁଥିବା ବେଳେ ସୁବାସ ସେତୁ ଉପରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

### କାଳିଜାଈଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୫।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ପକ୍ଷରୁ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା'କାଳିଜାଈଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଯୁଗବ୍ରତ କରଙ୍କ ନେତୃତ୍ୱରେ ପ୍ଲାଷ୍ଟିକ ମୁକ୍ତ ଚିଲିକା ଗଠନ, ଇରାୱାଡି ଡଲଫିନ ସୁରକ୍ଷା, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଦିଗରେ କାଳିଜାଈ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ଏଥିସହ ଫାଉଣ୍ଡେଶନ ପକ୍ଷରୁ ମନ୍ଦିର ପରିସର ଓ ଚିଲିକା କୂଳ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ, ଡଲଫିନ ସାଥୀ ସମେତ ସାତପଡ଼ା, ଆଲୁପାଟଣା, ଗଙ୍ଗାଧରପୁର, ରାୟପୁର, ଗବକୁଣ୍ଡ ଓ ମିର୍ଜାପୁର ମୋଟର ବୋଟ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଅନୁଜ ବେହେରା, ସାମାଜିକ କର୍ମୀ ଆଶିଷ କୁମାର ସ୍ୱାଇଁ ଓ ବଚନ ସାହୁ ପରିଚାଳନା କରିଥିଲେ।

# 'ନିରାକାର ବ୍ରହ୍ମଙ୍କ ସାକାର ବିଗ୍ରହ ଶ୍ରୀଜଗନ୍ନାଥ'



**ମଥୁରେନ୍ଦ୍ରଙ୍କୁ ଦାରୁବ୍ରହ୍ମ, ସାରଙ୍ଗଧରଙ୍କୁ ଶିଳାବ୍ରହ୍ମ, ଶ୍ରଦ୍ଧାଞ୍ଜଳିଙ୍କୁ ଶୂନ୍ୟବ୍ରହ୍ମ ଏବଂ ଭାସ୍କରଙ୍କୁ ଜ୍ୟୋତି ବ୍ରହ୍ମ ସମ୍ମାନ**

**ପୁରୀ, ୫।୧୧(ଅଜିତ୍ ମହାନ୍ତି):**

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଦଶମ ଜାତୀୟ ପାଠଚକ୍ର 'ଶ୍ରୀଜଗନ୍ନାଥ ଚେତନାରେ ଶୈବ ତତ୍ତ୍ୱ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀଜଗନ୍ନାଥ ଗବେଷଣା ଚେତନା ପ୍ରତିଷ୍ଠାନ, ଶ୍ରୀଜଗନ୍ନାଥ ତତ୍ତ୍ୱ ସନ୍ଧାନ ପରିଷଦ ଏବଂ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଭାଗୃହରେ ଏହି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଟକୀ ମଠ ମହନ୍ତ ଡ. ବିଜୟ ଶଙ୍କର ରାମାନୁଜ ବିଶିଷ୍ଟ ଅତିଥି ରୂପେ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଧ୍ରୁବଚରଣ ନାୟକ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ନିତ୍ୟାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଅସିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସମ୍ପାଦକ ଡ. ମଥୁରେନ୍ଦ୍ର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ଯୋଗଦେଇଥିବା ୨୫ ଜଣ ବିଦ୍ୱାନ ତତ୍ତ୍ୱଦର୍ଶୀ ଗବେଷକ ପ୍ରବନ୍ଧ ପାଠ କରିଥିଲେ। ମଥୁରେନ୍ଦ୍ର ପୃଷ୍ଟିଙ୍କ ସମ୍ପାଦିତ ପୁସ୍ତକ 'ଶ୍ରୀଜଗନ୍ନାଥ ଚେତନାରେ ବୈଷ୍ଣବ ତତ୍ତ୍ୱ' ଲୋକାର୍ପଣ ହୋଇଥିଲା। ଜୀବନବ୍ୟାପୀ ଜଗନ୍ନାଥଙ୍କ ସେବା, ସାଧନା ଓ ଗବେଷଣା ପାଇଁ ୨୦୨୩-୨୪ ମସିହା ନିମନ୍ତେ ୪ ଜଣ ବିଦ୍ୱାନଙ୍କୁ ଜଗନ୍ନାଥ ସଂସ୍କୃତି ଗବେଷଣା ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କୁ ଦାରୁବ୍ରହ୍ମ ସମ୍ମାନ, ସାରଙ୍ଗଧର ରାୟଗୁରୁଙ୍କୁ ଶିଳାବ୍ରହ୍ମ ସମ୍ମାନ, ଗବେଷିକା ଶ୍ରଦ୍ଧାଞ୍ଜଳି କାନୁନଗୋଙ୍କୁ ଶୂନ୍ୟବ୍ରହ୍ମ ସମ୍ମାନ ଏବଂ ଡ. ଭାସ୍କର ମିଶ୍ରଙ୍କୁ ଜ୍ୟୋତିବ୍ରହ୍ମ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଚେତନାରେ ଶୈବ ତତ୍ତ୍ୱ ଶୀର୍ଷକ ପାଠଚକ୍ରର ଅତିଥି ତଥା ଗବେଷକଙ୍କ ଦ୍ୱାରା ଉପସ୍ଥାପିତ ପ୍ରବନ୍ଧଗୁଡ଼ିକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱର ରହସ୍ୟମୟ କଥାକୁହା ଠାକୁର ରୂପେ ଅଭିହିତ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ରହସ୍ୟ ଅନ୍ୱେଷଣ କଲେ ପ୍ରାଗ୍‌ଐତିହାସିକ ପ୍ରକୃତ ତତ୍ତ୍ୱ ଠାରୁ ବେଦ, ବେଦାନ୍ତ, ପୁରାଣ ଓ ଇତିହାସକୁ ଭଲଭାବେ ଅଧ୍ୟୟନ କରି ଜଗନ୍ନାଥ କୈନ୍ଦ୍ରିକ ତତ୍ତ୍ୱ ସହିତ ପରିଚିତ ହେବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଭୌତିକ ଜଗତରେ ସୂକ୍ଷ୍ମ ରୂପରେ ଅବସ୍ଥାନ କରୁଥିବା ନିରାକାର ବ୍ରହ୍ମଙ୍କର ସାକାର ବିଗ୍ରହ ଶ୍ରୀଜଗନ୍ନାଥଙ୍କର ରହସ୍ୟ ଭେଦ କରିବା ପାଇଁ ଗବେଷଣାଲବ୍ଧ ତଥ୍ୟ ଆହରଣ ଅପରିହାର୍ଯ୍ୟ ବୋଲି ୨୫ଟି ପ୍ରବନ୍ଧ ମାଧ୍ୟମରେ ପ୍ରାବନ୍ଧିକ ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନକୁ ଡ. ଶରତ ଚନ୍ଦ୍ର ପରିଡା ଓ ଭାଗବତ ପଣ୍ଡା ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଗୋଛିକାର ଧନ୍ୟବାଦ ଦେଇଥିଲେ। ସେହିପରି ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ତଥା ଭାରାପ୍ରାପ୍ତ କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଭୋଟର ପଞ୍ଜୀକରଣ, ସଂଶୋଧନର ସ୍ୱତନ୍ତ୍ର ଅଭିଯାନ



**ଟାଙ୍ଗୀ,୫।୧୧(ରଘୁନାଥ ସାହୁ)**

ସାଧାରଣ ନିର୍ବାଚନ ୨୦୨୪ ପୂର୍ବରୁ ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ପଞ୍ଜୀକରଣ ପାଇଁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନଭେମ୍ବର ୫, ୧୧, ୧୯ ଓ ୨୫ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତର ୧୪୪ଟି ବୁଥରେ ୧୪୩ ଜଣ ଶିକ୍ଷକ ଓ ଜଣେ ଅଙ୍ଗନୱାଡି କର୍ମୀ ବୁଥଲେଭଲ ଅଫିସରଭାବେ କାର୍ଯ୍ୟ କରୁଥିବା ବେଳେ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୩ଜଣ ସେକ୍ଟର ସୁପରଭାଇଜର କାର୍ଯ୍ୟ କରୁଛନ୍ତି। ବିଡିଓ, ତହସିଲଦାର, ବ୍ଲକ ସମ୍ପ୍ରସାରଣ ଅଧିକାରୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ନିର୍ଦ୍ଧାରିତ ଦିନରେ ବୁଥ୍‌କୁ ଆସି ପଞ୍ଜୀକରଣ, ସଂଶୋଧନ ପାଇଁ ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ମହିଳାଙ୍କଠାରୁ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

**ସାକ୍ଷୀଗୋପାଳ, ୫।୧୧**
**(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିବା ଜନୈକା ମହିଳାଙ୍କ ବେକରୁ ଏକ ସୁନା ହାର ଲୁଟ୍ ହୋଇଛି। ଏ ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସ୍ଥାନୀୟ ସେବକ ସାହିର ରୁନାଶ୍ରୀ ଦୀକ୍ଷିତ ଓ ଅନ୍ୟ ଜଣେ ମହିଳା ସନ୍ଧ୍ୟା ୫ଟା ସମୟରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିଲେ। ଦୋଳ ପୋଖରୀ ଓ ଭାଗବତ ମଠ ମଧ୍ୟରେ ଜଣେ ଯୁବକ ଏକ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ହାରଟିକୁ ଝାମ୍ପିନେଇ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ସତ୍ୟବାଦୀ ପୋଲିସ ତଦନ୍ତ ଜାରି ରଖିଛି। ସୁନା ହାରଟିର ଓଜନ ୧୬ ଗ୍ରାମ ଥିବା ଜଣାଯାଇଛି। ସୂଚନାଥାଉ କି ପବିତ୍ର କାର୍ତ୍ତିକ ମାସ ଯୋଗୁଁ ସାକ୍ଷୀଗୋପାଳ ମନ୍ଦିରକୁ ଦୈନିକ ବହୁ ଯାତ୍ରୀଙ୍କ ସମାଗମ ହେଉଛି। ଏପରିକି ସନ୍ଧ୍ୟା ସମୟରେ ଠାକୁରଙ୍କୁ ଦର୍ଶନ ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଏହାର ସୁଯୋଗ ନେଇ ଅପରାଧୀମାନେ ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସତ୍ୟବାଦୀ ଥାନା ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ମନ୍ଦିର ଅଞ୍ଚଳକୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଦାବି ହେଉଛି।




କୃଷ୍ଣପ୍ରସାଦ: ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ପକ୍ଷରୁ ରବିବାର ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମ।

### ମନ୍ଦିର ପରିସରରେ ଚାରାରୋପଣ

**ବାଲିଅନ୍ତା,୫।୧୧(ନୀଳମାଧବ ସାହୁ)**

ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ଆଖଣ୍ଡଳେଶ୍ୱର ମନ୍ଦିର ନିକଟରେ ଚାରା ରୋପଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ସଦସ୍ୟ ଚୌଧୁରୀ ଦ୍ୱାରିକା ନାଥଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୌଭାଗ୍ୟ ଲକ୍ଷ୍ମୀ ଶୁଭଦର୍ଶନୀଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ନଡ଼ିଆ, ଆମ୍ବ ଆଦି ଚାରାରୋପଣ କରାଯାଇଥିଲା। ପଞ୍ଚାୟତ ଅଞ୍ଚଳର ୧୫ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାମ ନାଟକ ମଞ୍ଚସ୍ଥ



ଅତିଥିଙ୍କ ଗହଣରେ କଳାକାରମାନେ ।

**ନିରାକାରପୁର,୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ହାଟସ୍ଥିତ ମା'ଗଜଲକ୍ଷ୍ମୀ ପୂଜା ପେଣ୍ଡାଲରେ ଉକ୍ତ ଅନୁଷ୍ଠାନର କମିଟି ପକ୍ଷରୁ ରାମ ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୨ ନମ୍ବର ଜୋନ୍‌ର ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ ପୌରୋହିତ୍ୟ କରିଥିବା ବେଳେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ଅନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ପ୍ରଧାନ ଅତିଥିଭାବେ ଯୋଗଦେଇ ଅଞ୍ଚଳର କେତେଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ କାଳିଆ ଦହନ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ଭାସ୍କର ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରଭାତ ପ୍ରଧାନ, ଖଲେଶ୍ୱର ବେହେରା, ପ୍ରମୋଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ପେନ୍ ଇନ୍ ବୁକ୍ସ ଯୁବ ଲେଖକ ପୁରସ୍କାର ଘୋଷଣା

**ଭୁବନେଶ୍ୱର,୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି। ୪୦ ବର୍ଷରୁ କମ୍ ବୟସର ୧୦ଜଣ ଯୁବ ଲେଖକ ସେମାନଙ୍କ ପାଣ୍ଡୁଲିପି ପାଇଁ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗଳ୍ପ 'ମୁଖା ମଣିଷ' ପାଣ୍ଡୁଲିପି ପାଇଁ ମମତାରାଣୀ ଦାଶ, ଉପନ୍ୟାସ 'ପ୍ରଣୟିନୀ' ପାଇଁ ସନ୍ତୋଷ କୁମାର ସାହୁ, ଉପନ୍ୟାସ 'ଶେଷହୀନ ଜିଜ୍ଞାସା' ପାଇଁ ପ୍ରିୟଦର୍ଶିନୀ ପୂରବୀ ମହାନ୍ତି, ଗଳ୍ପ 'ମୋମେଣ୍ଟସ' ପାଇଁ ଅଭୀପ୍ସା ମହାନ୍ତି, କବିତା 'ସାଉଁଟା ଫୁଲ' ପାଇଁ ସୋମି ଧର, କବିତା 'ଈଶ୍ୱରଙ୍କ ସହ ଦିନେ' ପାଇଁ ପ୍ରଜ୍ଞା ପାରମିତା ମହାନ୍ତି, କବିତା 'ଉଚ୍ଛୁର ବିଜନେ' ପାଇଁ ପ୍ରତୀଚୀ ନନ୍ଦ, କବିତା 'ଚିତ୍ରଲେଖା ଓ ଅନ୍ୟାନ୍ୟ କବିତା' ପାଇଁ ରଶ୍ମିରେଖା ଦାସ, କବିତା 'ସଳିତା' ପାଇଁ ପ୍ରୀତିକ୍ରିଷ୍ଟା ସାହୁ ଓ କାବ୍ୟ ଉପନ୍ୟାସ 'ହ୍ୟାସ୍‌ଟାଗ ଜୀବନ' ପାଣ୍ଡୁଲିପି ପାଇଁ ସାଗରିକା ନାୟକ ଏହି ପୁରସ୍କାର ପାଇବେ। ପେନ୍ ଇନ୍ ବୁକ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ୨୦୧୭ ମସିହାଠାରୁ ପ୍ରତିବର୍ଷ ୪୦ ବର୍ଷରୁ କମ୍ ବୟସର ୧୦ଜଣ ଲେଖକଙ୍କୁ ଏହି ପୁରସ୍କାର ଦିଆଯାଉଛି। ଚଳିତ ବର୍ଷ ୭ମ ସଂସ୍କରଣ ନିମନ୍ତେ ମୋଟ ୬୮ଟି ପାଣ୍ଡୁଲିପି ପ୍ରାପ୍ତ ହୋଇଥିବାବେଳେ ଅଭିଜ୍ଞ ବିଚାରକଙ୍କ ଦ୍ୱାରା ୧୦ଟି ପାଣ୍ଡୁଲିପିକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଚଳିତ ମାସରେ ଭୁବନେଶ୍ୱରରେ ହେବାକୁ ଥିବା ପୁରସ୍କାର ସମାରୋହରେ ଏହି ୧୦ ଜଣଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ୨୦୨୨ର ୬ଷ୍ଠ ସଂସ୍କରଣରେ ପୁରସ୍କୃତ ହୋଇଥିବା ୧୦ ଲେଖକଙ୍କ ପାଣ୍ଡୁଲିପି ପୁସ୍ତକ ଆକାରରେ ପ୍ରକାଶ ପାଇବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

### ଯୁବକଙ୍କୁ ଛୁରାମାଡ଼

**ପୁରୀ, ୫।୧୧(ଅଜିତ୍ ମହାନ୍ତି)**

ସମୁଦ୍ରକୂଳ ଥାନା ଅର୍ନ୍ତଗତ ସରକାରୀ ଆଇଟିଆଇ ନିକଟରେ ରବିବାର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛୁରାମାଡ଼ରେ ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ପୁରୀ ପିକେଆର୍‌ଟି କଲୋନୀର ଶିବ ପ୍ରସାଦ ଶତପଥୀ(୪୬)। କମେଣ୍ଟମରାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଘଟଣା ଘଟାଇଥିବା ଯୁବକ ଜଣଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି।

## ଅନ୍ତର୍ଜାତୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା



**ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)**

ନୃତ୍ୟାଞ୍ଜଳୀ ପକ୍ଷରୁ ନୂଆଦିଲ୍ଲୀର ଲଜପତ ଭବନ ମଞ୍ଚରେ ସପ୍ତମ ଅନ୍ତର୍ଜାତୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଓ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ବହୁ ନୃତ୍ୟଶିଳ୍ପୀ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ, କଥକ, ଭାରତ ନାଟ୍ୟମ୍, କୁଚିପୁଡ଼ି, ମଣିପୁରୀ ଓ ମୋହିନୀ ଆଟମ୍ ଶାସ୍ତ୍ରୀୟ ନୃତ୍ୟ ପରିବେଷଣରେ ଝୁମି ଉଠିଥିଲା ଦିଲ୍ଲୀର ନୃତ୍ୟ ମଣ୍ଡପ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଗୀତା ମହାଲିକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୁଚିପୁଡ଼ି ନୃତ୍ୟଗୁରୁ ଡ. ଭାରଥି ଭିଥଲ, ଆୟକର ମୁଖ୍ୟ କମିଶନର ଗୋପାଳ ଧଳ, ଆମ୍ବେଦକର ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ମାଝୀ ଏବଂ ୱାଲର୍ଡ଼ ଫୋକସ୍‌ର ପ୍ରତିଷ୍ଠାତା ଡ. ଭବାନୀ ଦୀକ୍ଷିତ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନୃତ୍ୟଗୁରୁ ସମାରୁ ମେହେର ଏହାକୁ ପରିଚାଳନା କରିଥିଲେ।

## ଓଡ଼ିଆ ସାହିତ୍ୟ, ସଂସ୍କୃତି ଗରିମାମୟ

**ସୁଲେଖା'ର ୪୩ତମ ବାର୍ଷିକ ଉତ୍ସବ**

**ପୁରୀ, ୫।୧୧(ଅଜିତ ମହାନ୍ତି)**



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ।

ସାହିତ୍ୟିକ ଅନୁଷ୍ଠାନ 'ସୁଲେଖା'ର ୪୩ତମ ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଓ ସାରସ୍ୱତ ସମ୍ମାନ ସମାରୋହ ରବିବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଶ୍ରୀକ୍ଷେତ୍ରର ସ୍ଥାନ ସ୍ୱତନ୍ତ୍ର। ଏହାର ପ୍ରତ୍ୟେକ ପରିବେଶରେ ରହିଛି ଆଧ୍ୟାତ୍ମିକତା। ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟ ଅନନ୍ୟ ଓ ଅସାଧାରଣ। ଆଦିକବି ସାରଳା ଦାସଙ୍କଠାରୁ ଏ ଯାବତ ବହୁ କବିଙ୍କ ଲେଖନୀରେ ଓଡିଆ ସଂସ୍କୃତି ଓ ସାହିତ୍ୟ ଗରିମାମୟ ହୋଇଛି। ଗରିମାମୟ ଓଡ଼ିଆ ସାହିତ୍ୟ ତା'ର ଗୌରବ ରକ୍ଷା କରିବା ହିଁ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ମୀନକେତକ ଦାସ, ରଶ୍ମିବାଳା ରାଉତରାୟ, ସେବାୟତ ଭଗବାନ ସୁଆର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସଦାଶିବ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷା ଅଧ୍ୟାପିକା ଇନ୍ଦିରା ପଣ୍ଡା ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ଶ୍ୟାମପ୍ରକାଶ ସେନାପତି, କ୍ରିଷ୍ଣା ମହାପାତ୍ର, ସୁରେଶ କୁମାର ପଟ୍ଟନାୟକ, ଆଶାଲତା ପ୍ରଧାନ, କମଳିନୀ ପାଣିଗ୍ରାହୀ, ରୋଜାଲିନ୍ ପଣ୍ଡା ଓ ଯୋଗେନ୍ଦ୍ର ସାହୁ। ପ୍ରଥମ ଅଧିଶେନରେ ନୂତନ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ସଭାରେ ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସ, ତ୍ରିଲୋଚନ ମଥାନ, କୃଷ୍ଣଚନ୍ଦ୍ର ରଥ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ସୁବାଷ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ତୃତୀୟ ଅଧିବେଶନରେ କବିତା ପାଠରେ ଅତିଥି ଓ ସଂଯୋଜକ ସଂଯୋଜିକା ଭାବେ ବାହାଦୂର ପାଟସାହାଣୀ, ବାମଦେବ ସ୍ୱାଇଁ,ଅନ୍ନପୂର୍ଣ୍ଣା ଦେବୀ, ଡ. ଅର୍ଚ୍ଚନା ଆଚାର୍ଯ୍ୟ, ମଞ୍ଜୁଶ୍ରୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରମୋଦା ଦେବୀଙ୍କ ଭକ୍ତିର ଶକ୍ତି, କୃଷ୍ଣଚନ୍ଦ୍ର ରଥଙ୍କ ସମୁଦ୍ର ସାରାକାଳ, ଉପେନ୍ଦ୍ର ସାହୁଙ୍କ ଜୀବ କହେ ଜଡ଼ର ଭାଷା, ନୀଲମ ପରିଡାଙ୍କ ନିଃଶବ୍ଦ ନାଚାର ପୁସ୍ତକ ଲୋକାର୍ପିତ ହୋଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାର ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଥିଲା। ଡ. ମନ୍ମଥ କୁମାର ପ୍ରଧାନ (ବାଲେଶ୍ୱର) ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି (ଭଦ୍ରକ), ସାରସ୍ୱତ ଯୁଗଳବନ୍ଦୀ ସମ୍ମାନ କମଳିନୀ ଦେବୀ ଏବଂ ଡ. ଦୁର୍ବାଦଳ ମେହେର (ବଲାଙ୍ଗୀର), କବିତା ମିଶ୍ର ଓ ରମେଶ ଚନ୍ଦ୍ର ଦାଶ (ପୁରୀ) ସାରସ୍ୱତ ସାଧକ ସାଧିକା ନିହାରିକା ରାୟ ବରାଳ, ବିମଳା ସିଂହ (ଭୁବନେଶ୍ୱର) ପ୍ରବାସୀ ଓଡ଼ିଆ କବିଶିତିକଣ୍ଠ ଷଡ଼ଙ୍ଗୀ ( ବେଙ୍ଗାଲୁରୁ) ଦୁର୍ଗା ପ୍ରସାଦ ବିଶ୍ୱାଳ (ଝାନସୀ), ଡ. ପ୍ରତିଭା ଦାଶ (ଖୋର୍ଦ୍ଧା), ସାନ୍ତ୍ୱନା କୁମାରୀ ମହାନ୍ତି, ମନୀଷା ରାୟ, ଓ ଅଭିଜ୍ଞାନ ସାହୁ, ରଞ୍ଜନ କୁମାର ସାହୁ (କଟକ), ସୁଚିତ୍ରା ସାମଲ (ରାଉରକେଲା), ମୁରଲୀଧର ନାୟକ ଓ ଗଣପତି ସ୍ୱାଇଁ (ଅନୁଗୋଳ) ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି, ଶକୁନ୍ତଳା ଦାଶ ଓ ଅଶିଷ କୁମାର ବଳ (ଯାଜପୁର), ତୈଲୋକ୍ୟନାଥ ସ୍ୱାଇଁ (ସୁନ୍ଦରଗଡ଼) ଡାକ୍ତର ସୁରେନ୍ଦ୍ର ନାଥ ପତି, ଡ. ପ୍ରମୋଦ ଆଚାର୍ଯ୍ୟ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଇନ୍ଦିରା ପଣ୍ଡା, ସତ୍ୟଭାମା ପ୍ରଧାନୀ (ପୁରୀ) ଲୋକନାଥ ଦାଶ (ନୟାଗଡ଼), ଇନ୍ଦ୍ରମଣି ବାରିକ (ବରଗଡ଼) ଡ. କୁମୁଦ ଚନ୍ଦ୍ର ପଣ୍ଡା (କଳାହାଣ୍ଡି), ଭଗବାନ ମହାପାତ୍ର, ବିଚିତ୍ରାନନ୍ଦ (କୋରାପୁଟ), ଲକ୍ଷ୍ମଣ ମହାପାତ୍ର (ବୌଦ୍ଧ), ପ୍ରଦୀପ କହଁର (କନ୍ଧମାଳ), ରୀତା ସାହୁ (ସୁବର୍ଣ୍ଣପୁର), ଚିନ୍ମୟ ରଞ୍ଜନ ମିଶ୍ର (ଗଞ୍ଜାମ), ବିଜୟନୀ ଜେନା ଓ ଶାନ୍ତନୁ କୁମାର ଷଡ଼ଙ୍ଗୀ (ଜଗତସିଂହପୁର) ଓ ଯୁବ ପ୍ରତିଭା ସମ୍ମାନରେ ସୁଶ୍ରୀ ସୁଦୀପ୍ତା (ପୁରୀ)ଙ୍କୁ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ପୋଲତଳକୁ ଖସି ବାଇକ୍ ଆରୋହୀ ମୃତ

**ବୋଲଗଡ଼, ୫।୧୧ (ଦେବବ୍ରତ ହୋତା):** ବୋଲଗଡ଼ ଥାନା ବଙ୍କୋଇ ଫାଣ୍ଡି ଅଧୀନ ବାରବାଟି ନିକଟରେ ରବିବାର ପୋଲତଳକୁ ଖସିପଡ଼ିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରଗୁଆଁ ପଞ୍ଚାୟତ ଅନ୍ତର୍ଗତ ଗର୍ଭଣୀପଡ଼ା ଗ୍ରାମର ଟୁଲୁ ନାଥ(୪୨)। ସୂଚନା ମୁତାବକ, ଅପରାହ୍ଣରେ ଟୁଲୁ କୌଣସି କାମରେ ରାଜସୁନାଖଳା ପଟୁ ଧଳାପଥର ଅଭିମୁଖେ ଯାଉଥିବା ବେଳେ ବାଇକ୍ ସହ ପୋଲ ଉପରୁ ନାଳକୁ ଖସପଡ଼ିଥିଲେ।

### ଚୋରାମଦ କାରବାର: ଅବକାରୀ ବିଭାଗ ନୀରବ

**କଣାସ, ୫।୧୧ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଅଞ୍ଚଳରେ ମାଦକଦ୍ରବ୍ୟ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ଦିନକୁ ଦିନ ବୃଦ୍ଧିପାଇବା ଯୋଗୁ ଜନସାଧାରଣ ନିଜକୁ ନିରାପଦ ମଣୁନାହାନ୍ତି। ଅବକାରୀ ବିଭାଗ ମଧ୍ୟ ସବୁ ଜାଣିଶୁଣି କାହିଁକି ଏ କ୍ଷେତ୍ରରେ ନୀରବତା ଅବଲମ୍ବନ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି। କଣାସ ବ୍ଲକର ବିଜିପୁର, ଜଙ୍କିଆ, କଣାସ, ମନ୍ଦାରବସ୍ତଠାରେ ବିଦେଶୀ ମଦଦୋକାନ ଖୋଲିଥିବା ବେଳେ କଣାସ ଓ ଦୁଧୁରିଙ୍ଗିଠାରେ ଦୁଇଟି ଦେଶୀମଦ ଦୋକାନ ଖୋଲାଯାଇଛି। କଣାସ ବ୍ଲକର ମନ୍ଦାରବସ୍ତ ବଜାର ବିରିକେଶରପୁର ଛକ, କାତପଡା ବଜାର, ଜଙ୍ଘାର ବଜାର, କରମଳା ବଜାର, ଗଡିଶାଗୋଦା ବଜାର, ଅଡାଲ ବଜାର, ତାରେଣୀ ଛକବଜାର, ଗଡଖାରଦ ବଜାର, ବକୁ ବଜାର ଓ ବିଭିନ୍ନ ଗ୍ରାମର ପାନଦୋକାନ, ଚା' ଦୋକାନ, ରାଶନ ଦୋକାନମାନଙ୍କରେ ୨ନଂ ଦେଶୀ ଓ ବିଦେଶୀମଦ ପ୍ରଚୁର ପରିମାଣରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଏହି ମଦ ରଣପୁର ଓ ଖୋର୍ଦ୍ଧା ଅଞ୍ଚଳରୁ କଣାସ ବ୍ଲକର ବିଭିନ୍ନ ବଜାରକୁ ଆସୁଥିବାରୁ ଘରେ ବସି ଦୋକାନୀମାନେ ଚୋରାମଦ ବିକିବାକୁ ସୁଯୋଗ ପାଉଛନ୍ତି। ମଦ ବିକ୍ରିକୁ ବିରୋଧକରି ଗୋପୀନାଥପୁର, ଜାଗୁଲେଇପଦର, ସାନଓରାରେ କେତେକ ମହିଳା ଦୀର୍ଘଦିନ ହେଲା ପ୍ରତିବାଦ କରିଆସୁଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଏଠାରେ ମଦମୃତ୍ୟୁର ବିଭୀଷିକା ଦେଖାଦେଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ସେହିପରି କେତେକ ବ୍ୟକ୍ତି ନିଶାଜନିତ ପାଉଡର ଆଣି ବିଭିନ୍ନ ଗ୍ରାମରେ ବିକୁଥିବାରୁ ଅନେକ ଯୁବକ ପାଉଡର ଖାଇ ବିପଥଗାମୀ ହେଉଥିବା ଦେଖାଯାଉଛି । ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

### ୮ରେ ନୀଳାଚଳ କୃଷକ ସଂଘର ବିକ୍ଷୋଭ

**ପୁରୀ, ୫।୧୧ (ଅଜିତ ମହାନ୍ତି):** ନୀଳାଚଳ କୃଷକ ମହାସଂଘ ବିଭିନ୍ନ ଦାବି ନେଇ ଆସନ୍ତା ୮ତାରିଖରୁ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଧାରଣା ଦେବ। ଏ ନେଇ ଜିଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଗତ ଦିନରେ କୃଷକଙ୍କ ଉନ୍ନତି, ହକ ପାଇଁ ମହାସଂଘ ଏକାଧିକ ବାର ଆନ୍ଦୋଳନ କରିଛି। ଏହା ସତ୍ତ୍ୱେ ଅଦ୍ୟାବଧି ସମସ୍ୟାର ସମାଧାନ କରାଯାଉନାହିଁ। ଜଳସେଚନ ଯନ୍ତ୍ରୀମାନଙ୍କ ମନମୁଖୀ ମନୋଭାବ ଯୋଗୁ ବିଗତ ଦିନରେ ଅଧିକ ଏକ ଏକର ଜଳସେଚନର ବ୍ୟବସ୍ଥା ହୋଇପାରିଲା ନାହିଁ, ବରଂ ଯନ୍ତ୍ରୀମାନଙ୍କ ବେପାରୁଆ ମନୋଭାବ ଯୋଗୁ ନଦୀ ଓ କେନାଲ ବନ୍ଧର ମାନ ରସାତଳ ହେଲାଣି। ୨୦୧୯ରେ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲାରେ ଚାଷୀଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକ କାର୍ଯ୍ୟ ମହାସଂଘକୁ ଅବଗତ କରିବା ପାଇଁ କହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ବ୍ୟବସ୍ଥା ପାଇଁ ଆସୁଥିବା କୋଟି କୋଟି ଟଙ୍କା ହଡ଼ପ ହେଉଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଉଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ମହାସଂଘ ପକ୍ଷରୁ ୫ଦଫା ଦାବି ଯଥା- ୨୦୧୯ ମାର୍ଚ୍ଚ ୧୬ରୁ ଅଦ୍ୟାବଧି ଗ୍ରହଣ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ ଓ ଉପଯୁକ୍ତ ଦଣ୍ଡ ବିଧାନ କରାଯାଉ। ଦୟା, ଲୁଣା, ରତ୍ନଚିରା ଓ ଭାର୍ଗବୀ ନଦୀବନ୍ଧର ସୁଦୃଢ଼ୀକରଣ କରାଯାଉ। କେନାଲ ବନ୍ଧ ଗୁଡ଼ିକର ମାନ ଯାଞ୍ଚ ଓ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଉ। ପାଣି ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟର ସ୍ୱଚ୍ଛତା ଓ ଅଗ୍ରଗତି ଏବଂ ଗତ ଜାନୁୟାରୀ ୩୦ରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ମହାସଂଘ ଦାବି କରିଛି। ଦାବି ପୂରଣ ନ ହେବା ପାଇଁ ମହାସଂଘ ପକ୍ଷରୁ ଶତାଧିକ ଚାଷୀ ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୂଚନା ଦିଆଯାଇଛି।

# ପାଚେରି ନାହିଁ, କର୍ମଚାରୀ ଅଭାବ

**ସୁଧୁରୁନି ନିମାପଡ଼ା ଥାନାର ସମସ୍ୟା**
- ଠେଲିବାକୁ ପଡୁଛି ଦଦରା ପିସିଆର୍ ଭ୍ୟାନ୍
- ଥାନା ପରିସରରେ ଖତ ଖାଉଛି ଜବତ ଗାଡ଼ି


ନିମାପଡା ଥାନାର ନୂତନ କୋଠା ।



ଦଦରା ହୋଇଯାଇଥିବା ପିସିଆର୍ ଭ୍ୟାନ୍ ।

**ନିମାପଡ଼ା, ୫।୧୧ (ବିଚିତ୍ରାନନ୍ଦ ସାହୁ)** ବ୍ରିଟିଶ ଅମଳରେ ନିମାପଡ଼ା ଥାନା ପ୍ରତିଷ୍ଠା ହୋଇଥିଲା। ଆୟତନ, ପରିସୀମା, ଜନସଂଖ୍ୟା ଦୃଷ୍ଟିକୋଣରୁ ନିମାପଡ଼ା ଥାନା ଜିଲାରେ ବୃହତ୍ତମ। ତେବେ ଏହି ପୁରାତନ ଥାନା ଏବେ ବହୁ ସମସ୍ୟା ଘେରରେ ରହିଛି। ଏଠାରେ ଥିବା ଜଣେ ଏସ୍ଆଇଙ୍କ ପୁରୀ ବଦଳି ପରଠୁ ୬ମାସ ହେବ ସମ୍ପୃକ୍ତ ପଦବୀ ଖାଲିପଡ଼ିଛି। ସେହିପରି ଜଣେ ଏଏସ୍ଆଇଙ୍କ ଭୁବନେଶ୍ୱର ବଦଳି ପରଠୁ ୨ମାସ ହେବ ସେହି ପଦବୀ ମଧ୍ୟ ଖାଲିରହିଛି। ଥାନାରେ ୧୦ ଜଣ କନଷ୍ଟେବଲ ରହିବା ନିୟମ ଥିବାବେଳେ ଏବେ ମାତ୍ର ୪ଜଣ ଅଛନ୍ତି। ଏବେ ୨ ଜଣ ମହିଳା ଏସ୍ଆଇ ଥିବାବେଳେ ଜଣେ ହେଲେ ବି ପୁରୁଷ ଏସ୍ଆଇ ନାହାନ୍ତି। ଆବଶ୍ୟକସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ଯୋଗୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଥାନାରେ ବର୍ଷକୁ ପ୍ରାୟ ୫ଶହ ମାମଲା ରୁଜୁ ହେଉଥିବାବେଳେ ଅଫିସର ଓ କର୍ମଚାରୀଙ୍କ ଅଭାବ ଯୋଗୁ ତଦନ୍ତ କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି। ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଅନ୍ତରାୟ ସୃଷ୍ଟି ହେଉଛି। ଭୁବନେଶ୍ୱର-କୋଣାର୍କ ରାସ୍ତାର ମଧ୍ୟସ୍ଥଳରେ ନିମାପଡ଼ା ଅବସ୍ଥିତ। ନିମାପଡ଼ା ରାସ୍ତା ଦେଇ ଦୈନିକ ଶହଶହ ଦେଶ ବିଦେଶ ଓ ବିଭିନ୍ନ ରାଜ୍ୟର ପର୍ଯ୍ୟଟକମାନେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କ ଓ ପ୍ରସିଦ୍ଧ ଶକ୍ତିପୀଠ କାକଟପୁର ମା' ମଙ୍ଗଳାଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ଯାତାୟାତ ବେଳେ ଓଡ଼ିଶା ପ୍ରସିଦ୍ଧ ନିମାପଡ଼ା ଛେନା ଝିଲ୍ଲୀ ଖାଇବାକୁ ସେମାନେ ନିମାପଡ଼ାରେ ଅଟକିଥାନ୍ତି। ଦୈନିକ ନିମାପଡ଼ା ଦେଇ ବିଭିନ୍ନ ଅଞ୍ଚଳକୁ ଶହଶହ ଯାନବାହନ ଯାତାୟାତ କରିଥାଏ। ନିମାପଡ଼ା ଏକ ଉପଖଣ୍ଡସ୍ତରୀୟ ଅଞ୍ଚଳ ଓ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ଦୈନିକ ହଜାର ହଜାର ଜନତାଙ୍କ ସମାଗମ ହୋଇଥାଏ। ହେଲେ ପୋଲିସ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ନିମାପଡ଼ାରେ ଟ୍ରାଫିକ୍ ପୋଲିସ ଓ ଟ୍ରାଫିକ୍ ଏଡ୍ପୋଷ୍ଟ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଅତି ଜଟିଳ ଓ ସଙ୍ଗିନ ହୋଇପଡ଼ିଛି। ସବୁଠୁ ମୁଖ୍ୟ ପ୍ରସଙ୍ଗ ହେଲା, ନିମାପଡ଼ା ନୂତନ ଥାନା ବିଲ୍ଡିଂର ଚତୁଃପାର୍ଶ୍ୱରେ ପକ୍କା ପାଚେରି ନ ଥିବାରୁ ଥାନା ପରିସର ଏବେ ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଜବତ ଗାଡ଼ିଗୁଡ଼ିକ ଥାନା ପରିସରରେ ରଖାଯାଇଛି। ଅନ୍ୟପକ୍ଷରେ ପୋଲିସ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଦଦରା ପିସିଆର୍ ଭ୍ୟାନ ଯୋଗୁ ପାଟ୍ରୋଲିଂ, ଅଭିଯୁକ୍ତଙ୍କୁ ଧରିବା, ଚୋରା ନିଶା ଦ୍ରବ୍ୟ କାରବାର ରୋକିବା ଦିଗରେ ଅନ୍ତରାୟ ସୃଷ୍ଟି ହେଉଛି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଆଇନଶୃଙ୍ଖଳା ବ୍ୟବସ୍ଥା ତ୍ୱରାନ୍ୱିତ କରିବା, ଖାଲି ପଦବୀ ପୂରଣ କରାଯିବା, ନୂତନ ପିସିଆର୍ ଭ୍ୟାନ ଯୋଗାଇଦେବା, ଟ୍ରାଫିକ୍ ପୋଲିସ ଓ ଏଡ୍ପୋଷ୍ଟ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ରାଜନେତାମାନେ ମୁଖ୍ୟମନ୍ତ୍ରୀ, ଗୃହ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍ପି ଏବଂ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍ଡିପିଓ ଦେବାଶିଷ ମିଶ୍ର କହିଛନ୍ତି, ନିମାପଡ଼ା ଥାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

## ମହିଳାଙ୍କ ବେକରୁ ସୁନା ହାର ଝାମ୍ପିନେଲେ ଦୁର୍ବୃତ୍ତ

**ସାକ୍ଷୀଗୋପାଳ, ୫।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିବା ଜନୈକା ମହିଳାଙ୍କ ବେକରୁ ଏକ ସୁନା ହାର ଲୁଟ୍ ହୋଇଛି। ଏ ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସ୍ଥାନୀୟ ସେବକ ସାହିର ରୁନାଶ୍ରୀ ଦୀକ୍ଷିତ ଓ ଅନ୍ୟ ଜଣେ ମହିଳା ସନ୍ଧ୍ୟା ୫ଟା ସମୟରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିଲେ। ଦୋଳ ପୋଖରୀ ଓ ଭାଗବତ ମଠ ମଧ୍ୟରେ ଜଣେ ଯୁବକ ଏକ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ହାରଟିକୁ ଝାମ୍ପିନେଇ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ସତ୍ୟବାଦୀ ପୋଲିସ ତଦନ୍ତ ଜାରି ରଖିଛି। ସୁନା ହାରଟିର ଓଜନ ୧୬ ଗ୍ରାମ ଥିବା ଜଣାଯାଇଛି। ସୂଚନାଥାଉ କି ପବିତ୍ର କାର୍ତ୍ତିକ ମାସ ଯୋଗୁଁ ସାକ୍ଷୀଗୋପାଳ ମନ୍ଦିରକୁ ଦୈନିକ ବହୁ ଯାତ୍ରୀଙ୍କ ସମାଗମ ହେଉଛି। ଏପରିକି ସନ୍ଧ୍ୟା ସମୟରେ ଠାକୁରଙ୍କୁ ଦର୍ଶନ ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଏହାର ସୁଯୋଗ ନେଇ ଅପରାଧୀମାନେ ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସତ୍ୟବାଦୀ ଥାନା ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ମନ୍ଦିର ଅଞ୍ଚଳକୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଦାବି ହେଉଛି।

## କଂଗ୍ରେସ ପକ୍ଷରୁ ବୁଥସ୍ତରୀୟ କମିଟି ଗଠିତ



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ।

**କାକଟପୁର, ୫।୧୧ (ଶୁଭଦର୍ଶନ ମିଶ୍ର):** କଂଗ୍ରେସର ଦୃଢ଼ ଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାକଟପୁର ଓ କଟକଣା ପଞ୍ଚାୟତରେ ବୁଥସ୍ତରୀୟ କମିଟି ଗଠନ ହେବା ସହିତ କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୂତ ସ୍ୱାଇଁଙ୍କ ସଭାପତିତ୍ୱରେ ଚନ୍ଦନ ବଜାରସ୍ଥିତ ଖୁଣ୍ଟିଆ ଟାୱାରରେ ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ପିସିସି ଉପସଭାପତି ବିଶ୍ୱଭୂଷଣ ଦାସ, ପୁରୀ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ ଯୋଗଦେଇଥିଲେ। କଟକଣା ଗ୍ରାମପଞ୍ଚାୟତର ସଭାପତି ସେକ୍ ହିମାୟତ ଓ ମନୋଜ କୁମାର ଚାନ୍ଦଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ କାକଟପୁର ଗ୍ରାମପଞ୍ଚାୟତରୁ ସଭାପତି ନଳିନୀକାନ୍ତ ଦୀକ୍ଷିତ, ସମ୍ପାଦକ ରବୀନ୍ଦ୍ର ନାଥ ଦୀକ୍ଷିତ, ଘନଶ୍ୟାମ କାଣ୍ଡିଙ୍କୁ ଅନୁସୂଚିତ ଜାତିର ଅଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ବ୍ଲକ କଂଗ୍ରେସ କମିଟିର ଉପସଭାପତି ଭାବେ କଟକଣା ଗ୍ରାମପଞ୍ଚାୟତରୁ ଅକ୍ଷୟ କୁମାର ଦାସ ଓ କାକଟପୁର ଗ୍ରାମପଞ୍ଚାୟତରୁ କରୁଣାକର ସେନାପତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହି ବୈଠକରେ ଶତାଧିକ କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ଅନ୍ୟ ପଞ୍ଚାୟତରେ ବୈଠକ ହେବା ସହ ପଞ୍ଚାୟତବାସୀଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବ ବୋଲି ବ୍ଲକ ସଭାପତି ସ୍ୱାଇଁ କହିଛନ୍ତି।



ଖବରକାଗଜ ବାନରସେନାର ଶିଶୁ ପ୍ରତିଭା ସମାରୋହରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

## ବିଶ୍ୱ ସୁନାମି ସଚେତନତା ଦିବସରେ ମକଡ୍ରିଲ

**ଅସ୍ତରଙ୍ଗ, ୫।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ବିଶ୍ୱ ସୁନାମି ଦିବସ ଅବସରରେ ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ କେଉଟଜଙ୍ଘା ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମକଡ୍ରିଲ କରାଯାଇଥିଲା। କେଉଟଜଙ୍ଘା ଗ୍ରାମବାସୀଙ୍କୁ ନେଇ ବିଭାଗୀୟ ଅଧିକାରୀମାନେ ସୁନାମି ସମ୍ପର୍କିତ ସଚେତନତା ଉପରେ ମନ୍ତବ୍ୟ ରଖିଥିଲେ। ଅତିଥି ଭାବେ ଅସ୍ତରଙ୍ଗ ବିଡିଓ କର୍ଣ୍ଣଦେବ ସମାଧର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଜେନେରାଲ ମ୍ୟାନେଜର ସୁନିତା ଜେନା, ଜିଲା ଆପତ୍କାଳୀନ ଅଧିକାରୀ ଆଶୁତୋଷ ଦେ, ଓସ୍ଡମା ରାଜ୍ୟ ଅଧିକାରିଣୀ ଜେନିଫର କିସାନ, ଜିଲା ପ୍ରକଳ୍ପ ଅଧିକାରୀ ଓସ୍ଡମା ସୁକାନ୍ତ ଦାସ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଅସ୍ତରଙ୍ଗ ଅଗ୍ନିଶମ କର୍ମଚାରୀ ଅନାମ ଚରଣ ମଲ୍ଲିକ, ନୋଡାଲ ଏନ୍ଜିଓ ଅନସୂୟା ପରିଡା, ଆପଦମିତ୍ର ପ୍ରଦୀପ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମ୍ୟାନେଜର ସୁନିତା ଜେନା ନିଜ ମନ୍ତବ୍ୟରେ ସୁନାମି ସଚେତନତା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିବାସୀ ପ୍ରଫୁଲ୍ଲ ଭୋଳ, କୈଳାଶ ନାୟକ, ତ୍ରିନାଥ ଭୋଳ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଅସ୍ତରଙ୍ଗ, ୫।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅସ୍ତରଙ୍ଗ ବ୍ଲକ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅସ୍ତରଙ୍ଗ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ, ପାଟଳଦା ଉଚ୍ଚ ବିଦ୍ୟାଳୟ, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ସହ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ବର୍ଗରେ ବିଭକ୍ତ ହୋଇ ସୁନ୍ଦର ଭାବେ ଗୀତା ଆବୃତ୍ତି କରିଥିଲେ। ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, କପିଳେନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ମିଶ୍ର, ଦିବାକର ପ୍ରଧାନ, ପ୍ରିୟତମା ସେଠୀ ବିଚାରକ ଭାବେ ଉପସ୍ଥିତ ଥିଲେ। ସଂଯୋଜକ ଅଶୋକ ନାୟକ, ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ଗୀତାର କର୍ମ ଯୋଗର ବିଦ୍ୟାର୍ଥୀ ଜୀବନରେ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। 'କ' ବିଭାଗରେ ଅସ୍ତରଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ରାଜେଶ କୁମାର ସ୍ୱାଇଁ, ସାଇ ଶାଗ୍ନିକ, ରୋଶନ ମିଶ୍ର, 'ଖ' ବିଭାଗରେ ଅସ୍ତରଙ୍ଗ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀ ସୋନମ ପ୍ରିୟଦର୍ଶିନୀ ଲେଙ୍କା , 'ଗ' ବିଭାଗରେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲକ୍ଷ୍ମୀ ପ୍ରିୟଦର୍ଶିନୀ ନାୟକଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମୁଖ୍ୟ ଅତିଥି ପ୍ରଭଞ୍ଜନ ନାୟକ, ପ୍ରଧାନଗୁରୁଜୀ ଭୀମସେନ ରାୟ, ବିଚାରକ ମଣ୍ଡଳୀ, ସଂଯୋଜନା ସହ ଅସ୍ତରଙ୍ଗ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## 'ଶିକ୍ଷାର୍ଥୀଙ୍କ ଅନ୍ତର୍ନିହିତ ଗୁଣ ସଫଳତା ଆଣିଥାଏ'

**ଗୋପ, ୫।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):** ଗୁଣାତ୍ମକ ଶିକ୍ଷା ସହିତ ଶୃଙ୍ଖଳିତ ହେବା ଯେପରି ଜରୁରୀ, ସେହିପରି ଛାତ୍ରୀଛାତ୍ରମାନେ ବିଭିନ୍ନ ପତ୍ରପତ୍ରିକା ପଢିଲେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣର ସଫଳତା ଆଣିବାରେ ସହାୟକ ହୋଇଥାଏ ବୋଲି ପିଲାଙ୍କ ଖବରକାଗଜ ବାନରସେନାର ଶିଶୁ ପ୍ରତିଭା ସମାରୋହରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୟ କୁମାର କହିଛନ୍ତି। ଗୋପ ବାଲିପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ସେନାପତି, ପିଲାଙ୍କ ଖବର କାଗଜର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ତୋଫାନ ଦଳାଇ ଯୋଗଦେଇ ଛାତ୍ରୀଛାତ୍ରମାନେ କେବଳ ଶିକ୍ଷା, କ୍ରୀଡ଼ା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ବହୁମୂଲ୍ୟ ସମୟ ମଧ୍ୟରେ ସାଧାରଣ ଜ୍ଞାନ ବିଜ୍ଞାନ ଉପରେ ଗୁରତ୍ୱ ଦେବାକୁ କହିଥିଲେ। ଏହି ପତ୍ରିକା ଦୀର୍ଘ ୩୬ ବର୍ଷ ଧରି ପୁରୀ ଜିଲାର ବିଭିନ୍ନ ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ର ଭବିଷ୍ୟତ, ଚିନ୍ତାଧାରା ଉପରେ ଗୁରୁତ୍ୱ ଦେଇ ପିଲାଙ୍କ ମଧ୍ୟରେ ଆଦୃତ ଲାଭ କରି ଥିବା ବେଳେ ଏହି ସମାରୋହରେ ସରସ୍ୱତୀ ଶିଶୁ ମନ୍ଦିରର ୩୭ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଯୋଗୁଁ ପୁରସ୍କୃତ କରାଯାଇଥିଲା। ଶେଷରେ ଅତିଥିମାନେ ଚଳିତ ସଂସ୍କରଣର ପିଲାଙ୍କ ଖବର କାଗଜ ବାନର ସେନା ପତ୍ରିକାକୁ ଉନ୍ମୋଚନ କରିଥିଲେ।

## ଜଳସେଚନ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**କଂଗ୍ରେସର ସାଙ୍ଗଠନିକ ବୈଠକ**

**ଡେଲାଙ୍ଗ, ୫।୧୧ (ରଶ୍ମିରଞ୍ଜନ ପ୍ରଧାନ):** କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଡେଲାଙ୍ଗ ଷ୍ଟେସନ ବଜାର ସନ୍ନିକଟ ମା' କେନ୍ଦ୍ରେଶ୍ୱରୀଙ୍କ ପ୍ରାଙ୍ଗଣରେ ଯୁବନେତା ପ୍ରହ୍ଲାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ନିଶିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କମିଟିକୁ କ୍ରିୟାଶୀଳ କରିବା ନିମନ୍ତେ ଗୁରୁମନ୍ତ୍ର ଦେଇଥିଲେ। ସେହିପରି ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ, ଗ୍ରାମ୍ୟ ସଂଯୋଗ ରାସ୍ତା ସମସ୍ୟା ଓ ଧାନକ୍ଷେତକୁ କେନାଲ ପାଣି ଠିକ୍ ଭାବେ ପହଞ୍ଚିପାରୁ ନ ଥିବା ଯୋଗୁ ଜଳସେଚନ ସମସ୍ୟା ଏବେ ଚାଷୀଙ୍କ ଦୁଃଖର କାରଣ ହୋଇଛି ବୋଲି କର୍ମୀମାନେ ମୁଖପାତ୍ର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ଜୟମନ୍ୟୁ ସାମନ୍ତରାୟ, ବୁଦ୍ଧିନାଥ ସାହୁ, ରାମଚନ୍ଦ୍ର ସେଠୀ, ବିଶ୍ୱନାଥ ପରିଡା, ଧୀରେନ ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ୍, କାହ୍ନୁଚରଣ ତାଡ଼, ଦୀନବନ୍ଧୁ ସାମନ୍ତରାୟ, ମାନସ ସ୍ୱାଇଁ, ଏସ୍କେ ସବିର, ଏସ୍କେ ମେହେବୁବ୍ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜଳସେଚନ ସମସ୍ୟାର ସମାଧାନ କରା ନ ଗଲେ କଂଗ୍ରସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।


ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ ।

## ଓଡ଼ିଆ ସାହିତ୍ୟ, ସଂସ୍କୃତି ଗରିମାମୟ

**ପୁରୀ, ୫।୧୧ (ଅଜିତ ମହାନ୍ତି):** ସାହିତ୍ୟିକ ଅନୁଷ୍ଠାନ 'ସୁଲେଖା'ର ୪୩ତମ ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଓ ସାରସ୍ୱତ ସମ୍ମାନ ସମାରୋହ ରବିବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଶ୍ରୀକ୍ଷେତ୍ରର ସ୍ଥାନ ସ୍ୱତନ୍ତ୍ର। ଏହାର ପ୍ରତ୍ୟେକ ପରିବେଶରେ ରହିଛି ଆଧ୍ୟାତ୍ମିକତା। ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟ ଅନନ୍ୟ ଓ ଅସାଧାରଣ। ଆଦିକବି ସାରଳା ଦାସଙ୍କଠାରୁ ଏ ଯାବତ ବହୁ କବିଙ୍କ ଲେଖନୀରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ଗରିମାମୟ ହୋଇଛି। ଗରିମାମୟ ଓଡ଼ିଆ ସାହିତ୍ୟର ଗୌରବ ରକ୍ଷା କରିବା ହିଁ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ମୀନକେତକ ଦାସ, ରଶ୍ମିବାଳା ରାଉତରାୟ, ସେବାୟତ ଭଗବାନ ସୁଆର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସଦାଶିବ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ଅଧ୍ୟାପିକା ଇନ୍ଦିରା ପଣ୍ଡା ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ଶ୍ୟାମପ୍ରକାଶ ସେନାପତି, କ୍ରିଷ୍ଣା



ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

ମହାପାତ୍ର, ସୁରେଶ କୁମାର ପଟ୍ଟନାୟକ, ଆଶାଲତା ପ୍ରଧାନ, କମଳିନୀ ପାଣିଗ୍ରାହୀ, ରୋଜାଲିନ୍ ପଣ୍ଡା ଓ ଯୋଗେନ୍ଦ୍ର ସାହୁ। ପ୍ରଥମ ଅଧିବେଶନରେ ନୂତନ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ସଭାରେ ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସ, ତ୍ରିଲୋଚନ ମଥାନ, କୃଷ୍ଣଚନ୍ଦ୍ର ରଥ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ତୃତୀୟ ଅଧିବେଶନରେ କବିତା ପାଠରେ ଅତିଥି ଓ ସଂଯୋଜକ ସଂଯୋଜିକା ଭାବେ ବାହାଦୁର ପାଟସାହାଣୀ, ବାମଦେବ ସ୍ୱାଇଁ,ଅନ୍ନପୂର୍ଣ୍ଣା ଦେବୀ, ଡ. ଅର୍ଚ୍ଚନା ଆଚାର୍ଯ୍ୟ, ମଞ୍ଜୁଶ୍ରୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରମୋଦା ଦେବୀଙ୍କ ଭକ୍ତିର ଶକ୍ତି, କୃଷ୍ଣଚନ୍ଦ୍ର ରଥଙ୍କ ସମୁଦ୍ର ସାରାକାଳ, ଉପେନ୍ଦ୍ର ସାହୁଙ୍କ ଜୀବ କହେ ଜଡ଼ର ଭାଷା, ନୀଳମ ପରିଡାଙ୍କ ନିଃଶବ୍ଦ ନାଚାର ପୁସ୍ତକ ଲୋକାର୍ପିତ

**ସୁଲେଖା'ର ୪୩ତମ ବାର୍ଷିକ ଉତ୍ସବ**

ହୋଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାର ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଥିଲା। ଡ. ମନ୍ମଥ କୁମାର ପ୍ରଧାନ (ବାଲେଶ୍ୱର), ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି (ଭଦ୍ରକ), ସାରସ୍ୱତ ଯୁଗଳବନ୍ଦୀ ସମ୍ମାନ କମଳିନୀ ଦେବୀ ଏବଂ ଡ. ଦୁର୍ବାଦଳ ମେହେର (ବଲାଙ୍ଗୀର), କବିତା ମିଶ୍ର ଓ ରମେଶ ଚନ୍ଦ୍ର ଦାଶ (ପୁରୀ) ସାରସ୍ୱତ ସାଧକ ସାଧିକା ନିହାରିକା ରାୟ ବରାଳ, ବିମଳା ସିଂହ (ଭୁବନେଶ୍ୱର) ପ୍ରବାସୀ ଓଡ଼ିଆ କବି ଶିତିକଣ୍ଠ ଷଡ଼ଙ୍ଗୀ (ବେଙ୍ଗାଲୁରୁ), ଦୁର୍ଗାପ୍ରସାଦ ବିଶ୍ୱାଳ (ଝାନ୍ସୀ), ଡ. ପ୍ରତିଭା ଦାଶ (ଖୋର୍ଦ୍ଧା), ସାନ୍ତ୍ୱନା କୁମାରୀ ମହାନ୍ତି, ମନୀଷା ରାୟ ଓ ଅଭିଜ୍ଞାନ ସାହୁ, ରଞ୍ଜନ କୁମାର ସାହୁ (କଟକ), ସୁଚିତ୍ରା ସାମଲ (ରାଉରକେଲା), ମୁରଲୀଧର ନାୟକ ଓ ଗଣପତି ସ୍ୱାଇଁ (ଅନୁଗୋଳ), ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି, ଶକୁନ୍ତଳା ଦାଶ ଓ ଆଶିଷ କୁମାର ବଳ (ଯାଜପୁର), ତ୍ରୈଲୋକ୍ୟନାଥ ସ୍ୱାଇଁ (ସୁନ୍ଦରଗଡ଼), ଡାକ୍ତର ସୁରେନ୍ଦ୍ର ନାଥ ପତି, ଡ. ପ୍ରମୋଦ ଆଚାର୍ଯ୍ୟ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଇନ୍ଦିରା ପଣ୍ଡା, ସତ୍ୟଭାମା ପ୍ରଧାନୀ (ପୁରୀ), ଲୋକନାଥ ଦାଶ (ନୟାଗଡ଼), ଇନ୍ଦ୍ରମଣି ବାରିକ (ବରଗଡ଼), ଡ. କୁମୁଦ ଚନ୍ଦ୍ର ପଣ୍ଡା (କଳାହାଣ୍ଡି), ଭଗବାନ ମହାପାତ୍ର, ବିଚିତ୍ରାନନ୍ଦ (କୋରାପୁଟ), ଲକ୍ଷ୍ମଣ ମହାପାତ୍ର (ବୌଦ୍ଧ), ପ୍ରଦୀପ କହଁର (କନ୍ଧମାଳ), ରୀତା ସାହୁ (ସୁବର୍ଣ୍ଣପୁର), ଚିନ୍ମୟ ରଞ୍ଜନ ମିଶ୍ର (ଗଞ୍ଜାମ), ବିଜୟିନୀ ଜେନା ଓ ଶାନ୍ତନୁ କୁମାର ଷଡ଼ଙ୍ଗୀ (ଜଗତସିଂହପୁର) ଓ ଯୁବ ପ୍ରତିଭା ସମ୍ମାନରେ ସୁଶ୍ରୀ ସୁଦୀପ୍ତା (ପୁରୀ)ଙ୍କୁ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ବାରଦାରେ ବାରହା ଆତଙ୍କ

କଟକ ସଦର,୫।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ଗ୍ରାମର ନିମଘାଇ ନିକଟରେ ରବିବାର ସକାଳେ ଏକ ଜଙ୍ଗଲି ବାରହା ବୁଲୁଥିଲା। ହେଲେ ଲୋକଙ୍କୁ ଦେଖିବା ମାତ୍ରେ ଗୋଡ଼ାଇବାକୁ ଆରମ୍ଭ କରିଥିଲା। ଫଳରେ ମହାନଦୀ ବନ୍ଧ ରାସ୍ତାରେ କିଛି ଘଣ୍ଟା ପାଇଁ ଯାତାୟାତ ବନ୍ଦ ହୋଇଯାଇଥିଲା। ଏହି ସମୟରେ କେତେଜଣ ଲୋକ ଜୀବଟି ଘୁଷୁରି ବୋଲି ଭାବିଥିଲେ। ପରେ ଘୁଷୁରି ପାଳକମାନଙ୍କୁ ଖବର ଦିଆଯାଇଥିଲା। ଘୁଷୁରି ପଲ ସେଠାରେ ପହଞ୍ଚିବା ମାତ୍ରେ ଜୀବଟି ହିଂସ୍ର ହୋଇଯାଇଥିଲା। ତାପରେ ଘୁଷୁରିଙ୍କୁ ଆକ୍ରମଣ କରିଥିଲା। ଖବରପାଇ ଜଙ୍ଗଲ ବିଭାଗର ଟିମ୍ ପହଞ୍ଚି ଜନ୍ତୁକୁ ଧରିବା ପାଇଁ ଉଦ୍ୟମ କରିଥିଲା। ରିପୋର୍ଟ ଲେଖାଯିବାବେଳକୁ ଅନ୍ଧାର ହୋଇ ଯାଇଥିବାରୁ ଜନ୍ତୁକୁ ଧରାଯାଇ ପାରିନାହିଁ।

### ଚକ୍ଷୁ ଚିକିତ୍ସା ଶିବିର

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର କଟକ ନଗର ଶାଖା ଓ ବକ୍ସିବଜାର ଦୁର୍ଗାପୂଜା ସମିତିର ମିଳିତ ସହଯୋଗରେ ସ୍ଥାନୀୟ ବଢେଇ ସାହିସ୍ଥିତ ବୀଣାପନୋ କ୍ଲବ ଦୁର୍ଗାପୂଜା ମଣ୍ଡପଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲେ। ଏହି ଶିବିରରେ ବିଭିନ୍ନ ଅଞ୍ଚଳର ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବିଜୟ ମହାରଣା ଓ ସୁଶାନ୍ତ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ସମ୍ପର୍କିତ ବୈଠକ

କଟକ ସଦର,୫।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର, ଅରିଲୋ ପଞ୍ଚାୟତରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚାୟତିରାଜ ଓ ରାଜସ୍ୱ ବିଭାଗ ପ୍ରତିନିଧିମାନଙ୍କୁ ନେଇ ଏକ ମିଳିତ ବୈଠକ ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କେଶ ନଗର ମୌଜାର ଖାତା ନଂ. ୪୦୨, ପ୍ଲଟ୍ ନଂ. ୩୯ରେ ଥିବା ଗୋଚର ଜମିରୁ କିଛି ଜାଗା ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦିଆଯାଇପାରିବ ବୋଲି କିଶନନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ମାତ୍ର ଅରିଲୋ ପଞ୍ଚାୟତରେ ଥିବା ଗୋଚର ଜମିକୁ ପୂର୍ବରୁ ଅନ୍ୟ ସରକାରୀ ଗୃହ ନିର୍ମାଣରେ ବ୍ୟବହାର କରାଯାଇ ସାରିଥିବାରୁ ଆଉ ସେଠାରେ ଜାଗା ନାହିଁ ବୋଲି ଉପସ୍ଥିତ ରାଜସ୍ୱ କର୍ମଚାରୀମାନେ ସୂଚନା ଦେଇଥିଲେ। ଏହାଛଡା ସୋମପୁର ମୌଜାରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ବଡ଼ କୁଣ୍ଡ ନିର୍ମାଣ ନିମନ୍ତେ ମଧ୍ୟ ଜାଗା ଉପଲବ୍ଧ ହେଉନାହିଁ। କାରଣ ଶୁକପାଇକା ନଦୀପଠାର ସମସ୍ତ ଜମି ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର କରାଯାଇଥିବାରୁ ସେଠାର ଆଉ ରାଜସ୍ୱ ବିଭାଗ ଜାଗା ଦେଇପାରିବନାହିଁ। ଏଭଳି ଅନିଶ୍ଚିତତା ମଧ୍ୟରେ କୌଣସି ନିଷ୍ପତ୍ତି ନ ନେଇପାରି ଯୁଗ୍ମ ବୈଠକ ଶେଷ ହୋଇଥିଲା। ଏହି ବୈଠକରେ କିଶନନଗର ଅତିରିକ୍ତ ତହସିଲଦାର ସମୀକ୍ଷା ପାଣି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁଙ୍କ ସମେତ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ୧୨ରେ କାଳୀପୂଜା, ୧୫ରେ ଭସାଣି

କଟକ,୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)



ବୈଠକରେ ଜିଲାପାଳ, ସିଏମ୍ସି ମେୟର, କମିଶନର, ଡିସିପି ଓ ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟମାନେ।

ଆସନ୍ତା ୧୨ ତାରିଖରେ କାଳୀପୂଜା। ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ରବିବାର କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଗଡ଼ଖାଇସ୍ଥିତ ସିଏମ୍ସି ମେୟରଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଭିକାରି ଦାସ କାଳୀପୂଜା ସଂକ୍ରାନ୍ତୀୟ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଆସନ୍ତା ୧୨ ତାରିଖରେ କାଳୀପୂଜା, ୧୩ ଓ ୧୪ ଦୁଇ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୫ରେ ଭସାଣି, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭସାଣି ଦିନ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବାକୁ ଅନୁମତି, ରାତ୍ର ୧୨ଟା ପରେ ପାରମ୍ପରିକ ବାଜା, ଘଣ୍ଟ ଧ୍ୱନି ମଧ୍ୟରେ ମେଢ଼ ବିସର୍ଜନ ଶେଷ ପର୍ଯ୍ୟନ୍ତ ଅନୁମତି ପ୍ରଦାନ, ଗତ

**କାଳୀପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା**

ବର୍ଷଗୁଡିକ ଭଳି ମେଢ଼ ଶୋଭାଯାତ୍ରା ପଦ୍ଧତି ଲାଗୁ କରିବା, ଦୁର୍ଗାପୂଜା ପରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା ରାସ୍ତାଘାଟ ମରାମତି, ଦେବୀଗଡାଠାରେ ୪/୫ ଟି ଅସ୍ଥାୟୀ ପୋଖରୀ ଖନନ, ମେଢ଼ ଶୋଭାଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କାଟିବା ସହ ତାରଗୁଡିକୁ ଅପସାରଣ କରିବା, ଯଥାସମ୍ଭବ ମେଢ଼ ଶୋଭାଯାତ୍ରାର ଲମ୍ବକୁ କମ୍ କରିବା ସହ ଶୋଭାଯାତ୍ରାର ଅଗ୍ରଭାଗରେ ନାଚକୁଦ ନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ନରହରି ସେଠି, ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସିଏମ୍ସି ମେୟର ସୁବାସ ସିଂ, ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ ରାୟ, ସିଏମ୍ସି କମିଶନର ନିଖିଲ ପୱନ କଲ୍ୟାଣ, ଡିସିପି ପିନାକ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳ, କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଓ ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ, ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସର୍ବଶ୍ରୀ ପ୍ରଦୀପ ସିହ୍ନା, ପୂର୍ଣ୍ଣଚନ୍ଦ୍ର ସିଂ, ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶାନ୍ତି କମିଟି ଉପସଭାପତି ତାପସ କୁମାର ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ‘ବ୍ୟଙ୍ଗ ସାହିତ୍ୟ ସୃଷ୍ଟି ଉପରେ ଅଧିକ ଆଲୋଚନାର ଆବଶ୍ୟକତା ଅଛି’

କଟକ,୫।୧୧(କାର୍ତ୍ତିକ ସାହୁ)

ସାରସ୍ୱତ ସାହିତ୍ୟ ସଂସଦ ପକ୍ଷରୁ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ବ୍ୟଙ୍ଗଗଳ୍ପ ଓ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ବ୍ୟଙ୍ଗସାହିତ୍ୟ ସୃଷ୍ଟି ଉପରେ ଅଧିକ ଆଲୋଚନା ହେବାର ଆବଶ୍ୟକତା ରହିଛି। ଏହି ଅବସରରେ ସଂସଦର ମୁଖପତ୍ର ‘ସୁମେଧା’ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିପିନ ବିହାରୀ ରାଉତ ସ୍ୱାଗତ ଭାଷଣ, ପ୍ରସନ୍ନ କୁମାର ସ୍ୱାଇଁ ଗଳ୍ପ ଓ କବିତା ପାଠ ଉତ୍ସବକୁ ସଂଯୋଜନା ଓ ଯୁଗ୍ମ ସମ୍ପାଦକ ଡ. ନୀରୋଦ କୁମାର ମନ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟଙ୍ଗକବି ମାଧବ ସ୍ୱାଇଁ, ବିଭୂତି ସ୍ୱାଇଁ, ଡ. ଧର୍ମଛଡ଼ା, ସଞ୍ଜୀବ ଦାସ, ବିନ୍ଦୁସାଗର ଓଝା ପ୍ରମୁଖ କବିତା ପାଠ କରିଥିଲେ। ଜ୍ଞାନ ହୋତା, ରାଧାଶ୍ୟାମ ରାଉଳ, ଇଂ. ସୌରାଂଶୁ ପଟ୍ଟନାୟକ ଓ ବିପ୍ଲବ ବ୍ୟଙ୍ଗ ଗଳ୍ପ ପାଠ କରିଥିଲେ। ଶିବାଶିଷ କର, ମୁରଲୀ ଶତପଥୀ, ତପନ କୁମାର ସ୍ୱାଇଁ, ମାମୁନି ପଣ୍ଡା, ରାଜୀବ ଷଡ଼ଙ୍ଗୀ, ତ୍ରିଲୋଚନ ବେହେରା, ବିଶ୍ୱଜିତ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସରୋଜ ପାଇଟାଲ ଧନ୍ୟବାଦ ଦେଇଥିଲେ।



ବାଖରାବାଦସ୍ଥିତ ଗାନ୍ଧୀଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଦିନବେଳା ବାଲି ପରିବହନକୁ ବିରୋଧ, ରାସ୍ତାରୋକୋ



ନୂଆପଡା ତ୍ରିନାଥ ବଜାର ଛକରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

କଟକ,୫।୧୧ (କାର୍ତ୍ତିକ ସାହୁ)

ଦିନବେଳା ବାଲି ବୋଝେଇ ଗାଡ଼ି ଚଳାଚଳ କରିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜୀବନ ହାନି ଘଟୁଛି। ଶନିବାର ଦୁଇଟି ଟ୍ରାକ୍ଟର ମଝିରେ ଚାପି ହୋଇ ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଥିଲା। ତେବେ ଦିନରେ ବାଲି ବୋଝେଇ ଗାଡ଼ି ଚଳାଚଳକୁ ବିରୋଧ କରିଛନ୍ତି ନୂଆପଡ଼ା ଅଞ୍ଚଳବାସୀ। ତ୍ରିନାଥ ବଜାର ଛକରେ ସେମାନେ ରବିବାର ମଧ୍ୟାହ୍ନରୁ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଏଥିସହ ବାଲି ଆଣିବା ନିମନ୍ତେ ଯାଉଥିବା ପ୍ରାୟ ୬ଟି ହାଇୱାକୁ ଅଟକ ରଖିଥିଲେ। ମଧୁପାଟଣା ପୋଲିସ ଅପରାହ୍ନ ପ୍ରାୟ ୨ଟାରେ ପହଞ୍ଚି ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ଯୁବକମାନେ ଅଟକ ରଖାଯାଇଥିବା ହାଇୱା ଗୁଡିକରୁ ତୁରନ୍ତ ଜରିମାନା ଆଦାୟ କରାଯିବାକୁ ଅଡ଼ିବସିଥିଲେ। ଫଳରେ ହାଇୱାଗୁଡିକରୁ ଜରିମାନା ଆଦାୟ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହ ପୋଲିସ ଆଲୋଚନା କରିବା ପରେ ସକାଳ ୬ଟାରୁ ରାତି ୧୦ଟା ଯାଏ ହାଇୱା ଚଳାଚଳ ଉପରେ କଟକଣା ଲଗାଯାଇଛି। ସ୍ଥାନୀୟ ଅଧିବାସୀ ଜିତେନ୍ଦ୍ର ଡାଲୁଆ, ପ୍ରଦୀପ କୁମାର ଦାସ, ସୁବାସ ବାବୁଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା।



କଟକ ବାଲିଯାତ୍ରା ଉପର ପଡିଆରେ ସାତସାହି କଟକ ନୃତ୍ୟୋତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ବନ୍ଦିତା ଧାୱନ ନୃତ୍ୟମ ପକ୍ଷରୁ କଳାକାରମାନେ ସେମି କ୍ଲାସିକାଲ ନୃତ୍ୟ ପରିବେଷଣ କରୁଛନ୍ତି।

### ଶ୍ରୀମନ୍ଦିରରେ ଶାଳୀନ ପୋଷାକ ପିନ୍ଧା ନିୟମକୁ ସମର୍ଥନ

କଟକ,୫।୧୧ (କାର୍ତ୍ତିକ ସାହୁ)

ଶ୍ରୀଜଗନ୍ନାଥ ଚାରଣ ଗୋଷ୍ଠୀ ପକ୍ଷରୁ ଶିଖରପୁରସ୍ଥିତ ଶ୍ରୀଜଗନ୍ନାଥ ମଠରେ ଦଳପତି ଡ. ଗୋପାଳ ବାରିକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିରକୁ ଚିରା, ଫଟା ଜିନ୍ସ ପ୍ୟାଣ୍ଟ, ଶାର୍ଟ ପିନ୍ଧି ଯିବାକୁ ବାରଣ କରାଯିବା ସହ ଶାଳୀନ ପୋଷାକ ପିନ୍ଧା ନିୟମ କରାଯାଇଥିବାରୁ ଏଭଳି ନିଷ୍ପତ୍ତିକୁ ସମର୍ଥନ କରାଯାଇଥିଲା। ଆସନ୍ତା ଜାନୁୟାରୀରୁ ଏହି ନିୟମ ଲାଗୁ କରାଯାଉଥିବାରୁ ପ୍ରଶାସନକୁ ପ୍ରଶଂସା କରାଯାଇଛି। ଏହାଦ୍ୱାରା ଉତ୍କଳୀୟ ସଂସ୍କୃତି ବଞ୍ଚିବ ଓ ଲୋକମାନେ ନିଜକୁ ଭକ୍ତ ମନେ କରିବେ। ସିଦ୍ଧାର୍ଥ ଶଙ୍କର ସାମନ୍ତରାଏ, ଅପୂର୍ଣ୍ଣ ରଞ୍ଜନ ରାଉତ, ସମ୍ପାଦକ ଭାଗୀରଥି ପାଣିଗ୍ରାହୀ, ଅନନ୍ତ ଚରଣ ବେହେରା, ଇଂ. ରଞ୍ଜିତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଅକାଳ ବିୟୋଗ

ଚୌଦ୍ୱାର,୫।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ମରହଟ୍ଟା ସାହିର ବିଶ୍ୱଜିତ୍ କୁଅଁର (୩୫)ଙ୍କର ଅକାଳ ବିୟୋଗ ଘଟିଛି। ସେ ଜଣେ ପରୋପକାରୀ ଯୁବକଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ବିଶ୍ୱଜିତ୍ ମସ୍ତିଷ୍କ ଜନିତ ରୋଗରେ ପୀଡ଼ିତ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଚୌଦ୍ୱାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରମିକ ନେତା ଦୀପକ କୁମାର ବାରିକ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ଓ ଯୁବଗୋଷ୍ଠୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା।

# ଧାର୍ମିକ ପୁସ୍ତକ ‘ସ୍ୱପ୍ନ ଜୀବନ’ ଉନ୍ମୋଚିତ

କଟକ,୫।୧୧(କାର୍ତ୍ତିକ ସାହୁ)

ଗୋପୀନାଥଜୀଉ ଭାଗବତ ସେବା ଟ୍ରଷ୍ଟ ସଂସ୍ଥାନ ପକ୍ଷରୁ ଏକ ବିଶେଷ ସତ୍‌ସଙ୍ଗ କଟକ ଶାରଳା ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରମହଂସ ପ୍ରଜ୍ଞାନାନନ୍ଦ ଗିରିଜୀ ମହାରାଜ ଓ ଡା. ବିଳାସ ଡାଙ୍ଗ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଗୋପୀନାଥଜୀଉ ଭାଗବତ ସେବା ଟ୍ରଷ୍ଟର ଅଧ୍ୟକ୍ଷ ଅନୁପ କୁମାର ବୋଷଙ୍କ ଦ୍ୱାରା ବଙ୍ଗଳା ଭାଷାରୁ ଓଡ଼ିଆରେ ଅନୁବାଦିତ ଧାର୍ମିକ ପୁସ୍ତକ ‘ସ୍ୱପ୍ନ ଜୀବନ’ ଉନ୍ମୋଚିତ ହୋଇଥିଲା। ସହଯୋଗୀ ଲେଖିକା ତଥା ଉତ୍କଳ ଯାଦବ ମହାସଭାର ରାଜ୍ୟ ମହିଳା ସଭାନେତ୍ରୀ ଗୀତା ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବହୁ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଟ୍ରେନ୍‌ରେ ଦହନଶୀଳ ପଦାର୍ଥ ନିଅନ୍ତୁ ନାହିଁ




କଟକ ରେଳଷ୍ଟେଶନରେ ଆର୍‌ପିଏଫ୍ ପକ୍ଷରୁ ଯାତ୍ରୀଙ୍କୁ ସଚେତନ କରାଯାଉଛି।

କଟକ,୫।୧୧ (କାର୍ତ୍ତିକ ସାହୁ)

**ଯାତ୍ରୀଙ୍କୁ ସଚେତନ କଲା ଆର୍‌ପିଏଫ୍**

ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ଯାତ୍ରୀମାନେ କୌଣସି ଦହନଶୀଳ ପଦାର୍ଥ ପରିବହନ ନ କରିବା ପାଇଁ ରେଳ ସୁରକ୍ଷା ବଳ (ଆର୍‌ପିଏଫ) ପକ୍ଷରୁ କଟକ ରେଳଷ୍ଟେଶନରେ ସଚେତନ କରାଯାଇଛି। ଆରପିଏଫ୍ କର୍ମଚାରୀମାନେ ରବିବାର ଯଶୱନ୍ତ-ପୁରୀ-ହାଓଡ଼ା ଏକ୍ସପ୍ରେସ୍, ନନ୍ଦନକାନନ ଏକ୍ସପ୍ରେସ୍, ଚେନ୍ନାଇ-ହାଓଡ଼ା ଏକ୍ସପ୍ରେସ୍, ଫଲକନୁମା ଏକ୍ସପ୍ରେସ୍ ଆଦି ଟ୍ରେନ୍‌ର ରହଣି ସମୟରେ ଯାତ୍ରୀମାନଙ୍କୁ ଦହନଶୀଳ ପଦାର୍ଥଗୁଡ଼ିକ ପରିବହନର ବିପଦପୂର୍ଣ୍ଣ ଦିଗ ଉପରେ ସଚେତନ କରାଇଥିଲେ। ବିଶେଷକରି ଆଗକୁ ଦୀପାବଳି ଥିବାରୁ କୌଣସି ଅଘଟଣ ନ ଘଟିବା ପାଇଁ ପ୍ରତିକାର ବ୍ୟବସ୍ଥା ଆପଣେଇବା ନିମନ୍ତେ ଏପରି ପଦକ୍ଷେପ ନିଆଯାଇଥିଲା। ମହିଳା ଓ ପୁରୁଷ ଆରପିଏଫ୍ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ମୁତୟନ ହୋଇ ଏଭଳି ପଦାର୍ଥ ପରିବହନ ଉପରେ ରୋକ ଲଗାଇବାକୁ ଯାଞ୍ଚ କରିଥିଲେ। ରେଳରେ ଦହନଶୀଳ ପଦାର୍ଥ ପରିବହନ କଲେ ଜରିମାନା ୧୦୦୦ ବା ଜେଲଦଣ୍ଡ କିମ୍ବା ଉଭୟ ଦଣ୍ଡ ପାଇବାର ଆଇନ ରହିଛି ବୋଲି ରେଳଯାତ୍ରୀମାନଙ୍କୁ ସଚେତନ କରାଇଥିଲେ।

# ଓଡ଼ିଶା ପୌର ପରିଷଦ ମହାସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଫୁଲନଖରା,୫।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଜରିପଡାସ୍ଥିତ ଡିଭାଇନ ପ୍ୟାଲେସରେ ଓଡ଼ିଶା ପୌର ପରିଷଦ ମହାସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ନବନିର୍ବାଚିତ ରାଜ୍ୟ ସଭାପତି ତଥା ପାରାଦୀପ ପୌରସଂସ୍ଥା ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟର ୨୧ଟି ଜିଲାରୁ ୮୧ ପୌରସଂସ୍ଥାର ନୂତନ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷା, ଉପାଧ୍ୟକ୍ଷ ଯୋଗଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ୨୫ ଜଣ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଏଥିରେ ସଂଘର ୧୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପୌରାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଗାଡ଼ି ଓ ତୈଳ ଯୋଗାଇଦେବା, ଅନ୍ୟ ରାଜ୍ୟ ପରି ବର୍ଦ୍ଧିତ ପ୍ରୋତ୍ସାହନ ରାଶି ପ୍ରଦାନ, ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାୟୀ ପାସ୍ ବ୍ୟବସ୍ଥା, ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦିଆଯାଉଥିବା ଆର୍ଥିକ ରାଶିକୁ ୨ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ଭଳି ବିଭିନ୍ନ ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆବାହକ ଶୁଭେନ୍ଦୁ ସାମଲ, ଚିତ୍ରସେନ ପ୍ରଧାନ, ମିଟୁ ନାୟକ, ସୁକାନ୍ତି ପାଇକରାୟ, ଅନନ୍ତ ବେହେରା, ସନାତନ ବେହେରା, ପୁନମ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ବାଙ୍କୀ ପୌରସଂସ୍ଥାର ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା ଧନ୍ୟବାଦ ଦେଇଥିଲେ।



# କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ଦିବ୍ୟାଙ୍ଗ ସ୍ୱାବଲମ୍ବୀ ହେଉଛନ୍ତି

କଣ୍ଟାପଡ଼ା, ୫।୧୧(ସୁରନାରାୟଣ ସାହୁ)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର୍ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟସେବା ଓ ଗବେଷଣା କେନ୍ଦ୍ର ଅଡିଟୋରିୟମଠାରେ ବିଶ୍ୱ ପ୍ରସ୍ଥେଟିକ ଓ ଅର୍ଥୋଟିକ ଦିବସ ରବିବାର ପାଳିତ ହୋଇଯାଇଛି। ଏସ୍‌ଭି ନିର୍‌ତାର୍, ପ୍ରସ୍ଥେଟିକ ଓ ଅର୍ଥୋଟିକ ଆସୋସିଏଶନ ଅଫ୍ ଇଣ୍ଡିଆ ସଙ୍ଗଠନ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍‌ତାର୍‌ର ଉକ୍ତ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀକାନ୍ତ ମହାରଣା ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନର ଓଡିଶା ଶାଖା ସଭାପତି ତୁଷାର କୁମାର ମହାପାତ୍ର ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଭଳି ଏକ ପବିତ୍ର କାର୍ଯ୍ୟଠାରୁ ଆଉକିଛି ବଡ଼ ନୁହେଁ। ମୁଖ୍ୟ ଅତିଥି ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣ ପୂର୍ବରୁ ଦିବ୍ୟାଙ୍ଗମାନଙ୍କ ବିଭିନ୍ନ ପରୀକ୍ଷା ନୀରିକ୍ଷା ପାଇଁ ଏକ ଟେଷ୍ଟିଂ ଲାବରେଟୋରି କରାଯିବ। ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭାଗୀୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଏବଂ ଦିବ୍ୟାଙ୍ଗମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ର ଓ ଦିବ୍ୟାଙ୍ଗମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସକାଳେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ସାମାଜିକ ସଚେତନତା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ଆୟୋଜନ କରିଥିଲେ। ଡ. ରାଜେଶ ମହାନ୍ତି ବିବରଣୀ ପାଠ ଓ ଅଧ୍ୟାପକ ମନୋରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ। ସୁଶ୍ରୀ ରଶ୍ମିତା ଦାଶ, ସୁଶ୍ରୀ ସଙ୍ଗୀତା ନାୟକ, ମୋନାଲିସା ଦାଶ, ସୁପ୍ରୀତି ମହାକୁଡ, ଉଲ୍ଲାସ ଚନ୍ଦ୍ର ସାହୁ, ଗୌରାଙ୍ଗ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଦିବ୍ୟାଙ୍ଗ ନିଜର ଅଙ୍ଗେନିଭା କଥା କହୁଛନ୍ତି।

**ବିଶ୍ୱ ପ୍ରସ୍ଥେଟିକ୍ ଓ ଅର୍ଥୋଟିକ୍ ଦିବସ**

## ସଂକ୍ଷେପରେ

### ହିନ୍ଦୀ ବିଭାଗରେ ପୁରାତନ ଛାତ୍ରୀ ସମ୍ମିଳନୀ

ଭୁବନେଶ୍ୱର,୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗରେ ପୁରାତନ ଛାତ୍ରୀଙ୍କ ମିଳନ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଡ. ସ୍ନେହଲତା ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ ଯୋଗଦେଇଥିଲେ। ଏହି ଅବସରରେ ଡ. ଦାସ କହିଥିଲେ, ଭାଷା ସାହିତ୍ୟ ବିଭାଗର ସଦସ୍ୟମାନେ ବାଗଦେବୀଙ୍କ ଆଶୀର୍ବାଦ ଲାଭ କରିଥାଆନ୍ତି। ପୁରାତନ ଛାତ୍ରୀମାନେ ହିଁ ନିଜର ଶିକ୍ଷାନୁଷ୍ଠାନକୁ ପ୍ରଗତି ପଥେ ଆଗେଇ ନେବାରେ ସହଯୋଗ କରିଥାଆନ୍ତି ଓ କରିବା ଉଚିତ। ବିଭାଗ ମୁଖ୍ୟ ଡ. ଦାସ ନିଜର ଅନୁଭୂତି ବର୍ଣ୍ଣନା କରିବା ସହ ପୁରାତନ ଛାତ୍ରୀ ସଂଘର ମହତ ଉଦ୍ଦେଶ୍ୟ ଓ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା ଡ. ବିମଳା ପାତ୍ର ନିଜର ଅନୁଭୂତି ବଖାଣି ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ୬୦ରୁ ଅଧିକ ପୁରାତନ ଛାତ୍ରୀ ନିଜ ଅନୁଭବକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ। ଅତିଥି ଅଧ୍ୟାପିକା ମୌସମ ତିୱାରୀ ମଞ୍ଚ ପରିଚାଳନା ଓ ରଶ୍ମିରେଖା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗବେଷଣାରତ ଛାତ୍ରୀମାନେ ବିଭାଗକୁ ଏକ ଆକ୍ୱାଗାର୍ଡ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଓଡ଼ିଶା ପୌର ପରିଷଦ ମହାସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଫୁଲନଖରା,୫।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଜରିପଡାସ୍ଥିତ ଡିଭାଇନ ପ୍ୟାଲେସରେ ଓଡ଼ିଶା ପୌର ପରିଷଦ ମହାସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ନବନିର୍ବାଚିତ ରାଜ୍ୟ ସଭାପତି ତଥା ପାରାଦୀପ ପୌରସଂସ୍ଥା ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟର ୨୧ଟି ଜିଲାରୁ ୮୧ ପୌରସଂସ୍ଥାର ନୂତନ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷା, ଉପାଧ୍ୟକ୍ଷ ଯୋଗଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ୨୫ ଜଣ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଏଥିରେ ସଂଘର ୧୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପୌରାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଗାଡ଼ି ଓ ତୈଳ ଯୋଗାଇଦେବା, ଅନ୍ୟ ରାଜ୍ୟ ପରି ବର୍ଦ୍ଧିତ ପ୍ରୋତ୍ସାହନ ରାଶି ପ୍ରଦାନ, ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାୟୀ ପାସ୍ ବ୍ୟବସ୍ଥା, ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦିଆଯାଉଥିବା ଆର୍ଥିକ ରାଶିକୁ ୨ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ଭଳି ବିଭିନ୍ନ ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆବାହକ ଶୁଭେନ୍ଦୁ ସାମଲ, ଚିତ୍ରସେନ ପ୍ରଧାନ, ମିଟୁ ନାୟକ, ସୁକାନ୍ତି ପାଇକରାୟ, ଅନନ୍ତ ବେହେରା, ସନାତନ ବେହେରା, ପୁନମ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ବାଙ୍କୀ ପୌରସଂସ୍ଥାର ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା ଧନ୍ୟବାଦ ଦେଇଥିଲେ।

# ଆଇବିପିଏସ୍ ପିଓ ମେନ୍ ପରୀକ୍ଷା ବେଳେ ଉତ୍ତେଜନା

## ପରୀକ୍ଷା ପରିଚାଳନାରେ ତ୍ରୁଟି

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସନାଲ୍ ସିଲେକ୍ସନ୍ (ଆଇବିପିଏସ୍)ର ପ୍ରୋବେଶନାରି ଅଫିସର (ପିଓ) ପାଇଁ ମେନ୍ ପରୀକ୍ଷା ବେଳେ ରବିବାର ଭୁବନେଶ୍ୱରର ଏକ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି। ପରୀକ୍ଷା ହଲ୍‌ରେ ପରିଚାଳନାଗତ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିବାରୁ ସେଠାରେ ବହୁ ସମୟ ଧରି ଉତ୍ତେଜନା ଦେଖାଯାଇଥିଲା। ତେବେ ଏଭଳି ତ୍ରୁଟି ପାଇଁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ପରୀକ୍ଷାକେନ୍ଦ୍ର କର୍ତ୍ତୃପକ୍ଷ ଓ ଆଇବିପିଏସ୍‌କୁ ଦାୟୀ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପିଓ ପରୀକ୍ଷା ପାଇଁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ସେଣ୍ଟର କରାଯାଇଥିଲା। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ



ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି।

ଘରୋଇ ଟିଭି ଚ୍ୟାନେଲ ନିକଟରେ ଥିବା ଉକ୍ତ ସେଣ୍ଟରକୁ ପ୍ରାୟ ୫୦୦ଜଣ ପରୀକ୍ଷା ଦେବାକୁ ଆସିଥିଲେ। ସେମାନଙ୍କ ସହ ଅଭିଭାବକ ମଧ୍ୟ ଥିଲେ। ଅପରାହ୍ନ ୧ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରୀକ୍ଷା ସମୟ ଥିଲା। ତେବେ ପରୀକ୍ଷାର୍ଥୀମାନେ ସେଣ୍ଟରକୁ ପ୍ରବେଶ କରିବା ପରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପାଇଁ ରେଜିଷ୍ଟ୍ରେଶନ୍ ବିଳମ୍ୱ ହୋଇଥିଲା। ଅନେକ ପରୀକ୍ଷାର୍ଥୀଙ୍କ କମ୍ପ୍ୟୁଟରରେ ତ୍ରୁଟି ରହିଥିଲା। ଏପରିକି ପରୀକ୍ଷା ଆରମ୍ଭ ହୋଇଯାଇଥିଲେ ମଧ୍ୟ ରଫ୍ ପେପର ଦିଆଯାଇ ନ ଥିଲା। ଏପରିକି ଯେଉଁ ପରୀକ୍ଷାର୍ଥୀଙ୍କ ପରୀକ୍ଷା ସରିଯାଇଥିଲା ସେମାନଙ୍କୁ ବାହାରକୁ ଛଡ଼ାଯାଇ ନ ଥିଲା। ସମସ୍ତ ପରିକ୍ଷାର୍ଥୀଙ୍କୁ ସମାନ ସମୟରେ ଛାଡ଼ିବାକୁ ସେଣ୍ଟର କର୍ତ୍ତୃପକ୍ଷ ଦାବି କରିଥିଲେ। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏପରିକି ଅଭିଭାବକମାନେ ମଧ୍ୟ ହୋହଲ୍ଲା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣା ଏବଂ ଅଭିଯୋଗ ସମ୍ପର୍କରେ ପରୀକ୍ଷାକେନ୍ଦ୍ର ଓ ଆଇବିପିଏସ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।

# 'ଦୀପାବଳିରେ ବାଣଫୁଟା ନିଷିଦ୍ଧ ହେଉ'

ପୁରୁଣା ଭୁବନେଶ୍ୱର,୫।୧୧(ସୁବାସ ଚନ୍ଦ୍ର ପ୍ରଧାନ)




ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଦୀପାବଳିରେ ଦୀପ ଜାଳିବା ଅପେକ୍ଷା ବାଣ ଫୁଟାକୁ ଅନେକେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ବାଣ ଫୁଟାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ବାଣରୁ ନିର୍ଗତ ଧୂଆଁରେ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଓ କାର୍ବନ ମନୋଅକ୍ସାଇଡ୍ ଭଳି ଗ୍ୟାସ୍ ଶ୍ୱାସରୋଗ ଭଳି ବହୁ ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ତତ୍‌ସହିତ ଅଗ୍ନିକାଣ୍ଡ ଘଟି ଅନେକ ଲୋକଙ୍କ ଧନଜୀବନ ନଷ୍ଟ ହୋଇଥାଏ। ଏବେଠାରୁ ବାଣ ଫୁଟାକୁ ଯଦି ରୋକା ନ ଯାଏ ଆଗକୁ ଶୁଦ୍ଧ ବାୟୁ ମହଙ୍ଗା ପଡିବ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ କହିଛନ୍ତି। ଆଲୋକର ପର୍ବ ଦୀପାବଳିକୁ ପ୍ରଦୂଷଣ ଓ ବିପଦମୁକ୍ତ କରିବା ପାଇଁ ବାଣଫୁଟାକୁ ସମ୍ପୂର୍ଣ୍ଣଭାବେ ନିଷିଦ୍ଧ ଘୋଷଣା କରିବା ଲାଗି ସରକାର ପଦକ୍ଷେପ ନେବା ପାଇଁ ସାହୁ ଦାବି କରିଛନ୍ତି।

# ଲିଙ୍ଗଗତ ସମାନତାକୁ ନେଇ ଆଲୋଚନାଚକ୍ର

ଭୁବନେଶ୍ୱର, ୫।୧୧ (ବନ୍ଦନା ସେଠୀ)

ଲିଙ୍ଗଗତ ସମାନତାକୁ ନେଇ 'ଶ୍ରୀ' ଅଭିଯାନ ପକ୍ଷରୁ ରବିବାର ତପୋବନ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଲିଙ୍ଗଗତ ସମାନତାର ବିଭିନ୍ନ ଦିଗ ପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର ଯୋଗଦେଇ ଏ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ଆକ୍ସନ୍‌ଏଡ୍‌ର ଶିଶୁ ସୁରକ୍ଷା ଜିଲା ମୁଖ୍ୟ ସ୍ୱାତି ତନ୍ମୟା ମିଶ୍ର ଓ ଉଚ୍ଚ ନ୍ୟାୟଳୟର ଆଇନଜୀବୀ ପ୍ରତୀକ ଦାଶ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ପିଲାଙ୍କ ଅଧିକାର ଉପରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ଅଧିକାର କର୍ମୀ ଲିଙ୍କନ ସୁବୁଦ୍ଧି ଓ ମହିଳା ଅଧିକାର କର୍ମୀ ସଂଘମିତ୍ରା ପାଢ଼ୀ ଯୋଗଦେଇଥିଲେ। 'ଶ୍ରୀ' ଅଭିଯାନର ମୁଖ୍ୟ ପ୍ରୀତିଛନ୍ଦା ଧଳ ବିଦ୍ୟାଳୟରେ କାଉନ୍‌ସେଲିଂ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ତାହା ଆଗାମୀ ଦିନରେ କେମିତି ଆଉ ଅଧିକ ହୋଇପାରିବ ତା' ଉପରେ ଆଲୋଚନା କରିଥିଲେ। ଲିଙ୍ଗଗତ ସମାନତା ଉପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମିଶ୍ର ସଭାପତିତ୍ୱ କରିଥିଲାବେଳେ ଶିକ୍ଷୟିତ୍ରୀ ଅନୁସୂୟା ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟତ୍ରୀ ସୁନିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




ସତ୍ୟନଗର ଲେଡିସ୍ ଫୋରମ୍ ପକ୍ଷରୁ ରବିବାର ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସଠାରେ ଅନୁଷ୍ଠିତ ଶିଶୁ ପ୍ରତିଭା ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁଙ୍କ ସହ ଅନ୍ୟମାନେ। (ଫଟୋ: ମନୋରଞ୍ଜନ ମିଶ୍ର)

# ପନିପରିବା ଚାରା ଉତ୍ପାଦନ ତାଲିମ ନେଲେ ଚାଷୀ

ଭୁବନେଶ୍ୱର,୫।୧୧( ବନ୍ଦନା ସେଠୀ)

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ଉଦ୍ୟାନ ଗବେଷଣା ପ୍ରତିଷ୍ଠାନ ସହାୟତାରେ ଭୁବନେଶ୍ୱର ଆଇଜିଣିଆସ୍ଥିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରରେ ଉନ୍ନତମାନର ଚାରା ଉତ୍ପାଦନ ପଦ୍ଧତି ଓ ପରିଚାଳନା ସମ୍ପର୍କରେ ଏକ ୩ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରଧାନ ବୈଜ୍ଞାନିକ ଡା. ପି ଶ୍ରୀନିବାସ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ଡା. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଚାଷୀଙ୍କୁ ଉନ୍ନତମାନର ପନିପରିବା ଚାରା ଉତ୍ପାଦନ ସହିତ କଲମୀ କିପରି କରାଯିବ ସେନେଇ ଡା. ଆଚାର୍ଯ୍ୟ ତାଲିମ୍ ଦେଇଥିଲେ। ପ୍ରଧାନ ବୈଜ୍ଞାନିକ ଡା. କୁନ୍ଦନକିଶୋର ଫଳ ଚାରା ଉତ୍ପାଦନ ପ୍ରଣାଳୀ ଉପରେ କହିଥିଲେ। ତାଲିମର ୨ୟ ଦିନରେ ତାଲିମ ନେଉଥିବା ଅଗ୍ରଣୀ




ତାଲିମ ନେଉଥିବା ଚାଷୀଙ୍କ ସହ କୃଷି ବୈଜ୍ଞାନିକ ଓ ଅନ୍ୟମାନେ।

ଚାଷୀମାନେ ଡେରାସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ସହକାରୀ ଉଦ୍ୟାନ ଅଧିକାରୀ ଚିତ୍ତରଞ୍ଜନ ସାହୁ ଚାଷୀଙ୍କୁ ବ୍ୟବସାୟିକ ଭିତ୍ତିରେ କିପରି ନର୍ସରୀ ପରିଚାଳନା କରାଯାଇପାରିବ ସେ ବିଷୟରେ କହିଥିଲେ। ଶେଷ ଦିନରେ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅମରେଶ୍ୱର ମିଶ୍ରଙ୍କ ଦ୍ୱାରା ହୋଇଥିବା ବ୍ୟବସାୟିକ ଚାରା ଉତ୍ପାଦନ କେନ୍ଦ୍ରରେ ରୋଗପୋକ ପରିଚାଳନା କିପରି ସୁଚାରୁରୂପେ କରାଯାଇପାରିବ ଓ ଜୈବିକ ପଦ୍ଧତିରେ କିପରି ଚାଷ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ଏଥିରେ ଭାଗ ନେଇଥିବା ଚାଷୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷମାନେ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରରେ ନବରଙ୍ଗପୁର, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାରୁ ୨୫ଜଣ ଚାଷୀ ଯୋଗଦେଇ ତାଲିମ୍ ନେଇଥିଲେ।

# ପୋଲତଳକୁ ଖସିପଡ଼ି ବାଇକ୍ ଆରୋହୀ ମୃତ

ବୋଲଗଡ଼,୫।୧୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ବାରବାଟି ନିକଟରେ ରବିବାର ପୋଲତଳକୁ ଖସିପଡ଼ିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରଗୁଆଁ ପଞ୍ଚାୟତ ଅନ୍ତର୍ଗତ ଗର୍ଭଣୀପଡ଼ା ଗ୍ରାମର ଗୁଲୁ ନାଥ(୪୨)। ସୂଚନା ମୁତାବକ, ଗୁଲୁ କୌଣସି କାମରେ ରାଜସୁନାଖଳା ପଟୁ ଧଳାପଥର ଅଭିମୁଖେ ଯାଉଥିବା ବେଳେ ବାଇକ୍ ସହ ପୋଲ ଉପରୁ ନାଳକୁ ଖସପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏଫ୍‌ସିଆଇ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ




ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଚେତନତା ସମ୍ବନ୍ଧୀୟ ବିଷୟରେ କୁଇଜ, ବିତର୍କ, ପେଣ୍ଟିଂ ଆଦି ଉପରେ ତାଲିମ ଅଧିବେଶନ ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର କର୍ମଚାରୀମାନେ ବହୁ ଉତ୍ସାହରେ ଅଂଶଗ୍ରହଣ କରିଥିବାବେଳେ ମୁଖ୍ୟ ଅତିଥି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ। ସମାଜରୁ ଦୁର୍ନୀତି ଏବଂ ଅପରାଧକୁ ମୂଳୋତ୍ପାଟନ କରିବା ପାଇଁ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସେ ଗୁରୁତ୍ୱାରୋପ କରିଥିଲେ। ଏଫ୍‌ସିଆଇର ଜେନେରାଲ ମ୍ୟାନେଜର ବାନୋଥ ପ୍ରେମ ସିଂ ନାଗରିକମାନଙ୍କୁ ଦୁର୍ନୀତି ଉପରେ ସଚେତନ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ଭିଜିଲାନ୍ସ ଡେପୁଟି ଜେନେରାଲ ମ୍ୟାନେଜର ଅଭିନବ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ଦିନରେ ଧରାପଡ଼ିଲେ ୮୯ ମଦ୍ୟପ

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସ ପକ୍ଷରୁ 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ପାର୍ବଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଆଡ୍ଡା ଓ ବିଭିନ୍ନ ଖଟିରେ ଚଢ଼ାଉ ଓ ଯାନବାହନ ଯାଞ୍ଚ ହେଉଛି। ଏଥିସହ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ବିରୋଧରେ ଲୋକଙ୍କୁ ସଚେତନ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଶନିବାର ଏହି ଅଭିଯାନରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ୮୯ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ମୋଟ୍ ୪୪ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ସର୍ବସାଧାରଣ ସ୍ଥାନରେ ଧୂମପାନ କରି ୫ଜଣ ଧରାଡ଼ିଥିବାବେଳେ ୧୪ଶହ ଟଙ୍କା ଜରିମାନା ଦେଇଛନ୍ତି। ଏମ୍‌ଭି ଆକ୍ଟ ଉଲ୍ଲଙ୍ଘନ କରି ୨୨ଜଣ ବ୍ୟକ୍ତି ୧୧ ଶହ ଟଙ୍କା ଜରିମାନା ଦେଇଛନ୍ତି। ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




ପଟିଆ ଷ୍ଟେଶନ ସରସ୍ୱତୀ ଶିଶୁ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ଦ ସ୍ମାର୍ଟ ଭିଜନ ଲର୍ନିଂ ସିଷ୍ଟମ୍ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ମାନସିକ ଗଣିତ ପ୍ରତିଯୋଗିତାରେ ଅତିଥିମାନେ ଜଣେ କୃତୀ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ଦିବ୍ୟାଙ୍ଗ ସ୍ୱାବଲମ୍ବୀ ହେଉଛନ୍ତି

କଣ୍ଟାପଡ଼ା, ୫।୧୧(ସୁରନାରାୟଣ ସାହୁ)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର୍ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟସେବା ଓ ଗବେଷଣା କେନ୍ଦ୍ର ଅଡିଟୋରିୟମଠାରେ ବିଶ୍ୱ ପ୍ରସ୍ଥେଟିକ ଓ ଅର୍ଥୋଟିକ ଦିବସ ରବିବାର ପାଳିତ ହୋଇଯାଇଛି। ଏସ୍‌ଭି ନିର୍‌ତାର୍, ପ୍ରସ୍ଥେଟିକ ଓ ଅର୍ଥୋଟିକ ଆସୋସିଏଶନ ଅଫ୍ ଇଣ୍ଡିଆ ସଙ୍ଗଠନ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍‌ତାର୍‌ର ଉକ୍ତ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀକାନ୍ତ ମହାରଣା ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନର ଓଡିଶା ଶାଖା ସଭାପତି ତୁଷାର କୁମାର ମହାପାତ୍ର ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଭଳି ଏକ ପବିତ୍ର କାର୍ଯ୍ୟଠାରୁ ଆଉକିଛି ବଡ଼ ନୁହେଁ। ମୁଖ୍ୟ ଅତିଥି ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏବଂ ଦିବ୍ୟାଙ୍ଗମାନଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ସାମାଜିକ ସଚେତନତା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ଆୟୋଜନ କରିଥିଲେ। ଡ. ରାଜେଶ ମହାନ୍ତି ବିବରଣୀ ପାଠ ଓ ଅଧ୍ୟାପକ ମନୋରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ। ସୁଶ୍ରୀ ରଶ୍ମିତା ଦାଶ, ସୁଶ୍ରୀ ସଙ୍ଗୀତା ନାୟକ, ମୋନାଲିସା ଦାଶ, ସୁପ୍ରୀତି ମହାକୁଡ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଦିବ୍ୟାଙ୍ଗ ନିଜର ଅଙ୍ଗେନିଭା କଥା କହୁଛନ୍ତି।

# କିଡ୍‌ନୀ ପ୍ରତିରୋପଣରେ ସମାପିକା, ଚିତ୍ତରଞ୍ଜନ ସୁସ୍ଥ

## ଏସ୍‌ସିବି ମେଡିକାଲ

କଟକ,୫।୧୧(ଶିପ୍ରା ପ୍ରିୟଦର୍ଶିନୀ)




କଟକ ଏସ୍‌ସିବି ମେଡିକାଲରେ ୨ ଜଣ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ ସଫଳ ହୋଇଛି। ଏସ୍‌ସିବିରେ ଗତ ୬ ମାସ ହେବ ଡାଏଲିସିସ ଚାଲିଥିବା ବାଲେଶ୍ୱର ଅଞ୍ଚଳର ସମାପିକା ମହାନ୍ତି ଓ ଭୁବନେଶ୍ୱର ଜାଗମରା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି ନୂଆ ଜୀବନ ପାଇଛନ୍ତି। ଶନିବାର ରାତିରେ ଏକାସଙ୍ଗେ ଦୁଇଟି କିଡ୍‌ନୀ ପ୍ରତିରୋପଣ କରି ଉଦାହରଣ ସୃଷ୍ଟି କରିଛି ଏସ୍‌ସିବି ମେଡିକାଲ। କିଡ୍‌ନୀ ପ୍ରତିରୋପଣ ପାଇଁ ରାତି ପ୍ରାୟ ସାଢେ ୧୧ଟାରେ ଅସ୍ତ୍ରୋପଚାର ଆରମ୍ଭ ହୋଇ ୩ଟାରେ ଶେଷ ହୋଇଥିଲା। ୨ ଜଣ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେମାନଙ୍କୁ ୧୦ ଦିନ ପର୍ଯ୍ୟନ୍ତ ଅବ୍‌ଜରଭେଶନ୍‌ରେ ରଖାଯିବ। ଅସ୍ତ୍ରୋପଚାର ପରଦିନ ଅର୍ଥାତ୍ ରବିବାର ରୋଗୀଙ୍କ ୟୁରିନେସନ୍ ଠିକ୍ ରହିଛି। ଫଳରେ ରୋଗୀଙ୍କ ଶରୀରରେ କିଡ୍‌ନୀ ଭଲ ଭାବେ କାର୍ଯ୍ୟ କରିପାରିଛି ବୋଲି ଅସ୍ତ୍ରୋପଚାରରେ ନିୟୋଜିତ ଥିବା ୟୁରୋଲୋଜି ବିଭାଗର ସହଯୋଗୀ ପ୍ରଫେସର ଡା. ସବ୍ୟସାଚୀ ପଣ୍ଡା କହିଛନ୍ତି।

ସୂଚନା ଅନୁଯାୟୀ, ଗଞ୍ଜାମ ଅଞ୍ଚଳର କ୍ରିଷ୍ଣା ପଣ୍ଡା(୫୬) ସଡ଼କ ଦୁର୍ଘଟଣାରେ ଶିକାର ହେବାରୁ ତାଙ୍କ ବ୍ରେନ୍ ହାମ୍‌ରେଜ୍ ହୋଇଥିଲା। ଗତ ୧ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବ୍ରେନ୍ ଡେଡ୍ (ମୃତ ମସ୍ତିଷ୍କ) ହୋଇଥିବା ଡାକ୍ତର କହିଥିଲେ। ତାଙ୍କ ମୃତ୍ୟୁ ପରେ ଗତ ୨ତାରିଖରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। କ୍ରିଷ୍ଣାଙ୍କ ପରିବାର ଲୋକଙ୍କ ସମ୍ମତିକ୍ରମେ ତାଙ୍କର କିଡ୍‌ନୀ, ହାର୍ଟ, ଲିଭର, ଲଙ୍ଗ୍‌ସ ଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ କମିଶନରେଟ୍ ପୋଲିସ ପକ୍ଷରୁ ଆମ୍ରି ହସ୍ପିଟାଲରୁ ଗ୍ରୀନ୍ କରିଡରରେ ଦୁଇଟି କିଡ୍‌ନୀକୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ସେଠାରେ ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ଦୁଇଟି ଡାକ୍ତରୀ ଦଳ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୬ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ବିଷପିଇ ଗୁରୁତର ଯୁବକ ମୃତ

ନିଶ୍ଚିନ୍ତକୋଇଲି,୫।୧୧
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସରପଡାଗ୍ରାମରେ ବିଷପିଇ ଗୁରୁତର ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ସରପଡା(ବାରମାଣିଆ) ଗ୍ରାମର ଧନେଶ୍ୱର ବେହେରାଙ୍କ ପୁଅ ଭରତ ଚନ୍ଦ୍ର ବେହେରା(୩୨)। ସେ ଶନିବାର କୌଣସି କାରଣରୁ ବିଷ ପିଇ ଦେଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାର ସ୍ଥାନାନ୍ତର କରାଯାଇଥିଲା। ରବିବାର ଭରତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇଛି।

### ଗୁରୁପୂଜନ ଉତ୍ସବ

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଆଙ୍ଗିକ ନୃତ୍ୟ ଏକାଡେମୀ କଟକ ପକ୍ଷରୁ ୭ମ ଗୁରୁପୂଜନ ଉତ୍ସବ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଦିଲ୍ଲୀପ ହରିଚନ୍ଦନ, ଚିନ୍ତା ଚେତନାର ସମ୍ପାଦକ ସୁରେନ୍ଦ୍ର ଦାଶ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲଙ୍କୁ ଆଙ୍ଗିକ ଗୁରୁ ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଗୁରୁ ମିନାଶ୍ରୀ ମହାନ୍ତି, ଡ. ମନୋରଞ୍ଜନ ପ୍ରଧାନ, ମିନତୀ ପ୍ରଧାନ, ପୀତାମ୍ବର ବିଶ୍ୱାଳଙ୍କୁ ଆଙ୍ଗିକ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦିକା ଶ୍ରାବଣୀ ମିତ୍ର, ସଭାପତି ତଥା ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ, ଶିକ୍ଷାବିତ ଶେଖ୍ କଲିମୁଲ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ଭୂତନାଥ ସାହିତ୍ୟ ଉତ୍ସବ ପାଇଁ ପ୍ରସ୍ତୁତି

ବାଙ୍କୀ,୫।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ସାହିତ୍ୟ ଅନୁଷ୍ଠାନ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦ ତରଫରୁ ଷଷ୍ଠ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବବନ୍ଧୁ ଭବନଠାରେ ଆୟୋଜିତ ଏହି ବୈଠକରେ ପ୍ରତିଷ୍ଠାତା ସଦସ୍ୟ ଲଲାଟେନ୍ଦୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅକ୍ଷୟ କୁମାର ସାମଲ ଏହାକୁ ପରିଚାଳନା କରିଥିଲେ। ଡାକ୍ତର ଜଗଦିଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ସରସ ସୁନ୍ଦର କରିବାକୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଚିତ୍ତରଞ୍ଜନ ରଣା, ଅଧ୍ୟାପକ ସଚ୍ଚିଦାନନ୍ଦ ସାମଲ, ଅମିୟ କୁମାର, ଅଶୋକ କୁମାର ଗିରି, ପ୍ରଫୁଲ୍ଲ କୁମାର ପଣ୍ଡା, ସୁରେଶଚନ୍ଦ୍ର ସାହୁ, ପ୍ରଦୀପ କୁମାର ଜେନା, ପ୍ରସନ୍ନ କୁମାର ମହାପାତ୍ର, ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ, ଶଶିଭୂଷଣ ତ୍ରିପାଠୀ, ମୁରଲୀଧର ପ୍ରଧାନ, ତ୍ରିବିକ୍ରମ ବେହେରା, ଲକ୍ଷ୍ମୀପ୍ରିୟା ଦାଶ ଓ ଅର୍ଘ୍ୟରୂପା ସାମନ୍ତରାୟ ପ୍ରମୁଖ ଯୋଗଦେଇ ନିଜର ପ୍ରସ୍ତାବମାନ ଦେଇଥିଲେ।

# ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର: ସ୍ଥାୟିତ୍ୱ ନେଇ ସନ୍ଦେହ

- ବିପଦସଙ୍କୁଳ ଅବସ୍ଥାରେ କେନାଲ ବନ୍ଧ
- ସଂଯୋଗୀକରଣ ରାସ୍ତା ନାହିଁ
- ସୂଚନାଫଳକ ଲାଗି ନାହିଁ

ନିଶ୍ଚିନ୍ତକୋଇଲି,୫।୧୧
(ଅଶୋକ କୁମାର ମହାପାତ୍ର)



୮ ନଂ. କେନାଲ ଉପରେ ନିର୍ମାଣ ହୋଇଥିବା ସେତୁ।

ନିଶ୍ଚିନ୍ତକୋଇଲି ବ୍ଲକ ୮ ନମ୍ବର କେନାଲ ଉପରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସେତୁର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୮ ନମ୍ବର କେନାଲ ରହିଛି। ଏହି କେନାଲର ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ଭୁବନଠାରେ ଉକ୍ତ ସେତୁ ନିର୍ମାଣ କରାଯାଇଛି। ସରକାରଙ୍କ ତରଫରୁ ଏହି ସେତୁ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ସେତୁ ନିର୍ମାଣ ନିମନ୍ତେ କୌଣସି ସୂଚନା ଫଳକ ଲଗାଯାଇ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ସେତୁ ନିର୍ମାଣରେ ପ୍ରକୃତରେ କେତେ ଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି।

ଟେଣ୍ଡର ଅନୁଯାୟୀ ଏହି ସେତୁ ନିର୍ମାଣ ନିମନ୍ତେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅଟକଳ ଅନୁଯାୟୀ ଏହି ସେତୁ ନିର୍ମାଣ କରି ନ ଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ସ୍ଥାନୀୟ ଲୋକେ ନାମ ଗୋପନ ରଖି କହିଛନ୍ତି।

ଅପରପକ୍ଷରେ ଏହି ସେତୁରେ ଗମନାଗମନ ନିମନ୍ତେ କୌଣସି ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଇ ନାହିଁ। ଫଳରେ ଏହି ସେତୁ ଦେଇ ସ୍ଥାନୀୟ ଲୋକେ ଯାତାୟାତ କରିପାରୁ ନ ଥିବା କହିଛନ୍ତି। ସେହିପରି ଏହି ସେତୁ ପାର୍ଶ୍ୱରେ ଥିବା ଗାର୍ଡୱାଲ ନିକଟରେ ଭୁଶୁଡି ପଡ଼ିଥିଲା। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡୱାଲ ନାମକୁ ମାତ୍ର ନିର୍ମାଣ କରାଯାଇଥିଲା ବେଳେ କେନାଲ ବନ୍ଧ ଏବେବି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଫଳରେ ଯେକୌଣସି ସମୟରେ ବନ୍ଧ ଭୁଶୁଡିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଠିକାଦାର ନିର୍ମାଣ କରିଥିବା ସେତୁ ଓ ଗାର୍ଡ ୱାଲର କାର୍ଯ୍ୟର କୌଣସି ବିଭାଗୀୟ ଅଧିକାରୀ ତଦାରଖ କରି ନ ଥିବା ଅଭିଯୋଗ ହୋଇଛି।

ଏସମ୍ପର୍କରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରୁ ଏହି ସେତୁ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ଯଥେଷ୍ଟ ନୁହେଁ। ଅଧିକ ଅର୍ଥ ମଞ୍ଜୁର ହୋଇ ଆସିଲେ ସେତୁ ଓ ଗାର୍ଡୱାଲକୁ ପୁନର୍ବାର ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବାଲିଯାତ୍ରାରେ ଟନେଲ ଆକ୍ୱାରିୟମ



କଟକ,୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

- ଦେଖିବାକୁ ମିଳିବ ୨୦୦୦ ପ୍ରଜାତିର ମାଛ
- ୧୦୦ରୁ ୧୫୦ ଟଙ୍କା ଟିକେଟ୍ ମୂଲ୍ୟ

ଚଳିତବର୍ଷ କଟକ ବାଲିଯାତ୍ରାକୁ ପ୍ରଥମଥର ଆସୁଛି ଅଣ୍ଡର ୱାଟର ଟନେଲ ଆକ୍ୱାରିୟମ। ବାଲିଯାତ୍ରା ବୁଲିବା ପାଇଁ ଆସିବାକୁ ଥିବା ଲୋକମାନେ ଏହାର ମଜା ନେଇପାରିବେ। ବାଲିଯାତ୍ରା ତଳପଡିଆର ଅକ୍ଷୟ ମହାନ୍ତି ମଞ୍ଚ ନିକଟ ୧୫୦୦ ସ୍କୋୟାର ଫୁଟ ସ୍ଥାନରେ ଏହା ନିର୍ମାଣ କରାଯିବ। ଏହି ଆକ୍ୱାରିୟମ ଭିତରକୁ ପ୍ରବେଶ କଲେ ସମୁଦ୍ର ମଧ୍ୟକୁ ଗଲା ଭଳି ଅନୁଭବ ହେବ।। ଦୁଇ ପାର୍ଶ୍ୱ ଓ ମୁଣ୍ଡ ଉପରେ ମାଛମାନେ ପାଣିରେ ପହଁରିବାଭଳି ଲାଗିବ। ୧୬ ଏମ୍‌ଏମ୍ କାଚରେ ଫିଟିଂ ହେବାକୁ ଥିବା ଏହି ଆକ୍ୱାରିୟମରେ ବିଭିନ୍ନ ଜୀବ ସହ ପ୍ରାୟ ୨୦୦୦ ପ୍ରଜାତିର ମାଛ ଦେଖିବାକୁ ମିଳିବ। ଏଥିପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରାସ୍ତା ରହିବ। ଏହାର ନିର୍ମାଣ ପାଇଁ ଚେନ୍ନାଇରୁ ୨୮ଟି ଟ୍ରକରେ କିଛି ଦିନ ମଧ୍ୟରେ ସମସ୍ତ ସରଞ୍ଜାମ ବାଲିଯାତ୍ରା ପଡିଆକୁ ଆସିବ। ସିରିଡି ସାଇବାବା ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଓଡ଼ିଶାରେ ପ୍ରଥମଥର ପାଇଁ ବାଲିଯାତ୍ରା ପଡିଆରେ ଏହି ଟନେଲ ନିର୍ମାଣ କରାଯିବ। ଏଥିରେ ପ୍ରବେଶ ପାଇଁ ୧୦୦ରୁ ୧୫୦ ଟଙ୍କା ଟିକେଟ୍ ମୂଲ୍ୟ ରହିବ। ପ୍ରୋପାଇଟର ଅଭିଷେକ ଜେନା କହିଛନ୍ତି, ଗଭୀର ସମୁଦ୍ର ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ମାଛ ଏଠାରେ ଦେଖିବାକୁ ମିଳିବ। ପ୍ରଶାସନ ପକ୍ଷରୁ ଜମି ଦରରେ କିଛି ରିହାତି ମିଳିଲେ ଲାଭ ମିଳିପାରନ୍ତା ବୋଲି ସେ କହିଛନ୍ତି।

# ପାପରୁ ଦୂରେଇ ରହି କର୍ମ କଲେ ମାନବର ମଙ୍ଗଳ ହେବ




ବୌଦ୍ଧ ଭିକ୍ଷୁମାନେ ନଗର ପରିକ୍ରମା କରୁଛନ୍ତି ।

ଟିଗିରିଆ, ୫।୧୧(ଜାଫର ଖାଁ)

**ନୂଆପାଟଣାରେ ବୌଦ୍ଧ ଭିକ୍ଷୁଙ୍କ ବର୍ଷାବାସ ସମାପନ**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର (ନୂଆପାଟଣା)ସ୍ଥିତ ବୌଦ୍ଧଧୁମ ବୁଧବିହାରଠାରେ ନୂଆପାଟଣା ବୌଦ୍ଧ ସଂଘ ପକ୍ଷରୁ ରବିବାର ବର୍ଷାବାସ ସମାପନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଠିନ ଚିବର ଦର୍ଶନ କରାଯାଇଛି। ଆଷାଢ଼ ପୂର୍ଣ୍ଣିମାଠାରୁ କାର୍ତ୍ତିକ ମାସ ପ୍ରଥମ ଅଷ୍ଟମୀ ୪ମାସ ପର୍ଯ୍ୟନ୍ତ ବୌଦ୍ଧ ଭିକ୍ଷୁମାନେ ବୁଦ୍ଧବିହାରଠାରେ ରହି ବର୍ଷାବାସ ସମାପନ କରିଥିଲେ। ଏହି ସମୟ ମଧ୍ୟରେ ରାଜ୍ୟ ତଥା ବାହାରୁ ବହୁ ଉପସିକା ଓ ଉପାସକ ଆସି ବୌଦ୍ଧ ଭିକ୍ଷୁଙ୍କଠାରୁ ଧର୍ମ ଶ୍ରବଣ କରିଥିଲେ। ବୌଦ୍ଧଧୁମ ବୁଦ୍ଧବିହାରଠାରେ ସାରନାଥରୁ ବୌଦ୍ଧ ଭିକ୍ଷୁ ଧର୍ମମିତ୍ର ଦିବ୍ୟପ୍ରକାଶ, ମୈତ୍ରୀ ବୁଦ୍ଧବିହାରର ଭନ୍ତେ ଆନନ୍ଦବୋଧି ଉପସ୍ଥିତ ରହି ପାଞ୍ଚ ବର୍ଗୀୟ ଶିଶୁଙ୍କୁ ନିମନ୍ତେ ଏକ ଦିବସୀୟ ବୌଦ୍ଧ ଭିକ୍ଷୁ ପ୍ରବଯ୍ୟା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ବୌଦ୍ଧ ଭିକ୍ଷୁମାନଙ୍କ ଦ୍ୱାରା ଶିଶୁମାନଙ୍କୁ ମୁଣ୍ଡନ କରାଯାଇଥିଲା। ପରେ ସମସ୍ତ ଉପାସିକା ଓ ଉପାସକଙ୍କ ଉପସ୍ଥିତିରେ କଠିନ ଚିବରକୁ ଅଞ୍ଚଳବାସୀଙ୍କ ଦର୍ଶନ ନିମନ୍ତେ ନଗର ପରିକ୍ରମା କରାଯାଇଥିଲା। ଏହାପରେ ବୁଦ୍ଧ ବିହାରରେ ଧ୍ୱଜା ଆରୋହଣ କରି ପରିତ୍ରାଣ ପାଠ, ବୁଦ୍ଧ ବନ୍ଦନା, ଧର୍ମବନ୍ଦନା, ସଂଘ ବନ୍ଦନା କରି ବୌଦ୍ଧଧୁମ ମୂଳେ ପ୍ରଦୀପ ପ୍ରଜ୍ୱଳନ କରି ବୋଧି ଚୈତ୍ୟ ବନ୍ଦନା କରିଥିଲେ। ଶେଷରେ ଭିକ୍ଷୁ ଆନନ୍ଦ ବୋଧି କହିଥିଲେ, ସମସ୍ତ ପାପ କର୍ମରୁ ଦୂରରେ ରହି କୁଶଳ କର୍ମ କଲେ ମାନବସମାଜର ମଙ୍ଗଳ ହେବ। ଏହାପରେ ସଭା ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ନୂଆପାଟଣା ବୌଦ୍ଧ ସଂଘ, ସଂଘମିତ୍ରା ସଙ୍ଗଠନ, ମାଣିଆବନ୍ଧ ବୌଦ୍ଧ ସଂଘ , ରଗଡି ବୌଦ୍ଧ ସଂଘ, ମହମ୍ମଦପୁର ବୌଦ୍ଧ ସଂଘ, ଅଭିମାନପୁର ବୌଦ୍ଧ ସଂଘ, ଯୁବ ବୌଦ୍ଧ ସଙ୍ଗଠନ, କଳିଙ୍ଗ ସଦ୍ଧମ୍ମ ସଙ୍ଗଠନ, ପ୍ରଜ୍ଞା ଫାଉଣ୍ଡେଶନର ବହୁ ଉପାସିକା ଓ ଉପସକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନୂଆପାଟଣା ବୌଦ୍ଧ ସଂଘ ଦ୍ୱାରା ସମାପନ କରାଯାଇଥିଲା।

### କୈବର୍ତ୍ତ ସମାଜ ସେବା ସଂଘ ପକ୍ଷରୁ ବନ୍ଧୁମିଳନ

ଫୁଲନଖରା,୫।୧୧
(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର କୈବର୍ତ୍ତ ସମାଜ ସେବା ସଂଘର ପକ୍ଷରୁ ରାଜ୍ୟସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରବୀନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ସଦସ୍ୟମାନେ ଯୋଗଦେଇଥିଲେ। ସାମାଜିକ କ୍ଷେତ୍ରରେ କୈବର୍ତ୍ତ ଜାତିର ବିକାଶ, ପରମ୍ପରା, ସଂସ୍କୃତିର ଅଗ୍ରଗତି ପାଇଁ ସଂଘ ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ଆଲୋଚନା ହୋଇଥିଲା। କୈବର୍ତ୍ତ ସମାଜର ଉନ୍ନତି ପାଇଁ ସଂଘ ସଂକଳ୍ପ ନେଇଛି। କୈବର୍ତ୍ତ ସମାଜର କୌଳିକ ବୃତ୍ତିରେ ଥିବା ଲୋକମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ସଂଘ ସରକାରଙ୍କଠାରେ ସର୍ବଦା ଦାବି କରିଆସୁଛି। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ସହ ସମ୍ପାଦକ ଗୋଲଖ ଚନ୍ଦ୍ର ବେହେରା, ଗଣେଶ ବେହେରା, ପ୍ରଭାକର ବେହେରା, କୁମର ଚନ୍ଦ୍ର ବେହେରା, ଅକ୍ଷୟ କୁମାର ବେହେରା, ତ୍ରିଲୋଚନ ବେହେରା, ଗୋପୀନାଥ ବେହେରା, ଚାରୁଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଦିବାକର ବେହେରା, ମୋହନ ବେହେରାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

# ବିଜେଡିର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ଓ କର୍ମୀମାନେ।

ସାଲେପୁର,୫।୧୧(ଅରବିନ୍ଦ ଭୂୟାଁ):

ସାଲେପୁର ମଧୁମଣ୍ଡପଠାରେ ବିଜେଡି ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ବେହେରା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ଏହି ଅବସରରେ ବିଭିନ୍ନ ୱାର୍ଡରୁ ପ୍ରଶିକ୍ଷଣ ନେବାକୁ ଆସିଥିବା ବିଜେଡି କର୍ମୀମାନଙ୍କୁ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରଥମ ଦିବସରେ ସାଲେପୁର ବ୍ଲକ ଅନ୍ତର୍ଗତ ୨ଟି ଜୋନ୍‌ର ୧୭ ପଞ୍ଚାୟତର ୧୨୮ ୱାର୍ଡର ୫୧୨ ଜଣ ବିଜେଡି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ଇପ୍‌ସିତା ସାହୁ ଓ ମଧୁସ୍ମିତା ନାୟକ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆମ୍ବା କମିଟି ସଭାପତି ଦିଲୀପ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟ ସୁନିତା ମଲ୍ଲିକ, ରଞ୍ଜିତା ସେଠୀ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ମିଶନଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡା, ବ୍ଲକ ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ସରପଞ୍ଚ ସଞ୍ଜୟ କୁମାର ବେହେରା, ଗଗନ ମିଶ୍ର, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ ଓ ସୁବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଭୂତିଭୂଷଣ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଗୁଲ୍‌ରେଜ୍ ଅଲ୍ଲୀ, ବିନୋଦ ମଲ୍ଲିକ, ସୁମନ୍ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉ

ବାଙ୍କୀ,୫।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ଏକଦବିସୀୟ କର୍ମଶାଳା ବାଙ୍କୀ ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ପରସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଏବଂ ତାହାର ସମାଧାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ ଯୋଗଦେଇ ବରିଷ୍ଠନାଗରିକମାନଙ୍କର ସମସ୍ୟା ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ସମ୍ମାନିତ ଅତିଥିଭାବେ ବୈଦ୍ୟେଶ୍ୱର ଗ୍ରାମପଞ୍ଚାୟତ ସରପଞ୍ଚ ସୁରଞ୍ଜନ ପଣ୍ଡା, କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ ସୁବୁଦ୍ଧି, ସମିତିସଭ୍ୟ ପ୍ରେମାନନ୍ଦ ସାହୁ, ବଳଭଦ୍ରପୁର ଗ୍ରାମପଞ୍ଚାୟତ ସରପଞ୍ଚ ବିଜନ ସାହୁ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଗୁଣନିଧି ମହାନ୍ତି, ସାହିତ୍ୟିକ କୌଶିକ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘ ସଭାପତି ନୃସିଂହ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିପିନ ବିହାରୀ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜ୍ଞାନ ବିଜ୍ଞାନ ମେଳା

ଟିଗିରିଆ,୫।୧୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦ୍ୱାଦଶତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ବିଦ୍ୟାମନ୍ଦିର ସମ୍ପାଦକ ସନ୍ତୋଷ କୁମାର ପାଳ ଉଦ୍‌ଘାଟନ କରିଥିଲେ। ଶନିବାର ଜୁନିୟର ବିଭାଗରେ ୧୨୪ ପ୍ରକଳ୍ପ ଓ ରବିବାର ସିନିଅର ବିଭାଗରେ ୧୪୬ ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ଅଧ୍ୟାପକ ସତ୍ୟପିର ଚୌଧୁରୀ, ବିଜ୍ଞାନ ଶିକ୍ଷକ ରବିନାରାୟଣ ସାହୁ, ବିଚିତ୍ରାନନ୍ଦ ବେହେରା, ମହେଶ୍ୱର ବର୍ଦ୍ଧନ, ବିରଞ୍ଚିନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଅମର କୁମାର ମହାରଣା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିର ସଭାପତି ସଚ୍ଚିଦାନନ୍ଦ ଦାସ, ପ୍ରଧାନ ଆଚାର୍ଯ୍ୟ ଅମତୁଲ ରସିଦ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ରାମରାଙ୍ଗରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଧର୍ମସଭା

**୫ ହଜାରରୁ ଊର୍ଦ୍ଧ୍ୱଙ୍କ ଯୋଗଦାନ**

ନିଶ୍ଚିନ୍ତକୋଇଲି,୫।୧୧
(ଅଶୋକ କୁମାର ମହାପାତ୍ର)



ଧର୍ମସଭାରେ ଯୋଗଦେଇଥିବା ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ।

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ଅନ୍ତର୍ଗତ ରାମରାଙ୍ଗଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ଧର୍ମାଲୋଚନା ସଭା(ଇସ୍ତମା) ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ୫ହଜାରରୁ ଊର୍ଦ୍ଧ୍ୱ ଏକତ୍ରିତ ହୋଇ ସମୂହ ନମାଜପାଠ କରିଥିଲେ। ଏଥିରେ ବିଶିଷ୍ଟ ଧର୍ମଗୁରୁମାନେ ଯୋଗଦେଇ ଧର୍ମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଧର୍ମାଲୋଚନା ସଭାରେ ମୌଲାନା ଆରଜୁ ଅକ୍ତାରୀ , ମୌଲାନା ରିହାନ ଅକ୍ତାରୀ ଯୋଗଦେଇ ଧର୍ମସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର କେଶ ଅକ୍ତାରୀ ଯୋଗଦେଇ ଇସଲାମ ଧର୍ମ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ମୌଲାନା ସବିର ଅକ୍ତରୀ, ମୌଲାନା ଗୋଲାମ ରବାନୀ, ଆସ୍ରାଫ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ଆଧ୍ୟାତ୍ମିକ ଚିନ୍ତାଧାରରେ ଅନୁପ୍ରାଣିତ କରି ଶୃଙ୍ଖଳିତ ଜୀବନଯାପନ କରିବା ଉପରେ ଧର୍ମଗୁରୁମାନେ କହିଥିଲେ। ଏହାକୁ ଯୁବନେତା ସେକ ସୁଜାତ ଅଲ୍ଲୀ, ସେକ ହନିଫ ଖାଁ, ଜାକିରଉଦ୍ଦିନ ଖାଁ, ସେକ ୟାକୁବ ଉଦ୍ଦିନ, ସେକ ହବିବୁଲ୍ଲା ରହେମାନେ, ସେକ ମିର୍ଜା ସମିମ ବେଗ, ସେକ ହସନ ଅଲ୍ଲୀ, ସେକ ରଫିଜ ଖାଁ , ସେକ ସମସାଦ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ସ୍ଥାନୀୟ ଗ୍ରାମ ପରିମଳ ଜଳ ଯୋଗାଣ ବିଭାଗ ଓ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା।

### ରକ୍ତଦାନ ଶିବିର : ୧୫୦ ୟୁନିଟ ସଂଗ୍ରହ

ଟିଗିରିଆ,୫।୧୧(ଜାଫର ଖାଁ)

ଟିଗିରିଆ ନୂଆପାଟଣାସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟରେ ରବିବାର ବ୍ଲକ ବିଜେଡି ମହିଳା, ଯୁବ, ଛାତ୍ର ଏବଂ ଓଡ଼ିଶା ମୋ ପରିବାର ତରଫରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏଥିରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜୀବନବିନ୍ଦୁର ସଂଯୋଜକ ରାକେଶ ଦାସ, ଶିଶିର କୁମାର ମାନସିଂ, ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସମସୁରା ବେଗମ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରୁପା ଦଳେଇ, ଧ୍ରୁବଚରଣ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗୀରଥି ନନ୍ଦ,ମହେନ୍ଦ୍ର କୁଣ୍ଡୁ, ପ୍ରମୁଖ ଯୋଗ ଦେଇଥିଲେ।

# କିଡ୍‌ନୀ ପ୍ରତିରୋପଣରେ ସମାପିକା, ଚିତ୍ତରଞ୍ଜନ ସୁସ୍ଥ

**ଏସ୍‌ସିବି ମେଡିକାଲ**

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)




କଟକ ଏସ୍‌ସିବି ମେଡିକାଲରେ ୨ ଜଣ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ ସଫଳ ହୋଇଛି। ଏସ୍‌ସିବିରେ ଗତ ୬ ମାସ ହେବ ଡାଏଲିସିସ ଚାଲିଥିବା ବାଲେଶ୍ୱର ଅଞ୍ଚଳର ସମାପିକା ମହାନ୍ତି ଓ ଭୁବନେଶ୍ୱର ଜାଗମରା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି ନୂଆ ଜୀବନ ପାଇଛନ୍ତି। ଶନିବାର ରାତିରେ ଏକାସଙ୍ଗେ ଦୁଇଟି କିଡ୍‌ନୀ ପ୍ରତିରୋପଣ କରି ଉଦାହରଣ ସୃଷ୍ଟି କରିଛି ଏସ୍‌ସିବି ମେଡିକାଲ। କିଡ୍‌ନୀ ପ୍ରତିରୋପଣ ପାଇଁ ରାତି ପ୍ରାୟ ସାଢେ ୧୧ଟାରେ ଅସ୍ତ୍ରୋପଚାର ଆରମ୍ଭ ହୋଇ ୩ଟାରେ ଶେଷ ହୋଇଥିଲା। ୨ ଜଣ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେମାନଙ୍କୁ ୧୦ ଦିନ ପର୍ଯ୍ୟନ୍ତ ଅବ୍‌ଜରଭେଶନ୍‌ରେ ରଖାଯିବ। ଅସ୍ତ୍ରୋପଚାର ପରଦିନ ଅର୍ଥାତ୍ ରବିବାର ରୋଗୀଙ୍କ ୟୁରିନେସନ୍ ଠିକ୍ ରହିଛି। ଫଳରେ ରୋଗୀଙ୍କ ଶରୀରରେ କିଡ୍‌ନୀ ଭଲ ଭାବେ କାର୍ଯ୍ୟ କରିପାରିଛି ବୋଲି ଅସ୍ତ୍ରୋପଚାରରେ ନିୟୋଜିତ ଥିବା ୟୁରୋଲୋଜି ବିଭାଗର ସହଯୋଗୀ ପ୍ରଫେସର ଡା. ସବ୍ୟସାଚୀ ପଣ୍ଡା କହିଛନ୍ତି।

ସୂଚନା ଅନୁଯାୟୀ, ଗଞ୍ଜାମ ଅଞ୍ଚଳର କ୍ରିଷ୍ଣା ପଣ୍ଡା(୫୬) ସଡ଼କ ଦୁର୍ଘଟଣାରେ ଶିକାର ହେବାରୁ ତାଙ୍କ ବ୍ରେନ୍ ହାମ୍‌ରେଜ୍ ହୋଇଥିଲା। ଗତ ୧ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବ୍ରେନ୍ ଡେଡ୍ (ମୃତ ମସ୍ତିଷ୍କ) ହୋଇଥିବା ଡାକ୍ତର କହିଥିଲେ। ତାଙ୍କ ମୃତ୍ୟୁ ପରେ ଗତ ୨ତାରିଖରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। କ୍ରିଷ୍ଣାଙ୍କ ପରିବାର ଲୋକଙ୍କ ସମ୍ମତିକ୍ରମେ ତାଙ୍କର କିଡ୍‌ନୀ, ହାର୍ଟ, ଲିଭର, ଲଙ୍ଗ୍‌ସ ଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ କମିଶନରେଟ୍ ପୋଲିସ ପକ୍ଷରୁ ଆମ୍ରି ହସ୍ପିଟାଲରୁ ଗ୍ରୀନ୍ କରିଡରରେ ଦୁଇଟି କିଡ୍‌ନୀକୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ସେଠାରେ ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ଦୁଇଟି ଡାକ୍ତରୀ ଦଳ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରିଥିଲେ।

## ସଂକ୍ଷେପରେ

### 'ଦୀପାବଳିରେ ବାଣଫୁଟା ନିଷିଦ୍ଧ ହେଉ'

ପୁରୁଣା ଭୁବନେଶ୍ୱର,୫।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଦୀପାବଳିରେ ଦୀପ ଜାଳିବା ଅପେକ୍ଷା ବାଣ ଫୁଟାକୁ ଅନେକେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ବାଣ ଫୁଟାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ବାଣରୁ ନିର୍ଗତ ଧୂଆଁରେ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଓ କାର୍ବନ ମନୋଅକ୍ସାଇଡ୍ ଭଳି ଗ୍ୟାସ୍ ଶ୍ୱାସରୋଗ ଭଳି ବହୁ ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ତତ୍‌ସହିତ ଅଗ୍ନିକାଣ୍ଡ ଘଟି ଅନେକ ଲୋକଙ୍କ ଧନଜୀବନ ନଷ୍ଟ ହୋଇଥାଏ। ଏବେଠାରୁ ବାଣ ଫୁଟାକୁ ଯଦି ରୋକା ନ ଯାଏ ଆଗକୁ ଶୁଦ୍ଧ ବାୟୁ ମହଙ୍ଗା ପଡିବ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ କହିଛନ୍ତି। ଦୀପାବଳିରେ ବାଣଫୁଟାକୁ ନିଷିଦ୍ଧ ଘୋଷଣା କରିବା ଦାବି କରିଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୫।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ସରକାରୀ ହାଇସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ସୁଷମା କାନୁନଗୋଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ତଥା ଉଚ୍ଚ ପ୍ରାଥମିକ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା ମୁଖ୍ୟ ଅତିଥି, ପୂର୍ବତନ ବିଆର୍‌ସିସି ଉଲ୍ଲାସ ଚନ୍ଦ୍ର ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ କୁମାର ନାୟକ, ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟି ସଭ୍ୟ ଉପସ୍ଥିତ ଥିଲେ। ପୂର୍ବତନ ସିଆର୍‌ସିସି ପ୍ରଦୀପ କୁମାର ଦାସ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଅବସର ନେଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କାନୁନଗୋଙ୍କୁ ଉପଢୌକନ ସହିତ ମାନପତ୍ର ପ୍ରଦାନ କରାଯାଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସର ନେଇଥିବା କାନୁନଗୋ ଶିକ୍ଷାର୍ଥୀଙ୍କ ଦାୟିତ୍ୱ ନେଇଥିବାରୁ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି ଶିକ୍ଷାର୍ଥୀମାନେ ଭାଷଣ ମାଧ୍ୟମରେ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା।

### ୩ ପୁସ୍ତକ ଉନ୍ମୋଚିତ

ଖୋର୍ଦ୍ଧା,୫।୧୧ (ପ୍ରଭାତ ପାଣିଗ୍ରାହୀ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପୂର୍ବତନ ସଞ୍ଚାଳିକା ତଥା ସମାଜସେବୀ କନକଲକ୍ଷ୍ମୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ଉଦ୍ଦେଶ୍ୟରେ ପୁସ୍ତକ 'ଗାଁର ନାଁ କଇଁଫୁଲିଆ, ଫୁଲର ନାଁ କନି' ଉନ୍ମୋଚିତ ହୋଇଯାଇଛି। ଏଥିସହିତ ଜ୍ୟେଷ୍ଠପୁତ୍ର ସିନେ ପ୍ରଯୋଜକ ସତ୍ୟକାନ୍ତ ସାହୁଙ୍କ ପୁସ୍ତକ 'କବିତାର ନାଁ ଝରଣା ଦାସ' ମଧ୍ୟ ଲୋକାର୍ପିତ ହୋଇଥିଲା। ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ତଥା ଜୀବନ ବୀମା ନିଗମର ଅବସରପ୍ରାପ୍ତ ଡିଜିଏମ୍ ଯୁଗଳ କିଶୋର ସାହୁ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବ୍ରହ୍ମାକୁମାର ହରିଭାଇ, ଶିକ୍ଷାବିତ୍ ବାଲ୍ମୀକ ବଳିୟାରସିଂହ, ପ୍ରଭାକର ସାହୁ, ବ୍ରଜବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କନକଲକ୍ଷ୍ମୀଙ୍କ ବହୁବିଧ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ଶରତ କୁମାର ସାହୁ, କୁଳମଣି ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କ ପତ୍ତା ପାଉନି ପୋଲିସ

**ସ୍ତ୍ରୀଙ୍କ ତଣ୍ଟିକାଟି ହତ୍ୟା ଘଟଣା**

- ୨୦୨୧ ଅକ୍ଟୋବର ୯ରେ ଘଟିଥିଲା ହତ୍ୟାକାଣ୍ଡ
- ଅଫିସର ବଦଳିଲେ, ତଦନ୍ତ ବାଟବଣା

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ୨୦୨୧ ଅକ୍ଟୋବର ୯ରେ ଘଟିଥିଲା ଅଭାବନୀୟ ଘଟଣା। ବିଳମ୍ବିତ ରାତିରେ ଶ୍ୱଶୁର ଘରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ସ୍ୱାମୀ ଫେରାର ହୋଇଯାଇଥିଲେ। ମୃତା ହେଲେ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି। ଏହି ହତ୍ୟାକାଣ୍ଡ ରାତିରେ ଘଟିଥିବା ବେଳେ ପରଦିନ ଅର୍ଥାତ ୧୦ତାରିଖରେ ପଦାକୁ ଆସିଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବା ପାଇଁ ପୋଲିସ ଉକ୍ତ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପଡ଼ିଶା ଲୋକଙ୍କ ବୟାନ ରେକର୍ଡ, ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଅନୁସନ୍ଧାନ ସତ୍ତ୍ୱେ କୌଣସି ସୁରାକ ଲାଗି ନ ଥିଲା। ତେବେ ଏହି ହତ୍ୟାକାଣ୍ଡକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ସନ୍ଧାନ ପାଇପାରି ନାହିଁ। ଇତି ମଧ୍ୟରେ ଉକ୍ତ ସମୟରେ ଥିବା ଥାନା ଅଧିକାରୀ ଏବଂ ସଦର ଏସ୍‌ଡିପିଓଙ୍କ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଥାନାରେ ନୂତନ ଅଧିକାରୀ ଏବଂ ନୂତନ ଏସ୍‌ଡିପିଓ ଯୋଗଦେଇଛନ୍ତି। ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତ ଯେପରି ବାଟବଣା ହୋଇପଡ଼ିଛି।

ସୂଚନାଥାଉ କି, ୨୦୦୫ ମସିହାରେ ଇନ୍ଦିରା ଗୁରୁଜଙ୍ଗର କାର୍ତ୍ତିକ ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। କାର୍ତ୍ତିକ ବ୍ୟବସାୟ କରୁଥିଲେ। ତାଙ୍କର ୧୭ ବର୍ଷୀୟ ପୁଅ ରହିଛି। ଇନ୍ଦିରାଙ୍କ ପରିବାର ଗୁରୁଜଙ୍ଗ ପତିତପାବନ ଛକରେ ଏକ ଭଡ଼ା ଘରେ ରହୁଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ପାରିବାରିକ ଅଶାନ୍ତି ଲାଗି ରହିବାରୁ ଇନ୍ଦିରା ପୁଅ ସହ ବାପ ଘରେ ରହୁଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଭଡା ଘରେ ରହୁଥିଲେ। ହତ୍ୟାକାଣ୍ଡର ସପ୍ତାହ ପୂର୍ବରୁ କାର୍ତ୍ତିକ ଶ୍ୱଶୁର ଘରକୁ ଆସି ରହିଥିଲେ। ଇନ୍ଦିରାଙ୍କୁ ଜୀବନରେ ମାରିଦେବା ପାଇଁ ପୂର୍ବରୁ ଯୋଜନା କରିଥିଲେ। ଘଟଣାଦିନ ରାତିରେ ସେ ଘର ଭିତର କାନ୍ଥକୁ ଲାଗି ଏକ ଶିଡି ଆଣି ପକାଇଥିଲେ। ରାତିରେ ଖାଇବା ପରେ ପରିବାର ଲୋକେ ଶୋଇପଡ଼ିଥିଲେ। କାର୍ତ୍ତିକ ଓ ଇନ୍ଦିରା ଗୋଟିଏ ରୁମରେ ଶୋଇଥିଲେ। ରାତି ପ୍ରାୟ ସାଢେ ୧ଟାରେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକକୁ କାଟି ହତ୍ୟା କରିଥିଲେ। ପରେ ସେଠାରୁ ଶିଢି ବାଟ ଦେଇ ବାହାରକୁ ପଳାଇଥିଲେ। ପରେ ଗୁରୁଜଙ୍ଗ ମେଲଣ ପଡିଆରେ ରହୁଥିବା ନିଜ ଘରକୁ ଯାଇ କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ସେ ସାନଭାଇକୁ ବାଇକ୍ ମାଗିଥିଲେ। ଏବେ ବାଇକ୍ କ'ଣ ପାଇଁ ଦରକାର, କୁଆଡେ ଯିବାକୁ ବାହାରିଛୁ ପଚାରିବାରେ, ସେ କିଛି ନ କହି ସେଠାରୁ ଦୌଡି ପଳାଇଥିଲେ। ସାନଭାଇର ସନ୍ଦେହ ହେବାରୁ ପତିତପାବନ ଛକସ୍ଥିତ ଭାଉଜ ଇନ୍ଦିରାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ଭାଉଜ କାହାନ୍ତି କହି ଘର ଭିତରକୁ ପଶି ଦେଖିବା ବେଳେ ବେଡରୁମରେ ଇନ୍ଦିରାଙ୍କ ମୃତଦେହ ପଡିଥିଲା। ତାଙ୍କ ବେକକୁ ନୃଶଂସ ଭାବେ କଟାଯାଇଥିଲା। ଏନେଇ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ଇନ୍ଦିରାଙ୍କୁ ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ଇନ୍ଦିରାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**'ସମୟ ଆସିଲେ ଧରାପଡ଼ିବ'**

ଏହି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ପୁରୁଣା କଥାକୁ କାହିଁକି ଉଖାରୁଛନ୍ତି, ଅଭିଯୁକ୍ତ ଫେରାର ଅଛନ୍ତି, ସମୟ ଆସିଲେ ନିଶ୍ଚିତ ଧରାହେବେ। ଆଇନ ତା ବାଟରେ ଯିବ। କେହି ଅପରାଧୀ ଖସିଯାଇପାରିବେ ନାହିଁ ବୋଲି ନିଜ ନାମ ଗୋପନ ରଖି ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ଅପରାଧୀଙ୍କୁ ଧରିବାରେ ପୋଲିସ କେତେ ତତ୍ପର ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ରହସ୍ୟ ଘେରରେ ତଦନ୍ତ**

ମୃତାଙ୍କ ମାମୁ କୈଳାସ ହରିଚନ୍ଦନଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା। ତେବେ ତଦନ୍ତ କେଉଁ ବାଟରେ ଗଲା, ଫେରାର ଅଭିଯୁକ୍ତ କେଉଁଆଡେ ଗଲେ, ପୋଲିସର ଅନୁସନ୍ଧାନ ଜାରି ରହିଛି ନା' ହତ୍ୟାକାଣ୍ଡ ଫାଇଲକୁ ବନ୍ଦ କରି ଦିଆଯାଇଛି, ତାହା ଏବେ ରହସ୍ୟ ଘେରରେ।

## କାମରେ ଆସୁନି ସୌରଚାଳିତ ଆଲୋକୀକରଣ



ଖୁଣ୍ଟ ଭାଙ୍ଗି ତଳେ ପଡ଼ିଛି।

ନିରାକାରପୁର,୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସାନରାଉତପଡ଼ା ପଞ୍ଚାୟତ ମୂଳୀଝରଗଡ଼ ଠାରେ ରହିଛି ମା'ଉଗ୍ରତାରାଙ୍କ ପୀଠ। ଏହି ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ସବୁ ସମୟରେ ଭକ୍ତମାନେ ଆସିବା ସହ ଗହଳି ଲାଗି ରହିଥାଏ। ୧୬ ନମ୍ବର ଜାତୀୟ ରାଜପଥରୁ ମା'ଉଗ୍ରତାରାଙ୍କ ପୀଠକୁ ପ୍ରାୟ ୩ କିଲୋମିଟର ହୋଇଥିବାରୁ ସନ୍ଧ୍ୟା ପରେ ରାସ୍ତା ଅନ୍ଧାର ରହିଥାଏ। ଫଳରେ ମା'ଙ୍କ ପୀଠକୁ ଆସୁଥିବା ଭକ୍ତମାନେ ହଇରାଣ ହୋଇଥାନ୍ତି। ଭକ୍ତମାନେ କିଭଳି ସୁବିଧାରେ ଯାତାୟାତ କରିପାରିବେ ଉକ୍ତ ୩ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ୨୦/୮/୨୦୨୦ ରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୧୦୦ଟି ସୌରଚାଳିତ ଆଲୋକୀକରଣ ବ୍ୟବସ୍ଥା କରିବା ସହ ଏହାର ଉଦ୍‌ଘାଟନ କରିଥିଲେ। ତେବେ ରକ୍ଷଣାବେକ୍ଷଣ ଅଭାବରୁ କେତୋଟି ସୌରଚାଳିତ ଖୁଣ୍ଟିକୁ ବାଦ୍ ଦେଲେ ଅନ୍ୟ ଖୁଣ୍ଟଗୁଡ଼ିକ ମାଟିରେ ଶୋଇରହିଥିବା ଦେଖିବାକୁ ମିଳିଛି। ଏପରିକି କେତେକ ଖୁଣ୍ଟରେ ଲାଇଟ୍ କିମ୍ବା ସୌରଚାଳିତ ପେନାଲ ସିଟ୍ ନ ଥିବା ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୋଲତଳକୁ ଖସିପଡ଼ି ବାଇକ୍ ଆରୋହୀ ମୃତ

ବୋଲଗଡ଼,୫।୧୧(ଦେବବ୍ରତ ହୋତା): ବୋଲଗଡ଼ ଥାନା ବଙ୍କୋଇ ଫାଣ୍ଡି ଅଧୀନ ବାରବାଟି ନିକଟରେ ରବିବାର ପୋଲତଳକୁ ଖସିପଡ଼ିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରଗୁଆଁ ପଞ୍ଚାୟତ ଅନ୍ତର୍ଗତ ଗର୍ଭଣୀପଡ଼ା ଗ୍ରାମର ଟୁଲୁ ନାଥ(୪୨)। ସୂଚନା ମୁତାବକ, ଅପରାହ୍ନରେ ଟୁଲୁ କୌଣସି କାମରେ ରାଜସୁନାଖଳା ପଟୁ ଧଳାପଥର ଅଭିମୁଖେ ଯାଉଥିବା ବେଳେ ବାଇକ୍‌ସହ ପୋଲ ଉପରୁ ନାଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଟାଙ୍ଗୀ,୫।୧୧(ରଘୁନାଥ ସାହୁ)

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ରବିବାର ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମିଶନର ବ୍ରହ୍ମଚାରୀ ରଶ୍ମାନନ୍ଦ, ଜିଲା ସଂଯୋଜକ ସନ୍ତୋଷ କୁମାର ଦଳାଇ, ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୯୦ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକଭାବେ ମିହିର କୁମାର ଭୂୟାଁ, ଶର୍ମିଳା ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ସ୍ନିଗ୍ଧା ରାଣୀ ମିଶ୍ର, ରିତା ପ୍ରଧାନ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି।

## ବଢୁଛି ମାଙ୍କଡ଼ା, ବଉଳମାଳା ପଥର ଚୋରାଚାଲାଣ

ଖୋର୍ଦ୍ଧା,୫।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ପାହାଡ଼ ଖନନ ସହ ମାଙ୍କଡ଼ା ଓ ବଉଳମାଳା ପଥର ଚୋରାଚାଲାଣ ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ହେବା ସହ ଜରିମାନା ଆଦାୟ କରାଯାଉଛି। ତଥାପି ଦୈନିକ ବିଳମ୍ବିତ ରାତିରେ ଟ୍ରକ୍, ହାଇୱାରେ ପଥର ଚୋରାଚାଲାଣ ହେଉଛି। ତେବେ ପ୍ରଶାସନ ଓ ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ପଥରଚାଲାଣ ହେଉଥିବା ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି।

ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ ଅଞ୍ଚଳରେ ୧୩ଟି ପଥର ଖଣିକୁ ନିଲାମ ସହ ବ୍ଲାଷ୍ଟିଂ ପାଇଁ ଅନୁମିତି ମିଳିଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ କ୍ରସର ୟୁନିଟକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଅନ୍ୟପଟେ ଏନ୍‌ଜିଟିର ଛାଟ ସତ୍ତ୍ୱେ କାଇପଦର, ନିଜିଗଡ ତାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ସହର ତଳି ଅଞ୍ଚଳ ଏବଂ ବୋଲଗଡ ଓ ବେଗୁନିଆ ଆଦି ଅଞ୍ଚଳରୁ ମାଙ୍କଡା ପଥର ଚାଲାଣ ହେଉଛି। ଚୋରାଚାଲାଣ ରୋକିବା ଲାଗି ପ୍ରଶାସନିକ ସ୍ତରରେ ପୋଲିସ ଏବଂ ରାଜସ୍ୱ ଅଧିକାରୀଙ୍କୁ ନେଇ ମିଳିତ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ସ୍ଥାନୀୟ ପ୍ରତିନିଧି, ଉପଜିଲାପାଳ, ସମସ୍ତ ତହସିଲଦାର, ପୋଲିସ ସହ ବୈଠକ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ, ରାଜସ୍ୱ ଏବଂ ପୋଲିସକୁ ନେଇ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳଙ୍କ ଅଧୀନରେ ଟାସ୍କ ଫୋର୍ସ ଗଠନ ହୋଇଛି। ଏହି ଟିମ୍ ଅଚାନକଭାବେ ଖଣିରେ ଚଢ଼ାଉ କରି ଏନ୍‌ଜିଟି ଓ ପରିବେଶ, ପ୍ରଦୂଷଣ ବୋର୍ଡ ଗାଇଡଲାଇନ ପାଳନ କରାଯାଉଛି କି ନାହିଁ, କେତେ ପରିମାଣ ଖନନ କରାଯାଉଛି, ତାହାର ତଦାରଖ କରିବେ। ତେବେ ଜରିମାନା ଆଦାୟରେ ଏହା ସୀମିତ ରହିଛି। ଫଳରେ ମାଫିଆମାନେ ଅନୁମତି ଠାରୁ ବହୁ ପଥର ଖନନ, ବ୍ଲାଷ୍ଟିଂ ଜାରି ରଖିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଚୋରାଚାଲାଣ ରୋକିବା ଲାଗି ଚଢ଼ାଉ ଜାରି ରହିଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଖୋର୍ଦ୍ଧା: କନକଲକ୍ଷ୍ମୀ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗାୟତ୍ରୀ ମନ୍ଦିର ପରିସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସତ୍ୟସାଇ ସେବା ସମିତିର ଲକ୍ଷାର୍ଚ୍ଚନା, ଅଖଣ୍ଡ ଭଜନ କାର୍ଯ୍ୟକ୍ରମ

ଟାଙ୍ଗୀ,୫।୧୧(ରଘୁନାଥ ସାହୁ)

ଟାଙ୍ଗୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ବଳରାମ ଦେବ ମନ୍ଦିର ପରିସରରେ ଲକ୍ଷାର୍ଚ୍ଚନା ଓ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ସମିତି ଆବାହକ ଡା. ମଧୁସୂଦନ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀସତ୍ୟସାଇ ବାବାଙ୍କ ୯୮ତମ ଜୟନ୍ତୀ ଉପଲକ୍ଷେ ୯୮ ଅଖଣ୍ଡ ଭଜନ ଗାନ କରାଯାଇଥିଲା। ସୁରେଶ କୁମାର ସାହୁ, ସନ୍ତୋଷ ମହାପାତ୍ର, କୁନା ପାଣିଗ୍ରାହୀ, ଗୌରଚରଣ ବିଶ୍ୱାଳ, ସଞ୍ଜୟ ବେହେରା, ଶଙ୍କର ବେହେରା, ଜୟଦେବ ପ୍ରଧାନ, ସୁନୀଲ ପ୍ରଧାନ, ଡା. ବିଶ୍ୱଜିତ ମହାପାତ୍ର, ମୀରାବାଈ ସେନାପତି, ପ୍ରମୋଦ କୁମାର ପଟ୍ଟନାୟକ, ପଦ୍ମା ମହାପାତ୍ର, ସସ୍ମିତା ପଟ୍ଟନାୟକ, ବୀଣାପାଣି ପାତ୍ରଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ପରିବା ବିକିବା ପାଇଁ ଯାଉଛନ୍ତି ୪୦କିମି

ଖୋର୍ଦ୍ଧା,୫।୧୧ (ପ୍ରଭାତ ପାଣିଗ୍ରାହୀ)

**ପରିବାର ପ୍ରତିପୋଷଣ ଚିନ୍ତାରେ ଅଭୟ**



ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କଙ୍କଡ଼ାହାଡ଼ ଅଞ୍ଚଳର ଅଭୟ ସାହୁ। ବୟସ ୫୭ ଟପିଲାଣି। ସେ ଖୋର୍ଦ୍ଧାରେ ଘରକୁ ଘରକୁ ବୁଲି ପରିବା ବିକ୍ରି କରୁଛନ୍ତି। ଦୀର୍ଘ ୨୦ବର୍ଷ ହେବ ଲୁନାରେ ପରିବା ନେଇ ବିକ୍ରି କରିଆସୁଛନ୍ତି। ଦିନକୁ ସେ ୧.୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପରିବା ବିକ୍ରି କରିଥାନ୍ତି। ମା'ବାପା, ଦୁଇ ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ଦୈନିକ ପରିବା ବିକିଲେ ତାଙ୍କ ପରିବାର ଚଳେ। ସକାଳ ୬ଟାରୁ ବାହାରିପଡି ସ୍ଥାନୀୟ ଅଞ୍ଚଳ ଚାଷୀଙ୍କଠାରୁ ପରିବା କିଣିଥାନ୍ତି। ଖୋର୍ଦ୍ଧାରେ ପହଞ୍ଚିବା ବେଳକୁ ସକାଳ ୮ଟା ହୋଇଥାଏ। ସ୍ଥାନୀୟ ପରିବା ଗାଦିରୁ ଅନ୍ୟାନ୍ୟ ପରିବା କିଣି ବିକ୍ରି ଲାଗି ବାହାରିପଡ଼ନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପରିବା ବିକ୍ରିକରିଥାନ୍ତି। ଦିନକୁ ପ୍ରାୟ ୪୦ କିମି ଯାତ୍ରା କରୁଥିବା ଅଭୟ କହିଛନ୍ତି। ଖୋର୍ଦ୍ଧାରେ ୧୦ରୁ ୧୫ ସାହିଗଳି ବୁଲି ପରିବା ବିକ୍ରି କରିଥାନ୍ତି। ପରିବା ବିକ୍ରି ସରିବା ପରେ ଘରକୁ ଫେରିଥାନ୍ତି।

ଏନେଇ ଅଭୟ କହିଛନ୍ତି, ଦୈନିକ ଗ୍ରାହକ ରହିଛନ୍ତି, ଯେଉଁମାନେ ବଜାର ଅପେକ୍ଷା ତାଙ୍କଠାରୁ ପରିବା କିଣିବାକୁ ପସନ୍ଦ କରନ୍ତି। ଦୈନିକ ୫ରୁ ୬ ହଜାର ଟଙ୍କାର ପରିବା ବିକ୍ରି ହୋଇଥାଏ। ସେଥିରୁ ପ୍ରାୟ ୭ଶହ ଟଙ୍କା ଲାଭ ହୋଇଥାଏ। ସେଥିରୁ ଦୈନିକ ଗାଡ଼ି ପାଇଁ ତେଲ ଓ ଖାଇବା ବାବଦକୁ ୨ଶହ ଟଙ୍କା ଖର୍ଚ୍ଚ ହୋଇଥାଏ। ବଳକା ୫ଶହ ଟଙ୍କାରେ ପରିବାର ଗୁଜୁରାଣ ହୋଇଥାଏ। ସେ ଆହୁରି କହିଛନ୍ତି ଯେ, ଯୁବାବସ୍ଥାରେ ଚାକିରି ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଥିଲେ। ମୁମ୍ବାଇର ଘରୋଇ କମ୍ପାନୀରେ ୧୫ବର୍ଷ କାମ କରିଥିଲେ। ସେଠାରେ ଶରୀର ଅସୁସ୍ଥ ହେବାରୁ ଘରକୁ ଆସି କିଛିଦିନ ରାଜମିସ୍ତ୍ରିଙ୍କ ସହ କାମ କରିଥିଲେ। ପରେ ପରିବା ବିକ୍ରି ପାଇଁ ମନସ୍ଥ କରି ବିକ୍ରିକରିବା ଆରମ୍ଭ କରିଥିଲେ। ପ୍ରଥମେ ସ୍ଥାନୀୟ ଚାଷୀଙ୍କଠାରୁ କିଣି ଆଖପାଖ ଅଞ୍ଚଳରେ ବିକ୍ରି କରିବା ଆରମ୍ଭ କରିଥିଲେ। ଏଥିରେ ଭଲ ଲାଭ ହେଲା ନାହିଁ। ତେଣୁ ଖୋର୍ଦ୍ଧା ସହରରେ ପରିବା ବିକ୍ରି କରିବା ଆରମ୍ଭ କରିଥିଲି। ୩୦ରୁ ୪୦ କେଜି ପରିବା ବିକ୍ରି ଆରମ୍ଭ ହୋଇ ଏବେ ଅଧିକ ପରିମାଣ ବିକ୍ରି ଚାଲିଛି। ଦିନସାରା ପରିବା ବିକ୍ରିସମୟରେ ଶରୀର ପୀଡା ମଧ୍ୟ ହୋଇଥାଏ। ଏହା ଅଭ୍ୟାସରେ ପରିଣତ ହୋଇଗଲାଣି। ଲୋକଙ୍କ ନିକଟରେ ପହଞ୍ଚିବା ପରେ ସେମାନଙ୍କଠାରୁ ଦୁଇପଦ ମିଠା କଥା ଶରୀରକୁ ଶକ୍ତି ଦିଏ ଓ ମନ ହାଲୁକା ହୋଇଯାଇଥାଏ। ୩ ମାସ ପୂର୍ବେ ରାଶନକାର୍ଡ ପାଇଁ ଆବେଦନ କରିଛି। ରାଶନକାର୍ଡ ମିଳିଲେ ପରିବାର ଚଳିବା ସହଜ ହୋଇପାରିବ ବୋଲି ସେ କହିଛନ୍ତି।

## ସୁନାମି ସତର୍କତା ମକ୍‌ଡ୍ରିଲ

କୃଷ୍ଣପ୍ରସାଦ,୫।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ଓ ବ୍ରାହ୍ମଣଦେଓ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ସୁନାମି ସତର୍କତା ମକ୍‌ଡ୍ରିଲ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ସମିତିସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ରଣସିଂହ, ବ୍ଲକ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରା, ସରପଞ୍ଚଙ୍କ ପ୍ରତିନିଧି ଅଞ୍ଚଳ କୁମାର ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ରାଜ କିଶୋର ବିଶ୍ୱାଳ ଉପସ୍ଥିତ ଥିଲେ। ସୁନାମି ସତର୍କତା ମକ୍‌ଡ୍ରିଲ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ଓଡ଼ିଶାରେ ସୁନାମିର ପ୍ରକୋପ ଦେଖାଯାଇ ନ ଥିଲେ ମଧ୍ୟ ୨୦୦୪ରେ ତାମିଲନାଡୁରେ ସୁନାମି ଯୋଗୁ ଧନଜୀବନ ନଷ୍ଟ ହେଲା ଭଳି ଭବିଷ୍ୟତରେ ଓଡ଼ିଶାର ଉପକୂଳରେ ଯେ ଦେଖା ନ ଦେବ ତା'ର ନିଶ୍ଚିତତା ନାହିଁ ବୋଲି ପ୍ରକାଶ କରିଥିଲେ। ନୋଡାଲ ଏନଜିଓ ଆବାହକ ଏନ୍.ସମୀର କୁମାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତ ଅଧିକାରୀ ଦିଲୀପ କୁମାର ତରେଇ, ଏପିଓ ଅଭିନ୍ନ କୁମାର ପଲାଇ, ବରିଷ୍ଠ କିରାଣି ଜିତେନ୍ଦ୍ର କୁମାର ପାତ୍ର, ରାମଲେଙ୍କା ଗ୍ରାମ୍ୟ କମିଟି ସଭାପତି ଦଣ୍ଡପାଣି ବିଶ୍ୱାଳ, ଲକ୍ଷ୍ମୀଚରଣ ବିଶ୍ୱାଳ, ରଶ୍ମିରଞ୍ଜନ ପଟ୍ଟନାୟକ, ପ୍ରତାପ କୁମାର ସେଠୀଙ୍କ ସମେତ ଅଗ୍ନିଶମ ବିଭାଗ, ମତ୍ସ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜଟଣୀ,୫।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ପରିସରରେ ଅଲ୍ ଓଡ଼ିଶା ନନ ଗଭର୍ନମେଣ୍ଟ କଲେଜ ଟିଚର ଆଣ୍ଡ ଏମ୍ପ୍ଲଏର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର ଯୋଗଦେଇ ଅଧ୍ୟାପକମାନଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ସରକାରୀ କଲେଜ ଶିକ୍ଷକମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯାଉଥିବା ବେଳେ ବେସରକାରୀ କଲେଜରେ କାର୍ଯ୍ୟକରୁଥିବା ଅଧ୍ୟାପକଙ୍କୁ ଅବହେଳା କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ସପ୍ତମ ବେତନ କମିଶନରେ ବର୍ଦ୍ଧିତ ୨୧ ମାସର ଦରମା ଅଦ୍ୟାବଧି ପ୍ରଦାନ ନ କରିବା, ଷଷ୍ଠ ବେତନ କମିଶନ ଅନୁସାରେ ଗ୍ରାଚୁଇଟି ୭.୫ଲକ୍ଷ ରହିଥିବା ସମୟରେ ସପ୍ତମ ବେତନ କମିଶନରେ ତାହା କମାଇ ୫ଲକ୍ଷ କରାଯିବା, ବେସରକାରୀ କଲେଜ କର୍ମଚାରୀଙ୍କ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି କରିବା, ମ୍ୟାନେଜମେଣ୍ଟ ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ, ବେସରକାରୀ କଲେଜର ଅଧ୍ୟାପକ କର୍ମଚାରୀଙ୍କ ପରିବାରକୁ ଅନୁକମ୍ପାମୂଳକ ନିଯୁକ୍ତି, ଗ୍ରେଡ ପେ ୫୪୦୦କୁ ବୃଦ୍ଧିକରିବା, ବେସରକାରୀ ସାହାଯ୍ୟପ୍ରାପ୍ତ କଲେଜ ପରିବର୍ତ୍ତେ ସରକାରୀ କଲେଜରେ ନାମିତ କରିବା ଆଦି ଦାବି ରହିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଙ୍ଗଠନ ସମ୍ପାଦକ ମଦନ ମହଲା, ଯୁଗ୍ମ ସମ୍ପାଦକ ଡ.ରାଜୀବ କର, ଅଜୟ ସିଂ, ପ୍ରତାପ ପଟ୍ଟନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀ ପ୍ରସନ୍ନ ପଟ୍ଟନାୟକ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୧।୨୦୨୩

| | |
|---|---|
| ୫,୯୭,୯୬୪ଟଙ୍କା | |
| ସୁନା | ୪.୬୦୦ ଗ୍ରାମ୍ |
| ରୁପା | ୫୩.୫୦୦ ଗ୍ରାମ୍ |

# ‘ନିରାକାର ବ୍ରହ୍ମଙ୍କ ସାକାର ବିଗ୍ରହ ଶ୍ରୀଜଗନ୍ନାଥ’

**ମଥୁରେନ୍ଦ୍ରଙ୍କୁ ଦାରୁବ୍ରହ୍ମ, ସାରଙ୍ଗଧରଙ୍କୁ ଶିଳାବ୍ରହ୍ମ, ଶ୍ରଦ୍ଧାଞ୍ଜଳିଙ୍କୁ ଶୂନ୍ୟବ୍ରହ୍ମ ଏବଂ ଭାସ୍କରଙ୍କୁ ଜ୍ୟୋତି ବ୍ରହ୍ମ ସମ୍ମାନ**



ଆଲୋଚନା ଚକ୍ରରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ ।

ପୁରୀ, ୫।୧୧(ଅଜିତ୍ ମହାନ୍ତି):

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଦଶମ ଜାତୀୟ ପାଠଚକ୍ର ‘ଶ୍ରୀଜଗନ୍ନାଥ ଚେତନାରେ ଶୈବ ତତ୍ତ୍ୱ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଗବେଷଣା ଚେତନା ପ୍ରତିଷ୍ଠାନ, ଶ୍ରୀଜଗନ୍ନାଥ ତତ୍ତ୍ୱ ସନ୍ଧାନ ପରିଷଦ ଏବଂ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଭାଗୃହରେ ଏହି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଟକୀ ମଠ ମହନ୍ତ ଡ. ବିଜୟ ଶଙ୍କର ରାମାନୁଜ ବିଶିଷ୍ଟ ଅତିଥି ରୂପେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଧ୍ରୁବଚରଣ ନାୟକ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ନିତ୍ୟାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଅସିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସମ୍ପାଦକ ଡ. ମଥୁରେନ୍ଦ୍ର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ଯୋଗଦେଇଥିବା ୨୫ ଜଣ ବିଦ୍ୱାନ୍ ତତ୍ତ୍ୱଦର୍ଶୀ ଗବେଷକ ପ୍ରବନ୍ଧ ପାଠ କରିଥିଲେ। ମଥୁରେନ୍ଦ୍ର ପୃଷ୍ଟିଙ୍କ ସମ୍ପାଦିତ ପୁସ୍ତକ ‘ଶ୍ରୀଜଗନ୍ନାଥ ଚେତନାରେ ବୈଷ୍ଣବ ତତ୍ତ୍ୱ’ ଲୋକାର୍ପଣ ହୋଇଥିଲା। ଜୀବନବ୍ୟାପୀ ଜଗନ୍ନାଥଙ୍କ ସେବା, ସାଧନା ଓ ଗବେଷଣା ପାଇଁ ୨୦୨୩-୨୪ ମସିହା ନିମନ୍ତେ ୪ ଜଣ ବିଦ୍ୱାନଙ୍କୁ ଜଗନ୍ନାଥ ସଂସ୍କୃତି ଗବେଷଣା ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କୁ ଦାରୁବ୍ରହ୍ମ ସମ୍ମାନ, ସାରଙ୍ଗଧର ରାୟଗୁରୁଙ୍କୁ ଶିଳାବ୍ରହ୍ମ ସମ୍ମାନ, ଗବେଷିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କୁ ଶୂନ୍ୟବ୍ରହ୍ମ ସମ୍ମାନ ଏବଂ ଡ. ଭାସ୍କର ମିଶ୍ରଙ୍କୁ ଜ୍ୟୋତିବ୍ରହ୍ମ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଚେତନାରେ ଶୈବ ତତ୍ତ୍ୱ ଶୀର୍ଷକ ପାଠଚକ୍ରର ଅତିଥି ତଥା ଗବେଷକଙ୍କ ଦ୍ୱାରା ଉପସ୍ଥାପିତ ପ୍ରବନ୍ଧଗୁଡ଼ିକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱର ରହସ୍ୟମୟ କଥାକୁହା ଠାକୁର ରୂପେ ଅଭିହିତ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ରହସ୍ୟ ଅନ୍ୱେଷଣ କଲେ ପ୍ରାଗ୍‌ଐତିହାସିକ ପ୍ରକୃତ ତତ୍ତ୍ୱ ଠାରୁ ବେଦ, ବେଦାନ୍ତ, ପୁରାଣ ଓ ଇତିହାସକୁ ଭଲଭାବେ ଅଧ୍ୟୟନ କରି ଜଗନ୍ନାଥ କୈନ୍ଦ୍ରିକ ତତ୍ତ୍ୱ ସହିତ ପରିଚିତ ହେବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଭୌତିକ ଜଗତରେ ସୂକ୍ଷ୍ମ ରୂପରେ ଅବସ୍ଥାନ କରୁଥିବା ନିରାକାର ବ୍ରହ୍ମଙ୍କର ସାକାର ବିଗ୍ରହ ଶ୍ରୀଜଗନ୍ନାଥଙ୍କର ରହସ୍ୟ ଭେଦ କରିବା ପାଇଁ ଗବେଷଣାଲବ୍ଧ ତଥ୍ୟ ଆହରଣ ଅପରିହାର୍ଯ୍ୟ ବୋଲି ୨୫ଟି ପ୍ରବନ୍ଧ ମାଧ୍ୟମରେ ପ୍ରାବନ୍ଧିକ ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନକୁ ଡ. ଶରତ ଚନ୍ଦ୍ର ପରିଡ଼ା ଓ ଭାଗବତ ପଣ୍ଡା ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଗୋଛିକାର ଧନ୍ୟବାଦ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସୁମିତ୍ରା ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ରୂପେ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ମହାସଚିବ ଡ. ଶ୍ରୀନିବାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଜଗନାଥ ଚେତନାର ଶୈବ ତତ୍ତ୍ୱ ସମ୍ପର୍କିତ ବେଦାନ୍ତ ସିଦ୍ଧାନ୍ତର ଦୃଷ୍ଟାନ୍ତ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ଡ. ଭାସ୍କର ମିଶ୍ର ଉଦ୍‌ଯାପନୀ ଉତ୍ସବକୁ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ।

## ପୁରୀ ସହରରେ ଯୁବକଙ୍କୁ ଛୁରାମାଡ଼

ପୁରୀ, ୫।୧୧(ଅଜିତ୍ ମହାନ୍ତି):

ସମୁଦ୍ରକୂଳ ଥାନା ଅର୍ନ୍ତଗତ ସରକାରୀ ଆଇଟିଆଇ ନିକଟରେ ରବିବାର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛୁରାମାଡ଼ରେ ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ପୁରୀ ପିକେଆର୍‌ଟି କଲୋନୀର ଶିବ ପ୍ରସାଦ ଶତପଥୀ(୪୬)। କମେଣ୍ଟମରାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଆହତଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ଘଟାଇଥିବା ଯୁବକ ଜଣଙ୍କୁ ପୋଲିସ ସମୁଦ୍ରକୂଳ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପିପିଲିରେ ପ୍ରଥମ ବର-ଅଶ୍ୱତ୍ଥ ମହୋତ୍ସବ

(ପିପିଲି, ପ୍ରଭାତ ମହାପାତ୍ର/ ଦୁର୍ଗାମାଧବ ମିଶ୍ର) ୫।୧୧:

ପିପିଲି ବ୍ଲକର ଦୁର୍ଗାଦାସପୁର ଗ୍ରାମପଞ୍ଚାୟତ ବଧି ଗ୍ରାମର ଯୁବକମାନଙ୍କ ଦ୍ୱାରା ପ୍ରଥମ ବାର୍ଷିକ ବର-ଅଶ୍ୱତ୍ଥ ମହୋତ୍ସବ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଭୁବନେଶ୍ୱର ସୌଜନ୍ୟରେ ମା’ ବୀଣାକେଶ୍ୱରୀ ନୃତ୍ୟ ମଞ୍ଜରୀ ଦ୍ୱାରା ଆୟୋଜିତ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ୧ ନମ୍ବର ହାଟର ସଭାପତି କବିରାଜ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ନାଥ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଏବଂ ସମାଜସେବୀ ଜଗତବଲ୍ଲଭ ଖଟୋଇ ଯୋଗଦେଇଥିଲେ। ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ତିନିଶହ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିବାରୁ ଏହା ପରିବେଶ ସ୍ୱଚ୍ଛତା ରକ୍ଷା କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ବର-ଅଶ୍ୱତ୍ଥ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପିତା ଦାଣ୍ଡମୁକୁନ୍ଦପୁରର ସ୍ୱରାଜ ରଥ ଓ କନ୍ୟାପିତା ଠଣଠଣା ଗ୍ରାମର ଦ୍ୱିତୀକୃଷ୍ଣ ମିଶ୍ର କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ପୁରୀ ଜିଲା କଳାସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଘୋଡ଼ାନାଚରେ ଗାୟକ ସନ୍ତୋଷ କୁମାର ସେଠୀ ଏବଂ ସୋନିଆ କିନ୍ନର ବିଷୟବସ୍ତୁ ଅତିସୁନ୍ଦର ଭାବେ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଘରେ ଘରେ ଭାଗବତ

ପୁରୀ,୫।୧୧(ଅଜିତ ମହାନ୍ତି):

ଆଧ୍ୟାତ୍ମିକ ଚେତନାରେ ପ୍ରତିଟି ପରିବାର ସଂସ୍କାରିତ ହେଉ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ପୁରୀ ଗୁଣ୍ଡିଚା ବିହାରରେ ଚୌଧୁରୀ ସତ୍ୟବ୍ରତ ମହାନ୍ତି ଏବଂ ମୀନତି ମହାନ୍ତିଙ୍କ ଦ୍ୱାରା ଆୟୋଜିତ ‘ଘରେ ଘରେ ଭାଗବତ’ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମିଶ୍ର କହିଥିଲେ ଯେ, ଏକ ସମୃଦ୍ଧ ସମାଜ, ରାଜ୍ୟ ଓ ଦେଶ ପାଇଁ ଘରେଘରେ ଏବେଠାରୁ ସଂସ୍କାର ଆସିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ପ୍ରବକ୍ତିକା ଭାବେ ଶିକ୍ଷାବିତ୍ ନିର୍ମଳା ଫତେସିଂହ ଯୋଗଦେଇ କୃଷ୍ଣ ଚେତନା ଓ ରାଇ-ଦାମୋଦରଙ୍କ ଉପାଖ୍ୟାନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା, ଧର୍ମ ଓ ସଙ୍ଗୀତଭିତ୍ତିକ ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର, କବିତା ରଥ ଓ ପ୍ରିତମ ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସୁନନ୍ଦା ପଟ୍ଟନାୟକ, ଉଷାରାଣୀ ମହାନ୍ତି, ସରସ୍ୱତୀ ମହାନ୍ତି, ରାଜଲକ୍ଷ୍ମୀ ମିଶ୍ର, ସବିତା ମିଶ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ, ସୁଲୋଚନା ମିଶ୍ର, ଏ.ମୀନା କୁମାରୀ, କାଞ୍ଚନବାଳା ଦଳାଇ, ପ୍ରଦୀପ ପଟ୍ଟନାୟକ, ସୋନାଲି ମହାନ୍ତି, ଦ୍ରୌପଦୀ ବଳିୟାରସିଂହ, ମମତା ପଟ୍ଟନାୟକ, ବନଲତା ମହାନ୍ତି ଏବଂ ବିଶ୍ୱନାଥ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ବରିଷ୍ଠ ପୁରୁଷ ବକ୍ସିଂ ପ୍ରତିଯୋଗିତା

ପୁରୀ, ୫।୧୧(ଅଜିତ ମହାନ୍ତି):

ପୁରୀ ଷ୍ଟାଡିୟମରେ ରବିବାର ୭ମ ଜିଲାସ୍ତରୀୟ ବରିଷ୍ଠ ପୁରୁଷ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଅନେକ ଖେଳାଳି ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରବିଶଙ୍କର ପ୍ରତିହାରୀ ଓ ସୁଦର୍ଶନ ସାହୁ ଯୋଗଦେଇଥିଲେ। ବିଭିନ୍ନ ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପୁରୀ ବକ୍ସିଂ ଏକାଡେମୀ ଦଳଗତ ବିଜେତା ଏବଂ କିରନ୍ କ୍ଲବ ଉପବିଜେତା ହୋଇଛି। ପ୍ରତ୍ୟେକ ଓଜନ ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ନେଇ ଆସନ୍ତା ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ କରାଯିବ ବୋଲି ପ୍ରତିହାରୀ ସୂଚନା ଦେଇଛନ୍ତି। ବିଶ୍ୱଭୂଷଣ ପଣ୍ଡା, ଭାଗୀରଥି ବେହେରା, ପ୍ରଦୀପ ଦାସ ଏବଂ ରାଜୁ ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଧୁଡୁକି ନୃତ୍ୟରେ ଦର୍ଶକ ବିଭୋର



ସମାରୋହରେ କଳାକାରମାନେ ପାରମ୍ପରିକ ଧୁଡୁକି ନୃତ୍ୟ ପରିବେଷଣ କରୁଛନ୍ତି ।

**୨୨ତମ କୁମାର ଉତ୍ସବ ‘ଫୁଲ ବଉଳବେଣୀ’ ସାଂସ୍କୃତିକ ସମାରୋହ**

ନିମାପଡ଼ା,୫।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ୨୨ତମ କୁମାର ଉତ୍ସବ ‘ଫୁଲ ବଉଳବେଣୀ’ ସାଂସ୍କୃତିକ ସମାରୋହ ନିମାପଡ଼ା ପାଟପୁର ଗ୍ରାମସ୍ଥିତ ଚଳନୀ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ପ୍ରଶାସନର ଅଧିକାରୀ ବଟକୃଷ୍ଣ ତ୍ରିପାଠୀ, ନିମାପଡ଼ା କଲେଜର ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ସ୍ଥାନୀୟ କାଉନ୍‌ସିଲର କବିତା ପ୍ରଧାନ, ଶିଶୁ ପତ୍ରିକା ବାନରସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ବସନ୍ତ ସ୍ୱାଇଁ, ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ବାବାଜୀ ସାହୁ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ହାସ୍ୟ ଅଭିନେତା ପୂର୍ଣ୍ଣଚନ୍ଦ୍ର ହିଷ୍ଟ୍ରିଆ, କାଳିଆ ଷଣ୍ଢ, ଧୁଡୁକି କଳାକାରମାନଙ୍କୁ ଲିଟିଲ୍ ଷ୍ଟାର ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ ସମାରୋହରେ ନୟାଗଡ଼-ଝାରପଡ଼ା ଗ୍ରାମର ମା’ ରାମଚଣ୍ଡୀ ଯାତ୍ରା ନବରଙ୍ଗ ପକ୍ଷରୁ ମଞ୍ଚସ୍ଥ ଧୁଡୁକି ନୃତ୍ୟରେ ‘ଭକ୍ତ ଓ ଭଗବାନ’, ‘ଚନ୍ଦ୍ରସେନ ବଧ’ ନୃତ୍ୟାଭିନୟରେ ମଞ୍ଚ ପ୍ରକମ୍ପିତ ହୋଇ ଉଠିଥିବାବେଳେ ଦର୍ଶକମାନେ ବିଭୋର ଓ ବିମୋହିତ ହୋଇ ଉଠିଥିଲେ। ଅନୁଷ୍ଠାନର ଅଜୟ ମିଶ୍ର, ଅମୀୟ ମିଶ୍ର, ସଞ୍ଜୟ ପ୍ରଧାନ ପ୍ରମୁଖ ଏହି ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

## ପୁରୀରେ ପ୍ରଦର୍ଶିତ ହେଲା ‘ମାଲ୍ୟଗିରି’

ପୁରୀ,୫।୧୧(ଅଜିତ୍ ମହାନ୍ତି)

ବାବୁସାନ ଏବଂ ଅମ୍ଳାନଙ୍କ ଅଭିନୀତ ରହସ୍ୟ ରୋମାଞ୍ଚ ଭରା ଓଡ଼ିଆ ଚଳଚ୍ଚିତ୍ର ମାଲ୍ୟଗିରି ରାଜ୍ୟ ଓ ରାଜ୍ୟ ବାହାରେ ମୁକ୍ତିଲାଭ କରି ଦର୍ଶକୀୟ ପ୍ରଶଂସା ସାଉଁଟିବାରେ ଲାଗିଛି। ତେବେ ପୁରୀ ସହରରେ ସିନେମା ହଲ ନ ଥିବା ବେଳେ କିଛି କଳାପ୍ରେମୀ ଓ ଯୁବକଙ୍କ ଉଦ୍ୟମରେ ଦୁଇଦିନ ଧରି ଟାଉନ ହଲ ପରିସରରେ ମାଲ୍ୟଗିରି ପ୍ରଦର୍ଶିତ ହୋଇଛି। ପୁରୀବାସୀ ସିନେମା ହଲ ଦେଖି ଖୁସି ଥିବା ଦେଖିବାକୁ ମିଳିଛି। ସିନେମାର କାହାଣୀଟି ମାଲ୍ୟଗିରି ପର୍ବତ ଓ ଏହାର ଉପତ୍ୟକାରେ ବସବାସ କରୁଥିବା ଅଧିବାସୀଙ୍କୁ ନେଇ କାହାଣୀ ନିର୍ମାଣ କରାଯାଇଛି। ମାଲ୍ୟଗିରି ଅଞ୍ଚଳର ଅଧିବାସୀମାନଙ୍କ ଜୀବନ କାହାଣୀଙ୍କୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଛି। ପୁରୀବାସୀ ଯେପରି ଚଳଚ୍ଚିତ୍ର ଦେଖିପାରିବେ ସେଥିପାଇଁ ଦୁଇଦିନ ଅର୍ଥାତ ଶନିବାର ଓ ରବିବାର ରାତିରେ ୪ଟି ଶୋ’ରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଦିନ ୧୨ ଟା, ୩ଟା ସନ୍ଧ୍ୟା ୬ଟା ଏବଂ ରାତି ୯ଟା ରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ୨୪ ଇଞ୍ଚର ଏଲ୍‌ଇଡି ପରଦା ଲଗାଯିବ ଏବଂ ସରାଉଣ୍ଡ ସାଉଣ୍ଡ ,ଏୟାର କଣ୍ଡିସନ ହଲ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ପ୍ରଥମ ଦିନ ଅର୍ଥାତ ଶନିବାର ଚଳଚ୍ଚିତ୍ରର କଳାକାରମାନେ ଆସି ପୁରୀବାସୀଙ୍କ ସହ ମିଶି ଚଳଚ୍ଚିତ୍ର ଦେଖିଥିଲେ। ପାଖରେ କଳାକାରମାନଙ୍କୁ ପାଇଁ ପୁରୀବାସୀ ଖୁସିବ୍ୟକ୍ତ କରିଛନ୍ତି। ତେବେ ପୁରୀରେ ଏକ ସିନେମା ହଲ କରାଯାଉ ବୋଲି ସିନେମାପ୍ରେମୀ ଦାବି କରିଛନ୍ତି।

## ମହେଶ୍ୱରଙ୍କ ଆଶୁ ଆରୋଗ୍ୟ କାମନା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ




ଝାଡେଶ୍ୱରୀ କ୍ଲବ୍ ପକ୍ଷରୁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଉଛି ।

ପୁରୀ, ୫।୧୧(ଅଜିତ ମହାନ୍ତି):

ବିଧାନସଭାର ପ୍ରାକ୍ତନ ବାଚସ୍ପତି ତଥା ପୁରୀର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ଝାଡେଶ୍ୱରୀ କ୍ଲବ୍ ପକ୍ଷରୁ ରବିବାର ସନ୍ଧ୍ୟାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାଡ଼େଶ୍ୱରୀ କ୍ଲବଠାରୁ ଝାଡ଼େଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇ ମା’ ଝାଡ଼େଶ୍ୱରୀଙ୍କ ପାଖରେ ମହେଶ୍ୱରଙ୍କ ଆରୋଗ୍ୟ କାମନା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାଡ଼େଶ୍ୱରୀ କ୍ଲବର ସମ୍ପାଦକ ପାର୍ଥସାରଥି ମହାପାତ୍ର, କୋଷାଧକ୍ଷ ଜିତେନ୍ଦ୍ର କୁମାର ଦାସ, ଜିମ୍ନାଷ୍ଟିକ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ର, ହ୍ୟାଣ୍ଡ୍‌ବଲ୍ ପ୍ରଶିକ୍ଷକ ସୀତେନ୍ଦ୍ର ନାଥ ଦାସ, ଥ୍ରୋ ବଲ୍ ପ୍ରଶିକ୍ଷକ ଦୀପ୍ତି ରଞ୍ଜନ ସାମନ୍ତରାୟ ଓ ସୁଧାସିନ୍ଧୁ ସିଂ, ଝାଡ଼େଶ୍ୱରୀ କ୍ଲବର କର୍ମକର୍ତ୍ତା ବିଶ୍ୱନାଥ ନାୟକ, ନିମାଇଁ ଚରଣ ଦାସ, ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହେଶ୍ୱରଙ୍କ ଆରୋଗ୍ୟ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ଯୁବ ସଂଗଠକ ତଥା ପୂର୍ବତନ କାଉନସିଲର ପ୍ରୀତମ ଜଗଦ୍ଦେବ ପରିଚାଳନା କରିଥିଲେ।

## ଭାଜପାର ମିଶ୍ରଣ ସମାରୋହ

ନିମାପଡ଼ା,୫।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ସମାରୋହ ସ୍ଥାନୀୟ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ନିମାପଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ୍ତ ନାୟକ, ମଣ୍ଡଳ ସଭାପତି ମାନସ ପ୍ରଧାନ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ, ନାରୀନେତ୍ରୀ ସୁଜାତା ପ୍ରଧାନ, ଯୁବନେତା ଗୁଡୁ ନାୟକ, ଜୀବନବନ୍ଧୁ ଭୋଇ, ପୂର୍ବତନ ନଗରପାଳ ଅଜୟ ଭୋଇ, ଶୁଭ୍ରଜିତ୍ ବାରିକ, ସନ୍ତୋଷ ରଣା, ସନ୍ତୋଷ ରଥ ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ାରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ମତ ଦେଇଥିଲେ। ଭାଜପା ବିଜୟୀ ହୋଇ ବିଜୟର ଧ୍ୱଜା ଉଡ଼ାଇବ ବୋଲି ଭାଜପାର ନେତୃବୃନ୍ଦମାନେ ମତପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ, ଲୋକାଭିମୁଖୀ ଯୋଜନାକୁ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ନେତୃବୃନ୍ଦମାନେ ପ୍ରତ୍ୟେକ ଗାଁର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲି ଗ୍ରାମପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ ପରିବାର ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଦଳରେ ଯୋଗ ଦେଇଥିବା ନୂତନ କର୍ମୀ ଓ ନେତୃବୃନ୍ଦମାନଙ୍କୁ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜୀବନବନ୍ଧୁ ଭୋଇ, ସୁଜାତା ପ୍ରଧାନଙ୍କ ନେତୃତ୍ୱରେ ଏହି କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି।




କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଏବଂ ଅନ୍ୟମାନେ ।

## ୬୮ତମ ମୁକ୍ତମଞ୍ଚ ନାଟକୋତ୍ସବ ଉଦ୍‌ଯାପିତ



ଅତିଥି ତଥା ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ନିମାପଡ଼ା,୫।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗଡ଼ଅଣ୍ଡିଆ ଅରବିନ୍ଦ କ୍ଲବ ପକ୍ଷରୁ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ୬୮ତମ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ସଙ୍ଗୀତଜ୍ଞ ନବୀନ ପଟ୍ଟନାୟକ, ନାଟ୍ୟକାର ସ୍ମୃତିରଞ୍ଜନ ମହାନ୍ତି, ଗ୍ରାମ ମଙ୍ଗଳ ସମିତିର ସଭାପତି କିରଣ ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣେନ୍ଦୁ ଜେନା, ବିଚିତ୍ରାନନ୍ଦ ପାତ୍ର, ଅରବିନ୍ଦ କ୍ଲବର ସଭାପତି ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ପ୍ରଦୀପ୍ତ ମହାପାତ୍ର, ସମାଜସେବୀ ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ଓ ଉତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି, କୃତୀ ବିଦ୍ୟାର୍ଥୀ, କ୍ରୀଡ଼ାବିତ୍, ଶ୍ରେଷ୍ଠ କଳାକାରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ନାଟକ ପ୍ରତିଯୋଗିତାରେ ଭୁବନେଶ୍ୱର ବାଙ୍କୁଆଳ କ୍ଲବର ନାଟକ ‘ଆଖି ତୁ କାନ୍ଦନା’ ଶ୍ରେଷ୍ଠ ବିବେଚିତ ହୋଇ ଚାମ୍ପିୟନ ହୋଇଥିବାବେଳେ ପାରାଦୀପ ମା’ ମଙ୍ଗଳା ୟଙ୍ଗଷ୍ଟାର ଅନୁଷ୍ଠାନର ନାଟକ ‘ଲୁହ ନାହିଁ ଆଉ କାନ୍ଦିବା ପାଇଁ’ ରନର୍ସ ଅପ୍ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଚାମ୍ପିୟନ୍ ଟିମ୍‌କୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ରନର୍ସ ଅପ୍ ଟିମ୍‌କୁ ନଗଦ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ନାଟକ ଉତ୍ସବରେ ଭୁବନେଶ୍ୱର, ପାରାଦୀପ, ଜଗତ୍‌ସିଂହପୁର, ବ୍ରହ୍ମପୁର, ନିମାପଡ଼ା ଅଞ୍ଚଳର ୬ଟି ଖ୍ୟାତନାମା ନାଟ୍ୟାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ଧମାକା କାର୍ଯ୍ୟକ୍ରମରେ ଭଜନସନ୍ଧ୍ୟା ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କର ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଦୀର୍ଘ ୧ସପ୍ତାହ ଧରି ଚାଲିଥିବା ଏହି ନାଟକୋତ୍ସବରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୬ତମ ଶ୍ରାଦ୍ଧୋତ୍ସବ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସକାଳ ୯ଟା।
- ଉତ୍କଳ ରଜକ ମହାସଂଘ ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ ଓ ସ୍ୱର୍ଗତ ସଂଗ୍ରାମ ଆକୁଳ ଚନ୍ଦ୍ର ସେଠୀଙ୍କ ଦ୍ୱିତୀୟ ବାର୍ଷିକ ପୁଣ୍ୟତିଥି ପାଳନ, ବୁଦ୍ଧ ମନ୍ଦିର ସଭାଗୃହ, ପୂର୍ବାହ୍ନ ୧୧ଟା।

# ଧଳସାମନ୍ତ ଭ୍ରାତାଙ୍କ ନାଁରେ ଦାଦାବଟି

## ଟାର୍ଗେଟରେ ପୁରୀ, ଭୁବନେଶ୍ୱର, କଟକ ଓ ଢେଙ୍କାନାଳର ବ୍ୟବସାୟୀ





**କଟକ,୫।୧୧ (କାର୍ତ୍ତିକ ସାହୁ)**

- ୨ ଗିରଫ: ୯୨,୦୦୦ ଟଙ୍କା, ୫ ମୋବାଇଲ ଫୋନ୍ ଓ ୨ ବାଇକ ଜବତ: ୨ ଗିରଫ
- ବଟି ନ ଦେଲେ ସ୍ୱାମୀ-ପୁଅଙ୍କୁ ଗୁଳି କରିଦେବି

ଧଳସାମନ୍ତ ଭ୍ରାତାଙ୍କ ନାମରେ ଦାଦାବଟି ଦେବାକୁ ଧମକ। ୫ ଲକ୍ଷ ଟଙ୍କା ନ ଦେଲେ ସ୍ୱାମୀ-ପୁଅଙ୍କୁ ଗୁଳିକରି ମାରିଦେବାକୁ ମୋବାଇଲ୍ ଫୋନ୍‌ରେ ସ୍ତ୍ରୀଙ୍କୁ ଧମକ ଦିଆଯାଇଛି। ଏ ନେଇ ଅଭିଯୋଗ ହେବା ପରେ ଚାଉଳିଆଗଞ୍ଜ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତସିଂହପୁର ଟାଉନ ଥାନା ଅନ୍ତର୍ଗତ ଭୋକଞ୍ଜି ଗ୍ରାମର ମଣ୍ଟୁ ଓରଫ କମଳାକାନ୍ତ ବାରିକ (୩୨) ଓ ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଗାୟତ୍ରୀ ନଗରର ବାବୁ ଓରଫ ଦିଲ୍ଲୀପ କୁମାର ଦାସ (୩୯)। ସେମାନଙ୍କଠାରୁ ୯୨,୦୦୦ ଟଙ୍କା, ୫ ମୋବାଇଲ ଫୋନ୍ ଓ ୨ଟି ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୫/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗଣ୍ଡରପୁର ସଅରସାହିର ସୁନୀତା ପାତ୍ର ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ପାତ୍ରଙ୍କ ସହିତ ଗତ ଜୁନ୍ ୧୮ ତାରିଖ ରାତି ପ୍ରାୟ ୯ଟା ୩୮ ମିନିଟ୍‌ରେ ଶିଖରପୁରର ଏକ ରେଷ୍ଟୁରାଣ୍ଟକୁ ଯାଉଥିଲେ। ଏହି ସମୟରେ ସୁନୀତା ଦେଖିଲେ ଏକ ମୋବାଇଲ୍ ନମ୍ବର ୭୩୮୧୧୩୭୦୩୫ରୁ ତାଙ୍କ ସ୍ୱାମୀଙ୍କ ମୋବାଇଲ୍‌କୁ କଲ ଆସିଲା। ସୁନିତା ଫୋନ୍ କଲ୍ ରିସିଭ କରିବାରୁ ଅପରପାର୍ଶ୍ୱରୁ ଜଣେ ଅଜଣା ବ୍ୟକ୍ତି ନିଜକୁ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ଭାବେ ପରିଚୟ ଦେଇଥିଲେ। ଡି. ବ୍ରଦର୍ସ କହିଛନ୍ତି, ଯଦି ତୁମେ କଟକ ନଗର ଯୁବକ ସଂଘ ପାଇଁ ୫ ଲକ୍ଷ ଟଙ୍କା ଦାଦାବଟି ନ ଦେବ ମୁଁ ତୁମ ସ୍ୱାମୀ ଓ ପୁଅକୁ ଗୁଳି କରିଦେବି ବୋଲି ଉକ୍ତ ବ୍ୟକ୍ତି କହିଥିବା ନେଇ ସୁନୀତା ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଅଭିଯୁକ୍ତଦ୍ୱୟ ଏହି ଧମକ ଦେଇଥିବା ପୋଲିସ ସନ୍ଦେହ କରିଥିଲା। ଦୁହିଁଙ୍କୁ ଗିରଫ କରିବା ପରେ ସେମାନେ ଅପରାଧର କାରନାମା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେମାନେ ପୁରୀ, ଭୁବନେଶ୍ୱର, କଟକ ଓ ଢେଙ୍କାନାଳର ବିଭିନ୍ନ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିଲେ। ଧଳସାମନ୍ତ ଭ୍ରାତାଙ୍କ ନାମରେ ସେମାନଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏଥିସହ ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଜୁବୁଲି ଟାଉନ ଦେଉଳସାହିର ବିଦ୍ୟାଧର ବେହେରାଙ୍କଠାରୁ ୧ ଲକ୍ଷ ଟଙ୍କା ଦାଦାବଟି ଆଦାୟ କରିଥିବା ପୋଲିସ ଜେରାବେଳେ ଅଭିଯୁକ୍ତଦ୍ୱୟ ମାନିଥିଲେ। ତେବେ ଏମାନେ ଆଉ କେଉଁ ଅଞ୍ଚଳରେ କେଉଁମାନଙ୍କଠାରୁ ଦାଦାବଟି ଆଦାୟ କରିଛନ୍ତି ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କ ନାମରେ ଚାଉଳିଆଗଞ୍ଜ, ଧଉଳି, ଲକ୍ଷ୍ମୀସାଗର ଓ ଢେଙ୍କାନାଳ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## କାର୍ ଦୁର୍ଘଟଣାରେ ଉପଜିଲାପାଳ ଆହତ

**ବୋଲଗଡ଼,୫।୧୧(ଦେବବ୍ରତ ହୋତା):** ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ କପାସିଆଠାରେ ରବିବାର ରାତି ପ୍ରାୟ ୧୦ଟାରେ ଦୁଇଟି କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ ଆହତ ହୋଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଥିବା ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଉପଜିଲାପାଳ ରାୟ କାରରେ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବ ବେଳେ ଅନ୍ୟ ଏକ କାର୍ ସହ ଧକ୍କା ହୋଇଥିଲା। ଫଳରେ ରାୟ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

## ଚାଲିଗଲା ସିଆମିଜ୍ କୁମ୍ଭୀର ଜୀବନ

**ବାରଙ୍ଗ,୫।୧୧(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗତ କିଛିଦିନ ହେବ ଗୋଟିଏ ପରେ ଗୋଟିଏ ଜୀବଜନ୍ତୁଙ୍କ ମୃତ୍ୟୁ ନେଇ ନନ୍ଦନକାନନକୁ ଶନିଦଶା ପଡ଼ିଥିବା ଚର୍ଚ୍ଚା ହେଉଛି। ଆଉ ପୁଣି ୧୧ ଜୀବଜନ୍ତୁ ଅସୁସ୍ଥ ରହିଥିବାରୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରବିବାର ଅପରାହ୍ନରେ ସରୀସୃପ ଉଦ୍ୟାନରେ ରହୁଥିବା ଏକ ମାଈ ସିଆମିଜ୍ କୁମ୍ଭୀରର ମୃତ୍ୟୁ ହୋଇଛି। କୁମ୍ଭୀରଟି ଅସୁସ୍ଥ ରହିଥିବା କାରଣରୁ ଅଣ୍ଡା ଦେଇପାରୁ ନ ଥିବା ସନ୍ଦେହ କରି ତାକୁ ଡାକ୍ତରଖାନାକୁ ଅଣାଯାଇଥିଲା। ନିଶ୍ଚେତକ ଦେଇ ତା'ର ଚିକିତ୍ସା କରାଯିବା ପରେ ପୁନର୍ବାର ରହୁଥିବା ଏନ୍‌କ୍ଲୋଜରରେ ଛଡ଼ାଯାଇଥିଲା। ହେଲେ ରବିବାର ତା'ର ମୃତ୍ୟୁ ଘଟିଛି। ସେହିପରି ଶନିବାର ପେଚା, ଅଜଗର ସାପର ମୃତ୍ୟୁ ଘଟିଥିଲା। ଗତ କିଛିଦିନ ଭିତରେ ମଣିପୁରୀ ହରିଣ, କୃଷ୍ଣସାର ମୃଗ, କୁଜିହରିଣ, ଦୁଇ ବଜ୍ରକାପ୍ତା, କଳାହଂସ, ଚିତ୍ରାହରିଣ ଆଦି ଜୀବଜନ୍ତୁଙ୍କର ମୃତ୍ୟୁ ହୋଇସାରିଲାଣି। ଅନ୍ୟପଟେ ହରିଣ, ସମ୍ବର, ଗୁରାଣ୍ଡି, ସିଂହ, ହାତୀ, ହୁଲକ୍ ଗିବନ୍, କାସୁଆରୀ ପକ୍ଷୀ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ନନ୍ଦନକାନନ ଜନ୍ତୁ ବିଭାଗର ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ପାଟି ଫିଟୁ ନ ଥିବା ନିରୀହ ଜୀବଜନ୍ତୁଙ୍କର ଅକାଳ ମୃତ୍ୟୁ ହେଉଥିବା ଚର୍ଚ୍ଚା ହେଉଛି।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଚାଲିଥିବା ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବର ରବିବାର ଉଦଯାପନ ଅବସରରେ ଅତିଥିଙ୍କ ସହ 'ଗୁରୁ ସିଂହାରୀ ସମ୍ମାନ' ପାଇଥିବା ଗୁରୁ କେ. ରାମାରାଓ ପାତ୍ର, ଭଗବତୀ ସ୍ମୃତି ସମ୍ମାନ ପାଇଥିବା ଗୁରୁ ସିକତା ଦାସ ଓ ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ ସହ ଶିଳ୍ପୀ ମାତୃପ୍ରସାଦ ଦାଶ। (ଫଟୋ- ବିକାଶ ନାୟକ)

## ଗୁରୁ କେ. ରାମାରାଓ ପାତ୍ର ପାଇଲେ 'ଗୁରୁ ସିଂହାରୀ ସମ୍ମାନ'

**ଭୁବନେଶ୍ୱର,୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

### ଗୁରୁ ସିକତା ଦାସଙ୍କୁ ଭଗବତୀ ସ୍ମୃତି ସମ୍ମାନ ଓ ଶିଳ୍ପୀ ମାତୃପ୍ରସାଦ ଦାଶଙ୍କୁ ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ୧୧ତମ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ସଙ୍ଗୀତ ବାଦ୍ୟ ପାଇଁ ବାଣୀ ବାଦକ ତଥା ଗବେଷକ ଗୁରୁ କେ. ରାମାରାଓ ପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ 'ଗୁରୁ ସିଂହାରୀ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି ନୃତ୍ୟବିଦ୍ ଗୁରୁ ସିକତା ଦାସଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଓ ଶିଳ୍ପୀ ମାତୃପ୍ରସାଦ ଦାଶଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ଦିଆଯାଇଛି। ସମସ୍ତ ସମ୍ମାନିତ କଳାକାରଙ୍କୁ ନାମପତ୍ର, ଉତ୍ତରୀୟ ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସଂସ୍କୃତିବିଦ୍ ଡ. ଶାନ୍ତନୁ ରଥ, ଶାସ୍ତ୍ରୀୟ ଓଡ଼ିଆ କେନ୍ଦ୍ରର ନିର୍ଦ୍ଦେଶକ ଡ. ବସନ୍ତ ପଣ୍ଡା, ଇନ୍‌ଟାକ୍‌ର ଆବାହକ ଅନିଲ ଧୀର ଓ ଏକାଡେମୀର ଉପାଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଗୁରୁ ଗୋପାଳ ପଣ୍ଡା ଏକାଡେମୀର ସ୍ୱତନ୍ତ୍ର ପ୍ରସ୍ତୁତି 'ଦି କ୍ଲାସିକାଲ ଟ୍ରଏ'। କର୍ନାଟକୀ ସଙ୍ଗୀତ ପାଇଁ ଚେନ୍ନାଇରୁ ବିଶିଷ୍ଟ କଣ୍ଠଶିଳ୍ପୀ ବିଦୂଷୀ ବିଦ୍ୟା ହରେକୃଷ୍ଣନ ଓ ସାଥୀ ଆସିଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତରେ ଜଣାଶୁଣା କଣ୍ଠଶିଳ୍ପୀ କୁମାରୀ ଲକ୍ଷ୍ମୀପ୍ରିୟା ନାୟକ ଓ ସାଥୀ ରହିଥିଲେ। ଓଡ଼ିଶୀ ସଙ୍ଗୀତ ପ୍ରସ୍ତୁତିରେ ଥିଲେ ଏକାଡେମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସଙ୍ଗୀତା ପଣ୍ଡା ଓ ତାଙ୍କ ସାଥୀ। ଶେଷରେ ୩ଜଣ ଗାୟିକାଙ୍କ ଦ୍ୱାରା 'ସ୍ତୁତି ମଞ୍ଜରୀ' ପରିବେଷଣ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ଜଳ ପୁରସ୍କାର: ଆବେଦନ ପାଇଁ ଉତ୍ସାହିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୧୧ (ଅସମାପିକା ସାହୁ)**

କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୫ମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଡିସେମ୍ବର ୧୫ ତାରିଖ ମଧ୍ୟରେ ଆବେଦନ କରିବାକୁ ପଡ଼ିବ। ୧୦ଟି ବର୍ଗର ପୁରସ୍କାର ମଧ୍ୟରେ ଗୋଟିଏ ବର୍ଗରେ ଶ୍ରେଷ୍ଠ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ପ୍ରଥମ ବିଜେତାଙ୍କୁ ୨ଲକ୍ଷ, ଦ୍ୱିତୀୟଙ୍କୁ ଦେଢ଼ଲକ୍ଷ ଏବଂ ତୃତୀୟଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ମିଳିବ। ଓଡ଼ିଶାର ସରକାରୀ ଓ ବେସରକାରୀ କଲେଜଗୁଡ଼ିକୁ ଆବେଦନ ପାଇଁ ଉତ୍ସାହିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ବିଶେଷକରି ଜଳ ସଂରକ୍ଷଣ ଓ ପରିଚାଳନାରେ ସମ୍ପୃକ୍ତ ଥିବା କଲେଜଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୧୮ରୁ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଉଛି।

## ରେଞ୍ଜ ରୋଭର ଦୁର୍ଘଟଣା ଘଟଣା: ଏନ୍‌ଏଚ୍‌ଆର୍‌ସିରେ ମାମଲା

**ଭୁବନେଶ୍ୱର,୫।୧୧(ସୂର୍ଯ୍ୟକାନ୍ତ ବେହେରା)**

### ମୃତା ଲୋପାମୁଦ୍ରାଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦାବି

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ପାୱାର ହାଉସ୍ ଛକ ନିକଟରେ ରେଞ୍ଜ ରୋଭର କାର ଧକ୍କାରେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଅନ୍ୟାସୀପୁରର ଲୋପମୁଦ୍ରା ସାହୁ(୨୪)ଙ୍କ ମୃତ୍ୟୁ ଘଟଣା ଜାତୀୟ ମାନବାଧିକାର କମିଶନ୍(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପହଞ୍ଚିଛି। ଲୋପାମୁଦ୍ରାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆହତ ଯବାନ କାହ୍ନୁଚରଣ ନାୟକଙ୍କ ଚିକିତ୍ସା ପାଇଁ ସମସ୍ତ ଖର୍ଚ୍ଚ ଯୋଗାଇଦେବାକୁ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ନିବେଦନ କରିଛନ୍ତି। ଅଭିଯୋଗ ଆଧାରରେ କମିଶନ ୧୮୫୩୮/୨୦୨୩ରେ ଏକ କେସ୍ ଦାଏର କରିଛନ୍ତି। ଏହି ମାମଲାରେ ଓଡ଼ିଶା ଗୃହ ବିଭାଗର ସଚିବ, ପୋଲିସ ଡିଜି ଓ ପୋଲିସ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ସୂଚନାନୁସାରେ, ଅକ୍ଟୋବର ୩୧ ଅପରାହ୍ନ ସାଢ଼େ ୩ଟାରେ ରେଞ୍ଜ ରୋଭର କାର୍ (ଓଡି୨୩କେ୦୦୦୬)ଟି ୧୨୦ ବାଟାଲିୟନ ପାର୍ଶ୍ୱରୁ ପାୱାର ହାଉସ୍ ଛକ ଆଡକୁ ଆସୁଥିବା ସମୟରେ ଏକ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଉକ୍ତ ବାଇକ୍‌ରେ ଲୋପାମୁଦ୍ରା ଓ କାହ୍ନୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ଲୋପାମୁଦ୍ରାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ବେପରୁଆ ଭାବେ କାର୍ ଚଳାଇବା ଅଭିଯୋଗରେ ଡ୍ରାଇଭର ସୌଭାଗ୍ୟ କୁମାର ବାଘଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଥିଲା।

## ଭୁବନେଶ୍ୱରରେ ପହଞ୍ଚିଲା ପ୍ରତାପଙ୍କ ପାର୍ଥିବ ଶରୀର

**ଗୋପ, ୫।୧୧(ଭାରତୀ ଭୂଷଣ ଉପାଧ୍ୟାୟ)**

### କାନ୍ଦୁଛି ମଲ୍ଲଗ୍ରାମ

ଦେଶ ପାଇଁ ପ୍ରାଣବଳି ଦେଇଥିବା ବିଏସ୍‌ଏଫ୍ ଯବାନ ପ୍ରତାପ ରଞ୍ଜନ ପରିଡ଼ାଙ୍କ ଲାଗି ଏବେ କାନ୍ଦୁଛି ଗୋପ ବ୍ଲକ ଅଧୀନ ମଲ୍ଲଗ୍ରାମ। ଗତ ୩ ତାରିଖ ସନ୍ଧ୍ୟାରେ ମେଘାଳୟର ସୁରା ବିଏସ୍‌ଏଫ୍ କ୍ୟାମ୍ପର ହାବିଲଦାର ଭାବେ କାର୍ଯ୍ୟରତ ପ୍ରତାପଙ୍କ ମୃତ୍ୟୁ ଘଟିଥିଲା। ଡ୍ୟୁଟିରେ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ସମ୍ପ୍ରତି କ୍ୟାମ୍ପ ପକ୍ଷରୁ ପ୍ରତାପଙ୍କ ସ୍ତ୍ରୀ ସତ୍ୟଭାମା ପରିଡାଙ୍କୁ ଅବଗତ କରାଯାଇଥିଲା। ହଠାତ୍ ପ୍ରତାପଙ୍କର ମୃତ୍ୟୁକୁ ସହଜରେ ପରିବାର କିମ୍ବା ଅଞ୍ଚଳବାସୀ ବିଶ୍ୱାସ କରିପାରୁନାହାନ୍ତି। ୧୯୯୪ରେ ପ୍ରତାପ ବିଏସ୍‌ଏଫ୍‌ରେ ଯୋଗଦେଇଥିଲେ। ଦୁଇଦିନ ତଳେ ସିଆରପିଏଫ୍‌ରେ ଥିବା ବଡ଼ଭାଇ ପ୍ରେମାରଞ୍ଜନ ପରିଡ଼ାଙ୍କ ସହିତ କଥା ହୋଇଥିବା ବେଳେ ମୃତ୍ୟୁର ୪ ଘଣ୍ଟା ପୂର୍ବରୁ ପତ୍ନୀଙ୍କ ସହିତ ଦୁଇଥର ଫୋନରେ କଥା ହୋଇଥିଲେ। ଏଥିସହ ନଭେମ୍ବର ଶେଷ ସପ୍ତାହରେ ଘରକୁ ଆସିବା ନେଇ ସୂଚନା ମଧ୍ୟ ଦେଇଥିଲେ। ସୋମବାର ପୂର୍ବାହ୍ନରେ ପ୍ରତାପଙ୍କ ପାର୍ଥିବ ଶରୀର ମଲ୍ଲଗ୍ରାମରେ ପହଁଞ୍ଚିବାର କାର୍ଯ୍ୟକ୍ରମ ରହିଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପ୍ରତାପଙ୍କ ପାର୍ଥିବ ଶରୀରକୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ହରିପୁରଠାରୁ ଗାଁକୁ ଅଣାଯିବ ବୋଲି ଜଣାପଡ଼ିଛି। ଘରେ ପ୍ରତାପଙ୍କ ବଡ଼ ଝିଅ +୨ରେ ପଢୁଥିବାବେଳେ ଏକମାତ୍ର ପୁଅ ପ୍ରତୀକ ୫ମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି।



ଭୁବନେଶ୍ୱର ବିମାନବନ୍ଦରଠାରେ ଯବାନ ପ୍ରତାପ ରଞ୍ଜନ ପରିଡ଼ାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟବ୍ରତ



@ ମେଘନାଥ



@ ଯାମିନୀ



@ ପୂଜା



@ ନିଝରି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁକ୍ତ୩ରେ ସାମିଲ ହେବ ନୂଆ ପାଠ୍ୟକ୍ରମ

**ଭୁବନେଶ୍ୱର, ୫।୧୧(ଅସମାପିକା ସାହୁ)**

### ପାଇଲଟ୍ ପ୍ରୋଗ୍ରାମ୍ ଭାବେ ଆରମ୍ଭ ହେବ 'ଫ୍ୟୁଚର୍ ସ୍କିଲ୍ ପ୍ରାଇମ୍'

ରାଜ୍ୟରେ ଯୁକ୍ତ୩ରେ ସାମିଲ ହେବ ନୂଆ ପାଠ୍ୟକ୍ରମ 'ଫ୍ୟୁଚର୍ ସ୍କିଲ୍ ପ୍ରାଇମ୍'। ଉଚ୍ଚଶିକ୍ଷା ବିଭାଗ ଓ ନାସ୍‌କମ୍ ମଧ୍ୟରେ ଏ ନେଇ ଚୁକ୍ତି ହୋଇଛି। ଏହାକୁ ଅନ୍‌ଲାଇନ୍‌ରେ ପଢ଼ାଯିବ। ଆଇଟି କ୍ଷେତ୍ରରେ କାମ କରିବା ପାଇଁ ଏହି ପାଠ୍ୟକ୍ରମ ଓ ସାର୍ଟିଫିକେଟ୍ ବେଶ୍ ଉପଯୋଗୀ ହୋଇପାରିବ। ଶିଳ୍ପ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟି ରଖି ନାସକମ୍ ଏଭଳି ପାଠ୍ୟକ୍ରମ ଆରମ୍ଭ କରିଛି। ପାଇଲଟ୍ ପ୍ରୋଗ୍ରାମ ଭାବେ ପ୍ରଥମେ ୬୧ଟି ସରକାରୀ/ଅନୁଦାନପ୍ରାପ୍ତ କଲେଜ ଏବଂ ୮ଟି ବିଶ୍ୱବିଦ୍ୟାଳୟ(ଯୁଜି ପଢ଼ାଯାଉଥିବା)ରେ ଏହା ସାମିଲ କରାଯିବ। ଚୁକ୍ତି ଅନୁସାରେ ଛାତ୍ରୀଛାତ୍ର ଏଥିରେ ନାମ ପଞ୍ଜୀକରଣ କରିବା ପାଇଁ ନାସକମ୍ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁବିଧା ଯୋଗାଇଦେବ। ଏହି ପାଠ୍ୟକ୍ରମର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ମିଳିବ। ସାର୍ଟିଫିକେଟ୍ ପାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ନାସକମ୍ କ୍ୟାମ୍ପସ୍ ନିଯୁକ୍ତି ପାଇଁ ଭିନ୍ନ ଭିନ୍ନ କମ୍ପାନୀ/ଇଣ୍ଡଷ୍ଟ୍ରିକୁ ଡାକିବ। ଚୟନ ପ୍ରକ୍ରିୟାରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ବଛାଯିବା ସହ ଚାକିରି ଉପଲବ୍ଧତା ବିଷୟରେ ଜଣାଯିବ। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଉଚ୍ଚଶିକ୍ଷା ବିଭାଗ ସମସ୍ତ କୁଳପତି, କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଏହି ପାଠ୍ୟକ୍ରମ ବାଧ୍ୟତାମୂଳକ ରହିବ ନାହିଁ। କିନ୍ତୁ ଏହି ପାଠ୍ୟକ୍ରମ ନେବା ପାଇଁ ସବୁ ଛାତ୍ରୀଛାତ୍ରଙ୍କୁ ନିଶ୍ଚିତ ଭାବେ ଉତ୍ସାହିତ କରିବାକୁ ଚିଠିରେ ଉଲ୍ଲେଖ ରହିଛି।



ଉତ୍ତରାଖଣ୍ଡ ପାୱାର କର୍ପୋରେଶନ ଲିମିଟେଡ ଦ୍ୱାରା ବିକଶିତ ଅତ୍ୟାଧୁନିକ 'କଞ୍ଜ୍ୟୁମର ସେଲ୍ଫ ସର୍ଭିସ ଆପ୍'କୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ରବିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ଦୁର୍ଗେଶ୍ୱର ଲାଲ୍‌ଙ୍କ ସମେତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆନନ୍ଦ ବର୍ଦ୍ଧନ, ସଚିବ ଅର୍ଥମନ୍ତ୍ରୀ ଡ. ଭି ଶନମୁଗମ୍, ସ୍ୱତନ୍ତ୍ର ସଚିବ ଗୃହ ରିଦ୍ଧିମ୍ ଅଗ୍ରୱାଲ୍, ମହାନିର୍ଦ୍ଦେଶକ ୟୁ କାଷ୍ଟ୍ର ପ୍ରଫେସର ଦୁର୍ଗେଶ ପନ୍ତ, ନିର୍ଦ୍ଦେଶକ ଆଇଟିଡିଏ ନିତିକା ଖଣ୍ଡେଲୱାଲ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ପିଏନ୍‌ବିର ଦୀପାବଳି ଧମାକା

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ଚଳିତ ଦୀପାବଳି ଉପଲକ୍ଷେ ଆର୍କଷଣୀୟ 'ଦୀପାବଳୀ ଧାମାକା ୨୦୨୩' ପାର୍ବଣ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ପାଇଁ ହୋମ୍ ଲୋନ୍ ଓ କାର୍ ଲୋନ୍‌ରେ ବିଭିନ୍ନ ଅଫର ପ୍ରଦାନ କରାଯାଇଛି। ଏପରିକି ୮.୪୦% ସୁଧହାରରେ ହୋମ୍ ଲୋନ୍ ଏବଂ ୮.୭୫% ସୁଧହାରରେ କାର୍ ଲୋନ୍‌ର ସୁବିଧା ଗ୍ରାହକ ପାଇପାରିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ସ୍ଥିରୀକୃତ ସର୍ତ୍ତାବଳୀକୁ ଗ୍ରାହକ ଗ୍ରହଣ କରିବାକୁ ପଡ଼ିବ। ଏ ସମ୍ପର୍କିତ ସୂଚନା ପାଇଁ ଗ୍ରାହକ ଟୋଲ୍ ଫ୍ରି ନମ୍ବର ୧୮୦୦ ୧୮୦୦/୧୮୦୦ ୨୦୨୧ କଲ୍ କରି କିମ୍ବା ନିକଟସ୍ଥ ପିଏନ୍‌ବି ବ୍ରାଞ୍ଚରେ ଯୋଗାଯୋଗ କରିପାରିବେ।

## ରେ ବ୍ୟାନ୍ ଅପ୍ଟିକାଲ ଗ୍ୟାଲେରି ଉଦ୍‌ଘାଟିତ



ଭୁବନେଶ୍ୱର, ୫।୧୧

ଭୁବନେଶ୍ୱର ଅଶୋକନଗରସ୍ଥିତ ଜନପଥ ରୋଡ୍‌ର ଆର୍ଯ୍ୟ ପ୍ୟାଲେସ ହୋଟେଲ ନିକଟରେ 'ରେ ବ୍ୟାନ୍ ଅପ୍ଟିକାଲ ଗ୍ୟାଲେରୀ' ରବିବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସିର ୪୧ନମ୍ବର ଓାର୍ଡର କର୍ପୋରେଟର କବିତା ସ୍ୱାଇଁ ଓ ଜେ.ପି.ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବିଶେଷ କରି ଏଠାରେ 'ରେ ବ୍ୟାନ୍' ଓ ଓକ୍‌ଲିସ୍ ଲୁକ୍ ପରି ଅନ୍ତର୍ଜାତୀୟ ବ୍ରାଣ୍ଡର ଚଷମା ଏବଂ ଏସିଲର୍, କାଲଜାଇସ୍, ଭିଜନ ଆର ଏକ୍ସ, ନୋଭା ବ୍ରାଣ୍ଡର ଲେନ୍ସ ମଧ୍ୟ ଉପଲବ୍ଧ। ବିଶେଷ କରି ସନଗ୍ଲାସ୍ ଉପରେ ୨୦% ଓ ଲେନ୍ସ ଉପରେ ୧୫% ରିହାତି ପ୍ରଦାନ କରାଯାଉଛି ବୋଲି ଗ୍ୟାଲେରୀର ପ୍ରତିଷ୍ଠାତା ଆଦିତ୍ୟ କୁମାର ପଣ୍ଡା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଭୁବନେଶ୍ୱର, ୫।୧୧

ଦେଶର ପ୍ରମୁଖ ନବରତ୍ନ କମ୍ପାନୀ ନାଲକୋ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ସାଧାରଣ ଜୀବନରେ ଅଖଣ୍ଡତା, ସାଧୁତା ଏବଂ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରଚାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କ୍ରମରେ ଭୁବନେଶ୍ୱର ଏବଂ କଟକର ଅଗ୍ରଣୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୩୦ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀଛାତ୍ର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେହିଭଳି କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲାବେଳେ ନିକଟରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ନାଲକୋର ସିଏମଡି ଶ୍ରୀଧର ପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦୁର୍ନୀତି ବିରୋଧ ଲଢ଼େଇରେ ଆଚରଣଗତ ପରିବର୍ତ୍ତନ ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କହିଥିଲେ, ଭଲ କାର୍ଯ୍ୟ, ଉତ୍ତମ ଚିନ୍ତାଧାରା, ଉତ୍ତମ ବ୍ୟବହାର ପ୍ରଦର୍ଶନ ଇତ୍ୟାଦି ଦୁର୍ନୀତିଗ୍ରସ୍ତ ପ୍ରଥାକୁ ନିରୁତ୍ସାହିତ କରିବାର ଉପାୟ ଅଟେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଫରେଷ୍ଟ ଇଣ୍ଟିଗ୍ରେଟେଡ୍ ରିଜିଓନାଲ ଅଫିସର ଡେପୁଟି ଡାଇରେକ୍ଟର ଜେନେରାଲ୍ ଆର୍ତ୍ତତ୍ରାଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ନାଲକୋର ନିର୍ଦ୍ଦେଶକ (ବିତ୍ତ) ରମେଶ ଚନ୍ଦ୍ର ଯୋଶୀ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ମୁଖ୍ୟ ସତର୍କତା ଅଧିକାରୀ ସୋମନାଥ ହାନ୍ସଦା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ପ୍ରାରମ୍ଭିକ ବକ୍ତବ୍ୟରେ ସୋମନାଥ ହାଁସଦା ଗତ ତିନି ମାସ ମଧ୍ୟରେ ନାଲକୋ ଭିଜିଲାନ୍ସ ବିଭାଗ ଦ୍ୱାରା ଦୁର୍ନୀତିର ମୁକାବିଲା ସଚେତନତା ପ୍ରସାର ନିମନ୍ତେ କରାଯାଇଥିବା କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ମିଶ୍ର ତାଙ୍କ ସମ୍ବୋଧନରେ ପ୍ରତିଯୋଗିତା ପରିବର୍ତ୍ତେ ସହଯୋଗ ମାଧ୍ୟମରେ କିପରି ବିଶ୍ୱକୁ ଏକ ଉତ୍ତମ ସ୍ଥାନ ରୂପେ ଗଢାଯାଇପାରିବ ସେ ବିଷୟରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ।

## ୟୁବିଆଇ ପକ୍ଷରୁ ୱାକାଥନ

ଭୁବନେଶ୍ୱର, ୫।୧୧

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ୟୁବିଆଇ ଭୁବନେଶ୍ୱର ସହରର କର୍ମଚାରୀମାନଙ୍କ ପାଇଁ ଏକ ମେଗା ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନ ରୁପାଲି ଛକରୁ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ୟୁବିଆଇ କେନ୍ଦ୍ରୀୟ କାର୍ଯ୍ୟାଳୟର ସତର୍କତା ଅଧିକାରୀମାନଙ୍କ ସମେତ ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ଉପ ଅଞ୍ଚଳ ମୁଖ୍ୟ ଆର୍.ଦେବରାଜ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ଏମ୍ ଏଲ୍ ପି ମୁଖ୍ୟ ହରେରାମ ଶାହା, ଆର୍ ଏଲ୍ ପି ମୁଖ୍ୟ ହରେକୃଷ୍ଣ ପାହିଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ, ଶାଖା ମୁଖ୍ୟ ଏବଂ ଭୁବନେଶ୍ୱର ସହରସ୍ଥିତ ସମସ୍ତ ଶାଖାର କର୍ମଚାରୀମାନେ ୱାକାଥନ୍‌ରେ ଯୋଗ ଦେଇଥିଲେ।

## ଟିପିସିଓଡିଏଲ୍ ପକ୍ଷରୁ ଭିଜିଲାନ୍ସ ସଚେତନତା କର୍ମଶାଳା

ଭୁବନେଶ୍ୱର, ୫।୧୧

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଏକ ୨ଦିନିଆ ଭିଜିଲାନ୍ସ ସଚେତନତା କର୍ମଶାଳାର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୫ପର୍ଯ୍ୟନ୍ତ 'ଦୁର୍ନୀତିକୁ କୁହନ୍ତୁ ନା, ଦେଶ ପ୍ରତି ଉତ୍ସର୍ଗୀକୃତ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହିତ ସତର୍କତା ସଚେତନତା ସପ୍ତାହ-୨୦୨୩କୁ ସଫଳତାର ସହ ପାଳନ କରାଯାଇଥିଲା। ଉକ୍ତ କର୍ମଶାଳାରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହଙ୍କ ସମେତ ଟାଟା ପାୱାରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସତର୍କତା ସଚେତନତା କର୍ମଶାଳାର ପ୍ରଥମ ଦିନରେ ଟିପିସିର ବରିଷ୍ଠ ଉପଦେଷ୍ଟା (ଏସ୍‌ଆଣ୍ଡଭି) ଏସ.ଜଗନ୍ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶାଳାର ବିଷୟବସ୍ତୁ ସମ୍ପର୍କରେ ମୂଲ୍ୟବାନ ଆଲୋଚନା କରିଥିଲାବେଳେ ସମସ୍ତ ଡିସକମ୍‌ର ୩୮-୪୦ ସତର୍କତା ଅଧିକାରୀ ଯୋଗ ଦେଇଥିଲେ। ସେହିପରି ସତର୍କତା କର୍ମଶାଳାର ଦ୍ୱିତୀୟ ଦିବସରେ ଅନୁସନ୍ଧାନ, ତଦନ୍ତ ପଦ୍ଧତି ଏବଂ ଦୁର୍ନୀତି ନିବାରଣ ନିୟମର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଓ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ସତର୍କତାର ଆରକ୍ଷୀ ଅଧୀକ୍ଷକ ରାଧାକ୍ରିଷ୍ଣା, ସିବିଆଇର ଅବସରପ୍ରାପ୍ତ ଏସ୍‌ପି. ଜୟନାରାୟଣ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ଓଡ଼ିଶା ରାଜ୍ୟ ସତର୍କତାର ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସତର୍କତା ମାମଲାରେ ପୂର୍ଣ୍ଣ ସହଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଓଡ଼ିଶା ବଜାରରେ ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ

ଭୁବନେଶ୍ୱର,୫।୧୧ (ଅଭୟ ଦାଶ)

ବୁଙ୍ଗେ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ(ବୁଙ୍ଗେ ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ଗୁଣାତ୍ମକ ଖାଇବା ତେଲ 'ଫିଓନା' ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲକୁ ରବିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଓଡ଼ିଶାରେ କମ୍ପାନୀ ଦ୍ୱାରା ବିକଶିତ ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ (ତେଲ) ବ୍ରାଣ୍ଡ 'ଫିଓନା'କୁ ସମ୍ପ୍ରସାରିତ କରିବା ସମ୍ପର୍କରେ ମଧ୍ୟ ଘୋଷଣା କରୁଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୁଙ୍ଗେ ଇଣ୍ଡିଆର ଏଭିପି ମାର୍କେଟିଂ ମିଳିନ୍ଦ ଆଚାର୍ଯ୍ୟ ଏବଂ ଓଡ଼ିଆ ଅଭିନେତ୍ରୀ ସୁପ୍ରିୟା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ନୂତନ ଉତ୍ପାଦକୁ ରାଜ୍ୟସ୍ତରୀୟ ଉନ୍ମୋଚନ କରିଥିଲେ।




ଅପରପକ୍ଷରେ ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲରେ ଅତ୍ୟାବଶ୍ୟକ ଭିଟାମିନ ସମୂହ ଭିଟାମିନ୍ ଏ, ଡି, ଇ ଓ କେ ଆଦି ବ୍ୟାପକ ପରିମାଣରେ ରହିଛି, ଏପରିକି ଉପରୋକ୍ତ ଭିଟାମିନଗୁଡ଼ିକ ଖାଉଟିଙ୍କର ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏ ସମ୍ପର୍କରେ ବୁଙ୍ଗେ ଇଣ୍ଡିଆର ଏଭିପି ମାର୍କେଟିଂ ମିଳିନ୍ଦ ଆଚାର୍ଯ୍ୟ କହିଥିଲେ, ଆମେ ଶୀର୍ଷ ମାନର ଉତ୍ପାଦ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ, ଯାହା ଉତ୍କର୍ଷ ଏବଂ ନିରାପତ୍ତାକୁ ଅଗ୍ରାଧିକାର ପ୍ରଦାନ କରୁଛି ଏବଂ ଫିଓନା ରିଫାଇନଡ ସନ୍‌ଫ୍ଲାୱାର ଅଏଲର ବଜାର ପ୍ରବେଶ ମଧ୍ୟ ସେହି ବିଶ୍ୱାସକୁ ପ୍ରତିପାଦିତ କରୁଛି। ଉଲ୍ଲେଖଯୋଗ୍ୟ, ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ (ତେଲ) ୫୦୦ ଏମ୍‌ଏଲ୍, ୧ଲିଟର, ୫ ଲିଟର ଏବଂ ୧୫ ଲିଟର ଭଳି ବିଭିନ୍ନ ପ୍ୟାକ ଆକାରରେ ଏହା ଆସୁଛି ଏବଂ ବୁଙ୍ଗେ ଇଣ୍ଡିଆ ସମଗ୍ର ଓଡ଼ିଶାରେ ସାମଗ୍ରୀ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ, ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମାନ୍ଦାନା ଉକ୍ତ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର(ଚେହେରା) ଭାବେ ୨୦୨୧ରୁ କାର୍ଯ୍ୟ କରିଆସୁଛନ୍ତି।

## ବିଓଏମ୍‌ର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୫।୧୧

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଓଏମ ପକ୍ଷରୁ ଏକ ବାଇକ ର୍‍ୟାଲିର ଆୟୋଜନ କରାଯାଇଥିଲା। ଉକ୍ତ ର୍‍ୟାଲିରେ ଭୁବନେଶ୍ୱର ଅଞ୍ଚଳର ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ, ଭୁବନେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ଦୀପକ ଦଣ୍ଡପାଟ, ଅଞ୍ଚଳ ସତର୍କତା ଅଧିକାରୀ ଆଶିଷ କୁମାରଙ୍କ ସମେତ ଭୁବନେଶ୍ୱରସ୍ଥିତ ବ୍ୟାଙ୍କର ସ୍ଥାନୀୟ ଶାଖାର କର୍ମଚାରୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ନୀତିକୁ ନିବାରଣ କରିବା, ସତ୍ୟନିଷ୍ଠା ଓ କର୍ତ୍ତବ୍ୟପରାୟଣ ପଥରେ ଚାଲିବା ଏବଂ ଆଦର୍ଶ ସମାଜ ନିର୍ମାଣ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ର୍‍ୟାଲି ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟରୁ ବାହାରି ରୁପାଲି ଛକ, ମାଷ୍ଟର କ୍ୟାଣ୍ଟିନ ଛକ ଓ ରାଜମହଲ ଛକ ଦେଇ ଫରେଷ୍ଟ ପାର୍କଠାରେ ସମାପ୍ତ ହୋଇଥିଲା।

### ଅନ୍ୟାନ୍ୟ ଖବର

## ସର୍ଭିସ ରାଇଫଲରୁ ଗୁଳି କରି ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି, ୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକମା ଜିଲା ତଙ୍ଗପାଲରେ କାର୍ଯ୍ୟରତ ସିଆରପିଏଫ ଯବାନ ନିଜ ସର୍ଭିସ ରାଇଫଲରୁ ଗୁଳିଚଳାଇ ଆତ୍ମହତ୍ୟା କରିଛନ୍ତି। ସୁକୁମା ଜିଲା ତଙ୍ଗପାଲର ଲେଦାସ୍ଥିତ ସିଆରପିଏଫ ୨୨୭ ବାହିନୀର ଗୌର କରଣ ନାମକ ଜଣେ ଯବାନ ଗାର୍ଡ ରୁମରେ ଡ୍ୟୁଟି କରୁଥିଲେ। ଏହି ସମୟରେ ସେ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣିବା ମାତ୍ରେ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। କେଉଁ କାରଣରୁ ଯବାନ ଜଣକ ଆତ୍ମହତ୍ୟା କଲେ ତାହା ଜଣାପଡି ନାହିଁ। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସିଆରପିଏଫ ଅଧିକାରୀ କହିଛନ୍ତି। ଯବାନଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଜଗଦଲପୁର ପଠାଯାଇଥିବା ଜଣାପଡିଛି।

## ନଦୀରେ ଭାସିଯାଉଥିବା ଯୁବତୀ ଉଦ୍ଧାର

ବରୀ,୫।୧୧(ମହେନ୍ଦ୍ର ସ୍ୱାଇଁ)

ନଦୀରେ ଭାସି ଯାଉଥିବା ଜଣେ ଯୁବତୀଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରାଯାଇଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତ ରଜାପୁର ଗ୍ରାମର ରଜୁ ଜେନାଙ୍କ ଝିଅ ତୁଳସୀ ଜେନା(୨୦)। ରବିବାର ଚିଙ୍ଗୁଡ଼ିଆ ନଦୀର ଶାଖା ଦୁଧେଇ ନଦୀକୁ ତୁଳସୀ ଶୌଚ ହେବାକୁ ଆସି ଭାସିଯାଇଥିଲେ। ବାଲିବିଲସ୍ଥିତ ଦୁଧେଇ ସେତୁ ନିକଟରେ ସେ ଭାସିଯାଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଅବସରପ୍ରାପ୍ତ ସେନା କର୍ମଚାରୀ ଅକ୍ଷୟ ପଡ଼ିହାରୀ ଓ ଦିଲୀପ ପଡ଼ିହାରୀ ପହଞ୍ଚି ପ୍ରଖର ନଦୀ ସ୍ରୋତରୁ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ଲୋକେ ତୁଳସୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଯୁବତୀ ସୁସ୍ଥ ଥିବା ଜଣାପଡ଼ିଛି। ଅକ୍ଷୟ ଓ ଦିଲୀପଙ୍କ ଯୋଗୁ ତୁଳସୀଙ୍କ ଜୀବନ ରକ୍ଷା ପାଇଯାଇଥିବାରୁ ଉଭୟ ଉଦ୍ଧାରକାରୀଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଆଇଇଡି ବିସ୍ଫୋରଣରେ ମାଓବାଦୀ ମୃତ, ୪ ଗୁରୁତର

ମାଲକାନଗିରି, ୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କାଙ୍କେର ଜିଲା ତାଡୋକି ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଥିଲା। ପ୍ରାୟ ୧ ଘଣ୍ଟା ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାରୁ ପଳାଇ ଯାଇଥିଲେ। ଗୁଳି ବିନିମୟରେ କେତେକ ମାଓବାଦୀ ଆହତ ହୋଇଥିବା ଜଣାପଡିଛି। ସୁରକ୍ଷା ବାହିନୀ ଯବାନମାନେ ମାଓବାଦୀ କ୍ୟାମ୍ପରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରିବା ସହ କ୍ୟାମ୍ପ ଧ୍ୱଂସ କରିଥିବା ଏସ୍‌ପି ଦିବ୍ୟାଙ୍ଗ ପଟେଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜୋରଦାର କରାଯାଇଛି। ସେହିପରି ସୀମାନ୍ତ ସୁକୁମା ଜିଲାରେ ଗୋଟିଏ ଆଇଇଡି ବିସ୍ଫୋରଣ ଘଟିଥିବା ବେଳେ ଜଣେ ମାଓବାଦୀଙ୍କ ଏଥିରେ ମୃତ୍ୟୁ ଘଟିଛି। ସୁରକ୍ଷା ବଳକୁ ଟାର୍ଗେଟ କରି ମାଓବାଦୀମାନେ ମାର୍କାଗୁଡା ଅଞ୍ଚଳରେ ଏକ ଆଇଇଡି ଖଞ୍ଜିବା ବେଳେ ହଠାତ୍ ତାହା ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ଜଣେ ମାଓବାଦୀଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି।

## ଆୟୋସ ମାଲେଟ ମାଛ ଉପରେ ଗବେଷଣା



ବ୍ରହ୍ମପୁର,୫।୧୧(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ନୂତନ ପ୍ରଜାତିର ଆୟୋସ ମାଲେଟ୍ ମାଛ ଉପରେ ଗବେଷଣା ଜାରି ରହିଛି। ପଶ୍ଚିମ ଓଡ଼ିଶାର ସୋନପୁରଠାରେ ପ୍ରବାହିତ ମହାନଦୀରେ ଏହି ମାଛ ଠାବ କରାଯାଇଥିବା ବିଭାଗର ଅଧ୍ୟାପକ ପ୍ରଫେସର ଜୟକିଶୋର ସେଠ କହିଛନ୍ତି। ପଶ୍ଚିମ ଓଡ଼ିଶାବାସୀଙ୍କ କହିବାନୁସାରେ ଏହି ଆୟୋସ ମାଲେଟ୍ ମାଛର ଶୁଖୁଆ ତିଆରି ପ୍ରଣାଳୀ ମଧ୍ୟ ଭିନ୍ନ, ଯାହାଦ୍ୱାରା ଏହାର ସ୍ୱାଦ ସହ ଚାହିଦା ମଧ୍ୟ ବଜାରରେ ଅଧିକ। ଏହାର ବଜାର ମୂଲ୍ୟ କିଲୋ ପିଛା ୬୦୦ରୁ ୮୦୦ ଟଙ୍କା ରହିଛି। ଏହା ଉପରେ ବିଭାଗର ପ୍ରଫେସର ସେଠଙ୍କ ସମେତ ସମୀର ଶୁର, ଦିଲରାଜ ପୁଆଲା ଓ ଗୋପାଳପୁରସ୍ଥିତ ଜିୟୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ବୈଜ୍ଞାନିକ ଡ.ଅନିଲ କୁମାର ମହାପାତ୍ର ଏବଂ ଅବସରପ୍ରାପ୍ତ ବୈଜ୍ଞାନିକ ଶୁଭେନ୍ଦୁ ଶେଖର ମିଶ୍ର ମିଳିତ ଭାବେ ଗବେଷଣା କରୁଛନ୍ତି। ଆନ୍ତର୍ଜାତିକ ଗବେଷଣା ପତ୍ରିକା 'ଜର୍ନାଲ ଅଫ ଫିସ୍ ବାୟୋଲୋଜି'ରେ ଏହି ମାଛ ସମ୍ପର୍କରେ ପ୍ରକାଶିତ ହୋଇଥିବା ବେଳେ ଅଧିକ ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅନୁଦାନ ପ୍ରଦାନ କରିଥିଲେ। ଦୀର୍ଘ ତିନି ଦଶନ୍ଧି ପରେ ଏହି ମାଛକୁ ଚିହ୍ନଟ କରାଯାଇଛି।

## ଗାଁରେ ସୁନାଖଣି, ଲୋକଙ୍କୁ ମିଳୁନି ଦାନା

କେନ୍ଦୁଝର,୫।୧୧(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଲୁହାପଥର, ମାଙ୍ଗାନିଜ ଆଦି ଖଣି ରହିଛି। ଯାହା ଜିଲାର ଆର୍ଥିକସ୍ଥିତି ସୁଦୃଢ଼ କରୁଥିବା ବେଳେ କିଛି ମାସ ତଳେ ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି। ବିଶେଷ କରି ଖଣି ଶୂନ୍ୟ ତେଲକୋଇ ବ୍ଲକ୍ ଏବଂ ଅନୁନ୍ନତ ବାଂଶପାଳ ବ୍ଲକ୍‌ରେ ଏହି ସୁନାଖଣି ଥିବାରୁ ଏବେ ଅଞ୍ଚଳରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। ମାତ୍ର ସୁନା ଖଣି ଥିବା ଗ୍ରାମରେ ଲୋକଙ୍କୁ ଏବେ ଦୁଇ ଓଳି ୨ ମୁଠା ଖାଇବାକୁ ମିଳୁନାହିଁ। ଫଳରେ ସୁନାଖଣି ଖନନ ଆରମ୍ଭ ହେଲେ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ପାରିବ ବୋଲି ଆଲୋଚନା ହେଉଛି।

ବାଂଶପାଳ ବ୍ଲକ୍ ତରମାକାନ୍ତ ପଞ୍ଚାୟତର ଗୋପପୁର ଗାଁରେ ମୋଟ ୧୫୦ ପରିବାର ରୁହନ୍ତି। ଏଠାରେ ଭୂୟାଁ, ମୁଣ୍ଡା, ମହାନ୍ତ, ଗଉଡ଼ ଆଦି ବିଭିନ୍ନ ଜାତିର ଲୋକେ ରହୁଥିଲେ ବି ସମସ୍ତେ ଗରିବ ଶ୍ରେଣୀର। ପ୍ରାୟତଃ ଚାଷବାସ କରି ଗୁଜୁରାଣ ମେଣ୍ଟାଇଥାଆନ୍ତି। ଅନେକେ ମୂଲ ମଜୁରି ଲାଗି ଚଳନ୍ତି। ଗାଁର ବରିଷ୍ଠ ଅନାମ ଦେହୁରୀ, ଦୁର୍ଯ୍ୟୋଧନ ନାୟକଙ୍କ କହିବା ଅନୁଯାୟୀ, ପୂର୍ବେ ଏହି ଗାଁର ଲୋକେ ଗାଁ ପାଖ ଜଙ୍ଗଲରୁ ସୁନା ସଂଗ୍ରହ କରୁଥିଲେ। ଜଙ୍ଗଲରୁ ମାଟି ଖୋଳିବା ପରେ କିଛି ଦ୍ରବ୍ୟ ମିଶା ମାଟି ସଂଗ୍ରହ କରି ତାକୁ ଧୋଇବା ପରେ ସେଥିରୁ ସୁନା ବାହାରୁଥିଲା। ଯାହାକୁ ସ୍ଥାନୀୟ ବଣିଆ ପାଖରେ ବିକ୍ରି କରି ଚଳୁଥିଲେ। ବିଶେଷ କରି ଗାଁ ପାଖ ଜଳପା ନାଳରୁ ପାଛିଆରେ ବାଲି ସଂଗ୍ରହ କରି ସେଥିରୁ ସୁନା ସଂଗ୍ରହ କରୁଥିଲେ। ଗାଁ ପାଖ ଜଙ୍ଗଲରୁ ସୁନା ମିଳୁଥିବାରୁ ଗାଁ ଲୋକେ ଜଙ୍ଗଲକୁ ମଧ୍ୟ ସୁନାଖଣି ଜଙ୍ଗଲ ଭାବେ ସମ୍ବୋଧିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଗୋପପୁର ଗାଁର ଲୋକେ ଆଉ ଏହି ପାରମ୍ପରିକ ଭାବେ ସୁନା ସଂଗ୍ରହ କଲେନାହିଁ। ଗାଁରେ ବିଶାଳ ତରମାକାନ୍ତ ଚା ବଗିଚା ମଧ୍ୟ ଥିଲା। ତାହା ବି ବନ୍ଦ ହୋଇଯିବା ପରେ ଲୋକେ କାମ ପାଉନାହାନ୍ତି। ତେଣୁ ଲୋକଙ୍କୁ ୨ ମୁଠା ଦାନା ମଧ୍ୟ ମିଳିବା କଷ୍ଟକର ହୋଇଯାଇଛି।

୨୦୨୨ ମେ ମାସରେ ଗୋପପୁରରେ ସୁନାଖଣିର ସନ୍ଧାନ ମିଳିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକି ପ୍ରାୟ ୬ ମାସ ଧରି ଚାଲିଥିଲା। ସୁନାଖଣିର ସନ୍ଧାନ ମିଳିବା ପରେ ସ୍ଥାନୀୟ ଲୋକେ ଉତ୍ସାହିତ ଅଛନ୍ତି। ସୁନାଖଣି ଖନନ ଆରମ୍ଭ ହେଲେ, ହୁଏତ ଏଠାରେ ନିୟମିତ କାମ ମିଳିପାରେ। ଯାହାକି ସେମାନଙ୍କ ଜୀବନ ଜୀବିକା ନିର୍ବାହରେ ସହାୟକ ହେବ ବୋଲି ଆଶା ରଖିଛନ୍ତି। ଏ ସମ୍ପର୍କରେ ଗାଁ ସମିତି ସଭ୍ୟ ଅଜିତ୍ ନାଏକ କୁହନ୍ତି, ସୁନାଖଣି ସନ୍ଧାନ ମିଳିବା ପରେ ଆମେ ଉତ୍ସାହିତ ଅଛୁ। ସରକାର ଯେତେଶୀଘ୍ର କାମ ଆରମ୍ଭ କରିବେ, ଲୋକେ କାମ ପାଇପାରିବେ ବୋଲି ସେ କହିଛନ୍ତି।

## 'ଏ ସ୍ମଲ ଷ୍ଟେପ୍' ଡକ୍ୟୁମେଣ୍ଟାରି ଜାତୀୟ ପୁରସ୍କାର ପାଇଁ ମନୋନୀତ



ଝରଣା କାଦ୍ରାକା

କୋରାପୁଟ,୫।୧୧ (ଅମିତାଭ ବେହେରା)

ଜାତୀୟ ସ୍ତରରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା 'କମ୍ୟୁନିଟି ମିଡିଆ ଚାଲେଞ୍ଜ-୨୦୨୩' ଶୀର୍ଷକରେ ଆୟୋଜିତ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ପ୍ରତିଯୋଗିତାରେ ଓଡିଆ ଝିଅ ଝରଣା କାଦ୍ରାକା ଅଂଶଗ୍ରହଣ କରି ଜାତୀୟ ସ୍ତରୀୟ ଦ୍ୱିତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଝରଣାଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। କମନ ୱେଲଥ ଅଫ୍ ଏଡୁକେଶନାଲ ମିଡିଆ ସେଣ୍ଟର (ସିଇଏମସିଏ) ପକ୍ଷରୁ କମ୍ୟୁନିଟି ମିଡିଆ ଚାଲେଞ୍ଜ-୨୦୨୩ ଶୀର୍ଷକରେ ବିଭିନ୍ନ ସବଥିମରେ ଦେଶର ପ୍ରତିଯୋଗୀମାନଙ୍କଠାରୁ ଅଡିଓ ଓ ଭିଡିଓ ଫର୍ମାଟରେ ଏଣ୍ଟ୍ରି ଆହ୍ୱାନ କରାଯାଇଥିଲା । ଏଥିରେ ସାରା ଦେଶରୁ ବିଭିନ୍ନ କାଟାଗୋରିରେ ମୋଟ ୪୫ଟି ଏଣ୍ଟ୍ରି ଆସିଥିଲା। ଝରଣା ମଧ୍ୟ ନିଜ ଡକ୍ୟୁମେଣ୍ଟାରି 'ଏ ସ୍ମଲ ଷ୍ଟେପ' ପଠାଇଥିଲେ। ଏବେ ତାହା ଦ୍ୱିତୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। କୋରାପୁଟ ଜିଲା ଦାମନଯୋଡି ଅଞ୍ଚଳର ମେଘନାଦ କାଦ୍ରାକାଙ୍କ ଝିଅ ଝରଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚକାରଝୋଲା ଗ୍ରାମର ଆଦିବାସୀ ଚାଷୀମାନଙ୍କୁ ନେଇ ଏହି ଭିଡିଓ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ସେ ପଲିଥିନର ବହୁଳ ବ୍ୟବହାର କିପରି ଆମ ପରିବେଶକୁ ନଷ୍ଟ କରିବା ସହିତ ଚାଷ ଉପରେ କୁପ୍ରଭାବ ପକାଉଛି ତାହା ଦର୍ଶାଇଥିଲେ। ବିଚାରକଙ୍କ ଦ୍ୱାରା ଦ୍ୱିତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଖବର ପାଇ ଝରଣା ଖୁସିବ୍ୟକ୍ତ କରିଛନ୍ତି। ଏହି ସଫଳତା ଆଗାମୀ ଦିନରେ ତାଙ୍କୁ ଆହୁରି ଅଧିକ ଭଲ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଝରଣା କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ବିଭାଗରେ ପାଠ ପଢା ପରେ ବର୍ତ୍ତମାନ ସେ ସିୱାଇଏସ୍‌ଡିର ଲାଇଭଉଡ୍ ପ୍ରକଳ୍ପରେ କାର୍ଯ୍ୟରତ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଡି ଭୟରେ କେବଳ ଦୁର୍ନୀତିଗ୍ରସ୍ତ ଭାଜପାରେ ଯୋଗଦେଉଛନ୍ତି: କେଜ୍‌ରିୱାଲ

ଚଣ୍ଡିଗଡ଼,୫।୧୧(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ ଲଢ଼େଇ ଏକ ନାଟକବାଜି ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି। ଭାଜପା ଯେଉଁମାନଙ୍କୁ ପୂର୍ବରୁ ଦୁର୍ନୀତିଗ୍ରସ୍ତ କହି ସମାଲୋଚନା କରୁଥିଲା, ସେମାନେ ଦଳରେ ମିଶିବା ପରେ ମନ୍ତ୍ରୀ ପଦ ଦିଆଯାଉଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଭୟରେ କେବଳ ଦୁର୍ନୀତିଗ୍ରସ୍ତମାନେ ହିଁ ଭାଜପାରେ ଯୋଗଦେଉଛନ୍ତି। ଜଣେ ଯେତେ ବଡ଼ ଦୁର୍ନୀତି ବା ଅପରାଧ କରିଥାଉନା କାହିଁକି ଭାଜପାରେ ଯୋଗଦେଲେ ସିବିଆଇ, ଇଡି କିମ୍ବା ଆୟକର ଅଧିକାରୀମାନେ ତାଙ୍କ ପାଖ ମାଡ଼ିବାକୁ ସାହସ କରୁନାହାନ୍ତି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହରିୟାଣାର ରୋହତକ୍‌ଠାରେ ଏକ ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଇଡି ଯେଉଁମାନଙ୍କୁ ଗିରଫ କରି ଜେଲ ପଠାଉଛି, ସେମାନେ ଦୁର୍ନୀତିଗ୍ରସ୍ତ ନୁହନ୍ତି। ଯେଉଁମାନେ ଇଡି ଭୟରେ ଭାଜପାରେ ମିଶୁଛନ୍ତି, ସେହିମାନେ ହିଁ ଦୁର୍ନୀତିଗ୍ରସ୍ତ ବୋଲି ଏଏପି ନେତା କହିଛନ୍ତି।



ଅରବିନ୍ଦ କେଜ୍‌ରିୱାଲ



ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭୋପାଳରେ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ।

# ମାଗଣା ରାଶନ ୫ ବର୍ଷ ବଢ଼ାଇବା ଆର୍ଥିକ ଦୁଃସ୍ଥିତିର ସୂଚନା ଦେଉଛି: କଂଗ୍ରେସ

ନୂଆଦିଲ୍ଲୀ,୫।୧୧

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେୱାଇ)ରେ ମାଗଣା ରାଶନ ଯୋଗାଣକୁ ଆଉ ୫ ବର୍ଷ ବଢ଼ାଇବା ପାଇଁ କେନ୍ଦ୍ରସରକାର ନେଇଥିବା ନିଷ୍ପତ୍ତିରୁ ଦେଶରେ ଆର୍ଥିକ ଦୁଃସ୍ଥିତି ଉଚ୍ଚସ୍ତରରେ ରହିଥିବା ଓ ଅସମାନତା ବଢୁଥିବାର ସୂଚନା ମିଳୁଛି ବୋଲି ରବିବାର କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ପାଇଁ ଭୋଟ ହାତେଇବାକୁ ଯାଇ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ମାଗଣା ରାଶନ ସମୟସୀମା ବଢ଼ାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ଆକାଶଛୁଆଁ ହୋଇଥିବାବେଳେ ସେହି ଅନୁଯାୟୀ ଅଧିକାଂଶ ଭାରତୀୟଙ୍କ ଆୟ ବଢ଼ିନାହିଁ। ୨୦୧୩ ସେପ୍ଟେମ୍ବରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଗୃହୀତ ହୋଇଥିଲା। ସେତେବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ମୋଦି ଏହାକୁ ବିରୋଧ କରୁଥିଲେ। ପିଏମ୍‌ଜିକେୱାଇ ଏନ୍‌ଏଫ୍‌ଏସ୍‌ଏ ଭିନ୍ନ ଅନ୍ୟ କିଛି ନୁହେଁ ବୋଲି ଜୟରାମ କହିଛନ୍ତି।

# ଛତିଶଗଡ଼ରେ ଜାତି ଜନଗଣନା, ଋଣଛାଡ଼ ପ୍ରତିଶ୍ରୁତି ଦେଲା କଂଗ୍ରେସ

ନୂଆଦିଲ୍ଲୀ,୫।୧୧

ଛତିଶଗଡ଼ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲେ ଜାତି ଜନଗଣନା କରାଇବା ସହ କୃଷକମାନଙ୍କ ଋଣ ଛାଡ଼ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏଥିସହିତ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ସହ ଏଲ୍‌ପିଜି ଗ୍ୟାସ୍ ଉପରେ ସବ୍‌ସିଡି ଦିଆଯିବ ବୋଲି କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି। ଛତିଶଗଡ଼ରେ ଆସନ୍ତା ୭ ଓ ୧୭ ତାରିଖରେ ମତଦାନ ହେବାକୁ ଯାଉଥିବାବେଳେ ରବିବାର ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜାତି ଗଣନା ସହ ରାଜ୍ୟର ପଛୁଆବର୍ଗ, ସାଧାରଣ ବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ମଧ୍ୟ ଗଣନା କରାଯିବ। ଏହି ଜନଗଣନା କେବଳ ପଛୁଆ ବର୍ଗଙ୍କୁ ରାଜନୈତିକ ସୁବିଧା ଦେବନାହିଁ, ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରି ସାମାଜିକ ଓ ଆର୍ଥିକ ସୁବିଧା ଯୋଗାଇଦେବେ। ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ୩,୨୦୦ ଟଙ୍କାରେ କିଣାଯିବ ଏବଂ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ୍ ଯୋଗାଇଦିଆଯିବ। ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ୧୭.୫ ଲକ୍ଷ ଲୋକଙ୍କୁ ମାଗଣା ଘର ମିଳିବ। କେଜିରୁ ପିଜି ସମସ୍ତଙ୍କ ପାଇଁ ଶିକ୍ଷା ମାଗଣାରେ ଉପଲବ୍ଧ ହେବ। ଖୁବଚାନ୍ଦ ବଘେଲ ସ୍ୱାସ୍ଥ୍ୟ ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ମିଳିବ। ବ୍ୟବସାୟୀଙ୍କ ଋଣ ଉପରେ ୫୦ ପ୍ରତିଶତ ଛାଡ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବଘେଲ କହିଛନ୍ତି।



ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲେଜର ସ୍କାନିଂ କଥା କହିବା ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର: ଭାଜପା

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)

## ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

ଜଗନ୍ନାଥ ହେଉଛନ୍ତି ସର୍ବସାଧାରଣଙ୍କ ଦେବତା। ରତ୍ନଭଣ୍ଡାରରେ ତାଙ୍କ ଗହଣା କେତେ ଅଛି ତାହା ରାଜ୍ୟବାସୀ ଜାଣିବା ଉଚିତ। କିନ୍ତୁ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ବଦଳରେ ଲେଜର ସ୍କାନିଂ କରିବା କଥା କହିବା ରାଜ୍ୟ ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦାୟିତ୍ୱ ହେଉଛି ରତ୍ନଭଣ୍ଡାର ଖୋଲିବା। କେବଳ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ଗଜପତି ମହାରାଜା ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରିବାର କ୍ଷମତା ରହିଛି। ୧୯୫୨ରେ ସ୍ୱତନ୍ତ୍ର ଆଇନ କରି ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଗଜପତିଙ୍କଠାରୁ କ୍ଷମତା ନେଇଗଲେ। ତେଣୁ ରତ୍ନଭଣ୍ଡାର ଖୋଲିବା ଦାୟିତ୍ୱ ସମ୍ପୂର୍ଣ୍ଣରୂପେ ସରକାରଙ୍କ ଦାୟିତ୍ୱ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଗଜପତିଙ୍କ ସୁପାରିସକୁ ସରକାର କାହିଁକି କାର୍ଯ୍ୟକାରୀ କରୁନାହାନ୍ତି। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କଥା ଗଜପତି ମହାରାଜଙ୍କ ମୁହଁରୁ କୁହାଇ ରତ୍ନ ଭଣ୍ଡାର ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ରାଜ୍ୟ ସରକାରଙ୍କର ଷଡ଼ଯନ୍ତ୍ର ନୁହେଁ ତ ବୋଲି ସମୀର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ବଦଳରେ ଲେଜର ସ୍କାନିଂ କରିବା ଓ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କରିବା କହିବାର ଅର୍ଥ ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା କରି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ନେଇ ରାଜ୍ୟ ସରକାର କମିଟି ଗଠନ କାହିଁକି କରୁନାହାନ୍ତି। ଓଡ଼ିଶାରେ ଅନେକ ଯୋଗ୍ୟ ବ୍ୟକ୍ତି ଅଛନ୍ତି। ରାଜ୍ୟ ସରକାରଙ୍କର କ'ଣ ଓଡ଼ିଆ ଲୋକଙ୍କ ଉପରେ ବିଶ୍ୱାସ ନାହିଁ କି ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ମହାଦେବ ଆପ୍‌କୁ ଦେଶବ୍ୟାପୀ ବ୍ୟାନ୍ କରନ୍ତୁ: କଂଗ୍ରେସ

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ।

ମହାଦେବ ବେଟିଂ ଆପ୍ ସନ୍ଦର୍ଭରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଇଡି ନୋଟିସ୍ ଜାରି କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ କଠୋର ସମାଲୋଚନା କରାଯାଇଛି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ତଥାକଥିତ ସାଧୁ ମୋଦି ଓ ସନ୍ଥ ଶାହାଙ୍କ ଯଦି ସତ୍‌ସାହସ ଅଛି ତେବେ ମହାଦେବ ଅନଲାଇନ୍ ବେଟିଂ ଆପ୍‌କୁ ତୁରନ୍ତ ସମଗ୍ର ଦେଶରେ ବ୍ୟାନ୍ କରନ୍ତୁ। ଏହାର ମୁଖ୍ୟ କିଙ୍ଗ୍‌ପିନ୍ ରବି ଉପ୍ପଲ ଓ ସୌରଭ ଚନ୍ଦ୍ରାକରଙ୍କୁ ଗିରଫ କରନ୍ତୁ। ଯଦିଓ ମହାଦେବ ଆପ୍ ସାର୍ବଜନୀନ ଏବଂ ସାରା ଦେଶରେ ପରିଚାଳିତ ହେଉଛି, ଛତିଶଗଡ଼ ହେଉଛି ପ୍ରଥମ ରାଜ୍ୟ ଯିଏ ମହାଦେବ ଆପ୍ ବିରୋଧରେ ୭୦ରୁ ଅଧିକ ମାମଲା ରୁଜୁ କରିଛି। ଛତିଶଗଡ଼ ପୋଲିସ ୪୫୦ ଜଣଙ୍କୁ ଗିରଫ କରିବା ସହ ୧୯୧ଟି ଲାପଟପ, ୮୬୫ଟି ମୋବାଇଲ, ୧.୫ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି, ୪୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଏବଂ ୧୬ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଜବତ କରିଛି। ପ୍ରଥମ ମାମଲା ୨୦୨୨ ମାର୍ଚ୍ଚ ୩୦ରେ ରୁଜୁ ହୋଇଥିଲା। ଛତିଶଗଡ଼ ପୋଲିସ ମଧ୍ୟପ୍ରଦେଶ, ଓଡ଼ିଶା, ଦିଲ୍ଲୀ ଓ ଅନ୍ୟାନ୍ୟ ରାଜ୍ୟରେ ଚଢ଼ାଉ କରି ଅନେକଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମହାଦେବ ଆପ୍ ପାଇଁ ଛତିଶଗଡ଼ରେ କୌଣସି ଶାଖା କିମ୍ବା ଅପରେଶନ୍ ବେସ୍ ନାହିଁ। ଆପ୍‌ର ମାଷ୍ଟରମାଇଣ୍ଡ ଓ କିଙ୍ଗ୍‌ପିନ୍ ରବି ଉପ୍ପଲ ଓ ସୌରଭ ଚନ୍ଦ୍ରାକର ଦୁବାଇରୁ ଆପ୍ ପରିଚାଳନା କରୁଥିବା ଜଣାପଡ଼ିବା ପରେ ଛତିଶଗଡ଼ ପୋଲିସ ୨୦୨୩ ଜୁଲାଇରେ ଲୁକ୍ ଆଉଟ ନୋଟିସ ଜାରି କରିଥିଲା। ମହାଦେବ ଆପ୍‌କୁ ଛତିଶଗଡ଼ରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହିତ ସମଗ୍ର ଦେଶରେ ଏହାର ସମସ୍ତ କାର୍ଯ୍ୟକୁ ବନ୍ଦ କରିବା ଏବଂ ଏହାର ସମ୍ପ୍ରସାରଣ ରୋକିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଏସବୁ ସତ୍ତ୍ୱେ ଏହି ଆପ୍ ଏବେ ବି କାର୍ଯ୍ୟକ୍ଷମ ରହିଛି। ମୋଦି-ଶାହା-ସିତାରାମନଙ୍କ ଆର୍ଥିକ ମାଷ୍ଟରକ୍ଲାସ ଭାରତରେ ସମସ୍ତ ଅନ୍‌ଲାଇନ ଜୁଆଖେଳକୁ ବୈଧ କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ ଏହି ଅସାଧୁ କାର୍ଯ୍ୟକଳାପ ଉପରେ ୨୮% ଜିଏସ୍‌ଟି ଲାଗୁ କଲେ। କଥିତ ଅପରାଧୀ ମହାଦେବ ଆପ୍‌ର ପରିଚାଳନାଗତ ସ୍ଥିତିକୁ ଦେଖିଲେ, ଆମର ବିଶ୍ୱାସ ଯେହେତୁ ଭାଜପାକୁ ମହାଦେବ ଆପ୍ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଇଛି ତେଣୁ ସେ ମୁକ୍ତ ଭାବେ ତା'ର ଅନୈତିକ କାର୍ଯ୍ୟ ଜାରିରଖିଛି। ଦଳକୁ ପାଣ୍ଠି ଯୋଗାଣ ବନ୍ଦ ହୋଇଯିବା ଆଶଙ୍କାରେ ଭାଜପା କିଙ୍ଗ୍‌ପିନ୍‌କୁ ଗିରଫ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ପଞ୍ଚାନନ କହିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଜାଗା ବିଡିଏକୁ ଦେଲେ ଆନ୍ଦୋଳନ: ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ୨୦ ଏକରରୁ ଊର୍ଦ୍ଧ୍ୱ ଜାଗା ବିଡିଏକୁ ହସ୍ତାନ୍ତର କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ରାଜନୀତି, ପ୍ରଶାସନ, ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି। ମାତ୍ର ଏବେ ବାଣୀବିହାରର ଜାଗାକୁ ବିଡିଏକୁ ଦେଇ ମନୋରଞ୍ଜନ କ୍ଷେତ୍ର କରାଯାଉଛି। ଏହାକୁ ଛାତ୍ର କଂଗ୍ରେସ ବିରୋଧ କରୁଛି। ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ବାଣୀବିହାରର ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯିବ। ଏପରି ଏକ ନିଷ୍ପତ୍ତିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଓହରିଯାଆନ୍ତୁ। କୁଳପତି ଏହି ଘଟଣାର ସ୍ପଷ୍ଟୀକରଣ ଦିଅନ୍ତୁ। ନ ହେଲେ ଆସନ୍ତା ମଙ୍ଗଳବାରଠାରୁ ଏ ନିଷ୍ପତ୍ତି ପ୍ରତ୍ୟାହାର ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି ଯେ, ରାଜ୍ୟ ସରକାର ପ୍ରାଇଭେଟ ଶିକ୍ଷାନୁଷ୍ଠାନକୁ ଶାଗ, ମାଛ ଦରରେ ଜାଗା ଯୋଗାଇ ଦେଉଥିବା ବେଳେ ଓଡ଼ିଶାର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ପରିସରକୁ ଛୋଟିଆ କରିବାକୁ ଯେଉଁ ଚକ୍ରାନ୍ତ କରିଛନ୍ତି ଏହାକୁ ଓଡ଼ିଶାର ଛାତ୍ର ସମାଜ ନିନ୍ଦା କରୁଛି। ବିଶ୍ୱବିଦ୍ୟାଳୟ ପରିସରରେ ପାନ୍ଥ ନିବାସ, ପାର୍କ ଓ ଫୁଡ୍‌ଷ୍ଟଲ୍ କରାଗଲେ, ସେଠାରେ ବାହାର ଲୋକଙ୍କ ଭିଡ଼ ରହିବ ଏବଂ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହିତ ଅଣଛାତ୍ର ପ୍ରବେଶର ବାଟ ଫିଟିଯିବ। ବିଶ୍ୱବିଦ୍ୟାଳୟର ପ୍ରସାରଣ ପାଇଁ ଭବିଷ୍ୟତକୁ ଆଖି ଆଗରେ ରଖି ମୂଳରୁ ଏହି ଜାଗା ରଖାଯାଇଛି। ରମାଦେବୀ ବିଶ୍ୱବିଦ୍ୟାଳୟ ମଧ୍ୟ ତାହାର ଭିତ୍ତିଭୂମିର ପ୍ରସାରଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଜାଗା ମାଗିଥିଲା ତାହାକୁ କର୍ତ୍ତୃପକ୍ଷ ଗ୍ରହଣ କଲେନି। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ବିପଜ୍ଜନକ ପରିସ୍ଥିତିରେ ମୁଖ୍ୟ ପ୍ରବେଶ ପଥକୁ ଆସୁଛନ୍ତି। ବାଣୀବିହାର ଛକଠାରୁ ମୁଖ୍ୟ ପ୍ରବେଶ ପଥକୁ ଆସିବାକୁ ହେଲେ ରାସ୍ତାର ବିପରୀତ ଦିଗରୁ ପ୍ରବେଶ କରିବାକୁ ପଡ଼ିଥାଏ, ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବାଣୀବିହାର ପରିସର ଭିତରକୁ ପ୍ରବେଶର ସୁବିଧା ପାଇଁ ବାଣୀବିହାର ଛକରୁ କୁଳପତିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସିଧା ପ୍ରବେଶ ରାସ୍ତା ପାଇଁ ୩ ବର୍ଷ ତଳେ ପ୍ରସ୍ତାବ ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଆଇ, ପୋଲିସ କମିଶନର ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ବୈଠକ ୨ ଥର କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇନାହିଁ। ପ୍ରଦେଶ ଛାତ୍ର କଂଗ୍ରେସ ତୁରନ୍ତ ଏହି ପ୍ରବେଶପଥ ଓ ରାସ୍ତାର ନିର୍ମାଣ ପାଇଁ ଦାବି କରୁଛି ବୋଲି ୟାସିର କହିଛନ୍ତି।


## Classified Everyday
0674-2580101, 2549949



REAL ESTATE
SALE

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘର କରି ରହିବା ପାଇଁ low cost plot ମିଳୁଛି। 9692213354. D-75055

Book 3BHK, 4BHK flat at Soubhagyanagar, OUAT Square, Near Khimji & Narula Sweets. Rs.6000/- Per sqft with double parking. Handover June-24. Contact: 7978584549. D-74596

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar-8917439982. D-75253

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75259

Duplex sale adjacent Retang Medical, C.V. Raman, Tamando, Bhubaneswar@57,00,000/-, 9938368479. D-75248

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି – 9937417899. D-75256

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

Few Office space left for immediate sale in a prime locality. For details Plz Contact- 7605932509. D-1713

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233




Relax, Refresh your body, Mind at Saikrupa Spa with best therapies. 8984068077. D-1696

Newly open health benefits SPA special offer @999. Contact: 7749034655. D-75168

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open SPA positively health benefit with expert. Contact: 7749976301. D-1681

Full body massage in homely atmosphere in all therapy. Mob: 8114881641. D-73446

Newly open Spa positively health benefits with expert therapist. 9938843929. D-75167



### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ସଚିନଙ୍କ ଶତକର ସମକକ୍ଷ ହେଲେ ବିରାଟ

**କୋଲକାତା, ୫।୧୧ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ବିଶ୍ୱକପ କ୍ରିକେଟ ମ୍ୟାଚରେ ନିଜର ୩୫ତମ ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ଶତକ ଭେଟି ଦେଇଛନ୍ତି ଟିମ୍ ଇଣ୍ଡିଆର ସବୁଠାରୁ ଲୋକପ୍ରିୟ ବ୍ୟାଟର ବିରାଟ କୋହଲି। ବ୍ୟାଟିଂ ପାଇଁ କଷ୍ଟସାଧ ହେଉଥିବା ଇଡେନ ପିଚ୍‌ରେ ସେ ୧୨୧ ବଲ୍‌ରୁ ୧୦୧ ରନରେ ଅପରାଜିତ ରହି ଭାରତର ସ୍କୋରକୁ ୩୨୬ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦର୍ଶକଭରା ଷ୍ଟାଡିୟମରେ କୋଳାହଳ ପରିବେଶରେ ଚାପଗ୍ରସ୍ତ ନ ହୋଇ କୋହଲି ହାସଲ କରିଛନ୍ତି କ୍ୟାରିୟରର ୪୯ତମ ଦିନିକିଆ ଶତକ। ଏଥିସହ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ୪୯ତମ ଓଭରରେ ବୋଲିଂ କରିଥିବା କାଗିଶୋ ରାବାଡ଼ାଙ୍କ ତୃତୀୟ ବଲ୍‌ରେ ସିଙ୍ଗଲ ନେଇ ମ୍ୟାଜିକ ତିନିଅଙ୍କ ସ୍ପର୍ଶ କରିଥିଲେ ବିରାଟ। ତାଙ୍କର ଏହି ସଫଳତାରେ ସମ୍ପୂର୍ଣ୍ଣ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇ ଉଠିଥିଲା। କୋହଲି ଏହା ପୂର୍ବରୁ ୨ଟି ମ୍ୟାଚରେ ଶତକର ଦ୍ୱାରରେ ପହଞ୍ଚି ଥିଲେ ହେଁ ଅଳ୍ପକେ ମିସ୍ କରି ଯାଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୯୫, ଶ୍ରୀଲଙ୍କା ବିପକ୍ଷରେ ୮୮ ରନ କରି ଆଉଟ ହୋଇଥିଲେ। ତେଣୁ କୋଲକାତା ମ୍ୟାଚ ପୂର୍ବରୁ ତାଙ୍କଠାରୁ ପ୍ରଶଂସକମାନେ ଶତକ ଆଶା କରିଥିଲେ। ନିରାଶ କରି ନ ଥିଲେ କୋହଲି। କ୍ୟାରିୟରର ୨୭୭ତମ ଇନିଂସରେ ସେ ହାସଲ କରିଥିଲେ ୪୯ତମ ଶତକ। ସଚିନ ତେନ୍ଦୁଲକର ୪୫୨ ଇନିଂସରେ ଏହି ସଫଳତା ପାଇଥିଲେ।



ବିରାଟ କୋହଲିଙ୍କ ମୁଖାପିନ୍ଧି ବୃହତ୍ ତ୍ରିରଙ୍ଗା ଧରି କୋଲକାତାର ଇଡେନ ଗାର୍ଡେନ୍ସ ନିକଟରେ ଭାରତୀୟ ପ୍ରଶଂସକ।

## ମ୍ୟାଚ୍ ମଝିରେ ନାଚିଲେ କୋହଲି

**କୋଲକାତା,୫।୧୧:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ରବିବାର ନିଜ କ୍ୟାରିୟରର ୪୯ ତମ ଶତକ ହାସଲ କରିଥିବା ବେଳେ ଫିଲ୍ଡିଂ ସମୟରେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପ୍ରଥମେ ଶତକ ହାସଲ କରି ଦେଶବାସୀଙ୍କୁ ଜନ୍ମଦିନର ଉପହାର ଦେଇଥିବା ବେଳେ ଫିଲ୍ଡିଂ କରୁଥିବା ବେଳେ ନାଚିବା ସହିତ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ର ୧୯ତମ ଓଭରରେ ଜାଡେଜା ବୋଲିଂ କରୁଥିବା ବେଳେ କୋହଲି 'ମାଇଁ ନେମ୍ ଇଜ୍ ଲଖନ୍' ଗୀତର ସିଗ୍ନେଚର ଷ୍ଟେପ୍ କରିଥିଲେ। ଏହାର ଦୁଇ ଓଭର ପରେ ମଧ୍ୟ କୋହଲି ଆଉ ଏକ ଗୀତରେ ନାଚୁଥିବାର ଦେଖିବାକୁ ମିଳିଥିଲା। ସେହିପରି କେଶବ ମହାରାଜ ଆଉଟ ହେବା ପୂର୍ବରୁ ଦର୍ଶକଙ୍କୁ ଜୋରରେ ତାଳି ମାରିବା ପାଇଁ କୋହଲି ଇସାରା ମଧ୍ୟ କରିଥିଲେ।



ବିରାଟ କୋହଲି

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା-କ-ବଭୁମା-ବୋ-ରାବାଡା-୪୦
ଶୁବମନ ଗିଲ୍-ବୋ-ମହାରାଜ-୨୩
ବିରାଟ କୋହଲି-ନଟଆଉଟ-୧୦୧
ଶ୍ରେୟଶ ଆୟର-କ-ମାରକ୍ରମ-ବୋ-ଏନଗିଡି-୭୭
ରାହୁଲ-କ- ଭାନଡର ଡୁସେନ-ବୋଜାନସେନ୍-୮
ସୂର୍ଯ୍ୟକୁମାର ଯାଦବ-କ-ଡି'କକ୍-ବୋ-ଶାମି-୨୨
ରବିନ୍ଦ୍ର ଜାଡେଜା-ନଟ ଆଉଟ-୨୯
ଅତିରିକ୍ତ: ୨୬
**ମୋଟ** (୫୦ ଓଭର/୫ଉଇକେଟ) ୩୨୬।
**ଉଇକେଟ ପତନ:** ୧/୬୨, ୨/୯୩, ୩/୨୨୭, ୪/୨୪୯, ୫/୨୮୫।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ଲୁନ୍‌ଗି ଏନ୍‌ଗିଡି ୮.୨-୦-୬୩-୧
ମାର୍କୋ ଜାନସେନ ୯.୪-୦-୯୪-୧
କାଗିସୋ ରାବାଡା ୧୦-୧-୪୮-୧
କେଶବ ମହାରାଜ ୧୦-୦-୩୦-୧
ଟାବ୍ରେଜ ଶାମ୍‌ସି ୧୦-୦-୭୨-୧
ଏଡେନ ମାରକ୍ରମ ୨-୦-୧୭-୦।

**ଦକ୍ଷିଣ ଆଫ୍ରିକା ଇନିଂସ**
କ୍ୱିଣ୍ଟନ ଡି'କକ୍-ବୋ-ସିରାଜ-୫
ଟେମ୍ବା ବଭୁମା-ବୋ-ରବୀନ୍ଦ୍ର ଜାଡେଜା-୧୧
ରସି ଭାନ୍‌ଡର ଡୁସେନ-ଏଲବିଡବ୍ଲ୍ୟୁ-ଶାମି-୧୩
ଏଡେନ ମାରକ୍ରମ-କ-ରାହୁଲ-ବୋ-ଶାମି-୯
ହେନରିଚ୍ କ୍ଲାସେନ-ଏଲବିଡବ୍ଲ୍ୟୁ-ଜାଡେଜା-୧
ଡେଭିଡ ମିଲର-ବୋ-ଜାଡେଜା-୧୧
ମାର୍କୋ ଜାନସେନ-କ-ଜାଡେଜା-ବୋ-କୁଲଦୀପ-୧୪
କେଶବ ମହାରାଜ-ବୋ-ଜାଡେଜା-୭
କାଗିସୋ ରାବାଡା-କ- ଆଣ୍ଡ ବୋ-ଜାଡେଜା-୬
ଲୁନ୍‌ଗି ଏନ୍‌ଗିଡି-ବୋ-କୁଲଦୀପ-୦
ଟାବ୍ରେଜ ଶାମ୍‌ସି- ନଟଆଉଟ-୪
ଅତିରିକ୍ତ:୨
ମୋଟ: ( ୨୭.୧ ଓଭର/ଅଲଆଉଟ)-୮୩।
ଉଇକେଟ ପତନ: ୧/୬, ୨/୨୨, ୩/୩୫, ୪/୪୦, ୫/୪୦, ୬/୫୯, ୭/୬୭, ୮/୭୯, ୯/୭୯, ୧୦/୮୩।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୫-୦-୧୪-୦
ମହମ୍ମଦ ସିରାଜ ୪-୧-୧୧-୧
ରବୀନ୍ଦ୍ର ଜାଡେଜା ୯-୧-୩୩-୫
ମହମ୍ମଦ ଶାମି ୪-୦-୧୮-୨
କୁଲଦୀପ ଯାଦବ ୫.୧-୧-୭-୨।

## ଜନ୍ମଦିନରେ ଶତକ (ଦିନିକିଆ କ୍ରିକେଟ)

➤ବିନୋଦ କାମ୍ବଲି: ୧୦୦* ବନାମ ଇଂଲଣ୍ଡ, ଜୟପୁର, ୧୯୯୩ (୨୧ତମ ଜନ୍ମଦିନ)
➤ସଚିନ ତେନ୍ଦୁଲକର: ୧୩୪ ବନାମ ଅଷ୍ଟ୍ରେଲିଆ, ଶାରଜା, ୧୯୯୮ (୨୫)
➤ସନଥ ଜୟସୁରିୟା: ୧୩୦ ବନାମ ଭାରତ, କରାଚୀ, ୨୦୦୮ (୩୯)
➤ରସ୍ ଟେଲର: ୧୩୧* ବନାମ ପାକିସ୍ତାନ, ପାଲିକେଲେ, ୨୦୧୧ (୨୭)
➤ଟମ୍ ଲଥାମ: ୧୪୦* ବନାମ ନେଦରଲାଣ୍ଡ୍ସ, ହାମିଲଟନ, ୨୦୨୨ (୩୦)
➤ମିଚେଲ ମାର୍ଶ: ୧୨୧ ବନାମ ପାକିସ୍ତାନ, ବେଙ୍ଗାଲୁରୁ, ୨୦୨୩ (୩୨)
➤ବିରାଟ କୋହଲି: ୧୦୧* ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୩ (୩୫)

**(ଟେଲର, ମାର୍ଶ ଓ କୋହଲି ବିଶ୍ୱକପରେ ଶତକ ହାସଲ କରିଛନ୍ତି)**

### ଦିନିକିଆରେ ସର୍ବାଧିକ ଶତକ

୪୯: ବିରାଟ କୋହଲି (୨୭୭ ଇନିଂସ)
୪୯: ସଚିନ ତେନ୍ଦୁଲକର (୪୫୨ ଇନିଂସ)
୩୧: ରୋହିତ ଶର୍ମା (୨୫୧ ଇନିଂସ)
୩୦: ରିକି ପଣ୍ଟିଂ (୩୬୫ ଇନିଂସ)
୨୮: ସନଥ ଜୟସୁରିୟା (୪୩୩ ଇନିଂସ)

**ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲି**
(ଶେଷ ୧୫ ଇନିଂସ)
ରନ: ୧୦୯୧, ଆଭରେଜ: ୧୦୯.୧୦, ଷ୍ଟ୍ରାଇକ ହାର: ୮୯.୮୬, ଶତକ: ୫, ଅର୍ଦ୍ଧଶତକ: ୫।

**ରବିବାର ବିରାଟ କୋହଲିଙ୍କ ୧୦୧***
ବନାମ ପେସ୍: ୫୭ ବଲ୍‌ରୁ ୬୦ ରନ (୯ ଚୌକା, ଷ୍ଟ୍ରାଇକ ହାର-୧୦୫.୨୬)
ବନାମ ସ୍ପିନ୍: ୬୪ ବଲ୍‌ରୁ ୪୧ ରନ (୧ ଚୌକା, ଷ୍ଟ୍ରାଇକ ହାର-୬୪.୦୬)

## 'ତେନ୍ଦୁଲକର ସର୍ବଦା ମୋ ପାଇଁ ହିରୋ'

**କୋଲକାତା,୫।୧୧(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିଥିଲେ ମଧ୍ୟ ସର୍ବଦା ସଚିନ୍ ତେନ୍ଦୁଲକରଙ୍କ ଫ୍ୟାନ୍ ରହିଛନ୍ତି ବିରାଟ କୋହଲି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ୪୯ ତମ ଶତକ ହାସଲ କରି ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ ମଧ୍ୟ ତାଙ୍କପ୍ରତି ସମ୍ମାନ ପ୍ରଦର୍ଶନ କରିଛନ୍ତି କୋହଲି। ତେନ୍ଦୁଲକର ସର୍ବଦା ମୋ ପାଇଁ ହିରୋ। ତାଙ୍କ ରେକର୍ଡର ସମକକ୍ଷ ହେବା ମୋ ପାଇଁ ସ୍ୱତନ୍ତ୍ର। ବ୍ୟାଟିଂରେ ତେନ୍ଦୁଲକର ଏକମାତ୍ର ସ୍ୱୟଂସମ୍ପୂର୍ଣ୍ଣ ଖେଳାଳି। ମୁଁ କଦାପି ତାଙ୍କ ଭଳି ହୋଇ ପାରିବି ନାହିଁ ବୋଲି ମ୍ୟାଚ୍ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ କହିଥିଲେ କୋହଲି। ପିଲାବେଳେ ତେନ୍ଦୁଲକରଙ୍କୁ ଟିଭିରେ ଦେଖି ଆମେ ବଡ ହୋଇଛୁ। ସେହିଭଳି ଜଣେ କିମ୍ବଦନ୍ତୀ ଯେତେବେଳେ ପ୍ରଶଂସା କରନ୍ତି ତାହା ମୋ ପାଇଁ ଏକ ଅଭୁଲା ମୁହୂର୍ତ୍ତ ବୋଲି କହିଥିଲେ କୋହଲି। ବର୍ତ୍ତମାନ ମୁଁ ମୋର କ୍ରିକେଟକୁ ଉପଭୋଗ କରୁଛି ଯାହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭଗବାନଙ୍କ ଆଶୀର୍ବାଦରୁ କ୍ରିକେଟର ହେବାର ଦକ୍ଷତା ମିଳିଥିବା ବେଳେ ଦୀର୍ଘ ବର୍ଷ ଧରି ମୁଁ ଏହା କରି ଆସୁଛି। ଏହା ସହିତ ପିଚ୍ ଆରମ୍ଭରୁ ବ୍ୟାଟିଂ ସହାୟକ ରହିଥିବା ବେଳେ ଅଚାନକ ଏହା ଅତ୍ୟନ୍ତ ଧୀମା ହୋଇ ଯାଇଥିଲା। ତେବେ ଦଳୀୟ ସ୍କୋର ୩୧୫ ପାର କରିବା ପରେ ବିଜୟ ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ସ୍କୋର ଥିବା ଅନୁଭବ ହୋଇଥିଲା।

# ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୫।୧୧**
**(ତପନ ସ୍ୱାଇଁ)**

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ରବିବାର ଆସିଛି ଆଉ ଏକ ଶୁଭ ଖବର। ଓଡ଼ିଶା ମହିଳା ଫୁଟବଲ ଦଳ ହୋଇଛି ଚାମ୍ପିୟନ। ପୂରା ମ୍ୟାଚରେ ଚମକ ଦେଖାଇ ଆସିଥିବା ଓଡ଼ିଶା ଦଳ ଫାଇନାଲରେ ଶକ୍ତିଶାଳୀ ମଣିପୁରକୁ ଟାଇବ୍ରେକର ୪-୨ ଗୋଲରେ ହରାଇ ବଡ଼ ସଫଳତା ପାଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଓଡ଼ିଶା ପକ୍ଷରୁ ପ୍ୟାରୀ ଖାଖା ୫୧ ଓ ମଣିପୁର ପକ୍ଷରୁ ନଙ୍ଗମେକାପାମ୍ ଶିବାନୀ ଦେବୀ ୭୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶା ଖେଳାଳିମାନେ ୪ଟି ଗୋଲ ଦେଇଥିବାବେଳେ ମଣିପୁର ଦଳ ମାତ୍ର ୨ ଗୋଲରେ ସନ୍ତୁଷ୍ଟ ରହିଥିଲା। ଓଡ଼ିଶା ପକ୍ଷରୁ ପ୍ୟାରି ଖାଖା, ଗ୍ରେସ୍ ଲାଲରାମପରି ହୌନର, ବନ୍ୟା କବିରାଜ ଓ ଏସ୍. ଲିଣ୍ଡା କୋମ୍ ଗୋଲ ଦେଇଥିଲେ। ମଣିପୁରର କେବଳ ଓ୍ୱାଙ୍ଗ୍‌ଖେମ୍ ଲିନ୍‌ଥୋଇଙ୍ଗାମ୍ବି ଓ ଫାନଜୌବାମ୍ ନିର୍ମଳା ଦେବୀ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ସ୍ୱନ୍ଦିତା ଦାସ ଓଡ଼ିଶା ଗୋଲକିପର ଥିଲେ। ଏହାକୁ ମିଶାଇ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛି। ପୂର୍ବରୁ ୨୦୦୭ରେ ଆସାମର ଗୁଆହାଟୀ ଓ ୨୦୧୧ରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଦଳ ଏହି ସଫଳତା ପାଇଥିଲା। ତେବେ ମଣିପୁର ପରି ଦଳକୁ ଏଥର ଫାଇନାଲରେ ହରାଇ ଓଡ଼ିଶା ଏକ ବଡ଼ ଉପଲବ୍ଧି ହାସଲ କରିଛି। ୨୦୧୫ ଓ ୨୦୨୨ରେ ଓଡ଼ିଶା ରୌପ୍ୟ ପଦକ ପାଇଥିବାବେଳେ ୨୦୦୨ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା।

**ଜାତୀୟ କ୍ରୀଡ଼ାରେ ଓଡ଼ିଶାର ସଫଳତା**
୩ ସ୍ୱର୍ଣ୍ଣ: ୨୦୦୭, ୨୦୧୧, ୨୦୨୩
୨ ରୌପ୍ୟ: ୨୦୧୫ ଓ ୨୦୨୨
୧ ବ୍ରୋଞ୍ଜ: ୨୦୦୨



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟବଲ ଦଳ।

### ଶ୍ରଦ୍ଧାଞ୍ଜଳିଙ୍କ ଉପସ୍ଥିତି କାମଦେଲା

ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ୨୦୨୩ ଜାତୀୟ କ୍ରୀଡ଼ାରେ ଭଲ ପ୍ରଦର୍ଶନ ଦେଇ ଆସିଥିଲା। ଲିଗ୍ ମ୍ୟାଚପରେ ଓଡ଼ିଶା ଦଳର ମନୋବଳ ବଢ଼ାଇବାପାଇଁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ମେଣ୍ଟରଭାବେ ଦାୟିତ୍ୱ ଦିଆ ଯାଇଥିଲା। ଶ୍ରଦ୍ଧାଞ୍ଜଳି ସେମିଫାଇନାଲ ପୂର୍ବଦିନ ଗୋଆଯାଇ ଖେଳାଳିଙ୍କୁ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଏହା ବେଶ୍ କାମ ଦେଇଥିଲା। ବେଙ୍ଗଲ ବିପକ୍ଷରେ ବିଜୟୀ ହୋଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ ଫାଇନାଲରେ ଶକ୍ତିଶାଳୀ ମଣିପୁରକୁ ଟକ୍କର ଦେଇ ଓଡ଼ିଶା ଚାମ୍ପିୟନ ମଧ୍ୟ ହୋଇଥିଲା।

### ପୁରସ୍କାର ଘୋଷଣା

ଏହି ସଫଳତାରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ରାଶି ଘୋଷଣା କରିଛନ୍ତି। ଦଳର ୨୫ ସଦସ୍ୟ (ଟିମ୍ ଅଫିସିଆଲ୍‌ଙ୍କ ସମେତ) ଙ୍କୁ ୨,୫୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

# ଭାରତକୁ ଟାଇଟଲ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି**

**ରାଞ୍ଚି, ୫।୧୧ (ପି.ଟି.)**

ଭାରତ ଦ୍ୱିତୀୟ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ଟାଇଟଲ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ଗତଥରର ଚାମ୍ପିୟନ ଜାପାନକୁ ୪-୦ ଗୋଲ୍‌ରେ ହରାଇ ଦେଇଛି। ଫ୍ଲଡଲାଇଟ୍ ସମସ୍ୟା ଯୋଗୁ ମ୍ୟାଚ ୫୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଭାରତ ତରଫରୁ ସଙ୍ଗୀତା କୁମାରୀ (୧୭ତମ ମିନିଟ), ନେହା (୪୬ତମ), ଲାରେମସିଆମି (୫୭ତମ) ଓ ବନ୍ଦନା କାଟାରିୟା (୬୦ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ପ୍ରଥମ ଥର ଏସିଆନ ଚାମ୍ପିୟନଶିପ୍ ସିଙ୍ଗାପୁରରେ ୨୦୧୬ରେ ଜିତିଥିଲା। ଜାପାନ ୨୦୧୩ ଓ ୨୦୨୧ରେ ଦୁଇଥର ଟାଇଟଲ ହାସଲ କରିଥିଲା। ମ୍ୟାଚ ଆରମ୍ଭରେ ଭାରତ ଆକ୍ରମଣାତ୍ମକ ଖେଳିଥିବା ବେଳେ ଜାପାନ ପ୍ରତିଆକ୍ରମଣ ନୀତି ଆପଣେଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଚାଇନା ୨-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ୟୁ ଚେନ୍ (୩ୟ) ଓ ଟିଆନ ଟିଆନ ଲୁଓ (୪୭ତମ) କୋରିଆ ତରଫରୁ ସୁଜିନ ଆନ୍ (୩୮ତମ) ଗୋଲ ଦେଇଥିଲେ।

# ସୁନୀଲ ନାରିନଙ୍କ ଅବସର

**ପୋର୍ଟ ଅଫ୍ ସ୍ପେନ, ୫।୧୧**

ୱେଷ୍ଟଇଣ୍ଡିଜର ତାରକା ସ୍ପିନର ସୁନୀଲ ନାରିନ ରବିବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ୬ ଟେଷ୍ଟ, ୬୫ ଦିନିକିଆ ଓ ୫୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୧୨ରେ ୱେଷ୍ଟଇଣ୍ଡିଜ ବିଜୟୀ ଟି୨୦ ବିଶ୍ୱକପ ଦଳର ସେ ସଦସ୍ୟ ଥିଲେ। ଶେଷଥରପାଇଁ ସେ ୨୦୧୯ରେ ପ୍ରୋଭିଡେନ୍ସଠାରେ ଭାରତ ବିପକ୍ଷରେ ଏକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ବର୍ତ୍ତମାନ ଚାଲିଥିବା ସୁପର ୫୦ କପ୍ ପରେ ସେ ୫୦ ଓଭର ବିଶିଷ୍ଟ ଘରୋଇ କ୍ରିକେଟରୁ ମଧ୍ୟ ଅବସର ନେବେ ବୋଲି କହିଛନ୍ତି। ତେବେ ସେ ବିଶ୍ୱର ବିଭିନ୍ନ ସ୍ଥାନରେ ଟି୨୦ ଲିଗ୍ ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି।






# କୋହଲିଙ୍କୁ ଶୁଭେଚ୍ଛା ଜଣାଇଲେ ସଚିନ

**କୋଲକାତା,୫।୧୧(ପି.ଟି.)**

୩୫ତମ ଜନ୍ମଦିନରେ ବିରାଟ କୋହଲି ନିଜ କ୍ୟାରିୟରର ୪୯ତମ ଦିନିକିଆ ଶତକ ହାସଲ କରି କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହି ଅବସରରେ ତେନ୍ଦୁଲକର ଟୁଇଟ୍ କରି ବିରାଟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରବିବାର ସଚିନ୍ ଦୁଇଟି ଟୁଇଟ୍ କରିଥିଲେ। ପ୍ରଥମ ଟୁଇଟ୍‌ରେ ବିରାଟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ ଦ୍ୱିତୀୟ ଟୁଇଟ୍‌ରେ ୪୯ତମ ଶତକ ରେକର୍ଡ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମ ଟୁଇଟ୍‌ରେ କୋହଲିଙ୍କ ସହିତ ନିଜର ଏକ ଫଟୋ ପୋଷ୍ଟ କରିଥିଲେ ସଚିନ୍। ପ୍ରଦର୍ଶନ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏମିତି ହୃଦୟ ଜିତୁଥାଅ। ଚଳିତବର୍ଷ ତୁମ ପାଇଁ ଆହୁରି ଶୁଭଙ୍କର ହେଉ, ଜନ୍ମ ଦିନର ଢେରସାରା ଶୁଭେଚ୍ଛା ବୋଲି ସଚିନ୍ ନିଜ ପୋଷ୍ଟରେ ଲେଖିଥିଲେ। ବିରାଟ ୪୯ତମ ଶତକ ପୂରଣ କରିବା ପରେ ସଚିନ୍ ଆଉ ଏକ ଟୁଇଟ୍ କରିଥିଲେ। ଏଥିରେ ଲେଖାଥିଲା ବହୁତ ବଢିଆ ଖେଳିଲ ବିରାଟ। ୪୯ରୁ ୫୦ ଶତକରେ ପହଞ୍ଚିବା ପାଇଁ ମୋତେ ୩୬୫ ଦିନ ସମୟ ଲାଗିଥିଲା ତେବେ ଆସନ୍ତା କିଛି ଦିନ ମଧ୍ୟରେ ତୁମେ ଏହି ମାଇଲଖୁଣ୍ଟ ହାସଲ କରିବା ନେଇ ମୋର ଆଶା। ତେନ୍ଦୁଲକରଙ୍କ ବ୍ୟତୀତ ଗୌତମ ଗମ୍ଭୀର, ଯୁବରାଜ ସିଂ,ବୀରେନ୍ଦ୍ର ସେହ୍ୱାଗ, ଭେଙ୍କଟେଶ ପ୍ରସାଦ ଓ ଏବି ଡି' ଭିଲର୍ସଙ୍କ ପରି ଖେଳାଳି ଜନ୍ମ ଦିନ ଶୁଭେଚ୍ଛା ଜଣାଇଥିଲେ।

ଜନ୍ମଦିନର ଶୁଭେଚ୍ଛା କୋହଲି। ଆସନ୍ତା ବର୍ଷ ପାଇଁ ଢେରସାରା ଶୁଭେଚ୍ଛା ଓ ଶୁଭକାମନା। ଏହି ଯାତ୍ରା ମଧ୍ୟରେ ତୁମେ ଆହୁରି ଅନେକ ରେକର୍ଡ ଭାଙ୍ଗିବା ନେଇ ମୁଁ ଆଶା କରୁଛି ବୋଲି ଲେଖିଥିଲେ ଗୌତମ ଗମ୍ଭୀର। ଏହା ସହ ଉଭୟ ଆଇପିଏଲ ମ୍ୟାଚ ପରେ ପରସ୍ପରକୁ ଆଲିଙ୍ଗନ କରୁଥିବାର ଏକ ଫଟୋ ଗମ୍ଭୀର ପୋଷ୍ଟ କରିଥିଲେ। ଅନ୍ୟତମ ଭାରତୀୟ କ୍ରିକେଟର ଯୁବରାଜ ସିଂ ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ। ସେ ଲେଖିଥିଲେ ଜଣେ ଯୁବ ଖେଳାଳି ଭାବରେ ଟିମ୍ ଇଣ୍ଡିଆକୁ ଆସିବା ସମୟରେ କୋହଲିଙ୍କ ମଧ୍ୟରେ ଥିବା କ୍ଷୁଧା ଏବେ ବି ବଳବତ୍ତର ରହିଛି। କ୍ୟାରିୟର ଆରମ୍ଭରୁ ହିଁ କ୍ରିକେଟର ଉଚ୍ଚତର ସୋପାନରେ ପହଞ୍ଚିବାର ସମସ୍ତ ଲକ୍ଷଣ ଦେଖିବାକୁ ମିଳିଥିଲା। ୩୫ତମ ଜନ୍ମ ଦିବସରେ ଢେରସାରା ଶୁଭେଚ୍ଛା। ହିମୋଗ୍ଲୋବିନ୍ ପରି ଶତକ ତୁମ ରକ୍ତରେ ବହୁଛି। ଜଣେ ଯୁବ ଖେଳାଳି ଭାବେ ତୁମର ଶୃଙ୍ଖଳା ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଥିଲା। ରନ୍ ସଂଗ୍ରହ ପାଇଁ ତୁମର ଏହି କ୍ଷୁଧା ସର୍ବଦା ବଳବତ୍ତର ରହୁ ବୋଲି ଲେଖିବା ସହିତ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ ବୀରେନ୍ଦ୍ର ସେହ୍ୱାଗ। ଏବି ଡି'ଭିଲର୍ସ ଏକ ଭିଡିଓ ମେସେଜ ଜରିଆରେ ବିରାଟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ ବିସିସିଆଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟ ଏହି ଷ୍ଟାର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିରାଟ ନିଜ ୩୫ତମ ଜନ୍ମଦିବସ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ପାଳନ କରିବାକୁ ଇଚ୍ଛା ଜାହିର କରିଥିଲେ ମଧ୍ୟ ବିସିସିଆଇ ପକ୍ଷରୁ ଅନୁମତି ମିଳି ନ ଥିଲା।



କୋହଲିଙ୍କ ଜନ୍ମଦିନରେ ରବିବାର କୋଲକାତାରେ ପ୍ରଶଂସକମାନେ କେକ୍ କାଟୁଛନ୍ତି।

# କ୍ରିକେଟ୍‌ର କିମ୍ବଦନ୍ତୀ ବିରାଟ: ଡ୍ରାଭିଡ୍

**କୋଲକାତା,୫।୧୧(ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ରବିବାର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ କୋହଲିଙ୍କୁ କ୍ରିକେଟର କିମ୍ବଦନ୍ତୀ ଭାବରେ ବର୍ଣ୍ଣନା କରିଛନ୍ତି ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଡ୍ରାଭିଡ। ନିଜ ପ୍ରଦର୍ଶନ ଜରିଆରେ ସେ ଚଳିତ ଦଶନ୍ଧିର ଖେଳାଳିଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସମର୍ଥ ହୋଇଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ରାଜ୍ କରିବା ସହିତ ସେ ଅସୀମିତ ରେକର୍ଡ କରିଛନ୍ତି ବୋଲି କହିଛନ୍ତି ଡ୍ରାଭିଡ୍। ଆଇସିସିକୁ ଦେଇଥିବା ଏକ ସାକ୍ଷାତ୍କାରରେ ଡ୍ରାଭିଡ୍ ଏହି ମନ୍ତବ୍ୟ ଦେଇଛନ୍ତି। 'ବିରାଟ ଜଣେ କିମ୍ବଦନ୍ତୀ ଖେଳାଳି ଏହା ନିଃସନ୍ଦେହ, ତେବେ ଦିନିକିଆ ଫର୍ମାଟରେ ସେ ଶ୍ରେଷ୍ଠତ୍ୱର ନୂତନ ପରିଭାଷା ତିଆରି କରିଛନ୍ତି। ଯେଉଁଭଳି ଭାବେ ସେ ଦିନିକିଆରେ ମ୍ୟାଚ୍ ଫିନିଶ କରନ୍ତି, ତାହା ସ୍ୱତନ୍ତ୍ର। ନିଜ ପିଢ଼ିର କ୍ରିକେଟରଙ୍କ ପାଇଁ କୋହଲି ଏକ ବେଞ୍ଚମାର୍କ ପ୍ରତିଷ୍ଠା କରିଛନ୍ତି।'

ବିରାଟ କୋହଲି ଭାରତୀୟ କ୍ରିକେଟ ଓ କ୍ରିକେଟରଙ୍କୁ ନେଇ ଥିବା ଧାରଣାକୁ ଆମୂଳଚୂଳ ପରିବର୍ତ୍ତନ କରିଛନ୍ତି ବୋଲି କହିଛନ୍ତି, ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। କ୍ରିକେଟରେ ବ୍ୟାଟରମାନେ କିଭଳି ପ୍ରଦର୍ଶନ କରିବା ଉଚିତ କୋହଲି ଏହାର ଉଦାହରଣ ବୋଲି ସେ କହିଛନ୍ତି। ଯୁବ ଭାରତୀୟ ଓପନର ଶୁବମନ ଗିଲ୍ ମଧ୍ୟ କୋହଲିଙ୍କ ପ୍ରଶଂସା କରିଛନ୍ତି। ରନ୍ ସଂଗ୍ରହ ପାଇଁ କୋହଲିଙ୍କ କ୍ଷୁଧା ଅତୁଳନୀୟ ବୋଲି ଗିଲ୍ କହିଛନ୍ତି। କୋହଲିଙ୍କ ପରି ଅନ୍ୟ କୌଣସି ଖେଳାଳିଙ୍କୁ ମୁଁ ଦେଖି ନାହିଁ ବୋଲି ସେ କହିଛନ୍ତି।

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ଶ୍ରୀଲଙ୍କା**

**ସ୍ଥାନ: ଦିଲ୍ଲୀ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୦ | +୦.୯୨୪ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | -୧.୧୬୨ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |



